# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୪/୨୦୨୪ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 14/2024 | Page 14 | ₹ 7.00

୫୦ଶ ଭାଗ ୧୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 140 | ମୂଲ୍ୟ ₹୭/-




## ଦୀପେନ୍ଦ୍ରଙ୍କ କ୍ରମାଗତ ୬ ଛକା

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ତୃତୀୟ ବ୍ୟାଟର ଭାବେ କ୍ରମାଗତ ୬ ଛକା ମାରିଛନ୍ତି ନେପାଳର ଦୀପେନ୍ଦ୍ର ସିଂ ଐରୀ।

୧୪ | ୦୨

## ଧମାଲ ମଚାଉଛି 'ବଡେ ମିୟାଁ ଛୋଟେ ମିୟାଁ'

ଅକ୍ଷୟ କୁମାର ଓ ଟାଇଗର ଶ୍ରଫ୍‌ଙ୍କ ଅଭିନୀତ 'ବଡ଼େ ମିୟାଁ ଛୋଟେ ମିୟାଁ' ଫିଲ୍ମ ରିଲିଜ୍ ହେବାର ୨ ଦିନ ଭିତରେ ୫୫.୧୪ କୋଟି ଟଙ୍କା ଆୟ କରିଛି।



### ଓଡ଼ିଆ ନବବର୍ଷ ଅଭିନନ୍ଦନ

ଆଜି ବୈଶାଖ ପହିଲା। ଓଡ଼ିଆ ନବବର୍ଷ। ଏହି ଅବସରରେ ଆମର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

### ଆଜିର ସମ୍ପାଦକୀୟ

**ଏପ୍ରିଲର ଇତିହାସ**

### ଆଜିର ମନ୍ତବ୍ୟ

"ଆପ୍ ହେଉଛି ସବୁଠୁ ଅସାଧୁ ଦଳ। କଂଗ୍ରେସ 'ଅବ୍‌କୀ ବାର୍ ୪୦ ପାର୍' ପାଇଁ ଲଢ଼େଇ କରୁଛି। ଭାଜପା ୪୦୦ରୁ ଅଧିକ ଆସନ ଦଖଲ ଲକ୍ଷ୍ୟ ରଖିଛି।

**-ଅନୁରାଗ ଠାକୁର, କେନ୍ଦ୍ରମନ୍ତ୍ରୀ**

# ଯୁଦ୍ଧ ଘଣ୍ଟି ବାଜିଲା

## ୧୭ ଭାରତୀୟ ଥିବା ଇସ୍ରାଏଲ୍ ଜାହାଜ ଇରାନ କବ୍‌ଜାରେ

**ଦୁବାଇ,୧୩।୪**

ଇସ୍ରାଏଲ୍ ଉପରେ ତେହରାନ୍‌ର ଆକ୍ରମଣ ଧମକ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ଶନିବାର ଇରାନର ଅର୍ଦ୍ଧସାମରିକ ରିଭଲ୍ୟୁଶନାରି ଗାର୍ଡ ଇସ୍ରାଏଲୀ ସ୍ୱୀକୃତିପ୍ରାପ୍ତ ଏକ ମାଲ୍‌ବାହୀ ଜାହାଜକୁ ହୋରମୁଜ୍ ପ୍ରଣାଳୀରୁ ଜବତ କରିଛି। ୧୭ ଜଣ ଭାରତୀୟ ଥିବା ଉକ୍ତ ଜାହାଜ ଉପରେ ସୈନ୍ୟମାନେ ଏକ ହେଲିକପ୍ଟରରୁ ଖସିଥିଲେ। ଇରାନ ଏହି ଅଞ୍ଚଳରେ ଉତ୍ତେଜନା ବଢ଼ାଉଥିବାରୁ ଜାହାଜକୁ କବ୍‌ଜା କରିବାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଇସ୍ରାଏଲୀ ସେନା ଚେତାବନୀ ଦେଇଛି। ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ-ହମାସ୍ ମଧ୍ୟରେ ସାମରିକ ସଂଘର୍ଷ ଲାଗି ରହିଥିବାବେଳେ ଆଉ ଏକ ଯୁଦ୍ଧର ଘଣ୍ଟି ବାଜିଛି।

ଗତ ୧ ତାରିଖରେ ଇସ୍ରାଏଲୀ ସୈନ୍ୟ ଡମାସ୍କସ୍‌ରେ ଥିବା ଇରାନ ବାଣିଜ୍ୟିକ ଦୂତାବାସ ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଇରାନର ଇସ୍‌ଲାମିକ ଗାର୍ଡ କର୍‌ର ୨ ବରିଷ୍ଠ ସଦସ୍ୟଙ୍କ ସମେତ ୭ ଜଣ ନିହତ ହୋଇଥିଲେ। ଏହାର ପ୍ରତିଶୋଧ ନେବା ଲାଗି ଇରାନ ପ୍ରସ୍ତୁତ ହେଉଛି। ଇସ୍ରାଏଲ ଦଣ୍ଡିତହେବା ଜରୁରୀ ବୋଲି



ଇରାନର ସୁପ୍ରିମ ଲିଡର ଆୟାତୋଲା ଅଲି ଖାମେନେଇ କହିଛନ୍ତି। ଏପରିକି ୨୪ ଘଣ୍ଟା ମଧ୍ୟରେ ଇରାନ ଇସ୍ରାଏଲ୍‌ରେ ଆକ୍ରମଣ କରିବା ଆଶଙ୍କା କରାଯାଉଛି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇସ୍ରାଏଲ୍‌କୁ ସମର୍ଥନର ପ୍ରତିଶ୍ରୁତି ଦେଇଛନ୍ତି। ଇସ୍ରାଏଲ୍‌ର ସୁରକ୍ଷା ପାଇଁ ପେଣ୍ଟାଗନ୍ ପୂର୍ବ ଭୂମଧ୍ୟସାଗରକୁ ୨ଟି ଯୁଦ୍ଧଜାହାଜ ସହ ଅତିରିକ୍ତ ସାମରିକ ସରଞ୍ଜାମ ପଠାଇ ଦେଇଛି। ଲୋହିତ ସାଗରରେ ଆମେରିକାର ଏକ ଯୁଦ୍ଧଜାହାଜ ହୁଟି ବିଦ୍ରୋହୀଙ୍କୁ ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣର ପ୍ରତିରୋଧ କରିବା ପାଇଁ ନିୟୋଜିତ ରହିଛି। ତେଣୁ ଇରାନ ଇସ୍ରାଏଲ୍‌କୁ ଆକ୍ରମଣ କଲେ ଏହା ମଧ୍ୟପ୍ରାଚ୍ୟ ସମେତ ୟୁରୋପକୁ ମଧ୍ୟ ପ୍ରଭାବିତ କରିବ ବୋଲି କୁହାଯାଉଛି।

ଗାଜା ଷ୍ଟ୍ରିପ୍‌ରେ ହମାସ ଆତଙ୍କବାଦୀଙ୍କ ସହ ଇସ୍ରାଏଲ୍ ଯୁଦ୍ଧ ଇତିମଧ୍ୟରେ ୬ ମାସ ଅତିକ୍ରମ କରିଥିବାବେଳେ ସମଗ୍ର ଅଞ୍ଚଳରେ ଦୀର୍ଘ ଦଶନ୍ଧିର ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଏଭଳି ସମୟରେ ଇରାନ ଯଦି ଇସ୍ରାଏଲ୍ ଉପରେ ଆକ୍ରମଣ କରେ ତେବେ ଏହି ଦେଶକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ଇରାନ ଗାର୍ଡ ନୌସେନାର ସ୍ୱତନ୍ତ୍ର ଫୋର୍ସ ଜାହାଜ ଉପରେ ଆକ୍ରମଣ କରିଥିଲା। ତେବେ ଉକ୍ତ ଜାହାଜ ପର୍ତ୍ତୁଗାଲର ଏମ୍‌ଏସ୍‌ସି ଆରିସ୍, ଯାହା ଲଣ୍ଡନର ଜୋଡିଆକ୍ ମେରିଟାଇମ୍ ସହ ସମ୍ପୃକ୍ତ ବୋଲି କେତେକ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ଜୋଡିଆକ୍ ମେରିଟାଇମ୍ ହେଉଛି ଇସ୍ରାଏଲୀ ବିଲିୟନେୟାର ଇୟାଲ ଓଫରଙ୍କ ଜୋଡ଼ିଆକ୍ ଗ୍ରୁପ୍‌ର ଅଂଶବିଶେଷ। ମଧ୍ୟପ୍ରାଚ୍ୟର ପ୍ରତିରକ୍ଷା ଅଧିକାରୀମାନେ ଆକ୍ରମଣ ସମୟର ଭିଡିଓ ଏକ ଗଣମାଧ୍ୟମ ସହ ଶେୟାର କରିଛନ୍ତି। ଇରାନ ରିଭଲ୍ୟୁଶନାରି ଗାର୍ଡର କମାଣ୍ଡୋମାନେ ଉକ୍ତ ଜାହାଜ ଡେକ୍‌ରେ ଖସୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଆକ୍ରମଣରେ ବ୍ୟବହୃତ ହେଲିକପ୍ଟରଟି ସୋଭିଏଟ୍ ଯୁଗର ମିଲ୍‌ମି-୧୭। ଇରାନ ଗାର୍ଡ ଏବଂ ୟେମେନ୍‌ର ହୁଟି ବିଦ୍ରୋହୀମାନେ ଉକ୍ତ ହେଲିକପ୍ଟରକୁ ବ୍ୟବହାର କରିଥାନ୍ତି। ପ୍ରକାଶ ଯେ, ଏହି କଣ୍ଟେନର ଶିପ୍‌ରେ ୨୫ କ୍ରିଯୁ ମେମ୍ବର ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣ ହେଉଛନ୍ତି ଭାରତୀୟ। ଜାହାଜରେ ଫସି ରହିଥିବା ସମସ୍ତ ୧୭ ଭାରତୀୟଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରିବା ପାଇଁ ଇରାନ କର୍ତ୍ତୃପକ୍ଷଙ୍କ ସହ ନୂଆଦିଲ୍ଲୀ କୂଟନୈତିକ ସ୍ତରରେ ଯୋଗାଯୋଗ କରିଛି।

# କଂଗ୍ରେସର ଆଉ ୯ ଲୋକ ସଭା ପ୍ରାର୍ଥୀ

## ବାଲେଶ୍ୱରରୁ ଶ୍ରୀକାନ୍ତ, ଭୁବନେଶ୍ୱରରୁ ୟାସିର

**ଭୁବନେଶ୍ୱର,୧୩।୪(ଅନିଲ ଦାସ)**

| ଆସନ | ପ୍ରାର୍ଥୀ |
|---|---|
| କେନ୍ଦୁଝର | ମୋହନ ହେମ୍ବ୍ରମ୍ |
| ବାଲେଶ୍ୱର | ଶ୍ରୀକାନ୍ତ କୁମାର ଜେନା |
| ଭଦ୍ରକ | ଅନନ୍ତ ପ୍ରସାଦ ସେଠୀ |
| ଯାଜପୁର | ଅଞ୍ଚଳ ଦାସ |
| ଢେଙ୍କାନାଳ | ସସ୍ମିତା ବେହେରା |
| କେନ୍ଦ୍ରାପଡ଼ା | ସିଦ୍ଧାର୍ଥ ସ୍ୱରୂପ ଦାସ |
| ଜଗତ୍‌ସିଂହପୁର | ରବୀନ୍ଦ୍ର କୁମାର ସେଠୀ |
| ପୁରୀ | ସୁଚରିତା ମହାନ୍ତି |
| ଭୁବନେଶ୍ୱର | ୟାସିର ନୱାଜ |

କଂଗ୍ରେସ ଶନିବାର ୨ୟ ପର୍ଯ୍ୟାୟରେ ଓଡ଼ିଶାର ୯ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ସେଥିମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ବାଲେଶ୍ୱର ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଛି। ସେ ନିକଟରେ କଂଗ୍ରେସକୁ ଫେରିଛନ୍ତି। ତାଙ୍କ ନାମ ଏହି ଆସନ ପାଇଁ ଚର୍ଚ୍ଚାକୁ ଆସିଥିଲା। ଅନ୍ୟମାନଙ୍କ ମଧ୍ୟରେ ପୁରୀ ପାଇଁ ସୁଚରିତା ମହାନ୍ତି, ଭଦ୍ରକ ଅନନ୍ତ ପ୍ରସାଦ ସେଠୀ, କେନ୍ଦୁଝର ମୋହନ ହେମ୍ବ୍ରମ୍, ଯାଜପୁର ଅଞ୍ଚଳ ଦାସ, ଜଗତ୍‌ସିଂହପୁର ରବୀନ୍ଦ୍ର କୁମାର ସେଠୀ, କେନ୍ଦ୍ରାପଡ଼ା ସିଦ୍ଧାର୍ଥ ସ୍ୱରୂପ ଦାସ, ଢେଙ୍କାନାଳ ସସ୍ମିତା ବେହେରା ଏବଂ ଭୁବନେଶ୍ୱର ପାଇଁ ୟାସିର ନୱାଜଙ୍କୁ ଦଳ ପ୍ରାର୍ଥୀ କରିଛି। ବାଲେଶ୍ୱରରେ ଶ୍ରୀକାନ୍ତ ଜେନାଙ୍କ ଲଢ଼େଇ ଭାଜପା ନେତା ତଥା ବର୍ତ୍ତମାନର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଓ ବିଜେଡି ପ୍ରାର୍ଥୀ ☞ପୃଷ୍ଠା-୫

# ଆଜିଠୁ ସମଲେଇ ମନ୍ଦିରରେ ମାଦକଦ୍ରବ୍ୟ ନିଷେଧ

**ସମ୍ବଲପୁର,୧୩।୪(ପ୍ରମୋଦ ବହିଦାର)**

ସମ୍ବଲପୁରର ଆରାଧ୍ୟ ଦେବୀ ମା' ସମଲେଇଙ୍କ ପୀଠରେ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ମନ୍ଦିର ଟ୍ରଷ୍ଟବୋର୍ଡର ନିଷ୍ପତ୍ତି ଅନୁସାରେ ପୀଠ ପରିସରରେ ପାନ, ଗୁଟ୍‌ଖା, ଭାଙ୍ଗ, ବିଡ଼ି, ସିଗାରେଟ୍ ଭଳି ମାଦକ ଦ୍ରବ୍ୟ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ ଏକ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି। ଏହି ନିୟମକୁ ମନ୍ଦିରରେ ରବିବାରଠାରୁ କଡ଼ାକଡ଼ି ଭାବେ ଲାଗୁ କରାଯିବ। ଏହାକୁ ଅବମାନନା କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ। ମା'ଙ୍କ ପୀଠକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ସମେତ ମନ୍ଦିର ପୂଜକ, ସେବାୟତ ଓ କର୍ମଚାରୀଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ହେବ। ମନ୍ଦିର ପରିବେଶର ପବିତ୍ରତା ରକ୍ଷା, ସ୍ୱଚ୍ଛତା ଓ ପରିଚ୍ଛନ୍ନତା ବଜାୟ ରଖିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି।

# ଭାଜପା: ୨୦୦ ବହୁ ଦୂର

## ମମତା ବାନାର୍ଜୀ, ସିଦ୍ଧାରାମାୟାଙ୍କ ମତ

**କୋଲ୍‌କାତା/ମହୀଶୂର,୧୩।୪**

ଲୋକ ସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା) ଏକାକୀ ୩୭୦ ଏବଂ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୪୦୦ରୁ ଊର୍ଦ୍ଧ୍ୱ ଆସନ ଦଖଲ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ସଭାରେ କହୁଛନ୍ତି। ତାଙ୍କ ଦଳର ନେତା ଓ ମନ୍ତ୍ରୀମାନେ ମଧ୍ୟ 'ଅବ୍ କୀ ବାର୍, ୪୦୦ ପାର' ସ୍ଲୋଗାନକୁ ବାରମ୍ବାର ଦୋହରାଉଛନ୍ତି। କିନ୍ତୁ ମୋଦିଙ୍କ ଏହି ଦାବିକୁ ଶନିବାର ଦୁଇଜଣ ମୁଖ୍ୟମନ୍ତ୍ରୀ ମିଥ୍ୟା ବୋଲି ଅଭିହିତ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମତରେ ଚଳିତ ନିର୍ବାଚନରେ ଭାଜପା ୨୦୦ ଆସନରେ ମଧ୍ୟ ଜିତିପାରିବ ନାହିଁ। ସେହିପରି କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି, ଭାଜପା ତ





ଛାଡ଼, ଶାସକ ମେଣ୍ଟ ଏନ୍‌ଡିଏ ବି ୨୦୦ ଆସନରେ ବିଜୟୀ ହେବା ଅସମ୍ଭବ। ନିର୍ବାଚନ ପରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମେଣ୍ଟ ହେବାକୁ ଯାଉଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ଏବଂ ଦକ୍ଷିଣ ଭାରତର ଆଞ୍ଚଳିକ ଦଳଗୁଡ଼ିକ ସରକାର ଗଠନ ପାଇଁ ଏକାଠି ହେବେ ବୋଲି ସିଦ୍ଧାରାମାୟା କହିଛନ୍ତି।

୨୦୨୧ ମାର୍ଚ୍ଚ-ଏପ୍ରିଲରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ମୋଦି ☞ପୃଷ୍ଠା-୫

# ପୁଣି ତାତି ବଢ଼ିଲା

**ଭୁବନେଶ୍ୱର, ୧୩।୪(ଅସମାପିକା ସାହୁ)**

ରାଜ୍ୟରେ ପୁଣି ବଢ଼ିଲା ତାପମାତ୍ରା। କିଛିଦିନର ଆଶ୍ୱସ୍ତି ପରେ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଲେଉଟିଛି। କେତେକ ସ୍ଥାନରେ ବର୍ଷା ସତ୍ତ୍ୱେ ପାରଦ ୪୦ ଡିଗ୍ରୀ ମୁହାଁ ହୋଇଛି। ଶନିବାର ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୯.୫ ଡିଗ୍ରୀ ରହିଥିବା ବେଳେ ବାରିପଦାରେ ୩୯, ଚାନ୍ଦବାଲି ୩୮.୬, ଭୁବନେଶ୍ୱର ୩୮.୪, ନୟାଗଡ଼ ୩୮, ବାଲେଶ୍ୱର ୩୭.୨, କଟକ ୩୭, ତାଳଚେର ୩୭, କୋରାପୁଟ ୩୭.୬ ଓ ଭଦ୍ରକରେ ୩୭.୮ ଡିଗ୍ରୀ ରେକର୍ଡ କରାଯାଇଛି। ଏପରିସ୍ଥିତିରେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲାରେ ଗୁଳୁଗୁଳି ପାଇଁ ୟେଲୋ ୱାର୍ନିଂ ଦିଆଯାଇଥିବା ବେଳେ ଗଜପତି, ରାୟଗଡ଼ା, କୋରାପୁଟ, ☞ପୃଷ୍ଠା-୫

# ସ୍ୱାସ୍ଥ୍ୟକର ପାନୀୟ ବର୍ଗରୁ ବର୍ନଭିଟା ବାଦ୍

**ନୂଆଦିଲ୍ଲୀ,୧୩।୪**



ବର୍ନଭିଟା ଓ ଅନ୍ୟାନ୍ୟ ଅନୁରୂପ ପାନୀୟକୁ ସ୍ୱାସ୍ଥ୍ୟକର ପାନୀୟ ବର୍ଗରୁ ବାଦ୍‌ଦେବା ପାଇଁ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ବର୍ନଭିଟାକୁ ତୁରନ୍ତ ସେମାନଙ୍କ ଷ୍ଟୋରରୁ ହଟାଇଦେବାକୁ କୁହାଯାଇଛି। ଏଫ୍‌ଏସ୍‌ଏସ୍ ଆଇନ, ୨୦୦୬ ତଥା ଏଫ୍‌ଏସ୍‌ଏସ୍‌ଏଆଇ ନିୟମାବଳ ଏବଂ ମଣ୍ଡେଲେଜ୍ ଇଣ୍ଡିଆ ଅନୁଯାୟୀ 'ସ୍ୱାସ୍ଥ୍ୟକର ପାନୀୟ'ର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ବର୍ନଭିଟାରେ ନ ଥିବା ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ଅନୁଧ୍ୟାନରୁ ଜାଣିବାକୁ ପାଇଛନ୍ତି। ମନ୍ତ୍ରଣାଳୟ ଗତ ୧୦ ତାରିଖରେ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ ସିଆର୍‌ପିସି ଆଇନ, ୨୦୦୫ର ଧାରା ୧୪ ଅଧୀନରେ ଏନ୍‌ସିପିସିଆର୍ ଅନୁଧ୍ୟାନ ☞ପୃଷ୍ଠା-୫






# ଚିଙ୍ଗୁଡ଼ି ଘେରିରେ ଏସିଡ୍ ଢାଳି ଯୁବକଙ୍କୁ ହତ୍ୟା

**ରୂପସା,୧୩।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଗନ୍ଧିଆ ଗାଁ ନିକଟରେ ଥିବା ଏକ ଚିଙ୍ଗୁଡ଼ି ଘେରିରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ସଦର ଥାନା ପତାଗାଁ ଗ୍ରାମର ଜଗବନ୍ଧୁ ସ୍ୱାଇଁ (୨୦)। ପୂର୍ବଶତ୍ରୁତାରୁ ଜଗବନ୍ଧୁଙ୍କୁ ଆକ୍ରମଣ ସହ ଏସିଡ୍ ଢାଳି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଏ ସମ୍ପର୍କରେ ଶନିବାର ପୋଲିସ ଏକ ମାମଲା (ନଂ. ୭୧/୨୪) ରୁଜୁ କରି ମୃତଦେହ ଜବତ କରିଛି। ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ଓ ଥାନାଧିକାରୀ ଭୁବନମୋହନ ସେଠୀ ସଦଳବଳେ ତଦନ୍ତ ଆରମ୍ଭ କରିଛନ୍ତି। ଜଗବନ୍ଧୁ ଗନ୍ଧିଆ ନିକଟରେ ଥିବା ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିଲେ। ତାଙ୍କ ସହିତ ତାଙ୍କ ସ୍ତ୍ରୀ ତାରାମଣି ମଧ୍ୟ ଏହି ଫାର୍ମରେ ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସ୍ତ୍ରୀ ତାରାମଣିଙ୍କ ନିକଟରୁ ଗୋଟିଏ ଗାମୁଛା ନେଇ ଜଗବନ୍ଧୁ ଶୌଚ ହେବା ପାଇଁ ଯାଇଥିଲେ। ରାତି ପର୍ଯ୍ୟନ୍ତ ନ ଫେରିବାରୁ ତାରାମଣି ଖୋଜାଖୋଜି କରି ନିରାଶ ହୋଇଥିଲେ। ଶନିବାର ସକାଳେ ତାରାମଣି ଶୌଚ ହେବାକୁ ଯାଇଥିଲେ। ସେଠାରୁ ଫେରିବାବେଳେ ପୂର୍ବାହ୍ନ ୧୧ଟାରେ ସେମାନେ ରହୁଥିବା ଫାର୍ମ ନିକଟରେ ସ୍ୱାମୀଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ନେଇ ସେ ଫାର୍ମ ମାଲିକଙ୍କୁ ଖବର ଦେଇଥିଲେ। ସିଂଲା ଥାନା ପୋଲିସ ପହଞ୍ଚି ଏହା ଏକ ହତ୍ୟାକାଣ୍ଡ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜାଣିବାକୁ ପାଇଛି।

# ଗୋପୀ ଥୋଟାକୁରା ପ୍ରଥମ ଭାରତୀୟ ମହାକାଶ ପର୍ଯ୍ୟଟକ

**ୱାଶିଂଟନ,୧୩।୪(ପି.ଟି.)**



ଶିଳ୍ପୋଦ୍ୟୋଗୀ ତଥା ପାଇଲଟ୍ ଗୋପୀ ଥୋଟାକୁରା ପ୍ରଥମ ଭାରତୀୟ ମହାକାଶ ପର୍ଯ୍ୟଟକ ହେବାକୁ ଯାଉଛନ୍ତି। ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ବ୍ଲୁ ଅରିଜିନ୍‌ର ଏନ୍‌ଏସ୍-୨୫ ମିଶନରେ ସେ ଜଣେ ପର୍ଯ୍ୟଟକ ଭାବେ ମହାକାଶ ଯିବେ। ମିଶନ ପାଇଁ ମନୋନୀତ ୬ କ୍ରିଉ ସଦସ୍ୟଙ୍କ ମଧ୍ୟରେ ଗୋପୀ ଅନ୍ୟତମ। ମହାକାଶ ପର୍ଯ୍ୟଟକ ଭାବେ ସେ ପ୍ରଥମ ଭାରତୟ ହୋଇଥିବାବେଳେ ମହାକାଶ ଅଭିଯାନରେ ସେ ଦ୍ୱିତୀୟ ଭାରତୀୟ। ୧୯୮୪ରେ ଭାରତୀୟ ସେନାର ତତ୍କାଳୀନ ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ମହାକାଶ ଅଭିଯାନରେ ଯାଇଥିଲେ।

ନ୍ୟୁ ଶେପାର୍ଡ କାର୍ଯ୍ୟକ୍ରମର ଏହା ସପ୍ତମ ହ୍ୟୁମାନ୍ ଫ୍ଲାଇଟ୍ ମିଶନ ହୋଇଥିବାବେଳେ ମହାକାଶ ଇତିହାସରେ ୨୫ତମ। ତେବେ ସେମାନେ କେବେ ମହାକାଶ ଯିବେ, କମ୍ପାନୀ ପକ୍ଷରୁ ତାରିଖ ଘୋଷଣା କରାଯାଇ ନାହିଁ। ଏହି ପ୍ରୋଗ୍ରାମରେ ବର୍ତ୍ତମାନ ସୁଦ୍ଧା କାର୍ମାନ ଲାଇନ ଅତିକ୍ରମ କରି ୩୧ ଜଣ ମହାକାଶ ଗଲେଣି। କାର୍ମାନ ଲାଇନ ହେଉଛି ପୃଥିବୀର ବାୟୁମଣ୍ଡଳ ଏବଂ ବାହ୍ୟ ମହାକାଶ ମଧ୍ୟରେ ପ୍ରସ୍ତାବିତ ପାରମ୍ପରିକ ସୀମା। ମହାକାଶ ପର୍ଯ୍ୟଟନ ପାଇଁ ବ୍ଲ୍ୟୁ ଅରିଜିନ୍ ଦ୍ୱାରା ବିକଶିତ ନ୍ୟୁ ଶେପାର୍ଡ ହେଉଛି ପୂର୍ଣ୍ଣ ପୁନଃ ବ୍ୟବହାରଯୋଗ୍ୟ ସବ୍‌ଅର୍ବିଟାଲ ଲଞ୍ଚ୍ ଭେହିକିଲ୍।

ବ୍ଲ୍ୟୁ ଅରିଜିନ୍‌ର କହିବା ଅନୁଯାୟୀ, ପାଇଲଟ୍ ଗୋପୀ ଡ୍ରାଇଭିଂ କରିବା ପୂର୍ବରୁ ବିମାନ କିପରି ଉଡ଼ାଣ କରିବାକୁ ହେବ, ଶିଖିଥିଲେ। ସେ ପ୍ରିଜର୍ଭ ଲାଇଫ୍ କର୍ପ ନାମକ ହୋଲିଷ୍ଟିକ୍ ୱେଲ୍‌ନେସ୍ ଏବଂ ଆପ୍ଲାଏଡ୍ ହେଲ୍‌ଥ ସେଣ୍ଟରର ସହପ୍ରତିଷ୍ଠାତା। ହାର୍ଟସ୍‌ଫିଲ୍ଡ-ଜାକ୍‌ସନ୍ ଆଟଲାଣ୍ଟା ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ନିକଟରେ ଏହି ସେଣ୍ଟର ରହିଛି। ଗୋପୀ ଅନ୍ତର୍ଜାତୀୟ ମେଡିକାଲ ଜେଟ୍ ପାଇଲଟ୍ ଭାବେ କାର୍ଯ୍ୟ କରୁଥିବାବେଳେ ସେ ବ୍ୟବସାୟିକ ଜେଟ୍ ଉଡ଼ାଇବା ବ୍ୟତୀତ ବୁଶ୍, ଏରୋବାଟିକ୍, ସିପ୍ଲେନ୍ ଏବଂ ଗ୍ଲାଇଡର ଓ ହଟ୍ ଏୟାର ବେଲୁନ୍ ମଧ୍ୟ ଉଡ଼ାଇଥାନ୍ତି। ଆନ୍ଧ୍ରପ୍ରଦେଶ ଜନ୍ମିତ ଗୋପୀ ତାଙ୍କ ଦୁଃସାହସିକ ଅଭିଯାନ କ୍ରମେ ନିକଟରେ ତାଞ୍ଜାନିଆର ମାଉଣ୍ଟ କିଲିମାଞ୍ଜାରୋ ସମିଟ୍‌ରେ ସାମିଲ ହୋଇଥିଲେ।




**ଇ-ଗେମିଂ ଇଣ୍ଡଷ୍ଟ୍ରୀ ଉପରେ ଲଗାମ ଅନୁଚିତ: ମୋଦି**
ଭାରତରେ ଅନ୍‌ଲାଇନ ଗେମିଂର ଭବିଷ୍ୟତକୁ ନେଇ ୭ ଜଣ ଗେମରଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା କରିଛନ୍ତି। ଭାରତରେ ଅନ୍‌ଲାଇନ ଗେମିଂକୁ ନିୟନ୍ତ୍ରିତ କରିବା ଅନୁଚିତ। ଗେମିଂକୁ କଟକଣା ମୁକ୍ତ କରାଗଲେ ଏହାର ବିକାଶ ହୋଇପାରିବ ବୋଲି ମୋଦି କହିଛନ୍ତି।



## ସଂକ୍ଷେପରେ

### ବେଲୁଚିସ୍ତାନରେ ଆତଙ୍କବାଦୀ ଆକ୍ରମଣ: ୧୧ ମୃତ

**କରାଚୀ,୧୩।୪ (ପି.ଟି.):** ପାକିସ୍ତାନର ବେଲୁଚିସ୍ତାନରେ ଦୁଇଟି ଆତଙ୍କବାଦୀ ଆକ୍ରମଣରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୯ ଜଣ ପଞ୍ଜାବ ପ୍ରଦେଶର ହୋଇଥିବାବେଳେ ସେମାନେ ବସ୍ ଯୋଗେ କ୍ୱେଟାରୁ ଟାଫଟାନ୍ ଯାଉଥିଲେ। ଜାତୀୟ ରାଜପଥରେ ଆତଙ୍କବାଦୀମାନେ ବସ୍‌କୁ ଅଟକାଇ ସେମାନଙ୍କୁ ଘୋଷାଡ଼ି ନେବା ସହ ଗୁଳିକରି ହତ୍ୟା କରିଥିଲେ। ଏକ ପାହାଡ଼ ନିକଟରୁ ସେମାନଙ୍କ ମୃତଦେହ ମିଳିଛି। ଉକ୍ତ ଜାତୀୟ ରାଜପଥରେ ଯାଉଥିବା ଏକ କାର୍‌କୁ ଆତଙ୍କବାଦୀମାନେ ଗୁଳି କରିବାରୁ ସେଥିରେ ଥିବା ୨ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଆତଙ୍କବାଦୀ ଆକ୍ରମଣରେ ନିରୀହ ଲୋକଙ୍କ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିବା ସହ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ମାଗିଛନ୍ତି।

### ଗୋଆରେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା, ୨୦ ଅଟକ

**ପଣଜୀ, ୧୩।୪:** ଦକ୍ଷିଣ ଗୋଆର ଭାସ୍କୋ ଅଞ୍ଚଳରେ ଜଣେ ୫ ବର୍ଷୀୟା ବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଛି। ଭାସ୍କୋ ଅଞ୍ଚଳର ଏକ ନିର୍ମାଣାଧୀନ କୋଠାସ୍ଥଳରୁ ଶୁକ୍ରବାର ରାତିରେ ପୀଡ଼ିତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ତେବେ ଉକ୍ତ ନିର୍ମାଣାଧୀନ କୋଠାରେ କାର୍ଯ୍ୟ କରୁଥିବା ୨୦ ଜଣ ଶ୍ରମିକଙ୍କୁ ଶନିବାର ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି। ପୀଡ଼ିତାଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ତାଙ୍କୁ ପ୍ରଥମେ ଯୌନ ନିର୍ଯାତନା ଦିଆଯାଇ ପରେ ହତ୍ୟା କରାଯାଇଥିଲା ବୋଲି ଦକ୍ଷିଣ ଗୋଆ ପୋଲିସ ଅଧୀକ୍ଷକ(ଏସ୍‌ପି) ସୁନୀତା ସାୱନ୍ତ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋକ୍‌ସୋ ଆକ୍ଟ ଅନ୍ତର୍ଗତ ଆଇପିସିର ଧାରା ୩୭୬ ଓ ୩୦୨ ଅନୁଯାୟୀ ଭାସ୍କୋ ଥାନା ପୋଲିସ ନିଜ ଆଡ଼ୁ ମାମଲା ରୁଜୁ କରିଥିବା ସେ କହିଛନ୍ତି।

### ମଣ୍ଡିରେ କଙ୍ଗନା-ବିକ୍ରମାଦିତ୍ୟ ଫାଇଟ୍

**ଚଣ୍ଡିଗଡ଼ରୁ ଲଢ଼ିବେ ମନୀଷ ତିୱାରୀ**

**ନୂଆଦିଲ୍ଲୀ,୧୩।୪:** ଲୋକ ସଭା ନିର୍ବାଚନ ପାଇଁ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ପକ୍ଷରୁ ଶନିବାର ୧୬ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଓଡ଼ିଶାରୁ ସର୍ବାଧିକ ୯ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିବାବେଳେ ଗୁଜରାଟ ୪, ହିମାଚଳ ପ୍ରଦେଶ ୨ ଓ ଚଣ୍ଡିଗଡ଼ରୁ ଜଣେ ଲୋକ ସଭା ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ବରିଷ୍ଠ କଂଗ୍ରେସ ନେତା ମନୀଷ ତିୱାରୀଙ୍କୁ ଚଣ୍ଡିଗଡ଼ରୁ ଦଳ ପ୍ରାର୍ଥୀ କରିଛି। ଏହି ଆସନରେ ଭାଜପା ପ୍ରାର୍ଥୀ ସଞ୍ଜୟ ଟଣ୍ଡନଙ୍କ ସହ ତାଙ୍କର ମୁକାବିଲା ହେବ। ସେହିପରି ହିମାଚଳ ପ୍ରଦେଶ ସରକାରରେ ମନ୍ତ୍ରୀ ଥିବା ବିକ୍ରମାଦିତ୍ୟ ସିଂଙ୍କୁ ମଣ୍ଡି ଆସନରୁ ଟିକେଟ ମିଳିଛି। ଏହି ଆସନରେ ଭାଜପା ପ୍ରାର୍ଥୀ ତଥା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କ ସହ ତାଙ୍କର ଲଢ଼େଇ ହେବ। ବର୍ତ୍ତମାନ ମଣ୍ଡି ଆସନରୁ ବିକ୍ରମାଦିତ୍ୟଙ୍କ ମା' ତଥା ହିମାଚଳ ପ୍ରଦେଶ କଂଗ୍ରେସ କମିଟି ସଭାପତି ପ୍ରତିଭା ସିଂ ଏମ୍‌ପି ଥିବାବେଳେ ଚଳିତ ଥର ନିଜେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମନା କରିଥିଲେ।

# ମେଘା ଇଞ୍ଜିନିୟରିଂ ନାଁରେ ସିବିଆଇ ମାମଲା

- ୧୭୪ କୋଟିର ବିଲ୍ ମଞ୍ଜୁରୀ ପାଇଁ ଲାଞ୍ଚ ଦେଇଥିଲା
- ଦ୍ୱିତୀୟ ସର୍ବାଧିକ ଇଲେକ୍ଟୋରାଲ ବଣ୍ଡ କିଣିଥିଲା

**ନୂଆଦିଲ୍ଲୀ,୧୩।୪**

ଦ୍ୱିତୀୟ ସର୍ବାଧିକ ଇଲେକ୍ଟୋରାଲ ବଣ୍ଡ କିଣିଥିବା ହାଇଦ୍ରାବାଦର ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ ନାଁରେ ସିବିଆଇ ଲାଞ୍ଚ ମାମଲା ରୁଜୁ କରିଛି। ଜଗଦଲପୁର ସମନ୍ୱିତ ଇସ୍ପାତ କାରଖାନାର କାର୍ଯ୍ୟ ସହ ଜଡ଼ିତ ମେଘା ଇଞ୍ଜିନିୟରିଂର ୧୭୪ କୋଟି ଟଙ୍କାର ବିଲ୍ ମଞ୍ଜୁର କରିଦେବା ପାଇଁ ଏହି ସଂସ୍ଥା ୭୮ ଲକ୍ଷ ଟଙ୍କା ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଥିଲା। ଲାଞ୍ଚ ଗ୍ରହଣ କରିଥିବା ଏନ୍‌ଆଇଏସ୍‌ପି ଏବଂ ଏନ୍‌ଏମ୍‌ଡିସିର ୮ ଅଧିକାରୀଙ୍କ ସହମତ ମେକନ୍‌ର ୨ ଅଫିସରଙ୍କ ନାଁ ମଧ ଏତଲାରେ ରହିଛି। ମେଘା ଇଞ୍ଜିନିୟରିଂ ୯୬୬ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ କିଣି ଚର୍ଚ୍ଚାକୁ ଆସିଥିଲା। ଏହି ସଂସ୍ଥା ଭାଜପାକୁ ଇଲେକ୍ଟୋରାଲ ବଣ୍ଡ ଜରିଆରେ ସର୍ବାଧିକ ୫୮୬ କୋଟି ଟଙ୍କା ଚାନ୍ଦା ଦେଇଥିବା ଗତ ମାର୍ଚ୍ଚ ୨୧ରେ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଥିଲା। ଉକ୍ତ




କମ୍ପାନୀ ତେଲଙ୍ଗାନାର ତତ୍କାଳୀନ ଶାସକ ଦଳ ବିଆର୍‌ଏସ୍‌କୁ ୧୯୫ କୋଟି, ଡିଏମ୍‌କେକୁ ୮୫ କୋଟି, ୱାଇଏସ୍‌ଆର୍‌ସିପିକୁ ୩୭ କୋଟି, ଟିଡିପିକୁ ୨୫ କୋଟି, କଂଗ୍ରେସକୁ ୧୭ କୋଟି ଟଙ୍କା ଚାନ୍ଦା ଦେଇଥିଲା। ତେବେ ଜଗଦଲପୁର ଷ୍ଟିଲ୍ ପ୍ଲାଣ୍ଟକୁ ପାଇପ୍‌ଲାଇନ, ପମ୍ପହାଉସ୍ ଏବଂ ଇନ୍‌ଟେକ୍ ୱେଲ୍ କାମ ବାବଦରେ ୩୧୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ମେଘା ଇଞ୍ଜିନିୟରିଂ ଲାଞ୍ଚ ଦେଇଥିବା ଅଭିଯୋଗରେ ସିବିଆଇ ୨୦୨୩ ଅଗଷ୍ଟ ୧୦ରେ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ତଦନ୍ତ ଆଧାରରେ ନିୟମିତ ମାମଲା ଦାଏର ଲାଗି ମାର୍ଚ୍ଚ ୧୮ର ସୁପାରିସକ୍ରମେ ମାର୍ଚ୍ଚ ୩୧ରେ ମାମଲା ରୁଜୁ ହୋଇଥିଲା। ମେଘା ଇଞ୍ଜିନିୟରିଂ ଠାରୁ ଏନ୍‌ଆଇଏସ୍‌ପି ଏବଂ ଏନ୍‌ଏମ୍‌ଡିସି ଲିଃର ଅଧିକାରୀମାନେ ୭୩.୮୫ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ଏହାର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଶାନ୍ତ ଦାସ, ନିର୍ଦ୍ଦେଶକ(ଉତ୍ପାଦ) ଡି.କେ. ମହାନ୍ତି, ଡିଜିଏମ୍ ପି.କେ. ଭୂୟାଁ, ଡିଏମ୍ ନରେଶ ବାବୁ, ବରିଷ୍ଠ ପରିଚାଳକ ସୁବ୍ରୋ ବାନାର୍ଜୀ, ଅବସରପ୍ରାପ୍ତ ସିଜିଏମ୍(ଫାଇନାନ୍ସ) ଏଲ୍. କ୍ରିଷ୍ଣା ମୋହନ, ଜିଏମ୍ (ଫାଇନାନ୍ସ) କେ. ରାଜଶେଖର, ପରିଚାଳକ (ଫାଇନାନ୍ସ) ସୋମନାଥ ଘୋଷଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସେହିପରି ୫.୧ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ମେକନ ଲିଃର ଏଜିଏମ୍ ସଞ୍ଜୀବ ସହାୟ ଏବଂ ଡିଜିଏମ୍ କେ. ଇଲାଭାର୍ସୁଙ୍କ ନାଁ ମଧ ଏତଲାରେ ରହିଛି। ମେଘା ଇଞ୍ଜିନିୟରିଂ ପକ୍ଷରୁ ଦାଖଲ ୭୩ ଇନ୍‌ଭଏସ୍ ବାବଦରେ ୧୭୪.୪୧ କୋଟି ଟଙ୍କାର ବିଲ୍ ମଞ୍ଜୁର ଲାଗି ଉପରୋକ୍ତ ଲାଞ୍ଚ କାରବାର ହୋଇଥିଲା ବୋଲି ସିବିଆଇ କହିଛି।

## ୧୦ ଦିନିଆ ଏନ୍‌ଆଇଏ ରିମାଣ୍ଡରେ ୨ ଅଭିଯୁକ୍ତ

**କାଫେ ବିସ୍ଫୋରଣ ମାମଲା**

**ନୂଆଦିଲ୍ଲୀ,୧୩।୪:** ବେଙ୍ଗାଲୁରୁ କାଫେ ବିସ୍ଫୋରଣ ମାମଲାରେ ପଶ୍ଚିମବଙ୍ଗରୁ ଗିରଫ ହୋଇଥିବା ମୁସାଭିର ହୁସେନ୍ ଶାଜିବ ଏବଂ ଅବଦୁଲ ମାଥିନ ତାହାଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ୧୦ ଦିନିଆ ରିମାଣ୍ଡରେ ନେଇଛି। ସେମାନଙ୍କୁ ବେଙ୍ଗାଲୁରୁର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ହାଜର କରାଯାଇଥିଲା। ମାର୍ଚ୍ଚ ୧ରେ ବେଙ୍ଗାଲୁରୁର ରାମେଶ୍ୱରମ୍ କାଫେରେ ବିସ୍ଫୋରଣ ଘଟି ୧୦ ଜଣ ଆହତ ହୋଇଥିଲେ। ତାହା ବିସ୍ଫୋରଣର ମାଷ୍ଟରମାଇଣ୍ଡ ଏବଂ ଶାଜିବ କାଫେ ଭିତରେ ବୋମା ରଖିଥିଲା ବୋଲି ଏନ୍‌ଆଇଏ ତଦନ୍ତରୁ ଜଣାପଡ଼ିଥିଲା।






## ସିଡ୍‌ନୀ ମଲ୍‌ରେ ୬ ଜଣଙ୍କୁ ହତ୍ୟା

**ପୋଲିସ ଗୁଳିରେ ଆକ୍ରମଣକାରୀ ନିହତ**

**ସିଡ୍‌ନୀ,୧୩।୪**

ସିଡ୍‌ନୀର ଏକ ବ୍ୟସ୍ତବହୁଳ ଶପିଂ ମଲ୍‌ରେ ଶନିବାର ଜଣେ ଦୁର୍ବୃତ୍ତ ପ୍ରବେଶକରି ୬ ଜଣଙ୍କୁ ଛୁରିଭୁଷି ହତ୍ୟା କରିଛନ୍ତି। ଏହି ଆକ୍ରମଣରେ ଛୋଟ ପିଲାଙ୍କ ସହିତ ଅନେକେ ଆହତ ହୋଇଛନ୍ତି। ପୋଲିସ ଗୁଳିରେ ଆକ୍ରମଣକାରୀ ନିହତ ହୋଇଥିବା ଜଣାପଡ଼ିଛି। ବୋଣ୍ଡି ଜଙ୍କସନ୍‌ରେ ଥିବା ୱେଷ୍ଟଫିଲ୍ଡ ଶପିଂ ସେଣ୍ଟରରେ ସନ୍ଦିଗ୍ଧ ବ୍ୟକ୍ତି ଜଣକୁ ପୋଲିସ ଗୁଳି ଚଳାଇବା ପୂର୍ବରୁ ସେ ୯ ଜଣଙ୍କୁ ଛୁରି ଭୁଷିଥିଲେ। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣର କାରଣ ଜଣାପଡ଼ି ନାହିଁ। ସନ୍ଦିଗ୍ଧ ନିହତ ହୋଇଥିବାରୁ ଆଉ କୌଣସି ବିପଦ ସମ୍ଭାବନା ନ ଥିବା ନ୍ୟୁ ସାଉଥ୍ ୱେଲ୍ସ ଏସିପି ଆନ୍ଥୋନୀ କୁକ୍ କହିଛନ୍ତି। ଆକ୍ରମଣ ସମୟରେ ଶପିଂ ସେଣ୍ଟରରେ ଜଣେ ପୋଲିସ ଇନ୍ସପେକ୍ଟର ଏବଂ ଜଣେ ବରିଷ୍ଠ ଅଫିସର ଥିଲେ। ଆକ୍ରମଣରୁ ଲୋକମାନଙ୍କୁ ବଞ୍ଚାଇବାକୁ ଯାଇ ସେମାନେ ସନ୍ଦିଗ୍ଧଙ୍କୁ ଗୁଳି କରିଥିଲେ ବୋଲି କୁକ୍ କହିଛନ୍ତି।




ମଲ୍‌ରେ ଆକ୍ରମଣ ପରେ ଆତଙ୍କିତ ଗ୍ରାହକ।

## ସନ୍ଦେଶଖାଲିରେ ମାନବାଧିକାରର ଉଲ୍ଲଂଘନ ହୋଇଛି: ଏନ୍‌ଏଚ୍‌ଆର୍‌ସି

**ନୂଆଦିଲ୍ଲୀ,୧୩।୪**

ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ପକ୍ଷରୁ ପଶ୍ଚିମବଙ୍ଗର ସନ୍ଦେଶଖାଲି ମାମଲାରେ ଘଟଣାସ୍ଥଳରୁ ଅନୁଧ୍ୟାନ କରାଯାଇଥିଲା। ସେଠାରେ ଅତ୍ୟାଚାରର ବହୁ ଉଦାହରଣ ସାମ୍ନାକୁ ଆସିଥିବାରୁ ମାନବାଧିକାର ଉଲ୍ଲଂଘନ ହୋଇଥିବା ଏନ୍‌ଏଚ୍‌ଆର୍‌ସି ରିପୋର୍ଟରେ ଦର୍ଶାଯାଇଛି। ଏପରିକି ସ୍ଥାନୀୟ ଲୋକେ ସେମାନଙ୍କ ଆପତ୍ତି ଅଭିଯୋଗକୁ ନେଇ ସ୍ୱର ଉଠାଇବାକୁ ମଧ ଦିଆଯାଉ ନାହିଁ। ପ୍ରତିଶୋଧର ଭୟ ସହ କ୍ଷମତାର ଭୟ ଏଥିରେ ବାଧକ ହେଉଛି। ଏନ୍‌ଏଚ୍‌ଆର୍‌ସି ଏକାଧିକ ସୁପାରିସ କରିବା ସହ ସନ୍ଦେଶଖାଲି ମାମଲାରେ ଏପର୍ଯ୍ୟନ୍ତ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ପଶ୍ଚିମବଙ୍ଗ ସରକାର ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କହିଛି। ସୂଚନାଯୋଗ୍ୟ, ଉତ୍ତର ୨୪ ପ୍ରଗଣାର ସନ୍ଦେଶଖାଲିରେ ବାହୁବଳୀ ଟିଏମ୍‌ସି ନେତା ଓ ତାଙ୍କ ଲୋକମାନେ ଦଳିତ ମହିଳାମାନଙ୍କୁ ଯୌନ ନିର୍ଯାତନା ଦେବା ସହ ସେମାନଙ୍କ ଜମି ହଡ଼ପ କରିନେଇଥିବା ଗତ ଫେବୃଆରୀରେ ଅଭିଯୋଗ ହୋଇଥିଲା।






# କଂଗ୍ରେସ କ୍ଷମତାକୁ ଆସିଲେ ଜାତି ଜନଗଣନା



ବସ୍ତରରେ ରାହୁଲ ଗାନ୍ଧୀ ଏକ ରାଲିରେ ଯୋଗ ଦେବା ଅବସରରେ ଦଳୀୟ ନେତାଙ୍କ ସହ।

**ବସ୍ତର ରାଲିରେ ରାହୁଲଙ୍କ ପ୍ରତିଶ୍ରୁତି**

**ବସ୍ତର,୧୩।୪ (ପି.ଟି.)**

କଂଗ୍ରେସ ନିର୍ବାଚନ ଲଢ଼ି କେନ୍ଦ୍ରରେ କ୍ଷମତାକୁ ଆସିଲେ ସାରା ଦେଶରେ ତୁରନ୍ତ ଜାତି ଜନଗଣନା କରାଯିବ ବୋଲି ଏହାର ନେତା ରାହୁଲ ଗାନ୍ଧୀ ଶନିବାର ଦୋହରାଇଛନ୍ତି। ଛତିଶଗଡ଼ର ବସ୍ତର ଜିଲାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରି ରାହୁଲ କହିଥିଲେ, ଆଗାମୀ ନିର୍ବାଚନ ଦୁଇଟି ନୀତି ଆଦର୍ଶ ମଧ୍ୟରେ ଲଢ଼େଇ ହେବାକୁ ଯାଉଛି। ଗୋଟିଏ ନୀତି ଆଦର୍ଶ ସମ୍ବିଧାନର ସୁରକ୍ଷା ଚାହୁଁଥିବାବେଳେ ଅନ୍ୟ ନୀତି ଆଦର୍ଶ ସହ ଜଡ଼ିତ ଦଳ ଏହାକୁ ଧ୍ୱଂସ କରିଦେବା ପାଇଁ ଉଦ୍ୟମ କରୁଛି। ସେ ନରେନ୍ଦ୍ର ମୋଦିଙ୍କ ସରକାରକୁ ସମାଲୋଚନା କରିବା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଦିବାସୀ ହୋଇଥିବାରୁ ତାଙ୍କୁ ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରୁ ଦୂରେଇ ରଖାଗଲା ବୋଲି କହିଛନ୍ତି। ଏଥିରୁ ଭାଜପାର ମାନସିକତା ପ୍ରତିଫଳିତ ହେଉଛି। ବସ୍ତର ଆସନର କଂଗ୍ରେସ ପ୍ରାର୍ଥୀ କାୱାସି ଲାଖମାଙ୍କ ସମର୍ଥନରେ ଅନୁଷ୍ଠିତ ଏହି ରାଲିରେ ରାହୁଲ କହିଥିଲେ, ମୋଦିଜୀ ଆଦିବାସୀ ଶବ୍ଦକୁ ବଦଳାଇଦେବାକୁ ଉଦ୍ୟମ କରୁଛନ୍ତି। ଆମେ ଆଦିବାସୀଙ୍କୁ ଆଦିବାସୀ କହୁଥିବାବେଳେ ସେ ବନବାସୀ କହୁଛନ୍ତି। ଆଦିବାସୀ ଓ ବନବାସୀ ଶବ୍ଦ ମଧ୍ୟରେ ବହୁ ପାର୍ଥକ୍ୟ ରହିଛି। ଆଦିବାସୀର ଗଭୀର ଅର୍ଥ ରହିଛି, ଏହା ସେମାନଙ୍କ ଜଙ୍ଗଲ, ଜମି ଓ ଜଳ ଉପରେ ଅଧିକାରକୁ ପରିପ୍ରକାଶ କରେ। ବନବାସୀ ଅର୍ଥ ଯେଉଁମାନେ କେବଳ ଜଙ୍ଗଲରେ ବସବାସ କରୁଛନ୍ତି ବୋଲି ରାହୁଲ କହିଥିଲେ। ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଧର୍ମ, ନୀତି ଆଦର୍ଶ ଏବଂ ଆଦିବାସୀମାନଙ୍କ ଇତିହାସ ଉପରେ ଆକ୍ରମଣ କରୁଛନ୍ତି। ଭାଜପା ଆଦିବାସୀଙ୍କ ଜମିକୁ ବିଲିୟନେୟାରମାନଙ୍କୁ ଦେଇଦେଉଥିବା ରାହୁଲ ଅଭିଯୋଗ କରିଛନ୍ତି। ଏହି ଅବସରରେ କଂଗ୍ରେସ ଇସ୍ତାହାରରେ ଦେଇଥିବା ଅନ୍ୟାନ୍ୟ ପ୍ରତିଶ୍ରୁତି ସମ୍ପର୍କରେ ରାହୁଲ ଲୋକମାନଙ୍କୁ ଅବଗତ କରାଇଥିଲେ। ତାଙ୍କ ଦଳ କ୍ଷମତାକୁ ଆସିଲେ ୩୦ ଲକ୍ଷ ଖାଲି ପଦବୀରେ ନିଯୁକ୍ତି ଦିଆଯିବା ସହ ଯୁବବର୍ଗଙ୍କ ନିଯୁକ୍ତି ପାଇଁ ଦକ୍ଷତା ତାଲିମ ପ୍ରଦାନ କରାଯିବ ବୋଲି ରାହୁଲ କହିଛନ୍ତି।






**ଫୁରସତ୍**

## ପରିବା ବିକ୍ରିକରି ନିର୍ବାଚନ ପ୍ରଚାର



**ଜୟପୁର:** ଲୋକ ସଭା ନିର୍ବାଚନରେ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପୁଅ ବୈଭବ ଗେହଲଟ ପ୍ରାର୍ଥୀ ହୋଇଥିବାବେଳେ ବୋହୂ ହିମାଂଶୀ ଗେହଲଟ ପରିବା ବିକ୍ରି ନିର୍ବାଚନ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଜାଲୋର ଆସନରୁ କଂଗ୍ରେସ ପ୍ରାର୍ଥୀ ବୈଭବ ଗେହଲଟଙ୍କ ସମର୍ଥନରେ ହିମାଂଶୀ ଏପରି ନିଆରା ଢଙ୍ଗରେ ପ୍ରଚାର କରିଛନ୍ତି। ସ୍ୱାମୀ ବୈଭବଙ୍କ ପାଇଁ ସେ ନିଜେ ପ୍ରଚାର ଅଭିଯାନର ମଙ୍ଗ ଧରିଛନ୍ତି। ଏକ ପନିପରିବା ହାଟରେ ସ୍ୱାମୀଙ୍କ ପାଇଁ ପ୍ରଚାର କରୁଥିବା ସମୟରେ ହିମାଂଶୀ ଏପରି ନୂଆ ଉପାୟ ଆପଣାଇଛନ୍ତି। ସେ ଉକ୍ତ ପରିବା ହାଟରେ ବସି ହାତରେ ନିକିତି ଧରି ପରିବା ବିକ୍ରି କରୁଛନ୍ତି। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ କେବଳ ହିମାଂଶୀ ନୁହନ୍ତି, ବୈଭବଙ୍କ ପ୍ରଚାରରେ ତାଙ୍କ ମା' ସୁନୀତା ଓ ଝିଅ କାଶ୍ୱିନୀ ମଧ ଜୋରସୋରରେ ଲାଗି ପଡ଼ିଛନ୍ତି। ଉଭୟ ବୈଭବଙ୍କ ପାଇଁ ଡୋର୍ ଟୁ ଡୋର୍ କ୍ୟାମ୍ପେନିଂ ଚଳାଇଛନ୍ତି।

## ଧମାଲ ମଚାଉଛି 'ବଡେ ମିୟାଁ ଛୋଟେ ମିୟାଁ'

**ମୁମ୍ବାଇ:** ବଲିଉଡ୍ ଆକ୍ସନ ହିରୋ ଅକ୍ଷୟ କୁମାର ଓ ଟାଇଗର ଶ୍ରଫଙ୍କ ଅଭିନୀତ 'ବଡେ ମିୟାଁ ଛୋଟେ ମିୟାଁ' ଗୁରୁବାର ଇଦ୍ ଅବସରରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମ ଏବେ ସାରା ବିଶ୍ୱରେ ଚହଳ ପକାଇବାକୁ ସକ୍ଷମ ହୋଇଛି। ଉଭୟ ଆକ୍ସନ ଏବଂ କମେଡି ଥିବା ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ବହୁମାତ୍ରାରେ ମନୋରଞ୍ଜନର ଖୋରାକ ଯୋଗାଇ ପାରିଛି। ଏହାସହ ଏହି ଚଳଚ୍ଚିତ୍ରକୁ କ୍ରିଟିକ୍ସ ଏବଂ ଦର୍ଶକଙ୍କଠାରୁ ଭଲ ପ୍ରତିକ୍ରିୟା ମଧ ମିଳିଛି। ରିଲିଜ୍ ହେବାର ମାତ୍ର ୨ ଦିନ ମଧ୍ୟରେ 'ବଡେ ମିୟାଁ ଛୋଟେ ମିୟାଁ' ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୫୫.୧୪ କୋଟି ଟଙ୍କା ଆୟ କରିଛି। ସେହିପରି ଏହି ଚଳଚ୍ଚିତ୍ର ଉଦ୍‌ଘାଟନୀ ଦିନ ସାରା ବିଶ୍ୱରେ ୩୬.୩୩ କୋଟି ଟଙ୍କା ରୋଜଗାର କରିବାରେ ସଫଳ ହୋଇଥିଲା। ତେବେ ଘରୋଇ ବକ୍ସ ଅଫିସରେ 'ବଡେ ମିୟାଁ ଛୋଟେ ମିୟାଁ' ଚଳଚ୍ଚିତ୍ରର ରୋଜଗାର ଅପେକ୍ଷାକୃତ ମନ୍ଥର ରହିଛି। ରିଲିଜ ହେବାର ପ୍ରଥମ ଦିନରେ ଏହି ଚଳଚ୍ଚିତ୍ର ୧୫.୬୫ କୋଟି ଆଦାୟ କରିଥିବାବେଳେ ଦ୍ୱିତୀୟ ଦିନରେ ଏହା ୭.୬ କୋଟି ଟଙ୍କା ଆଦାୟ କରିଛି। ଏହାସହ ୨ ଦିନ ମଧ୍ୟରେ ଏହି ଫିଲ୍ମ ସମୁଦାୟ ୨୩.୨୫ କୋଟି ଟଙ୍କା ରୋଜଗାର କରିପାରିଛି। ତେବେ 'ବଡେ ମିୟାଁ ଛୋଟେ ମିୟାଁ' ଚଳଚ୍ଚିତ୍ର ସହ ସମାନ ଦିନ ରିଲିଜ ହୋଇଥିବା ଅଭିନେତା ଅଜୟ ଦେବ୍‌ଗନଙ୍କ ଅଭିନୀତ 'ମଇଦାନ' ଫିଲ୍ମ ବକ୍ସ ଅଫିସରେ ଫିକା ପଡ଼ିଛି। ଏହି ଫିଲ୍ମ ରିଲିଜ ହେବାର ପ୍ରଥମ ୨ ଦିନ ମଧ୍ୟରେ ମାତ୍ର ୯ କୋଟି ଟଙ୍କା ରୋଜଗାର କରିପାରିଛି।






**ମଣିପୁରରେ ସାନି ହିଂସା: ୨ ମୃତ**

ମଣିପୁରର ଇମ୍ଫାଲ ଇଷ୍ଟ ଜିଲାରେ ଶନିବାର ଦୁଇ ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ଘଟି ୨ ଜଣ ନିହତ ହୋଇଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ଉକ୍ତ ଅଞ୍ଚଳରେ ଅତିରିକ୍ତ ରାଜ୍ୟ ଓ କେନ୍ଦ୍ରୀୟ ଫୋର୍ସକୁ ନିୟୋଜିତ କରାଯାଇଛି। ନିକଟରେ ତେଙ୍ଗନୋଉପାଲ ଜିଲାରେ ଗୁଳିକାଣ୍ଡ ଘଟି ୩ ଜଣ ଆହତ ହୋଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ମଣିପୁରରେ ଆଦିବାସୀ ଅଧିକାରର ସୁରକ୍ଷାକୁ ନେଇ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଲାଗିରହିବା ଫଳରେ ୨୧୯ ଜଣଙ୍କ ମୃତ୍ୟୁ ଘଟିବା ସହ ବହୁ ଲୋକ ଆହତ ହୋଇଥିଲେ।

# ଭାରତର ପ୍ରଥମ ଟ୍ରାନ୍ସଜେଣ୍ଡର ଷ୍ଟାଣ୍ଡଅପ୍ କମେଡିଆନ ରିତୁଶ୍ରୀ

ଓଡ଼ିଶାର ଗର୍ବ


ରିତୁଶ୍ରୀ ପାଣିଗ୍ରାହୀ

ଭୁବନେଶ୍ୱର,୧୩।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଟ୍ରାନ୍ସଜେଣ୍ଡରଙ୍କ ଜୀବନ ସଂଘର୍ଷପୂର୍ଣ୍ଣ। ହେଲେ ଏହି ସଂଘର୍ଷ ଭିତରେ ଏକାକୀ ସମସ୍ତ ପରିସ୍ଥିତିକୁ ସାମ୍ନା କରି ନିଜ ଭବିଷ୍ୟତ ଗଢ଼ିବା ସହ ନିଜ ମାଟି ତଥା ଓଡ଼ିଶା ପାଇଁ ଗୌରବ ଆଣିଥିବା ଜଣେ ପ୍ରେରଣାଦାୟୀ ଟ୍ରାନ୍ସଜେଣ୍ଡର ହେଉଛନ୍ତି ରିତୁଶ୍ରୀ ପାଣିଗ୍ରାହୀ। ବରଗଡ଼ ଜିଲା ପଦ୍ମପୁରଠାରେ ଜନ୍ମିତ ରିତୁଶ୍ରୀ ଏବେ ଭାରତର ଏକମାତ୍ର ଟ୍ରାନ୍ସଜେଣ୍ଡର ଷ୍ଟାଣ୍ଡଅପ୍ କମେଡିଆନ୍। ଓଡ଼ିଶାରୁ ଯାଇ ମୁମ୍ବାଇ, ଦିଲ୍ଲୀ, ଅହମଦାବାଦ ଭଳି ଅନେକ ସହରରେ ସେ ନିଜର ଷ୍ଟାଣ୍ଡଅପ୍ କମେଡି ମାଧ୍ୟମରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କର୍ପୋରେଟ ସେକ୍ଟରରେ ଚାକିରି କରିବା ସହ ସେ କମେଡି ମାଧ୍ୟମରେ ଲୋକଙ୍କ ମୁହଁରେ ହସ ଫୁଟାଇ ଚାଲିଛନ୍ତି।

ଛୋଟବେଳୁ ତାଙ୍କୁ କମେଡି ଦେଖିବାକୁ ଓ କରିବାକୁ ଭଲ ଲାଗୁଥିଲା। ୨୦୧୭ରେ ଯେତେବେଳେ ସେ କଟକରେ ରହି ଲ' ପ୍ରାକ୍ଟିସ୍ କରୁଥିଲେ ସେତେବେଳେ ୨ଟି ଅନୁଷ୍ଠାନ ଷ୍ଟାଣ୍ଡଅପ୍ କମେଡି ପାଇଁ 'ଓପନ ମାଇକ୍' ନାମରେ ପ୍ଲାଟଫର୍ମ ଆଣିଥିଲେ। ସେଠାରେ ଯେତେବେଳେ ସେ ପ୍ରଥମେ କମେଡି ପ୍ରଦର୍ଶନ କଲେ, ସମସ୍ତେ ତାଙ୍କୁ ବହୁତ ପ୍ରଶଂସା କରିଥିଲେ। ପରେ ପରେ ସେ ଅନେକ ଶୋ' କରିବା ସହ ବାହାରକୁ ଯାଇ ନିଜ କମେଡି କ୍ୟାରିୟରକୁ ଆହୁରି ଆଗକୁ ନେଇଥିଲେ।

## ନାମ ପଛର କାହାଣୀ

ରିତୁଶ୍ରୀଙ୍କ ନାଁ ପଛରେ ବି କାହାଣୀ ରହିଛି। ଏ ସମ୍ପର୍କରେ ସେ କହିଛନ୍ତି, ମୋର ପୁରୁଣା ନାମକୁ ମୁଁ କାହାକୁ କହିବାକୁ ପସନ୍ଦ କରେନି। କାରଣ ମୋତେ ଯଦି ରିତୁଶ୍ରୀ ହେବାର ଥିଲା, ତେବେ ପୁରୁଣା ପରିଚୟ ନେଇ କ'ଣ କରିବି। ତେବେ ମୋତେ ପ୍ରଥମେ ସୋନଲ ନାମ ଭଲ ଲାଗୁଥିଲା। କିନ୍ତୁ ମୁଁ ଚିନ୍ତାକଲି ଯଦି ଜଣେ ଝିଅ ଭାବେ ଜନ୍ମ ହୋଇଥାନ୍ତି, ବାପା ମୋ ନାମ କ'ଣ ରଖିଥାନ୍ତେ। ଆମଆଡ଼େ ଜାତକରେ ଯେଉଁ ଅକ୍ଷର ଉଠେ, ସେହି ଅନୁସାରେ ନାମ ଦିଆଯାଏ। ପୁଣି ମୋର ୨ ଭଉଣୀଙ୍କ ନାଁ ବନଶ୍ରୀ ଓ ଇତିଶ୍ରୀ। ତେଣୁ ସେହି ହିସାବରେ ପଦ ପକାଇ ୩ରୁ ୪ଟି ନାମ ଭାବିଲି। ସେଥିରୁ ରିତୁଶ୍ରୀ ନାମ ମୋତେ ଓ ଭଉଣୀଙ୍କୁ ପସନ୍ଦ ଆସିଲା। ଏହାପରେ ମୁଁ ରିତୁଶ୍ରୀ ହୋଇଗଲି।

## ପରିବାରର ସପୋର୍ଟ ସାହସ ଦେଲା

ରିତୁଶ୍ରୀଙ୍କ ଅତୀତ ବେଶ୍ କିଛି ଶିଖାଏ। ଏକାକୀ ୩୫ ବର୍ଷ ଧରି ସେ ଯେ ନିଜକୁ ଟ୍ରାନ୍ସଜେଣ୍ଡର କହିବାକୁ ସାହସ ନ ଥିଲା। ଦୀର୍ଘବର୍ଷ ଧରି ସମସ୍ତ ପରିସ୍ଥିତିକୁ ସେ ହିଁ ସାମ୍ନା କରିଛନ୍ତି। ସେ କୁହନ୍ତି, ଆମକୁ କେବେ ଜେଣ୍ଡର ଏଜୁକେଶନ୍ ଦିଆଯାଏନାହିଁ। ଯେବେ ମୁଁ ନିଜେ ଜାଣିବାକୁ ପାଇଲି ତେବେ ବହୁତ ଡର ଲାଗିଲା। ଯଦି ଲୋକେ ଜାଣିବେ ସ୍କୁଲରେ କେମିତି ପଢ଼ିବି, ପୁଣି ପରିବାର କେମିତି ମୋତେ ଦେଖିବେ। ସେଥିପାଇଁ ନିଜକୁ ନିଜେ ୩୫ବର୍ଷ ଲୁଚାଇକି ରଖିଲି। ତା' ଭିତରେ ମୋର ୨ଟା ପର୍ସନାଲିଟି ଡେଭଲପ୍ ହେଲା। ଯେବେ ଭୁବନେଶ୍ୱରରେ ରହି ଆଇନ ପଢ଼ିଲି, ଏହା ଉପରେ ବହୁତ ରିସର୍ଚ୍ଚ କଲି। କିଭଳି ରହିବି, କ'ଣ ଚାକିରି କରିବି। ପ୍ରାକ୍ଟିସ୍ କଲାବେଳେ ଏକୁଟିଆ ରହୁଥିଲି। ଘରେ ବି କହି ନ ଥିଲି। ଅହମଦାବାଦ ଆସିବା ପରେ ଘରେ ମୋର ବାହାଘର ପାଇଁ ଚିନ୍ତା କଲେ। ସେବେ ମୁଁ ମନାକଲି ବାହା ହେବିନି। ସେବେ ମୁଁ ପରିବାର ସହ ମୋର ଜେଣ୍ଡର ବିଷୟରେ ଶେୟାର କଲି। ପ୍ରଥମେ ମୋ ଭଉଣୀଙ୍କୁ କହିଲି। ମାତ୍ର ସବୁ ଶୁଣିବା ପରେ ସେମାନଙ୍କର ଯାହା ପ୍ରତିକ୍ରିୟା ଥିଲା ଲାଗିଲା ମୁଁ ତାଙ୍କୁ କାହିଁ ଆଗରୁ କହୁ ନ ଥିଲି। ସେମାନେ ମୋତେ ଗାଳିଦେବା ପରିବର୍ତ୍ତେ ଖୁସି ହେଲେ। ରାଗିଲେ, ଅଭିମାନ କରି କହିଲେ ଯେ ତୁ କାହିଁକି ଆମକୁ ଆଗରୁ କହି ନ ଥିଲୁ। ଏହା ମୋତେ ଆଗକୁ ବଢ଼ିବାକୁ ବହୁତ ସାହସ ଦେଲା। ମୁଁ ଯଦି ନ ଡରି ଆଗରୁ କହିଥାନ୍ତି, ବୋଧହୁଏ ମୋତେ ଏକାକୀ ଏତେଦିନ ନିଜ ଭିତରେ ନିଜେ ବଢ଼ିବାକୁ ପଡ଼ି ନ ଥାନ୍ତା। ମୋ ବଡ଼ଭଉଣୀ ଯେବେ ଇନ୍ଷ୍ଟାଗ୍ରାମରେ ମୋ ଫଟୋ ଦେଖିଲେ ସେ ମୋତେ କୁଣ୍ଢାଇ ପକାଇ କାନ୍ଦିଲେ। ତା' ପରେ ସେମାନେ ଅଧିକରୁ ଅଧିକ ଶୋ' କରିବାକୁ ସାହସ ଦେଲେ, ଆଉ ମୁଁ ଆଗକୁ ବଢ଼ିଲି।

### 'ସମସ୍ତଙ୍କୁ ଲିଙ୍ଗଗତ ଶିକ୍ଷା ମିଳୁ'

ଆଇନ ପାଠପଢ଼ା ସରିବା ପରେ ରିତୁଶ୍ରୀ ଜଣେ ଆଡ୍‌ଭୋକେଟ ଭାବେ ପ୍ରାକ୍ଟିସ୍ କରୁଥିଲେ। ଜେଣ୍ଡର ଆଇଡେଣ୍ଟିଟି ପାଇଁ ତାଙ୍କୁ ଓଡ଼ିଶାରେ ରହିବାକୁ ଭଲ ଲାଗି ନ ଥିଲା। ସେଥିପାଇଁ ସେ ୨୦୧୯ରେ ଓଡ଼ିଶା ଛାଡ଼ି ବାହାରକୁ ଚାଲିଗଲେ। ଟ୍ରାନ୍ସଜେଣ୍ଡରଙ୍କ ପ୍ରତି ରହିଥିବା ଭାବନା ସମ୍ପର୍କରେ ରିତୁଶ୍ରୀ କୁହନ୍ତି, ଜେଣ୍ଡର ଆଉ ସେକ୍ସ ୨ଟା ଅଲଗା ଜିନିଷ। ଅନେକେ ଏହା ଭିତରେ ଥିବା ପାର୍ଥକ୍ୟଟା ବୁଝିପାରନ୍ତି ନାହିଁ। ଆମର ଭ୍ରାନ୍ତ ଧାରଣା ଅଛି, ଯେଉଁମାନେ ଟ୍ରାନ୍ସଜେଣ୍ଡର ଭାବେ ଜନ୍ମ ହୁଅନ୍ତି ତାଙ୍କର ବୋଧେ କିଛି ଅଲଗା ଥାଏ। ସେସବୁ ଯାହାଙ୍କର ଥାଏ ତାଙ୍କୁ ଟ୍ରାନ୍ସଜେଣ୍ଡର ନୁହେଁ ଇଣ୍ଟରସେକ୍ସ କୁହାଯାଏ। ଶରୀର ପୁଅଙ୍କ ପରି ଥିବ, ହେଲେ ମାଇଣ୍ଡ୍ ନିଜକୁ ଜଣେ ମହିଳା ଭାବେ ଅନୁଭବ କରୁଥିବ, ସେମାନେ ହେଲେ ଟ୍ରାନ୍ସଜେଣ୍ଡର। ପରବର୍ତ୍ତୀ ସମୟରେ ହରମୋନ ଥେରାପି ନେଇ ଶରୀରରେ ପରିବର୍ତ୍ତନ କରିହେବ। ଲିଙ୍ଗଗତ ଶିକ୍ଷା ସମସ୍ତଙ୍କୁ ମିଳିବା ଦରକାର ବୋଲି ସେ କହିଛନ୍ତି।

# ବିନା ଶୋଭାଯାତ୍ରାରେ ହେବ ହନୁମାନ ଜୟନ୍ତୀ

- ହନୁମାନ ଝଣ୍ଡାରେ ଗୈରିକମୟ ସାରା ସହର
- ସମ୍ବେଦନଶୀଳ ସ୍ଥାନରେ ପୋଲିସ ପହରା


ହନୁମାନ ଜୟନ୍ତୀ ପାଇଁ ସହରରେ ପୋଲିସ ସୁରକ୍ଷା ବ୍ୟବସ୍ଥା।

ସମ୍ବଲପୁର,୧୩।୪ (ପ୍ରମୋଦ ବହିଦାର)

ସମ୍ବଲପୁରରେ ରବିବାର ହନୁମାନ ଜୟନ୍ତୀ ପାଳନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ପ୍ରଶାସନିକ କଟକଣା ହେତୁ ବିନା ଶୋଭାଯାତ୍ରାରେ ଉତ୍ସବ ପାଳନ କରାଯିବ। ଏହାକୁ ନେଇ ଶ୍ରଦ୍ଧାଳୁ ଓ ଆୟୋଜକଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଥିଲେ ମଧ୍ୟ ନିଜ ନିଜ ଅଞ୍ଚଳରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ଜୟନ୍ତୀ ପାଳନ ପାଇଁ ଲାଗିପଡିଛନ୍ତି। ପୂର୍ବବର୍ଷ ଭଳି ସମଗ୍ର ସହର ହନୁମାନ ଝଣ୍ଡାରେ ଗୈରିକମୟ ହୋଇଉଠିଛି। ଲୋକମାନେ ମଧ୍ୟ ନିଜନିଜ ଘର ଉପରେ ବା ଯାନବାହନରେ ଛୋଟ ଛୋଟ ଗୈରିକ ଝଣ୍ଡା ଲଗାଇ ଭ୍ରମଣ କରୁଥିବା ଦେଖିବାକୁ ମିଳିଛି।

ଜୟନ୍ତୀ ପାଇଁ ବିଭିନ୍ନ ହନୁମାନ ମନ୍ଦିରକୁ ଉଜ୍ଜ୍ୱଳ ଆଲୋକମାଳାରେ ସଜ୍ଜିତ କରାଯିବା ସହ ଭକ୍ତଙ୍କ ଦର୍ଶନାର୍ଥେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ବ୍ରୁକ୍ସହିଲରେ ଥିବା ରାମମନ୍ଦିରକୁ ରଙ୍ଗିନ ତୋରଣ ଓ ଆଲୋକମାଳାରେ ସଜ୍ଜିତ କରାଯାଇଛି। ହନୁମାନ ଜୟନ୍ତୀରେ ସଂଘଟିତ ହିଂସାକାଣ୍ଡକୁ ଦୃଷ୍ଟିରେ ରଖି ଚଳିତବର୍ଷ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଉପରେ ପ୍ରଶାସନ ପକ୍ଷରୁ ରୋକ ଲଗାଯାଇଛି। ହେଲେ ବିଭିନ୍ନ ପଡ଼ା ଓ ହନୁମାନ ମନ୍ଦିର କମିଟି ପକ୍ଷରୁ ନିଜ ଅଞ୍ଚଳରେ ହନୁମାନ ଜୟନ୍ତୀ ପାଳନ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଗତବର୍ଷର ହିଂସାକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆଗୁଆ ପଦକ୍ଷେପ ସ୍ୱରୂପ ଦିନକ ପୂର୍ବରୁ ସହରର ପ୍ରମୁଖ ଛକମାନଙ୍କରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏପରି କି ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ମଧ୍ୟ କରାଯାଇଛି। ସେହିପରି ପୀରବାବା ଛକ, ଜିଲାସ୍କୁଲ ଛକ, ଭୁତାପଡ଼ା ଛକ, ଗୋଲବଜାର ଛକ, ଲକ୍ଷ୍ମୀଟକିଜ୍ ଛକ ଆଦି ସମ୍ବେଦନଶୀଳ ସ୍ଥାନରେ ପୋଲିସ ସୁରକ୍ଷା ବାହିନୀ ତମ୍ବୁ ପକାଇ ଅହୋରାତ୍ର ପହରା ଦେଉଛନ୍ତି। ସମଗ୍ର ସହରରେ ସିଆର୍‌ପିଏଫ୍ ଯବାନଙ୍କ ସହିତ ୧୫ ପ୍ଲାଟୁନ୍ ପୋଲିସ ବାହିନୀଙ୍କୁ ମୁତୟନ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ୮ ଜଣ ଡିଏସ୍‌ପି ପାହ୍ୟା ପୋଲିସ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ପରିଚାଳନା ଦାୟିତ୍ୱରେ ରହିଛନ୍ତି।

# ନିର୍ବାଚନ ରାଲିରେ ଯୋଗ ଦେଇ ଶିକ୍ଷୟିତ୍ରୀ ନିଲମ୍ବିତ

ବୌଦ୍ଧ,୧୩।୪(ଅଜିତ କୁମାର ବାରିକ)


ସଂଘମିତ୍ରା ମଲ୍ଲିକ

ଏକ ରାଜନୈତିକ ଦଳର ନିର୍ବାଚନ ରାଲିରେ ଯୋଗ ଦେବାରୁ ଜଣେ ଶିକ୍ଷୟିତ୍ରୀ ନିଲମ୍ବିତ ହୋଇଥିବା ଜଣାପଡିଛି। ବୌଦ୍ଧ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜେ.ସୋନାଲ ଗତ ଶୁକ୍ରବାର ଦିନ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଶିକ୍ଷୟିତ୍ରୀ ଜଣକ ହେଲେ ବୌଦ୍ଧ ବ୍ଲକ ଦହ୍ୟା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଂଘମିତ୍ରା ମଲ୍ଲିକ। ମିଳିଥିବା ସୂଚନା ମୁତାବକ, ଗତ ୧୦ ତାରିଖରେ କନ୍ଧମାଳ ନିର୍ବାଚନମଣ୍ଡଳୀର ଏକ ରାଜନୈତିକ ଦଳର କାଶଲପୁରଠାରୁ ଖୁଣ୍ଟିଗୋରା ପର୍ଯ୍ୟନ୍ତ ଏକ ମୋଟର ସାଇକେଲ ରାଲି କରାଯାଇଥିଲା। ଉକ୍ତ ବାଇକ୍ ରାଲିରେ ଶିକ୍ଷୟିତ୍ରୀ ଜଣକ ଯୋଗ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଏପରି କି ସଂପୃକ୍ତ ଶିକ୍ଷୟିତ୍ରୀ ଜଣକ ରାଲିରେ ଥିବା ସମୟର ଏକ ଫଟୋ ଜିଲାପାଳଙ୍କ ଦୃଷ୍ଟିକୁ ଆସିଥିଲା। ଏନେଇ ଜିଲାପାଳ ସୋନାଲ ଜିଲା ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ଜିଲାପାଳ ଶିକ୍ଷୟିତ୍ରୀ ମଲ୍ଲିକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଲମ୍ବନ ନ ଉଠିବା ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ଜଣକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ରହିଛି। ଏହି ଖବର ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ସରକାରୀ ଚାକିରିଆଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।






# ବିଲରୁ ମିଳିଲା ଛୁଆ ହାତୀ ମୃତଦେହ

ମୋରଡ଼ା,୧୩।୪(ସ୍ମାରକ ମାଜୀ)



ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜରେ ବର୍ଷ ତମାମ ହାତୀ ଉପଦ୍ରବ ଜାରି ରହିଥିବା ବେଳେ ବନ ବିଭାଗର ଅବହେଳା କାରଣରୁ ହାତୀ ପଲଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏହି ରେଞ୍ଜ ଅଧୀନ କଣାଫଳିଆ ଜଙ୍ଗଲ ନିକଟ ଦୁଆରଶୁଣି ଗ୍ରାମର ଏକ ବିଲରେ ଶନିବାର ଏକ ଛୁଆ ହାତୀ ମରିପଡ଼ିବା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତ ଛୁଆ ହାତୀର ବୟସ ଏକ ବର୍ଷ ହେବ। ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ମୃତଦେହ ପୋତି ଦିଆଯାଇଥିବା ସୂଚନା ମିଳିଛି। ଡିଏଫ୍‌ଓ .ଉମା ମାହେଶ, ଏସ୍‌ସିଏଫ୍ ରବିନାରାୟଣ ମହାନ୍ତି ଓ ରେଞ୍ଜର ଘନଶ୍ୟାମ ସିଂ ପ୍ରମୁଖ ପହଞ୍ଚି ଛୁଆ ହାତୀ ମୃତ୍ୟୁର କାରଣ ସମ୍ପର୍କରେ ଅନୁଧ୍ୟାନ ଜାରି ରଖିଛନ୍ତି। ବର୍ତ୍ତମାନ ଉକ୍ତ ଜଙ୍ଗଲରେ ୭୨ଟି ଝାଡ଼ଖଣ୍ଡୀ ହାତୀ ରହିଥିବା ରେଞ୍ଜର ସିଂ କହିଛନ୍ତି।



ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇ ଶନିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରସ୍ତୁତ କରିଥିବା ବାଲୁକାକଳା।

# ରାସ୍ତାରେ ଲୁଟୁଥିବା ୧୦ ଡକାୟତ ଗିରଫ

କେନ୍ଦୁଝର, ୧୩।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

ରାସ୍ତାରେ ଗାଡି ଅଟକାଇ ଟଙ୍କା ଲୁଟୁଥିବା ୧୦ଜଣ ଡକାୟତ ଝୁମ୍ପୁରା ପୋଲିସ ଟିମ୍ ହାତରେ ଧରାପଡିଛନ୍ତି। ଡକାୟତଙ୍କଠାରୁ ୨୫ଶହ ଟଙ୍କା ଜବତ କରାଯାଇଥିବା ଚମ୍ପୁଆ ଏସଡିପିଓ ବିଜୟ ମଲ୍ଲିକ ସୂଚନା ଦେଇଛନ୍ତି। ଝୁମ୍ପୁରା ଥାନା ଭାରପ୍ରାପ୍ତ ଅଧିକାରୀ ଆଇପିଏସ ପ୍ରୋବେଶନର ରମେନ୍ଦ୍ର ପ୍ରସାଦଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଶୁକ୍ରବାର ରାତିରେ ଟିଙ୍ଗୁଡିପଶି ଛକ ନିକଟରେ ଚଢାଉ କରି ଏହି ଡକାୟତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। କଟଲପଶି-ଧାତିକା ରାସ୍ତାର ବିଭିନ୍ନ ସ୍ଥାନରେ ଟ୍ରକ୍, କାର ଆଦି ବିଭିନ୍ନ ଗାଡି ଅଟକାଇ ଜୋର ଜବରଦସ୍ତ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ଶୁକ୍ରବାର ରାତିରେ ଏହି ରାସ୍ତା ଦେଇ ଆସୁଥିବା କିଛି ଟ୍ରକ ଅଟକାଇ ଜବରଦସ୍ତ ଟଙ୍କା ଆଦାୟ ହେଉଥିବା ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଚଢାଉ କରିଥିଲା। ଘଟଣାସ୍ଥଳରୁ ୧୦ ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା। ଗିରଫ ଅଭିଯୁକ୍ତ ହେଲେ ମଧ୍ୟରେ ଟିଙ୍ଗୁଡିପଶି ଗ୍ରାମର ରବୀନ୍ଦ୍ର ମହାନ୍ତ, ଚନ୍ଦ୍ରମୋହନ ମହାନ୍ତ, ଲୋକନାଥ ମହାନ୍ତ, ମହେନ୍ଦ୍ର ମହାନ୍ତ, ଭଗବାନ ମହାନ୍ତ, ଦୀପକ ସିତାରୀ, ଶିବାନନ୍ଦ ସିତାରୀ, ବିକାଶ ଲୋହାର, ରାଜେଶ ସିତାରୀ, ସୁଶୀଲ କାଳନ୍ଦୀ ଓରଫ୍ କାଲା। ଝୁମ୍ପୁରା ଥାନାରେ ଏକ ମାମଲା(ନଂ.୧୦୪/୨୦୨୪) ରୁଜୁ କରାଯାଇଛି। ଅଭିଯୁକ୍ତମାନେ ନିୟମିତ ଭାବେ ଏହି ରାସ୍ତାରେ ଗାଡି ଅଟକାଇ ଟଙ୍କା ଆଦାୟ କରି ଆସୁଥିବା ପୋଲିସ କହିଛି।

# ପାଣି ପାଇଁ ଅସୁବିଧାରେ ପଡ଼ିବେନି ରେଳଯାତ୍ରୀ

### ରେଳ ମନ୍ତ୍ରଣାଳୟର ସମୀକ୍ଷା

ଭୁବନେଶ୍ୱର,୧୩।୪ (ଅନୁରାଧା ମହାରଣା)

ଖରାଦିନେ ପିଇବା ପାଣି ପାଇଁ ଯାତ୍ରୀ ଅସୁବିଧାରେ ପଡ଼ିବେ ନାହିଁ। ଏଥିଲାଗି ଭାରତୀୟ ରେଳର ସମସ୍ତ ଷ୍ଟେଶନରେ ଯାତ୍ରୀଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବଢୁଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ଷ୍ଟେଶନଗୁଡ଼ିକରେ ପାନୀୟ ଜଳର ଉପଲବ୍ଧତା ସମୀକ୍ଷା କରିବା ସହ ପର୍ଯ୍ୟାପ୍ତ ଯୋଗାଣ ନିଶ୍ଚିତ କରିବାକୁ ଜୋନାଲ ରେଳପଥ ଓ ରେଳମଣ୍ଡଳଗୁଡିକୁ ନିର୍ଦ୍ଦେଶ ଜାରି କରିଛି। ସମସ୍ତ ଷ୍ଟେଶନଗୁଡ଼ିକରେ ନିୟମ ଅନୁଯାୟୀ ଯାତ୍ରୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି କ୍ରମରେ ପୂର୍ବତଟ ରେଳପଥ ପକ୍ଷରୁ ଷ୍ଟେଶନଗୁଡ଼ିକରେ ୱାଟରକୁଲରଗୁଡିକ କାର୍ଯ୍ୟକ୍ଷମ ଏବଂ ଯାତ୍ରୀଙ୍କ ଚାହିଦା ପୂରଣ କରିବାକୁ ଚେଷ୍ଟା କରାଯାଉଛି। ସମ୍ବେଦନଶୀଳ ଷ୍ଟେଶନରେ ଜଳ ଯୋଗାଣ ପାଇଁ ଆବଶ୍ୟକତା ଅନୁଯାୟୀ ୱାଟର ଟ୍ୟାଙ୍କର ନିୟୋଜନ କରିବା ସହ ସମସ୍ତ ପ୍ଲାଟ୍‌ଫର୍ମରେ ଜଳ ଉପଲବ୍ଧତା ସୁନିଶ୍ଚିତ କରିବାକୁ ଷ୍ଟେଶନରେ ନିୟମିତ ଯାଞ୍ଚ କରାଯାଉଛି। ଜଳ ବଣ୍ଟନ ପାଇଁ ବିଶେଷକରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଏନ୍‌ଜିଓ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଏବଂ ଅନ୍ୟ ସଂସ୍ଥାର ସହାୟତା ଲୋଡାଯାଇଛି। ଜଳ ଅଭାବର ସମ୍ମୁଖୀନ ହେଉଥିବା ଅଞ୍ଚଳରେ ରେଳ କର୍ତ୍ତୃପକ୍ଷ, ମ୍ୟୁନିସିପାଲିଟି କର୍ପୋରେଶନ, ରାଜ୍ୟ ସରକାରଙ୍କ ସହଯୋଗରେ ବିକଳ୍ପ ଜଳ ଯୋଗାଣ ବ୍ୟବସ୍ଥା କରାଯାଉଛି। ନିରବଚ୍ଛିନ୍ନ ଜଳ ଯୋଗାଣ ଏବଂ କୌଣସି ଜରୁରୀ ସ୍ଥିତି ପାଇଁ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ କରିବାକୁ ରେଳ କର୍ମଚାରୀଙ୍କ ଦ୍ୱାରା ନିୟମିତ ମନିଟରିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି।





Sonet
The Wild. Reborn.

We are breaking the ceiling. The Kia Sonet 2024, now comes with sunroof at an attractive price. Add that to the robust 15 safety pack as standard, we are sure you have never had a wilder ride. Walk into the nearest showroom to find out more.




Robust 15 Standard Safety Pack

Front Dual Airbags | Front Seat Side Airbags | Side Curtain Airbags | ABS (Anti-lock Brake System) with EBD | BAS (Brake Force Assist System) | ESC (Electronic Stability Control) | VSM (Vehicle Stability Management) | HAC (Hill-start Assist Control) | Rear Parking Sensor | ESS (Emergency Stop Signal) | Highline Tyre Pressure Monitor | Speed Sensing Auto Door Lock | Impact Sensing Auto Door Unlock | Seatbelt Reminder - Front & Rear All Seat | Seat 3-Point Seat Belts

For more information contact: 1800 108 5000 | Visit www.kia.com/in | Book Sonet | 093195 91407 | Look for "Kia India" @

T&C Apply. The car image shown is of HTE (O) model. Actual features, colors and specifications may not be part of standard fitment and may vary. ^Electric Sunroof available in HTE (O) G1.2 5MT and D1.5 6MT. *Ex-showroom price all India of HTE (O) G1.2 5MT variant. ~Front Dual Airbags, Front Seat Side Airbags, Side Curtain Airbags. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/discontinue any offer/scheme/service without prior notice. For more details, visit your nearest Kia dealership. Kia urges you to follow traffic rules. These are meant to keep you safe on roads.

Trupti Kia
Patrapada, Bhubaneswar
Tel: 7064414001, 7064414004, 7064414005

Central Kia
Pahal, Bhubaneswar
Tel: 7440002919




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୩ ମାଓବାଦୀ ଗିରଫ

**ମାଲକାନଗିରି, ୧୩।୪(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ଚାଲିଥିବା ମାଓବାଦୀ ବିରୋଧୀ ଅଭିଯାନ ଆଧାରରେ ଉସୁର ପୋଲିସ ଷ୍ଟେଶନ ଏବଂ କେରିପୁ ୧୯୬ର ମିଳିତ ବାହିନୀ ସର୍ଚ୍ଚ ଅପରେଶନରେ ପରମାପଲ୍ଲୀ ଅଭିମୁଖେ ଯାଇଥିଲେ। ପରମାପଲ୍ଲୀରୁ ଉସୁର ଫେରୁଥିବା ବେଳେ ଦୁଇଟି ବାଇକ୍‌ରେ ଜଙ୍ଗଲ ରାସ୍ତା ଦେଇ ସୁରେଶ କାକା, ନାଗେଶ କାଟମ ଓ ଡୁଲା କାକା ଦ୍ରୁତଗତିରେ ଯାଉଥିବା ଦେଖି ସେମାନଙ୍କୁ ଯବାନମାନେ ସନ୍ଦେହରେ ଅଟକାଇଥିଲେ। ପଚରା ଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ଜଣାପଡିବାରୁ ତାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ କେତେକ ବିସ୍ଫୋରକ ସାମଗ୍ରୀ ମଧ୍ୟ ଯବାନମାନେ ଜବତ କରିଥିଲେ। ପଚରା ଉଚରା ବେଳେ କହିଥିଲେ, ସେମାନେ ମାଓବାଦୀ ସଙ୍ଗଠନକୁ ବିସ୍ଫୋରକ ସାମଗ୍ରୀ ଦେବାପାଇଁ ନେଇ ଯାଉଥିଲେ। ଏହାସହ ଅନେକ ସମୟରେ ସେମାନେ ଏହିପରି କାର୍ଯ୍ୟ କରୁଥିବା ମଧ୍ୟ ସ୍ୱୀକାର କରିଥିଲେ। ତେବେ ୩ ଗିରଫଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

# ୨ବର୍ଷ ହେଲା ଅଲିଭ୍ ରିଡ୍‌ଲେଙ୍କ ସଂଖ୍ୟା କମୁଛି

**କେନ୍ଦ୍ରାପଡ଼ା, ୧୩।୪(ଜଗନ୍ନାଥ ଧଳ)**



- ଚଳିତ ବର୍ଷ ମାତ୍ର ୩ ଲକ୍ଷ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ
- ୨୦୨୨ରେ ଆସିଥିଲେ ୫.୧ଲକ୍ଷ, ୨୦୨୩ରେ ୫ ଲକ୍ଷ
- ଚିନ୍ତା ପ୍ରକଟ କଲେ ପରିବେଶବିତ୍

୨୦୨୩ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଭିତରକନିକା ଜାତୀୟ ଉଦ୍ୟାନସ୍ଥିତ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରିଥିଲେ। ସେହିପରି ୨୦୨୨ରେ ଏମାନଙ୍କ ସଂଖ୍ୟା ୫.୧ ଲକ୍ଷରୁ ଉର୍ଦ୍ଧ୍ୱ ଥିଲା। ମାତ୍ର ଚଳିତ ବର୍ଷ ଏମାନଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ମାତ୍ର ୩ ଲକ୍ଷରୁ ଉର୍ଦ୍ଧ୍ୱ କଇଁଛ ଅଣ୍ଡାଦାନ କରିଥିବାରୁପରିବେଶବିତ୍‌ମାନେଚିନ୍ତାପ୍ରକଟକରିଛନ୍ତି।

ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ କଇଁଛ ଓ ହେନ୍ତାଳ ସୁରକ୍ଷା ସମିତି ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ପରିବେଶବିତ୍ ଶ୍ରୀକାନ୍ତ ନାୟକ ପ୍ରମୁଖ କହିଛନ୍ତି, ଅଣ୍ଡାଦାନ ପାଇଁ ଆସୁଥିବା ଅଲିଭ୍ ରିଡ୍‌ଲେଙ୍କ ସଂଖ୍ୟା ହ୍ରାସ ହେବା ତଟାଞ୍ଚଳର ବିଭିନ୍ନ କାରଣ ଏଥିପାଇଁ ଦାୟୀ। ଏହି ସାମୁଦ୍ରିକ ଅଞ୍ଚଳ ଏବେ ତଟକ୍ଷୟ ପରି ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛି। ହେନ୍ତାଳ ବଣ ଏହି ସମସ୍ୟାର ସମାଧାନ ମାଧ୍ୟମ ହୋଇଥିଲେ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ସଚେତନତା ଓ କାର୍ଯ୍ୟକ୍ରମ ଜାରି ରହୁନି। ଇତିମଧ୍ୟରେ ସାମୁଦ୍ରିକ ଅଞ୍ଚଳର ଅନେକ ଚଟକାକୁ ସାମୁଦ୍ରିକ ଜୁଆର ନିଶ୍ଚିହ୍ନ କରିଛି। ସେହିପରି ଚିଙ୍ଗୁଡ଼ି ଘେରି ବୃଦ୍ଧି ତଟାଞ୍ଚଳକୁ ନଷ୍ଟ କରୁଛି। ଏଠାରୁ ନିର୍ଗତ ରାସାୟନିକ ଦ୍ରବ୍ୟ ତଟାଞ୍ଚଳର ହେନ୍ତାଳ ବଣ ସହିତ ସାମୁଦ୍ରିକ ଜୀବ ପାଇଁ ଘାତକ ହୋଇଛି। ଏନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନି। ବେଆଇନ ଚିଙ୍ଗୁଡ଼ି ଘେରି ବୃଦ୍ଧିକୁ ରୋକାଯାଇ ପାରୁନାହିଁ। ଏହାବ୍ୟତୀତ ଚଳିତ ବର୍ଷ ସାମୂହିକ ଅଣ୍ଡାଦାନରେ ସଂଖ୍ୟା ହ୍ରାସ ପାଇଁ ପାଣିପାଗ ପରିବର୍ତ୍ତନ ଅନ୍ୟ ଏକ କାରଣ ସାବ୍ୟସ୍ତ ହୋଇଛି। ପୂର୍ବରୁ ମାର୍ଚ୍ଚ ମାସ ମଧ୍ୟରେ ଅଣ୍ଡାଦାନ ହେଉଥିବା ବେଳେ ଚଳିତ ବର୍ଷ ଏପ୍ରିଲ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଛି। ସେହିପରି ଗହୀରମଥା ସାମୁଦ୍ରିକ ଅଞ୍ଚଳର କଟକଣାକୁ ନ ମାନି ମସ୍ୟଜୀବୀ ଅନବରତ ପଶି ଆସିବା, ଗିଲ୍ ନେଟ୍‌ରେ କଇଁଛଙ୍କ ମୃତ୍ୟୁ ହେବା ଆଦି କାରଣ ରହିଛି। ପ୍ରାକୃତିକ ପରିବେଶକୁ ନ ସଜାଡିଲେ ହରଚଣ୍ଡୀ ତଟାଞ୍ଚଳ ପରି ଆଗାମୀ ଦିନରେ ଗହୀରମଥାରେ ଅଲିଭ୍ ରିଡ୍‌ଲେଙ୍କୁ ଦେଖିବାକୁ ମିଳିବ ନାହିଁ ବୋଲି ପରିବେଶବିତ୍‌ମାନେ ସତର୍କ କରାଇଛନ୍ତି।

ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ପ୍ରଦୋଷ ମହାରଣା କହିଛନ୍ତି, କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି। ତଟକ୍ଷୟରୁ ମୁକ୍ତ ପାଇଁ ହେନ୍ତାଳ ବଣ ସୃଷ୍ଟି କରିବା, ସାମୁଦ୍ରିକ ଅଞ୍ଚଳକୁ କଡା ନଜରରେ ରଖିବା, ବେଆଇନ ଭାବେ ଅନୁପ୍ରବେଶ କରୁଥିବା ମସ୍ୟଜୀବୀଙ୍କୁ ଗିରଫ କରିବା ପରି କାର୍ଯ୍ୟକ୍ରମ ଜାରି ରଖିଛି। ଅଣ୍ଡାଦାନ ସଂଖ୍ୟା କମିବା କାରଣ ସମ୍ପର୍କରେ ବନ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଉଥିବା ରେଞ୍ଜ ଅଧିକାରୀ ମହାରଣା ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ନାହିଁ ବାଳକାଳେ**
**ତାହା ନାହିଁ କାଳେ କାଳେ।**

ପିଲାଦିନୁ ଯେଉଁ କଥା ଅଭ୍ୟାସ କରାଯାଇ ନ ଥାଏ, ବୃଦ୍ଧ ବେଳକୁ ସେକଥା କରିବାକୁ ଚାହିଁଲେ ସହଜରେ ହୋଇପାରି ନ ଥାଏ। ପିଲାଦିନର ଅଭ୍ୟାସ ସହଜରେ ବଦଳି ନ ଥାଏ। ଆଦ୍ୟରୁ ଯାହା ନାହିଁ ଉତ୍ତର କାଳରେ ତାହା ହେବା ଆଦୌ ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେତେ କହିଲେ ଭାଗବତ**
**ତୋଷ ନୁହଁଇ ମୋର ଚିତ୍ତ।**

ଅବୁଝା ଲୋକଙ୍କୁ ବୁଝାଇବା ଅତ୍ୟନ୍ତ କଷ୍ଟକର କାମ ହୋଇଥାଏ। ଏହି ଧରଣର ଲୋକେ କେବେ ବି କାହାର ପରାମର୍ଶ ବା ଉପଦେଶକୁ ଅତି ସହଜରେ ଗ୍ରହଣ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ପ୍ରଚାର ବେଳେ ଟେକାମାଡ଼ରେ ଜଗନ ଆହତ

**ହାଇଦ୍ରାବାଦ,୧୩।୪:** ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ବିଜୟୱାଡ଼ାରେ ନିର୍ବାଚନ ପ୍ରଚାର କରୁଥିବାବେଳେ ଅଜଣା ବ୍ୟକ୍ତିଙ୍କ ଟେକା ମାଡ଼ରେ ଆହତ ହୋଇଛନ୍ତି। ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଅଧକ୍ଷ ଜଗନ ଶନିବାର ଏକ ବସ୍‌ରେ ପ୍ରଚାର ଚଳାଇଥିଲାବେଳେ ଟେକା ଆସି ତାଙ୍କ ବାମ ଆଖିପତା ଉପରେ ବାଜିଥିଲା। ତାଙ୍କ ଆଖି ଅଳ୍ପକେ ରକ୍ଷା ପାଇଯାଇଥିବାବେଳେ ୨ଟି ଷ୍ଟିଚ୍ କରିବାକୁ ପଡ଼ିଛି। ବିରୋଧୀ ଟିଡିପି ମେଣ୍ଟ ପରାଜୟ ଭୟରେ ଏଭଳି ଷଡ଼ଯନ୍ତ୍ର କରୁଥିବା ୱାଇଏସ୍‌ଆର୍‌ସିପିର ଜଣେ ସଦସ୍ୟ ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭାଜପା: ୨୦୦ ...

ମୁଖ୍ୟମନ୍ତ୍ରୀ ମମତାଙ୍କୁ 'ଦିଦି ଓ ଦିଦି' କହି ତାଚ୍ଛଲ୍ୟ କରିଥିଲେ। ଏହାକୁ ନେଇ ସେତେବେଳେ ପଶ୍ଚିମବଙ୍ଗ ସମେତ ଦେଶର ବିଭିନ୍ନ ଭାଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରିଣାମସ୍ୱରୂପ ଭାଜପାକୁ ପଶ୍ଚିମବଙ୍ଗରେ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ମମତା ଶନିବାର ଜଲପାଇଗୁଡ଼ିରେ ଏକ ସଭାକୁ ସମ୍ବୋଧିତ କରି ମତଦାତାଙ୍କୁ କହିଛନ୍ତି, ଏଥର ଆପଣମାନେ ଦିଦିଙ୍କୁ ଚାହୁଁଛନ୍ତି ନା ମୋଦିଙ୍କୁ। ବାବାସାହେବ ଆମ୍ବେଡ଼କରଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନକୁ ଭାଜପା ଧ୍ୱଂସ କରୁଛି। ଏହି ଦଳ ଲୋକ ସଭା ନିର୍ବାଚନରେ ୨୦୦ ଆସନ ଜିତିପାରିବ ନାହିଁ। ସେମାନେ ପଶ୍ଚିମବଙ୍ଗ ପାଇଁ କ'ଣ କରିଛନ୍ତି। ମୋଦିଙ୍କ ମିଛ ଗ୍ୟାରେଣ୍ଟି ଶୁଣି ପ୍ରଲୋଭିତ ନ ହେବା ପାଇଁ ମମତା ଭୋଟରଙ୍କୁ ପରାମର୍ଶ ଦେଇଛନ୍ତି। ଗତବର୍ଷ ମେ'ରେ ଅନୁଷ୍ଠିତ କର୍ନାଟକ ବିଧାନସଭା ନିର୍ବାଚନରେ ଭାଜପା ହାତରୁ କ୍ଷମତା ଛଡ଼ାଇନେଇ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ସିଦ୍ଧାରାମାୟା ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ସାକ୍ଷାତ୍‌କାର ଦେଇଛନ୍ତି। ସିଦ୍ଧାରାମାୟା କହିଛନ୍ତି, ବିରୋଧୀଙ୍କ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ଚଳିତ ନିର୍ବାଚନରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରେ। ତେବେ ଶାସକ ଏନ୍‌ଡିଏ ମଧ୍ୟ କେନ୍ଦ୍ରରେ ସରକାର ଗଢ଼ିବା ଭଳି ପର୍ଯ୍ୟାପ୍ତ ଆସନ ଦଖଲ କରିପାରିବ ନାହିଁ। ଏଥର ଭାଜପାକୁ ବାଦ୍ ଦେଇ ସରକାର ଗଠନ ହେବାକୁ ଯାଉଛି। କାରଣ ଦେଶରେ ଗୈରିକ ଦଳ ବିରୋଧରେ ଭିତିରି ହାୱା ବହୁଛି। ନୀରବ ଭୋଟର କେଉଁ ଆଡ଼କୁ ଢଳିବେ ତାହା ଫଳ ଆସିଲେ ଆପଣମାନେ ଦେଖିବେ ବୋଲି ସେ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟା ଆହୁରି କହିଛନ୍ତି, ମୋଦି ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରଠୁ କୌଣସି ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ଦରଦାମ ବୃଦ୍ଧି, ବେରୋଜଗାରି ଆଜି ମଧ୍ୟ ଦେଶରେ ବଡ଼ ପ୍ରସଙ୍ଗ ହୋଇରହିଛି। ତେଣୁ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ମିଶି ମୋଟ ୨୦୦ ଆସନ ପାଇବେ ନାହିଁ। ଏଭଳି ସ୍ଥିତିରେ ବିଜୁ ଜନତା ଦଳ (ବିଜେଡି) ସୁପ୍ରିମୋ ନବୀନ ପଟ୍ଟନାୟକ, ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ସମେତ ଦକ୍ଷିଣ ଭାରତୀୟ ନେତାମାନେ ବିରୋଧୀ 'ଇଣ୍ଡିଆ' ବ୍ଲକ୍‌ରେ ସାମିଲ ହୋଇ ସରକାର ଗଠନ ଦିଗରେ ଅଗ୍ରସର ହେବେ ବୋଲି ସିଦ୍ଧାରାମାୟା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ପୁଣି ତାତି ...

ମାଲକାନଗିରି, କଳାହାଣ୍ଡି ଓ ନବରଙ୍ଗପୁର ଜିଲାର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଆସନ୍ତା ୧୫ରୁ ୧୭ତାରିଖ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ବୌଦ୍ଧ, କଟକ, କନ୍ଧମାଳ, କୋରାପୁଟ, ମାଲକାନଗିରି, ବାଲେଶ୍ୱର ଓ ଭଦ୍ରକ ଜିଲାକୁ ଅସହ୍ୟ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ କରାଯାଇଛି। ଅନ୍ୟପଟେ ଶନିବାର ରାୟଗଡ଼ାରେ ବର୍ଷା ହୋଇଥିବା ଜଣାପଡ଼ିଛି।

### କଂଗ୍ରେସର ଆଉ ୯ ...

ଲେଖାଶ୍ରୀ ସାମନ୍ତସିଂହାରଙ୍କ ସହିତ ହେବ । ୨୦୧୯ରେ କଂଗ୍ରେସ ଏହି ଆସନରୁ ଦଳର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା। ୧୯୯୬ରେ ଶ୍ରୀକାନ୍ତ ଜେନା କେନ୍ଦ୍ରାପଡ଼ା ଆସନରୁ ଜନତା ପାର୍ଟି ଟିକେଟରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ସେ ବାଲେଶ୍ୱର ଲୋକ ସଭା ଆସନରୁ ବିଜୟୀ ହୋଇ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ୨୦୧୪ରେ ସେ କଂଗ୍ରେସ ଟିକେଟରେ ଏଠାରୁ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ସେହିପରି ଭୁବନେଶ୍ୱର ଲୋକ ସଭା ଆସନରେ ଭାଜପାର ଅପରାଜିତା ଷଡ଼ଙ୍ଗୀ ଓ ବିଜେଡିର ମନ୍ମଥ ରାଉତରାୟଙ୍କ ସହିତ କଂଗ୍ରେସ ପ୍ରାର୍ଥୀ ୟାସିର ନୱାଜଙ୍କର ମୁକାବିଲା ହେବ। ଏହା ପୂର୍ବରୁ ଗତ ୨ତାରିଖରେ ଦଳ ପ୍ରଥମ ପର୍ଯ୍ୟାୟରେ ୮ଟି ଲୋକ ସଭା ଏବଂ ୪୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ବରଗଡ଼ରୁ ସଞ୍ଜୟ ଭୋଇଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ସୁନ୍ଦରଗଡ଼ରୁ ଜନାର୍ଦ୍ଦନ ଦେହୁରୀ, ବଲାଙ୍ଗୀରରୁ ମନୋଜ ମିଶ୍ର, କଳାହାଣ୍ଡିରୁ ଦ୍ରୌପଦୀ ମାଝି, ନବରଙ୍ଗପୁରରୁ ଭୁଜବଳ ମାଝି, କନ୍ଧମାଳରୁ ଅମିର ଚାନ୍ଦ ନାୟକ, ବ୍ରହ୍ମପୁରରୁ ରଶ୍ମିରଞ୍ଜନ ପଟ୍ଟନାୟକ ଓ କୋରାପୁଟରୁ ସପ୍ତଗିରି ଉଲାକାଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଇତିମଧ୍ୟରେ ଉଭୟ ଭାଜପା ଏବଂ ବିଜେଡି ସମସ୍ତ ୨୧ ଲୋକ ସଭା ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। କଂଗ୍ରେସ ଆହୁରି ୪ ଆସନ ଆସିକା, ସମ୍ବଲପୁର, କଟକ ଏବଂ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା ବାକି ରଖିଛି। ସେଥିମଧ୍ୟରୁ ମୟୂରଭଞ୍ଜ ପାଇଁ କଂଗ୍ରେସର ମେଣ୍ଟ ସହଯୋଗୀ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ଶିବୁ ସୋରେନଙ୍କ ଝିଅ ଅଞ୍ଜନୀ ସୋରେନଙ୍କୁ ପ୍ରାର୍ଥୀ କରିଛି। ଏହି ଆସନକୁ କଂଗ୍ରେସ ଜେଏମ୍‌ଏମ୍‌କୁ ଛାଡ଼ିଦେବା ସମ୍ପର୍କରେ ୨ ଦିନ ମଧ୍ୟରେ ନିଷ୍ପତ୍ତି ନିଆଯିବ ବୋଲି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି।

### ସ୍ୱାସ୍ଥ୍ୟକର ପାନୀୟ ...

କରିବା ପରେ ବର୍ନଭିଟାରେ ସ୍ୱାସ୍ଥ୍ୟପ୍ରଦ ପାନୀୟର କୌଣସି ଲକ୍ଷଣ ନ ଥିବା ଜଣାପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ଉକ୍ତ ପାନୀୟକୁ ସମସ୍ତ ଇକମର୍ସ କମ୍ପାନୀ ତଥା ପୋର୍ଟାଲ ସେମାନଙ୍କ ପ୍ଲାଟ୍‌ଫର୍ମର ହେଲ୍‌ଥ ଡ୍ରିଙ୍କ୍ ବର୍ଗରୁ ବାଦ୍ ଦେବାକୁ ପରାମର୍ଶ ଦିଆଯାଇଛି। ଗତ ମାସରେ ଏନ୍‌ସିପିସିଆର୍ ମୁଖ୍ୟ ପ୍ରିୟଙ୍କା କାନୁନ୍‌ଗୋ ଏହି ପ୍ରସଙ୍ଗରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟକୁ ପତ୍ର ଲେଖି ବର୍ନଭିଟା ଓ ଅନୁରୂପ ପାନୀୟକୁ ସ୍ୱାସ୍ଥ୍ୟକର ପାନୀୟ ବର୍ଗରୁ ହଟାଇବା ପାଇଁ ନିର୍ଦ୍ଦେଶ ଦେବାକୁ ସୁପାରିସ କରିଥିଲେ।



“ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ- ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। —ଶ୍ରୀଅରବିନ୍ଦ

-ମହାବିଷୁବ (ପଣା) ସଂକ୍ରାନ୍ତି, ରାଧାରମଣ ଦେବ ଓ ହନୁମାନ ଦେବଙ୍କ ଜୟନ୍ତୀ



# ଏପ୍ରିଲର ଇତିହାସ



## ଆକାର ପଟେଲ

୩ ବର୍ଷ ପୂର୍ବେ, ୧୫ ଏପ୍ରିଲ ୨୦୨୧ରେ କୋଭିଡ୍ ଉପରେ ୩ ମାସ ମଧ୍ୟରେ ନ୍ୟାଶନାଲ ଟାସ୍କଫୋର୍ସର ପ୍ରଥମ ବୈଠକ ହୋଇଥିଲା (ଶେଷ ବୈଠକ ୧୧ ଜାନୁଆରୀ)। ସେହି ସମୟରେ ଦୈନିକ ସଂକ୍ରମଣ ୨,୧୬,୦୦୦ରେ ଥିଲାବେଳେ ୧୧୦୦ରୁ ଅଧିକ ମୃତ୍ୟୁ ଘଟୁଥିଲା। ଏହାର ୨ ଦିନ ପରେ, ୧୭ ଏପ୍ରିଲରେ ନରେନ୍ଦ୍ର ମୋଦିଙ୍କ ଆସାନସୋଲ ସମାବେଶରେ ଅନେକ ଲକ୍ଷ ଲୋକ ଉପସ୍ଥିତ ଥିଲେ। ସେହିଦିନ ୨,୬୦,୦୦୦ ସଂକ୍ରମିତ ହେବା ସହ ମୃତ୍ୟୁ ସଂଖ୍ୟା ଥିଲା ୧୫୦୦। ଏହି ସମୟ ପର୍ଯ୍ୟନ୍ତ ମୋଦି ଦ୍ରୁତ ସଂକ୍ରମଣ ବୃଦ୍ଧି ପ୍ରତି ଅଧିକ ଗୁରୁତ୍ୱ ଦେଇ ନ ଥିବା ଦେଖାଯାଇଥିଲା, ଯଦିଓ ସରକାରଙ୍କୁ ଆଗାମୀ ଦ୍ୱିତୀୟ ତରଙ୍ଗ ବିଷୟରେ ବାରମ୍ବାର ଚେତାବନୀ ଦିଆଯାଇଥିଲା। ୧୭ ଏପ୍ରିଲ ସନ୍ଧ୍ୟାରେ ମୋଦି ପଶ୍ଚିମବଙ୍ଗରୁ ଫେରି ବୋଧହୁଏ ଦିଲ୍ଲୀର ଡାକ୍ତରଖାନାଗୁଡ଼ିକରେ ଘଟିଥିବା ବିପର୍ଯ୍ୟୟ ସମ୍ପର୍କରେ ଜାଣିବା ପରେ ସ୍ଥିତିର ଗମ୍ଭୀରତା ହୃଦୟଙ୍ଗମ କରି କାର୍ଯ୍ୟ କରିଥିଲେ। ପରଦିନ ୧୮ ଏପ୍ରିଲରେ ମୋଦି କୁମ୍ଭ କାର୍ଯ୍ୟକ୍ରମ ବାତିଲ କରିଥିଲେ। ସେତେବେଳେ ଦୈନିକ ସଂକ୍ରମଣ ୨,୭୫,୦୦୦ ଥିଲା। ତଥାପି ମାଲଦା, ମୁର୍ଶିଦାବାଦ, ବୀରଭୂମ ଏବଂ କୋଲକାତା ରାଲି ବାତିଲ କରିବାକୁ ମୋଦିଙ୍କୁ ଆଉ ୪ ଦିନ ସମୟ ଲାଗିଯାଇଥିଲା। ସେତେବେଳକୁ ଦୈନିକ ସଂକ୍ରମଣ ୩,୩୨,୦୦୦ ଥିଲାବେଳେ ୨୨୦୦ ମୃତ୍ୟୁ ଘଟୁଥିଲା। ସେହିଦିନ ନିର୍ବାଚନ ଆୟୋଗ ସମସ୍ତ ଦଳ ପାଇଁ ରାଲି ଉପରେ ବାଧ୍ୟତାମୂଳକ ପ୍ରତିବନ୍ଧକ ଲଗାଇବାରୁ ମୋଦି ତାଙ୍କର ସବୁ ରାଲି ବାତିଲ କରିଥିଲେ।

ଏହି ଦ୍ୱିତୀୟ ଲହରରେ କୋଭିଡ୍ ରଣନୀତି ଚଳାଇବା ବ୍ୟତୀତ ମୋଦିଙ୍କ କାର୍ଯ୍ୟାଳୟର ଅନ୍ୟ କୌଣସି ଗଠନମୂଳକ କାର୍ଯ୍ୟ ନ ଥିଲା। ମାର୍ଚ୍ଚ ଏବଂ ଏପ୍ରିଲ ୨୦୨୧ ପର୍ଯ୍ୟନ୍ତ ଦ୍ୱିତୀୟ ଲହର ବଢୁଥିଲାବେଳେ ମହାମାରୀ ସମ୍ବନ୍ଧୀୟ କୌଣସି ପ୍ରସଙ୍ଗରେ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଇ ନାହିଁ କିମ୍ବା ଆଲୋଚନା କରିନାହିଁ। କିନ୍ତୁ ୫ଥର କ୍ୟାବିନେଟ୍ ବୈଠକ ବସିଥିଲା। କେବଳ ବେଙ୍ଗାଲୁରୁର ମେଟ୍ରୋ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଏବଂ କିଛି ବୈଦେଶିକ ବୁଝାମଣା ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ଏପରିକି ମେ ୧୧ ରେ କେବଳ ଉତ୍ତରାଖଣ୍ଡରେ ଏକ ରୋପୱେ ପ୍ରକଳ୍ପକୁ ଅନୁମୋଦନ କରିବା ପାଇଁ କ୍ୟାବିନେଟ ବସିଥିଲା। ମୋଦିଙ୍କ ଟିକାକରଣ ରଣନୀତି କିମ୍ବା ତାଙ୍କର କିଛି ଯୋଜନା ସମ୍ପର୍କରେ ମନ୍ତ୍ରୀମାନେ ଜାଣିବାକୁ ଚାହିଁ ନ ଥିଲେ। ମେ ୧୮ରେ ନୀତିନ ଗଡକରୀ ଟିକା ତିଆରି କରିବା ପାଇଁ ଅଧିକ ସଂସ୍ଥାକୁ ଲାଇସେନ୍ସ ପ୍ରଦାନ କରିବାକୁ କହିଥିଲେ। ହେଲେ ବୈଠକର ପରଦିନ ଏହି ରିପୋର୍ଟ ପ୍ରକାଶ କରାଯାଇଥିଲା। ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମୋଦି ସ୍ଥାଣୁ ପାଲଟିଯାଇଥିଲେ। ମାର୍ଚ୍ଚରୁ ସେପ୍ଟେମ୍ବର ୨୦୨୦ ପର୍ଯ୍ୟନ୍ତ ୭ ମାସ ମଧ୍ୟରେ ମୋଦି ୮୨ଟି ଜନ ସମାବେଶରେ ସଶରୀରେ କିମ୍ବା ଭର୍ଚୁଆଲି ଉପସ୍ଥିତ ଥିଲେ। ପରବର୍ତ୍ତୀ ୪ମାସ ମଧ୍ୟରେ ସେ ଏହିପରି ୧୧୧ଥର ସର୍ବସମ୍ମୁଖରେ ପ୍ରକଟ ହୋଇଥିଲେ। ଫେବୃଆରୀରୁ ୨୫ ଏପ୍ରିଲ ୨୦୨୧ ପର୍ଯ୍ୟନ୍ତ ସେ ୯୨ଥର ସାଧାରଣଙ୍କ ସମ୍ମୁଖକୁ ଆସିଥିଲେ। ୨୫ ଏପ୍ରିଲରୁ ମୋଦି କୁମ୍ଭ ଏବଂ ବଙ୍ଗଳା ସମାବେଶ ବନ୍ଦ କରିବା ପରେ ଅଦୃଶ୍ୟ ହୋଇଗଲେ। ଏହାପରେ ୨୦ ଦିନ ପର୍ଯ୍ୟନ୍ତ ତାଙ୍କୁ କୌଣସିଠାରେ ଦେଖିବାକୁ ମିଳି ନ ଥିଲା। ଲୋକମାନଙ୍କ ପାଇଁ ସରକାର ଅଧିକ ଆବଶ୍ୟକ ଥିବାବେଳେ ଭାରତର ପ୍ରଧାନମନ୍ତ୍ରୀ ଅଦୃଶ୍ୟ ହୋଇଯାଇଥିଲେ। ୨୦୨୦ ଏପ୍ରିଲ ଏବଂ ନଭେମ୍ବରରେ ଦୁଇଥର ଅମ୍ଳଜାନ ଅଭାବ ଶୀଘ୍ର ଦେଖାଦେବ ବୋଲି ସରକାରଙ୍କୁ ସତର୍କ କରାଯାଇଥିଲା। ଏପ୍ରିଲ ପୂର୍ବରୁ ମୋଦି ମହାମାରୀକୁ ଗମ୍ଭୀରତାର ସହ ନେଇ ନ ଥିଲେ। ସେ ଏହାକୁ ବ୍ୟକ୍ତିଗତ ଭାବେ ପରିଚାଳନା କରିବାକୁ ଜିଦ ଧରିଥିଲେ। ମହାମାରୀ ମୁକାବିଲା ପାଇଁ ଯଦି କୌଣସି ରଣନୀତି ଥିଲା, ତେବେ ତାହା ସିଧାସଳଖ ମୋଦିଙ୍କ କାର୍ଯ୍ୟାଳୟରୁ ଆସିଥିଲା।

ଫେବୃଆରୀ ଶେଷରେ ଏକ ଲହର ଆରମ୍ଭ ହୋଇଥିଲେ ମଧ୍ୟ ଅଧିକ ସଂଖ୍ୟାରେ ସମାବେଶ ହୋଇଥିଲା। ମାର୍ଚ୍ଚର ୪ ସପ୍ତାହ ଏବଂ ଏପ୍ରିଲର ୩ ସପ୍ତାହ ମଧ୍ୟରେ ଭାରତରେ ଭାଜପା ଦ୍ୱାରା ଅନେକ ବୃହତ୍ ସମାବେଶ ଆୟୋଜିତ ହୋଇଥିଲା କିମ୍ବା ଦଳ ଏହାକୁ ଅନୁମୋଦନ ଏବଂ ଉତ୍ସାହିତ କରିଥିଲା। ଏହାର ପରିଣାମ ଦେଶର ସ୍ୱାସ୍ଥ୍ୟସେବାରେ ଅନୁଭୂତ ହୋଇଥିଲା। ମହାମାରୀ ମୁକାବିଲାର ଦ୍ୱିତୀୟ ଦିଗଟି ହେଉଛି, ହଠାତ୍ ଲହରର ପ୍ରଭାବକୁ ଆକଳନ କରିବା ଏବଂ ଚିକିତ୍ସା ଉପକରଣର ପ୍ରସ୍ତୁତି। କିନ୍ତୁ ଏଥିରେ ବିଫଳତା ଦେଖାଗଲା। ୧ ମାର୍ଚ୍ଚରୁ ୩୦ ଏପ୍ରିଲ ପର୍ଯ୍ୟନ୍ତ ୮ ସପ୍ତାହ ମଧ୍ୟରେ ଭାରତର ଦୈନନ୍ଦିନ ସଂକ୍ରମଣ ୪୦ଗୁଣ ବୃଦ୍ଧି ପାଇଲା ଓ ୧୧,୦୦୦ରୁ ବଢ଼ି ୪,୦୦,୦୦୦ରୁ ଅଧିକ ହୋଇଗଲା। ବିଶ୍ୱର କୌଣସି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏହି ପ୍ରକାର ସଂକ୍ରମଣ ବିସ୍ଫୋରଣକୁ ସମ୍ଭାଳି ପାରିବ ନାହିଁ। ଜନସଂଖ୍ୟାକୁ ସୁରକ୍ଷା ଦେବାର ଏକମାତ୍ର ଉପାୟ ହେଉଛି ଉପକରଣ ଯୋଗାଡ଼ କରିବା। ସଂକ୍ରମଣ ଶୀର୍ଷ ସ୍ତରକୁ ଆକଳନକରି ଉପକରଣ ଉତ୍ପାଦନ କରି ଓ କିଣି ପାଖରେ ରଖିବା ଦରକାର। ହେଲେ ଭାରତ ତାହା କରି ନ ଥିଲା। ଏପ୍ରିଲ ୨୦୨୦ରେ ସରକାର ନିଷ୍ପତ୍ତି ନେଇଥିଲେ ଯେ, ଏହା ୫୦,୦୦୦ 'ମେକ୍ ଇନ୍ ଇଣ୍ଡିଆ' ଭେଣ୍ଟିଲେଟର କ୍ରୟ କରିବେ, କିନ୍ତୁ ଶେଷରେ ମହାମାରୀ ଚାଲିଯାଉଥିବା ନିଶ୍ଚିତ ହେବା ପରେ କେବଳ ୩୫,୦୦୦ କ୍ରୟ କରିଥିଲା। ମାରୁତି ପରି କର୍ପୋରେଟ୍‌ଗୁଡ଼ିକ ଭେଣ୍ଟିଲେଟର ତିଆରି କରିଥିବା କହିଥିଲେ ମଧ୍ୟ ସରକାର ସେଗୁଡ଼ିକୁ କିଣିବାକୁ ଚାହିଁ ନ ଥିଲେ। କୋଭିଡ୍ ମହାମାରୀ ଦ୍ୱିତୀୟ ଲହରର ୨ ମାସ ପୂର୍ବରୁ ୨୧ ଫେବୃଆରୀ ୨୦୨୧ରେ ଭାଜପା ଏକ ପ୍ରସ୍ତାବ ପାସ୍ କରିଥିଲା। ଏଥିରେ କୁହାଯାଇଥିଲା, ''ଗର୍ବର ସହ କୁହାଯାଇପାରେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦକ୍ଷ, ସମ୍ବେଦନଶୀଳ ପ୍ରତିବଦ୍ଧତା ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତ କେବଳ କୋଭିଡ୍‌କୁ ପରାସ୍ତ କରି ନାହିଁ, ବରଂ ଏହାର ସମସ୍ତ ନାଗରିକଙ୍କ ମଧ୍ୟରେ ଏକ 'ଆତ୍ମନିର୍ଭର ଭାରତ' ନିର୍ମାଣ କରିବାର ବିଶ୍ୱାସ ଜନ୍ମାଇଛି। କୋଭିଡ୍ ବିରୋଧୀ ଲଢ଼େଇରେ ଭାରତକୁ ଏକ ଗର୍ବିତ ତଥା ବିଜୟୀ ରାଷ୍ଟ୍ର ଭାବରେ ପରିଚିତ କରାଇଥିବାରୁ ଦଳ ଏହାର ନେତୃତ୍ୱକୁ ଅତ୍ୟଧିକ ପ୍ରଶଂସା କରେ।'' ହେଲେ ଯେତେବେଳେ ଶ୍ମଶାନରେ ମୃତକଙ୍କ ପାଇଁ ଜାଗା ମିଳିଲା ନାହିଁ ସେତେବେଳେ ସରକାରଙ୍କ ପକ୍ଷରୁ କୌଣସି ମନ୍ତବ୍ୟ ସାମ୍ନାକୁ ଆସିଲା ନାହିଁ। ଏହି ଇତିହାସ ୩ ବର୍ଷ ପୂର୍ବେ ଆମ ସହିତ ଘଟିଥିଲା ଏବଂ ଏହାକୁ ଭୁଲିଯିବା ଉଚିତ ନୁହେଁ।

Email:aakar.patel@gmail.com

# ବିଷୁବ: ବିଶ୍ୱାସ ଓ ବିଜ୍ଞାନ



## ଡ. ପ୍ରଫୁଲ୍ଲ କୁମାର ସାହୁ

ପ୍ରକୃତି ଓ ପରିବେଶ ସହିତ ଜୀବଜଗତ ଓତପ୍ରୋତ ଭାବେ ଜଡ଼ିତ। କେବଳ ଅନୁକୂଳ ପରିବେଶ ଯୋଗୁ ପୃଥିବୀରେ ସମ୍ଭବ ହୋଇଛି ଜୀବଜଗତର ସୃଷ୍ଟି ଓ ବିକାଶ। ଏହି କଥାଟି ଆମ ଅପେକ୍ଷା ବେଶି ବୁଝିଥିଲେ ଆମ ପୂର୍ବଜମାନେ। ପ୍ରକୃତିର ଚାରୁ ସୁଷମା ତାଙ୍କ ମନରେ ଯେତିକି ଆନନ୍ଦ ଆଣି ଦେଇଥିଲା, ସେତିକି ଭୟ ସଞ୍ଚାର କରିଥିଲା ତା'ର ରୌଦ୍ର ରୂପ। ପ୍ରକୃତିର ବିଧ୍ୱସ୍ତକାରୀ ରୂପ ଦେଖି ସେମାନେ ଭୟ ପାଇ ଯାଇଥିଲେ ସତ, କିନ୍ତୁ ହାରିଯିବା ପରିବର୍ତ୍ତେ ଖୋଜିଥିଲେ ସେଥିରୁ ନିସ୍ତାର ପାଇବାର ଉପାୟ। ଦୀର୍ଘ ଅନୁଭୂତି ଓ ଗଭୀର ଅନୁଶୀଳନ ବଳରେ ଶିଖିଥିଲେ ପ୍ରକୃତିକୁ ଜୀବନ ଉପଯୋଗୀ କରିବାର କଳା। ଏହି କଳା ହିଁ ବିଜ୍ଞାନ। ଏହି ଦୃଷ୍ଟିରୁ ଆମ ପୂର୍ବଜମାନେ ଥିଲେ ପୋଖତ ବିଜ୍ଞାନୀ। ସେମାନେ ଜାଣିଥିଲେ ପ୍ରକୃତି ଓ ବିଜ୍ଞାନ ପରସ୍ପର ବିରୋଧୀ ନୁହନ୍ତି, ବରଂ ପରିପୂରକ। ପ୍ରକୃତି ବିନା ବିଜ୍ଞାନର କଳ୍ପନା ଅସମ୍ଭବ ଏବଂ ପ୍ରକୃତିର ସୁସ୍ଥତା ଓ ପରିପୁଷ୍ଟତା ଉପରେ ନିର୍ଭର କରେ ବିଜ୍ଞାନର ସଫଳତା। ତେଣୁ ବୈଜ୍ଞାନିକ ଆବିଷ୍କାରର ପ୍ରୟୋଗ ଯଦି ପ୍ରକୃତି ବିରୋଧରେ ଯାଏ, ତେବେ ତାହା ମଣିଷ ଜାତି ତଥା ସମଗ୍ର ଜୀବ ଜଗତ ପ୍ରତି ହାନିକାରକ। ଏହି ବିଚାରବୋଧ ନେଇ ସେମାନଙ୍କ ଭିତରେ ସ୍ୱତଃ ଜାଗ୍ରତ ହୋଇଥିଲା ପ୍ରକୃତିର ଅଲୌକିକ ଶକ୍ତି ପ୍ରତି ଶ୍ରଦ୍ଧା, ସମ୍ମାନ ଜଣେଇବାର ପ୍ରବଣତା। ବିମୁଗ୍ଧ କୃତଜ୍ଞତା ଭାବରୁ ଆସିଥିଲା ଭକ୍ତି ଓ ବିଶ୍ୱାସ।

ଆମ ପ୍ରାଚୀନ ବିଦ୍ୱାନ୍‌ମାନେ ଧର୍ମନିଷ୍ଠ ଓ ବିନମ୍ର ଆସ୍ତିକ ଥିଲେ ଏବଂ ସେମାନେ ଜାଣିଥିଲେ ବିଜ୍ଞାନ ଆମକୁ ଯେତିକି ସମୃଦ୍ଧ କରେ, ସେତିକି ଶୃଙ୍ଖଳିତ କରେ ବିଶ୍ୱାସ। ବିଜ୍ଞାନର ସଫଳ ପ୍ରୟୋଗ ନିମନ୍ତେ ବିଶ୍ୱାସର ଦୃଢ଼ତା ଆବଶ୍ୟକ, ଯା'ର ଆଧାର ଭୂମି ହେଉଛି ଧର୍ମାଚାର ଓ ଆଧ୍ୟାତ୍ମିକତା। ତେଣୁ ପୃଥିବୀର ପାରିବେଶିକ ସନ୍ତୁଳନ ନିମନ୍ତେ ସମସ୍ତ ପରିଯୋଜନା ଓ ପରିକଳ୍ପନାକୁ ସେମାନେ ପ୍ରୟୋଗ କରିଥିଲେ ଆଧ୍ୟାତ୍ମିକତାର ଗଣ୍ଡି ଭିତରେ। ପରିବେଶ ପ୍ରତି ପ୍ରତିବଦ୍ଧତା ବୃଦ୍ଧି କରିବାର ଦୂରଦୃଷ୍ଟି ନେଇ ବିଭିନ୍ନ ନୀତି ନିୟମର ଅବତାରଣା କରିଥିଲେ ଭିନ୍ନ ଭିନ୍ନ ପୁରାଣ ଓ ଧର୍ମ ଶାସ୍ତ୍ରରେ। ପରିବେଶ ଉପଯୋଗୀ ଲୋକାଚାରର ପରିକଳ୍ପନା ଓ ପ୍ରୟୋଗ କରିଥିଲେ ଉତ୍ସବ ଅନୁଷ୍ଠାନ ଜରିଆରେ, ଯା'ର ଏକ ଜାଜ୍ୱଲ୍ୟମାନ ଦୃଷ୍ଟାନ୍ତ ହେଉଛି ବିଷୁବ ସଂକ୍ରାନ୍ତି।

ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସକଳ ଶକ୍ତିର ଆଧାର ସୂର୍ଯ୍ୟ ହେଉଛନ୍ତି ନବଗ୍ରହଙ୍କ ସ୍ୱାମୀ। ତାଙ୍କର ନିୟମିତ ଗତି ମଧ୍ୟରେ ରାଶି ପରିବର୍ତ୍ତନ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ସଂକ୍ରମଣ ବା ସଞ୍ଚାର ତିଥିର ନାମ ସଂକ୍ରାନ୍ତି। ଏହି ସଞ୍ଚାର ଧାରାରେ ସୂର୍ଯ୍ୟଙ୍କର ମେଷ ରାଶିରେ ପ୍ରବେଶ ତିଥିକୁ କୁହାଯାଏ ମହାବିଷୁବ ସଂକ୍ରାନ୍ତି। ଓଡ଼ିଆ ପଞ୍ଜିକା ଅନୁଯାୟୀ ଏହି ପୁଣ୍ୟ ମୁହୂର୍ତ୍ତରୁ ସୂର୍ଯ୍ୟଙ୍କର ନୂତନ ସମ୍ବତ୍ସର ଯାତ୍ରା ଆରମ୍ଭ ହୁଏ ଏବଂ ଏହି ପବିତ୍ର ତିଥି ହିଁ ଓଡ଼ିଆ ଜନସମୁଦାୟ ପାଇଁ ନୂଆବର୍ଷ ଭାବରେ ପରିଚିତ। ବିଷୁବ ବୃତ୍ତର ପ୍ରଥମ ବିନ୍ଦୁରେ ମାର୍ତ୍ତଣ୍ଡଙ୍କ ସ୍ଥିତି ଯୋଗୁ ପ୍ରଚଣ୍ଡ ରୌଦ୍ର ତାପ ସାଙ୍ଗକୁ ପ୍ରଖର ହୁଏ ଉଷ୍ଣ ବାୟୁ ପ୍ରବାହ। ଏଥିରୁ ନିସ୍ତାର ପାଇବାର ଉପାୟ ହେଉଛି ପରିବେଶ ସୁରକ୍ଷା।

ପରିବେଶ ସୁରକ୍ଷା କଥା କହିଲେ ଆଗେ ଆଖି ଆଗକୁ ଆସେ ବୃକ୍ଷ। ପ୍ରାଣ ସଞ୍ଚାର ପାଇଁ ପ୍ରଶ୍ୱାସରେ ବାୟୁଠାରୁ ଆରମ୍ଭକରି ଖାଦ୍ୟ, ବସ୍ତ୍ର, ବାସ ଓ ଔଷଧ ଆଦି ପ୍ରତ୍ୟେକ କ୍ଷେତ୍ରରେ ବୃକ୍ଷର ଅବଦାନ ଅବର୍ଣ୍ଣନୀୟ। ମାଟିରୁ ବାହାରି ଜଳ ଓ ତାପ ପାଇଁ ଆକାଶ ଆଡକୁ ବିସ୍ତାରିତ ବୃକ୍ଷ ନିଜ ମଥାରେ ପ୍ରଚଣ୍ଡ ରୌଦ୍ର ତାପ ସହି ଆଶ୍ରିତ ପଥିକକୁ ପ୍ରଦାନ କରେ ଶୀତଳ ଛାୟା। ନିଜ ପର ବିଚାର ନ କରି ସେ ଦେଇଚାଲେ ଫଳ, ପୁଷ୍ପ ଓ ପତ୍ର ଇତ୍ୟାଦି। ଏପରିକି ବୃକ୍ଷର ମୂଳ କର୍ତ୍ତନ କରୁଥିବା କାଠୁରିଆକୁ ବି ଛାୟା ପ୍ରଦାନ କରିବାରେ ତା'ର ନ ଥାଏ ସାମାନ୍ୟତମ କାର୍ପଣ୍ୟ। ଅର୍ଥାତ ବୃକ୍ଷ ହେଉଛି ଯୋଗ ଓ ସହିଷ୍ଣୁତାର ପ୍ରତୀକ। ଅନେକ ଉପକାରର ବଳିଷ୍ଠ ଉତ୍ସ। ତା'ର ମହନୀୟ ଗୁଣ ଭିତରୁ ବିଶ୍ୱ ପ୍ରକୃତିର ମୌଳିକ ପ୍ରତ୍ୟୟକୁ ଉପଲବ୍ଧି କରିଥିଲେ ପ୍ରାଚୀନ ଭାରତର ମୁନିଋଷିମାନେ। ବୃକ୍ଷ ଦେବତାଙ୍କ ପ୍ରତି ପୂଜା ଅର୍ଘ୍ୟ ଢାଳିବାର ପ୍ରବଣତା ସେମାନଙ୍କ ଭିତରେ ଜାଗି ଉଠିଥିଲା। ସେମାନଙ୍କ ଆଧ୍ୟାତ୍ମିକ ଅନୁଭବ ଓ ସୈଦ୍ଧାନ୍ତିକ ବିଚାର ଜନ ସମୁଦାୟକୁ ଏଭଳି ପ୍ରଭାବିତ କରିଥିଲା ଯେ ଭାରତୀୟ ସଂସ୍କୃତି ଓ ପରମ୍ପରା ସହିତ ଯୋଡ଼ି ହୋଇଯାଇଥିଲା ବର, ଅଶ୍ୱତ୍ଥ, ଅଶୋକ, ଲିମ୍ବ, ବେଲ ଓ ତୁଳସୀ ଆଦି ଅନେକ ପ୍ରକାର ବୃକ୍ଷଲତା। ବେଦରେ ଅଶ୍ୱତ୍ଥ ଗଛକୁ କୁହାଯାଇଛି ସର୍ବଦେବଙ୍କ ନିବାସସ୍ଥଳ ବା ଦେବସଦନ। ଶ୍ରୀମଦ୍ ଭାଗବତ ପୁରାଣ ଅନୁସାରେ ଆଦିମୂଳ ପରମାତ୍ମା ହେଉଛନ୍ତି ଆଦିବୃକ୍ଷ। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି- ବୃକ୍ଷ ରୂପରେ ମୁଁ ଅଶ୍ୱତ୍ଥ ଅଟେ। ଭଗବାନ ବୁଦ୍ଧ ଅଶ୍ୱତ୍ଥ ଗଛ ମୂଳେ ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିବାରୁ ଏହା ବୋଧିବୃକ୍ଷ ଭାବରେ ପରିଚିତ। ଶାସ୍ତ୍ର ଅନୁସାରେ ବଟବୃକ୍ଷ ହିଁ ସାକ୍ଷାତ ଶିବଙ୍କ ସ୍ୱରୂପ। ପଞ୍ଚସଖା ଯୁଗର ସାଧକ ଅଚ୍ୟୁତାନନ୍ଦ ଦାସଙ୍କ ମତରେ ବଟବୃକ୍ଷ ମୂଳେ



ବସି ରାମନାମ ଜପ କଲେ ଦୁଃଖ ଲାଘବ ପାଇଁ ପ୍ରକଟ ହୁଅନ୍ତି ସ୍ୱୟଂ ପ୍ରଭୁ ଶ୍ରୀରାମ। ସନ୍ଥ ତୁଳସୀ ଦାସ ଭଗବାନ ଶ୍ରୀରାମଙ୍କୁ ସଂସାର ବୃକ୍ଷ ବୋଲି ସମ୍ବୋଧନ କରି ଲେଖିଛନ୍ତି- 'ସଂସାର ବୃକ୍ଷଂ ନମାମହେ।' ଶ୍ରୀଚୈତନ୍ୟ ବୃକ୍ଷର ସହିଷ୍ଣୁତା ଗୁଣରେ ଅଭିଭୂତ ହୋଇ ବୈଷ୍ଣବମାନଙ୍କୁ ବୃକ୍ଷ ପରି ସହିଷ୍ଣୁ ହେବା ପାଇଁ ଆହ୍ୱାନ ଦେଇ କହିଛନ୍ତି-'ତରୋରିବ ସହିଷ୍ଣୁନା'। ବୃକ୍ଷ ରୋପଣ ହିଁ ଧର୍ମ ଅର୍ଜନର ଏକ ଉତ୍ତମ ମାର୍ଗ।

ମତ୍ସ୍ୟ ପୁରାଣରେ କୁହାଯାଇଛି ଗୋଟିଏ ପୁଷ୍କରିଣୀ ଖନନ ଦଶଟି କୂପ ଖନନର ପୁଣ୍ୟ ସହିତ ସମାନ। ଗୋଟିଏ ଜଳଭଣ୍ଡାର ଦଶଟି ପୁଷ୍କରିଣୀ ସହିତ ସମତୁଲ। ଗୋଟିଏ ପୁତ୍ର ଦଶଟି ଜଳଭଣ୍ଡାର ଓ ଗୋଟିଏ ଗଛ ଦଶଟି ପୁତ୍ର ସହ ସମାନ। ତେଣୁ ଧର୍ମ ଅର୍ଜନ ପାଇଁ ଲୋକେ ଆଗ୍ରହରେ ବୃକ୍ଷ ରୋପଣ କରୁଥିଲେ ଏବଂ ବୃକ୍ଷ ଛେଦନ କଥା ଭାବିଲେ ମନରେ ଜାଗିଉଠୁଥିଲା ଏକ ଜୀବନ୍ତ ସତ୍ତାକୁ ହତ୍ୟା କରିବାର ଅପରାଧବୋଧ। ରାଜା ଓ ଜମିଦାରମାନେ ବୃକ୍ଷ ରୋପଣକୁ ଜନମଙ୍ଗଳ କାର୍ଯ୍ୟ ଭାବି ପର୍ଯ୍ୟାପ୍ତ ପରିମାଣର ବୃକ୍ଷ ରୋପଣ କରୁଥିଲେ ରାସ୍ତାକଡ଼ ଓ ଖୋଲା ପଡ଼ିଆରେ। ଲୋକେ ଗାଁ ମୁଣ୍ଡରେ ବର ଓସ୍ତ ଗଛ ଲଗାଇ ପୂଜା କରୁଥିଲେ ଏବଂ ରୌଦ୍ରଦଗ୍ଧ ବୈଶାଖରେ ତା' ମୂଳରେ ପାଣି ଠାଳୁଥିଲେ, ଯା'ର ସଙ୍କେତ ବହନ କରେ ବିଷୁବ ସଂକ୍ରାନ୍ତି। ବୃକ୍ଷ ପ୍ରତି ଲୋକଙ୍କର ଏହି ଆତ୍ମୀୟତା ଯୋଗୁ ଏକଦା ସବୁଜିମାରେ ପୂରି ଉଠିଥିଲା ପରିବେଶ।

ଆୟୁର୍ବେଦକୁ କୁହାଯାଏ ନୀରୋଗର ମନ୍ତ୍ର। ତୁଳସୀ ପତ୍ର ସେହି ଆୟୁର୍ବେଦ ଔଷଧର ଏକ ମୁଖ୍ୟ ଉପାଦାନ। ତୁଳସୀ ଏକ ସର୍ବରୋଗ ବିନାଶକାରୀ ଗୁଳ୍ମ ଏବଂ ତା'ର ଉପକାର ବହୁବିଧ। ତେବେ ତା'ର ଧାର୍ମିକ ଓ ଆଧାତ୍ମିକ ମହତ୍ତ୍ୱଠାରୁ ଔଷଧୀୟ ପ୍ରୟୋଗ ବେଶି। ଏହା ବୈଶାଖର ପ୍ରଚଣ୍ଡ ରୌଦ୍ରତାପରେ ଶୀଘ୍ରଶୀଘ୍ର ଶୁଖିଯାଏ ଏବଂ ସୁରକ୍ଷା ପାଇଁ ଆବଶ୍ୟକ ନିୟମିତ ଜଳ ସିଞ୍ଚନ। ଏହା ହିଁ ଥିଲା ଆମ ପୂର୍ବଜଙ୍କ ପାଇଁ ଚିନ୍ତାର ବିଷୟ। କାରଣ ଜଳ ସଂରକ୍ଷଣ ଥିଲା ସେମାନଙ୍କ ପାଇଁ ଉପାସନା। ଗୋଟିଏ ପଟରେ ତୁଳସୀର ସୁରକ୍ଷା ଓ ଅନ୍ୟ ପଟରେ ଜଳର ସମୁଚିତ ବ୍ୟବହାର- ଏହି ଉଭୟ କଥାକୁ ଦୃଷ୍ଟିରେ ରଖି ସେମାନେ ତିଆରି କରିଥିଲେ ବିଷୁବ ସଂକ୍ରାନ୍ତିର ବିଧିବିଧାନ। ଆବିଷ୍କାର କରିଥିଲେ ବୁନ୍ଦା ଜଳ କ୍ଷରଣ ବା ଅଣୁ ଜଳସେଚନ ପ୍ରଣାଳୀ। ଏହାଦ୍ୱାରା ତୁଳସୀ ଗଛରେ ଜଳ ସିଞ୍ଚନ ହେବ, କିନ୍ତୁ ସିଞ୍ଚନ ପ୍ରକ୍ରିୟାରେ ନଷ୍ଟ ହେବନି ବୁନ୍ଦାଏ ବି ଜଳ। ଆଜି ପ୍ରତ୍ୟେକ ଓଡ଼ିଆ ଘର ଆଗରେ ବୃନ୍ଦାବତୀ ଉପରେ ଝୁଲୁଥିବା ବହୁଛିଦ୍ର ଯୁକ୍ତ ଜଳଘଟ ବା ବସୁନ୍ଧରା ଘଡ଼ିରୁ ଯେଉଁ ବୁନ୍ଦା ବୁନ୍ଦା ଜଳ ଝରି ପଡୁଛି, ତାହା ହିଁ ସେମାନଙ୍କ ଜ୍ଞାନଗର୍ଭା ଚିନ୍ତନର ଅମୃତମୟ ଫଳ। 'ଜୀବେଦୟା' ଭାବ ଭାରତୀୟ ସଂସ୍କୃତିର ବିଶେଷତ୍ୱ। ଏହି ମାନବୀୟ ଭାବଧାରାକୁ ଜାଗ୍ରତ କରେ ବିଷୁବ ସଂକ୍ରାନ୍ତି।

ମୋ- ୬୩୭୧୬୪୨୪୬୪

# ରାଷ୍ଟ୍ରପୁରୁଷ ଆମ୍ବେଡକର



## ସର୍ବେଶ୍ୱର ବେହେରା

ଭାରତରତ୍ନ ଡ. ଭୀମରାଓ ଆମ୍ବେଡକର ସ୍ୱତନ୍ତ୍ରତା, ସମତା ଓ ସାମାଜିକ ନ୍ୟାୟ ଆଧାରିତ ସମାଜ ନିର୍ମାଣ କରିବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ। ସେଥିପାଇଁ ସେ ରାଜନୈତିକ ସ୍ୱାଧୀନତାଠାରୁ ସାମାଜିକ ସ୍ୱାଧୀନତାକୁ ମହତ୍ତ୍ୱ ଦେଇଥିଲେ। ସେ ଏହି ମହାନ୍ ଲକ୍ଷ୍ୟ ରଖି କାର୍ଯ୍ୟ କରୁଥିଲେ। ତାଙ୍କ ମତରେ ଦେଶରେ ରାଜନୈତିକ ସ୍ୱାଧୀନତା ପ୍ରାପ୍ତ କରିବା ସହଜ, କିନ୍ତୁ ସହସ୍ର ବର୍ଷ ଧରି ଭାରତୀୟ ସମାଜରେ ବ୍ୟାପ୍ତ ଅସ୍ପୃଶ୍ୟତା ଦୂର କରିବା ଅତ୍ୟନ୍ତ କଠୋର କାର୍ଯ୍ୟ। ଅସ୍ପୃଶ୍ୟତା ଦୂର କରିବା ରାଷ୍ଟ୍ର ହିତ ପାଇଁ କେବଳ ଆବଶ୍ୟକ ନୁହେଁ, ମାନବ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ ସର୍ବଦା କହୁଥିଲେ, ଇଂରେଜମାନଙ୍କ କବଳରୁ ସ୍ୱାଧୀନ ହେବା ପାଇଁ ଯେପରି ସମସ୍ତେ ସଂଘର୍ଷ କରୁଛନ୍ତି, ସେହିପରି ସ୍ୱଦେଶୀ ବନ୍ଧୁ ତଥା ସାମାଜିକ ଓ ଆର୍ଥିକ ଦାସତ୍ୱରୁ ସ୍ୱାଧୀନ ହେବା ପାଇଁ ପ୍ରଚେଷ୍ଟା ଆବଶ୍ୟକ। ଏହି ଦୁଇ ପ୍ରକାର ସଂଘର୍ଷ କରିବା ଆବଶ୍ୟକ।

ଦେଶଭକ୍ତିର ସଙ୍କଳ୍ପନା କେବଳ ରାଜନୈତିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ। ସାମାଜିକ ସ୍ୱତନ୍ତ୍ରତା ପାଇଁ ମଧ୍ୟ ପ୍ରଚେଷ୍ଟା ହେବା ଆବଶ୍ୟକ। ଡ. ଆମ୍ବେଡକର ନିଜର ସମଗ୍ର ଜୀବନ ଏହି ଯଜ୍ଞରେ ଆହୁତି ଦେଇଥିଲେ। ସମାଜରୁ ଅସ୍ପୃଶ୍ୟତା ଦୂର କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିପାଇଁ ସେ କଦାପି ରାଷ୍ଟ୍ର ହିତ ସହିତ ସାଲିସ୍ କରିନାହାନ୍ତି। ତାଙ୍କର ରାଷ୍ଟ୍ର ପ୍ରତି ନିଷ୍ଠା ସମ୍ବନ୍ଧରେ ଅନେକ ଉଦାହରଣ ଦେଖିବାକୁ ମିଳେ। ଯେତେବେଳେ ହାଇଦ୍ରାବାଦକୁ ଭାରତ ରାଷ୍ଟ୍ର ସଂଘ ସହିତ ସମ୍ମିଳିତ କରିବା ପାଇଁ ସାଧାରଣ ଜନତା ଆନ୍ଦୋଳନ କରୁଥିଲେ, ସେତେବେଳେ ନିଜାମର ସୈନ୍ୟବାହିନୀ ଦଳିତ ଓ ଅସ୍ପୃଶ୍ୟମାନଙ୍କୁ ଇସ୍‌ଲାମ ଧର୍ମ ଗ୍ରହଣ କରିବା ପାଇଁ ବହୁ ଚାପ ପକାଇବା ସହିତ ଅନେକ ଆକର୍ଷଣୀୟ ଓ ଲୋଭନୀୟ ପ୍ରସ୍ତାବ ରଖିଥିଲେ। ସେମାନେ ଆମ୍ବେଡକରଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଆମ୍ବେଡକର ସ୍ପଷ୍ଟ ଘୋଷଣା କରିଥିଲେ ଯେ ''ନିଜାମଙ୍କ କୌଣସି ଚାପ କିମ୍ବା ଆକର୍ଷଣ ଗ୍ରହଣଯୋଗ୍ୟ ନୁହେଁ। ହାଇଦ୍ରାବାଦକୁ ଭାରତ ସହିତ ବିଲୀନ କରିବା ପାଇଁ ସମସ୍ତ ପ୍ରଚେଷ୍ଟା ହେବା ଉଚିତ। ଏଥିପାଇଁ ସମସ୍ତେ ନିଜର ତନ, ମନ ଓ ଧନ ସମର୍ପଣ କରି କାର୍ଯ୍ୟ କରିବା ଉଚିତ।''

ଏହିପରି ଆମ୍ବେଡକରଙ୍କ ରାଷ୍ଟ୍ରନିଷ୍ଠା ସମ୍ବନ୍ଧିତ ଅନେକ ମହାନ୍ ବିଚାର ଲୋକଲୋଚନକୁ ଆସିପାରି ନାହିଁ। ସେ ସମ୍ବିଧାନ ନିର୍ମାଣ ପରେ ଉଦ୍‌ବୋଧନ ପ୍ରଦାନ କରି କହିଥିଲେ- ''ମୋତେ ସମସ୍ତେ କେବଳ ଦଳିତ ନେତା ଓ ଇଂରେଜମାନଙ୍କ ଚାଟୁକାର କହି ଅପମାନିତ କରାଯାଇଛି। ମୋର ରାଷ୍ଟ୍ର ପ୍ରତି ନିଷ୍ଠା ଉପରେ ସନ୍ଦେହ କରାଯାଉଛି। ସମ୍ବିଧାନ ପ୍ରଣୟନ ହୋଇ କାର୍ଯ୍ୟକାରୀ ହେଲା ପରେ ବୋଧହୁଏ ସମଗ୍ର ଭାରତ ମୋତେ ଜଣେ ରାଷ୍ଟ୍ରଭକ୍ତ ରୂପେ ଦେଖିବ ବୋଲି ମୁଁ ଆଶା କରୁଛି।'' ଅନେକ ନେତା ସେତେବେଳେ ଆମ୍ବେଡକରଙ୍କୁ ଇଂରେଜମାନଙ୍କ ଚାଟୁକାର ରୂପେ ମନ୍ତବ୍ୟ ପ୍ରଦାନ କରିଥିଲେ। କିନ୍ତୁ ସେ ସର୍ବଦା ଜଣେ ପ୍ରକୃତ ରାଷ୍ଟ୍ରଭକ୍ତ ଥିଲେ। ୧୯୩୦ରେ ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଟେବୁଲ ବୈଠକରେ ତାଙ୍କର ସଂକ୍ଷିପ୍ତ ଭାଷଣ ସମସ୍ତଙ୍କୁ ଚମତ୍କୃତ କରିଥିଲା। ସେ ସେଠାରେ ଭାଷଣ ଦେଇ କହିଥିଲେ, ''ଭାରତ ରାଷ୍ଟ୍ର ଭାରତୀୟମାନଙ୍କର। ସ। ମ୍ର। ଜ୍ୟ ବ। ଦ1 ଇଂରେଜମାନେ ତୁରନ୍ତ ଭାରତ ପରିତ୍ୟାଗ କରିବା ଆବଶ୍ୟକ।''



ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ଉପଲକ୍ଷେ

ଏପରି ଉଦ୍‌ଘୋଷ କରିବା ଓ ଇଂରେଜମାନଙ୍କ ସମ୍ମୁଖରେ ଇଂରେଜମାନଙ୍କୁ ଅପମାନିତ କରିବାରେ ସେ ପ୍ରଥମ ଭାରତୀୟ ଥିଲେ।

ଅସବର୍ଣ୍ଣମାନଙ୍କୁ ନିଜର ନ୍ୟାଯ୍ୟ ଦାବି ପାଇଁ ସବର୍ଣ୍ଣମାନଙ୍କ ବିରୋଧରେ ସଂଘର୍ଷ ଓ ମାତୃଭୂମିକୁ ସ୍ୱାଧୀନ କରିବା ପାଇଁ ଇଂରେଜମାନଙ୍କ ବିରୋଧରେ ସଂଘର୍ଷ, ଏହିପରି ଦୁଇଟି ସଂଘର୍ଷରେ ସେ ଅବତୀର୍ଣ୍ଣ ହୋଇଥିଲେ। ଦୁଇଟି ସଂଘର୍ଷକୁ ସେ ସମାନ ଗୁରୁତ୍ୱ ପ୍ରଦାନ କରିଥିଲେ। ନାସିକ୍‌ଠାରେ କାଲାରାମ ମନ୍ଦିର ପ୍ରବେଶ ସତ୍ୟାଗ୍ରହ ସମୟରେ ଇଂରେଜମାନେ ଯେତେବେଳେ ପକ୍ଷପାତ ନୀତି ଅବଲମ୍ବନ କରିଥିଲେ, ଆମ୍ବେଡକର ତତ୍‌କ୍ଷଣାତ୍ ବ୍ରିଟିଶ୍ ଗଭର୍ନରଙ୍କୁ ଚିଠି ଲେଖି ଉଲ୍ଲେଖ କରିଥିଲେ- ''ସବର୍ଣ୍ଣମାନଙ୍କ ସହିତ ଆମର ସାମାଜିକ ସଂଘର୍ଷ ଚାଲିଛି, ଏଣୁ ଇଂରେଜମାନେ ଏଥିରେ ହସ୍ତକ୍ଷେପ କରିବା ଉଚିତ ନୁହେଁ। ଯଦି ଇଂରେଜମାନେ ଏହିପରି ପକ୍ଷପାତପୂର୍ଣ୍ଣ ନୀତି ଅବଲମ୍ବନ କରିବେ, ତେବେ ସମଗ୍ର ସମାଜ ଏକତ୍ର ହୋଇ ଇଂରେଜ ବିରୋଧରେ ସ୍ୱର ଉତ୍ତୋଳନ କରିବେ।'' ସେହିପରି କାର୍ଯ୍ୟକାରିଣୀରେ ଭାଇସ୍‌ରାୟଙ୍କୁ କଠୋର ଶବ୍ଦରେ କହିଥିଲେ- ମୁଁ କଦାପି ହିନ୍ଦୁ ବିରୋଧୀ ନୁହେଁ। ମୋର ରାଷ୍ଟ୍ରର ହିତ ସର୍ବପ୍ରଥମ। ମୁଁ ସମସ୍ତ ଶକ୍ତି ବିନିଯୋଗ କରି ଇଂରେଜମାନଙ୍କ ବିରୋଧରେ ସଂଘର୍ଷ କରିବି ଓ ଅସ୍ପୃଶ୍ୟମାନଙ୍କୁ ସମୁଚିତ ନ୍ୟାୟ ପ୍ରଦାନ କରିବି। ଏଥିରୁ ସେ କିପରି ଜଣେ ଶ୍ରେଷ୍ଠ ରାଷ୍ଟ୍ରଭକ୍ତ ଥିଲେ ତା'ର ପ୍ରମାଣ ମିଳୁଛି।

କେତେକ ଇତିହାସକାର ଆମ୍ବେଡକରଙ୍କୁ ହିନ୍ଦୁଧର୍ମ ବିରୋଧୀ ଓ ନାସ୍ତିକ ରୂପେ ବର୍ଣ୍ଣନା କରି ସମାଜରେ ଭ୍ରାନ୍ତ ଧାରଣା ସୃଷ୍ଟି କରିଛନ୍ତି। ବାସ୍ତବରେ ହିନ୍ଦୁଧର୍ମକୁ ସ୍ୱୀକାର କରି ନିଜର ଅନୁଗତମାନଙ୍କୁ ସମସ୍ତ ମାନବବାଦୀ ଅଧିକାର ମିଳୁ, ଏହା ସେ ସର୍ବଦା ଚାହୁଁଥିଲେ। ଏଥିପାଇଁ ସେ ଆଜୀବନ ବହୁ ପରିଶ୍ରମ ଓ ପରାକାଷ୍ଠା କରିଛନ୍ତି। ଶେଷରେ ସେ ଯେବେ ଦେଖିଲେ ଏହା ସଫଳ କ୍ରିୟାନ୍ୱୟନ ହୋଇପାରୁ ନାହିଁ, ତେବେ ସେ ଧର୍ମ ପରିବର୍ତ୍ତନ କରିବାକୁ ନିର୍ଣ୍ଣୟ ନେଲେ। ଧର୍ମ ପରିବର୍ତ୍ତନ କରିବା ସମୟରେ ତାଙ୍କ ମନରେ ହିନ୍ଦୁ ବିରୋଧୀ ମାନସିକତା ଆଦୌ ନ ଥିଲା। ଡ. ଆମ୍ବେଡକରଙ୍କ ସମ୍ପୂର୍ଣ୍ଣ ଜୀବନ ଗାଥା ଗୋଟିଏ ମହାକାବ୍ୟ। ଦେଶଭକ୍ତିର ଜ୍ୱଳନ୍ତ ଉଦାହରଣ। ନିଜର ୬୫ ବର୍ଷ ଜୀବନ ମଧ୍ୟରେ ସର୍ବାଧିକ ଅବହେଳାର ଶିକାର ହୋଇ ଭାରତର ସମଗ୍ର ସନ୍ତୁଳିତ ବିକାଶ ପାଇଁ ତାଙ୍କ ବହୁମୂଲ୍ୟ ଯୋଗଦାନ ଅତୁଳନୀୟ। ଆମ୍ବେଡକର ସମାଜରୁ ଅସ୍ପୃଶ୍ୟତାକୁ ଦୂର କରି ଭାରତକୁ ଏକ ସଙ୍ଗଠିତ ଓ ସଶକ୍ତ ରାଷ୍ଟ୍ର ରୂପେ ନିର୍ମାଣ କରିବାକୁ ଚାହୁଁଥିଲେ। ନବ ଭାରତର ସମ୍ବିଧାନ ନିର୍ମାତା, ଗଣତନ୍ତ୍ରର ସଂସ୍ଥାପକ, ମାନବ ସ୍ୱତନ୍ତ୍ରତାର ବାସ୍ତୁକାର ଆମ୍ବେଡକରଙ୍କ ଜୀବନୀ ଆଧୁନିକ ଭାରତର ପ୍ରେରଣାଦାୟୀ ପ୍ରସଙ୍ଗ।

ଆଡ୍‌ଭୋକେଟ୍, ଖଟବିନସାହି, କଟକ
ମୋ: ୯୪୩୭୦୧୬୩୮୪

# ଏଇ ଭାରତରେ

ସିଲିକୋସିସ୍ ଝାଡ଼ଖଣ୍ଡର ବିଭିନ୍ନ ଅଞ୍ଚଳରେ ଅନେକ ହଜାର ଆଦିବାସୀଙ୍କ ମୃତ୍ୟୁର କାରଣ ପାଲଟିଛି। ଏହା ଏକପ୍ରକାର ଫୁସ୍‌ଫୁସ୍ ରୋଗ। କ୍ରିଷ୍ଟାଲାଇନ ସିଲିକା ଧୂଳି ନିଃଶ୍ୱାସରେ ଫୁସ୍‌ଫୁସକୁ ପ୍ରବେଶ କଲା ପରେ ଏହା ସୃଷ୍ଟି ହୋଇଥାଏ। ବ୍ୟାପକ ଖଣି ଖାଦାନ କାର୍ଯ୍ୟ ଯୋଗୁ ଏ ମାରାତ୍ମକ ରୋଗରେ ବିଗତ ଦୁଇ ଦଶନ୍ଧିରେ ଅତିକମ୍‌ରେ ୧୦,୦୦୦ ଲୋକଙ୍କ ମୃତ୍ୟୁ ହୋଇଛି। ତେବେ ସିଲିକୋସିସ୍‌ର ପଞ୍ଝାରୁ ଆଦିବାସୀମାନଙ୍କୁ ମୁକ୍ତ ରଖିବାକୁ ସଚେତନତା ସୃଷ୍ଟି କରୁଛନ୍ତି ସମିତ କୁମାର କ୍ରାରା। ସେ ଦୀର୍ଘ ୨୦ ବର୍ଷ ହେଲା ଆଦିବାସୀ ଶ୍ରମିକଙ୍କ ପରିବାରକୁ ସାହାଯ୍ୟ କରିଆସୁଛନ୍ତି। ରୋଗୀମାନଙ୍କ ଚିକିତ୍ସାରେ ସାହାଯ୍ୟ କରିବା ସହ ଏହି ରୋଗରେ ମୃତ୍ୟୁ ହେଉଥିବା ଲୋକଙ୍କ ପରିବାରକୁ କ୍ଷତିପୂରଣ ପାଇବାରେ ସହଯୋଗ କରୁଛନ୍ତି। ଅକୁପେସନାଲ ସେଫ୍ଟି ଆଣ୍ଡ୍ ହେଲ୍‌ଥ ଆସୋସିଏଶନ ଅଫ୍ ଝାଡ଼ଖଣ୍ଡ(ଓଏସ୍‌ଏଚ୍‌ଏଜେ) ଏନ୍‌ଜିଓ ମାଧ୍ୟମରେ ସେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ସମିତ ଏବେ ସୁଦ୍ଧା ସିଲିକୋସିସ୍‌ରେ ମୃତ୍ୟୁବରଣ କରିଥିବା ୫୦ଜଣଙ୍କ ପରିବାରର ସଦସ୍ୟଙ୍କୁ କ୍ଷତିପୂରଣ ପାଇବାରେ ସାହାଯ୍ୟ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଏପ୍ରିଲ ୧୯୭୫

- ପ୍ରଶାସନିକ ଦାୟିତ୍ୱ ଗ୍ରହଣ କରିବା ନେଇ ଆମେରିକା ସରକାରଙ୍କ ଅନୁରୋଧକୁ କମ୍ବୋଡ଼ିଆର ଯୁବରାଜ ସିହାନୁକଙ୍କ ପ୍ରତ୍ୟାଖ୍ୟାନ।
- ପର୍ଯ୍ୟଟନ ଶିଳ୍ପର ବିକାଶ ସାଧନ କରି ଏହାକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବା ପାଇଁ ପଞ୍ଜାବ, ହରିଆନା, ହିମାଚଳ ପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଜମ୍ମୁ ଓ କଶ୍ମୀର ରାଜ୍ୟସମୂହ ପକ୍ଷରୁ ଯୌଥ ସମନ୍ୱିତ କାର୍ଯ୍ୟକ୍ରମ ଗ୍ରହଣ।

## ଚିରନ୍ତନୀ

ପ୍ରିୟ ଯାହା ତହିଁରୁ ତ ନ ହୁଏ ବିଚ୍ଛେଦ,
କିପାଇଁ ବିଷାଦ ମୋର କାହିଁପାଇଁ ଖେଦ!
ଏହି ଚିତ୍ରୋତ୍ପଳା ପରି
ଯାଆନ୍ତି ହେଲେ ପାସୋରି
ଜୀବନର ଆବେଗରେ ସବୁ ବାଦଭେଦ।
(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | 3 | | | 9 | |
| | 8 | 6 | | | | | 7 | |
| 4 | | | 7 | | | 8 | 1 | |
| | | 8 | | | 1 | | | 6 |
| | | | | | | | | 5 |
| 1 | 7 | | | | | | | |
| | | | | 6 | 4 | | | |
| 5 | | | 9 | | | | | |
| | 3 | | | 5 | | | 2 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 1 | 3 | 5 | 4 | 6 | 2 | 9 |
| 6 | 2 | 9 | 7 | 8 | 1 | 3 | 5 | 4 |
| 5 | 4 | 3 | 6 | 9 | 2 | 7 | 1 | 8 |
| 3 | 5 | 2 | 4 | 6 | 8 | 1 | 9 | 7 |
| 1 | 7 | 4 | 9 | 3 | 5 | 8 | 6 | 2 |
| 8 | 9 | 6 | 2 | 1 | 7 | 4 | 3 | 5 |
| 2 | 1 | 5 | 8 | 4 | 3 | 9 | 7 | 6 |
| 9 | 3 | 8 | 5 | 7 | 6 | 2 | 4 | 1 |
| 4 | 6 | 7 | 1 | 2 | 9 | 5 | 8 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସବୁ ରାଜନେତା ସୁବିଧାବାଦୀ

ମହାଶୟ,

ଆଗାମୀ ସାଧାରଣ ନିର୍ବାଚନର ଠିକ୍ ପୂର୍ବରୁ ଜାତୀୟ ଓ ରାଜ୍ୟ ରାଜନୀତିରେ ଯେପରି ବ୍ୟାପକ ଦଳବଦଳ ଓ ପଟ ପରିବର୍ତ୍ତନ ଘଟି ଚାଲିଛି, ତାହା ଘୋର ଚିନ୍ତାର ବିଷୟ। ସାମ୍ପ୍ରତିକ ଜାତୀୟ ଓ ରାଜ୍ୟର ରାଜନୈତିକ ଦୃଶ୍ୟପଟକୁ ଅନୁଶୀଳନ କଲା ପରେ ଦୁଇଟି ନିର୍ଯ୍ୟାସରେ ଉପନୀତ ହେବାକୁ ପଡୁଛି। ପ୍ରଥମଟି ହେଉଛି ହାତଗଣତି କେତେ ଜଣଙ୍କୁ ବାଦ୍ ଦେଲେ ସବୁ ରାଜନେତା କ୍ଷମତାଲିପ୍ସୁ ଓ ସୁବିଧାବାଦୀ। ଦ୍ୱିତୀୟଟି ହେଉଛି ପ୍ରମୁଖ ରାଜନୈତିକ ଦଳର ଶୀର୍ଷ ନେତୃବୃନ୍ଦ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଓ ଦୀର୍ଘକାଳ କ୍ଷମତାରେ ରହିବା ପାଇଁ ଯେକୌଣସି ଅନୈତିକ ସ୍ତରକୁ ଚାଲି ଯାଇପାରନ୍ତି। ଏମାନେ ସମସ୍ତେ ମିଳିମିଶି ରାଜନୀତିକୁ ପଙ୍କିଳ ଓ କଳୁଷିତ କରିବାରେ ଲାଗିଛନ୍ତି। ଏଥିପାଇଁ ଏମାନେ ଓ ଭୋଟରମାନେ ସମ ପରିମାଣରେ ଦାୟୀ। ଯଦି ଭୋଟରମାନେ ଦଳୀୟ ବିଚାରରେ ଭୋଟ ନ ଦେଇ ପ୍ରାର୍ଥୀଙ୍କ ଯୋଗ୍ୟତା ଓ ଦକ୍ଷତା ଆଧାରରେ ଭୋଟ ଦିଅନ୍ତେ ଏପରି ଘଟନା ନାହିଁ।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ୱଚ୍ଛ, ସବୁଜ ସୁନ୍ଦର ସହର ପରିଚୟ ପାଇଛି ଭୁବନେଶ୍ୱର

**ଭୁବନେଶ୍ୱର, ୧୩।୪(ବନ୍ଦନା ସେଠୀ)**



ବିଧାନସୌଧ ସମ୍ମୁଖ ରାଜଧାନୀ ଶିଳାନ୍ୟାସ ଫଳକରେ ପୁଷ୍ପଗୁଚ୍ଛ ଅର୍ପଣ ଅବସରରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ସହ ଅନ୍ୟ ଅତିଥି।

## ୭୬ତମ ରାଜଧାନୀ ପ୍ରତିଷ୍ଠା ଦିବସ

- ପୁରାତନ ସ୍ମୃତି ବଖାଣିଲା ପ୍ରଦର୍ଶନୀ
- ନାଚ, ଗୀତରେ ରାଜଧାନୀ ଗାଥା

ରାଜଧାନୀ ଭୁବନେଶ୍ୱରର ୭୬ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ ଓଡ଼ିଶା ବିଧାନସୌଧ ସମ୍ମୁଖ ରାଜଧାନୀ ଶିଳାନ୍ୟାସ ଫଳକରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ। ଏଥିସହ ରାଜଧାନୀ ପ୍ରତିଷ୍ଠା ଦିବସର ପତାକା ଉତ୍ତୋଳନ କରି କହିଲେ, ୧୯୪୮ ଏପ୍ରିଲ ୧୩ରେ ଭୁବନେଶ୍ୱରକୁ ଏକ ଯୋଜନାବଦ୍ଧ ସହର ଭାବେ ପ୍ରତିଷ୍ଠିତ କରିବା ପାଇଁ ଭୂମି ପ୍ରତିଷ୍ଠା କରାଯାଇଥିଲା। ଏହା ମଧ୍ୟରେ ଭୁବନେଶ୍ୱର ଆଜି ଦେଶର ଏକ ପ୍ରମୁଖ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସହର ଭାବେ ପରିଚୟ ଲାଭ କରିଛି। ରାଜଧାନୀ ପ୍ରତିଷ୍ଠା ଦିବସକୁ ନୂଆ ଭୁବନେଶ୍ୱରର ଜନ୍ମଦିନ ଭାବେ ଅଭିହିତ କରି ଏହାର ସ୍ୱଚ୍ଛତା, ସବୁଜିମା ଓ ସୁନ୍ଦରତା କିପରି ବଜାୟ ରହିବ, ସେ ଦିଗରେ ସମସ୍ତେ ପ୍ରଚେଷ୍ଟା ଜାରି ରଖିବା ଆବଶ୍ୟକ ବୋଲି ମତ ଦେଇଥିଲେ। ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, ପୋଲିସ କମିଶନର ସଞ୍ଜୀବ ପଣ୍ଡା, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ବଲୱନ୍ତ ସିଂ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସୂଚନାଭବନଠାରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଭୁବନେଶ୍ୱର ରାଜଧାନୀ ପ୍ରତିଷ୍ଠାର ପୁରାତନ ସ୍ମୃତିସମ୍ବଳିତ ଏବଂ ରାଜଧାନୀର ଐତିହ୍ୟ, ସଂସ୍କୃତି ଓ କୀର୍ତ୍ତିରାଜି ଆଦି ବହନ କରୁଥିବା ବହୁ ପୁରାତନ ତଥା ନୂତନ ଫଟୋଚିତ୍ର ଏଥିରେ ସ୍ଥାନିତ ହୋଇଥିଲା। ସନ୍ଧ୍ୟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ପ୍ରେମ ଆନନ୍ଦ ଓ ପ୍ରଶାନ୍ତ ପାଢୀଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ଓ ସୁଗମ ସଙ୍ଗୀତ ଏବଂ ବଲାଙ୍ଗୀର ଜିଲା ଲୋଇସିଂହାର ଶଙ୍କର ବେହେରା ଓ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା।



ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସୂଚନା ଭବନଠାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।




ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌କୁ ଆଲୋକରେ ସଜାଯାଇଛି।

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଏସ୍‌ବିଆଇ ଛକ, ଝରଣା ସାହି ବସ୍ତି ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗଣ ବନ୍ଦ ରହିବ।

ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍




ରାଜଧାନୀ ଭୁବନେଶ୍ୱରର ୭୬ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସୂଚନାଭବନଠାରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ।

# ସିଆଇଏସ୍‌ସିଇ ଆଞ୍ଚଳିକ ଯୋଗ ଅଲିମ୍ପିଆଡ୍

**ଯୋଗର ଚମତ୍କାରିତା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର**

**ଭୁବନେଶ୍ୱର, ୧୩।୪(ଅସମାପିକା ସାହୁ)**

କାଉନ୍‌ସିଲ ଫର୍ ଦି ଇଣ୍ଡିଆନ ସ୍କୁଲ୍ ସାର୍ଟିଫିକେଟ ଏକ୍‌ଜାମିନେଶନ(ସିଆଇଏସ୍‌ସିଇ)ର ଆଞ୍ଚଳିକ ଯୋଗ ଅଲିମ୍ପିଆଡ୍ ୨୦୨୪ ଶନିବାର ଭୁବନେଶ୍ୱରସ୍ଥିତ ଲୟୋଲା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁସ୍ଥ, ସୁନ୍ଦର ଜୀବନ ପାଇଁ ଯୋଗ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବଢ଼ାଇବା ଓ ଏଥିଲାଗି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସିଆଇଏସ୍‌ସିଇ ପକ୍ଷରୁ ଏହିଭଳି ଏକ ଅଲିମ୍ପିଆଡ ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାର ୧୩ଟି ସ୍କୁଲରୁ ୯୯ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ଯୋଗର ମହତ୍ତ୍ୱକୁ ପ୍ରତିଫଳିତ କରିଥିଲେ। ଶେଷରେ ୨ଟି ବର୍ଗରେ ୨୪ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ୧୨ଜଣ ଛାତ୍ରୀ ଓ ୧୨ଜଣ ଛାତ୍ର ରହିଥିଲେ। ଏହି ଅଲିମ୍ପିଆଡକୁ ସିଆଇଏସ୍‌ସିଇ କ୍ରୀଡ଼ାର ଓଡ଼ିଶା ଆଞ୍ଚଳିକ ସଂଯୋଜକ ସିଷ୍ଟର ପି. ସେଲ୍‌ଭି, ଅଲ୍ ଓଡ଼ିଶା ଆଇସିଏସ୍‌ଇ ସ୍କୁଲ୍ ଆସୋସିଏଶନ ସଭାପତି ଲୀନା ଖୁରାନା, ଉପସଭାପତି ବି.କେ. ତ୍ରିପାଠୀ, ଲୟୋଲା ସ୍କୁଲର ରେକ୍ଟର ଫାଦର ଅଗଷ୍ଟିନ ଏସ୍‌ଜେ ଏବଂ ଅଧ୍ୟକ୍ଷ ଫାଦର ଏ. ଅମଲାଦସ ପ୍ରମୁଖ ଉଦ୍‌ଘାଟନ କରିଥିଲେ।





ଲୟୋଲା ସ୍କୁଲ ପରିସରରେ ଅନୁଷ୍ଠିତ ସିଆଇଏସ୍‌ସିଇର ଆଞ୍ଚଳିକ ଯୋଗ ଅଲିମ୍ପିଆଡ୍‌କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି। ଛାତ୍ରୀମାନେ ଯୋଗ ପ୍ରଦର୍ଶନ କରୁଛନ୍ତି।

# ୨ ଗିରଫ, ଆଉ ଜଣେ ସାହୁକାରଙ୍କ ନାଁରେ ଅଭିଯୋଗ

**ସୁଧ କାରବାରକୁ ନେଇ ଶ୍ୱଶୁର-ବୋହୂଙ୍କୁ ଆକ୍ରମଣ ଘଟଣା**

**ଭୁବନେଶ୍ୱର,୧୩।୪ (ସୂର୍ଯ୍ୟକାନ୍ତ ବେହେରା)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମପଞ୍ଚାୟତ ପଦ୍ମକେଶରୀପୁର ଗାଁରେ ସୁଧ କାରବାରକୁ କେନ୍ଦ୍ର କରି ତଳ ସାହି ୫ ନଂ. ୱାର୍ଡର ବାସିନ୍ଦା ସନାତନ ଦାସ ଓ ବୋହୂ ନିରୁପମା ଦାସଙ୍କୁ ଆକ୍ରମଣ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆକ୍ରମଣ କରିଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ୱାର୍ଡ ନଂ.୬ର ବାବୁଲା ଦାସ ଓ ୱାର୍ଡ ନଂ.୭ର ତାପସ ଦାସ। ଏହି ଘଟଣାରେ ପୋଲିସ ଆକ୍ରମଣରେ ବ୍ୟବହୃତ ଏକ ଛୁରି ଜବତ କରିଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ସୁଧ ଟଙ୍କା ମାଗିବାକୁ ଯାଇ ନ ପାଇବାରୁ ରାଗି ଯାଇ ଆକ୍ରମଣ କରିଥିବା ଡିସିପି ପ୍ରତୀକ ସିଂ କହିଛନ୍ତି। ତେବେ ଏହା ଭିତରେ ସୁଧ କାରବାର ଓ ଆର୍ଥିକ ଶୋଷଣର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଉକ୍ତ ଅଞ୍ଚଳର ପ୍ରଦୀପ ଦାସ ନାମକ ଜଣେ ବ୍ୟକ୍ତି ଜଣେ ସାହୁକାରଙ୍କ ନାମରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ପ୍ରଦୀପଙ୍କ କହିବା ଅନୁସାରେ, ବାପା ସାହୁକାରଙ୍କଠାରୁ ୧୦ ହଜାର ଟଙ୍କା କରଜ ଆଣିଥିଲେ। ଏବେ ବାପା ଆରପାରିରେ। ହେଲେ ବାପା କିଛି ଟଙ୍କା ସାହୁକାରଙ୍କୁ ଶୁଝିଥିବା ବେଳେ ମୁଁ ମଧ୍ୟ କିଛି ଟଙ୍କା ଦେଇଛି। ଏହାପରେ ସାହୁକାର ଲକ୍ଷାଧିକ ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ କେତେବେଳେ ପରିବାର ଲୋକଙ୍କୁ ଧମକ ଦେଉଛନ୍ତି ତ ଆଉ କେତେବେଳେ ଜାଗା ଛାଡିବାକୁ କହୁଛନ୍ତି। ଏମିତି କି ଦିବ୍ୟାଙ୍ଗ ପୁଅର ଭତ୍ତା ଟଙ୍କା ବାଟରୁ ଛଡାଇ ନେଉଥିବାବେଳେ ପ୍ରଦୀପଙ୍କ ପୁଅ ଓ ତାଙ୍କ ବଡିଲା ଝିଅକୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ତେବେ ଏବାବଦରେ ଥାନାରେ ଏଯାବତ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ସୂଚନାନୁସାରେ, ପଦ୍ମକେଶରୀପୁରରେ ୧୦୦ ଟଙ୍କାରେ ମାସକୁ ୨୦ ଟଙ୍କା ସୁଧ। ଚକ୍ରବୃଦ୍ଧିର ଅବୁଝା ଗଣିତ ପଢାଇ ଅପାଠୁଆ ଗରିବ ପରିବାରଙ୍କୁ ବର୍ଷ ବର୍ଷ ଧରି ଶୋଷଣ କରି ଆସୁଛନ୍ତି ସାହୁକାର। ଏଥିପାଇଁ ଅନେକ ଥର ହିଂସା ଓ ଉତ୍ତେଜନା ଭଳି ପରିସ୍ଥିତି ଉପୁଜିବା ସହ ବର୍ଷ ବର୍ଷ ଧରି ବିବାଦ ଲାଗି ରହିଛି। ଏହିକ୍ରମରେ ଆକ୍ରମଣ କରିଥିବା ପରିବାରଠାରୁ ସନାତନଙ୍କ ପରିବାର ୮ବର୍ଷ ତଳେ ୨୦ ହଜାର ଟଙ୍କା ନେଇଥିଲେ। ଏହା ବାବଦକୁ ସନାତନଙ୍କ ପରିବାର ଏଯାଏ ୨ ଲକ୍ଷ ଟଙ୍କା ସୁଧ ଦେଇସାରିଛନ୍ତି। ଗତ ବୁଧବାର ରାତିରେ ଅଭିଯୁକ୍ତମାନେ ସନାତନଙ୍କ ଘରକୁ ସୁଧ ଟଙ୍କା ମାଗିବାକୁ ଯାଇଥିଲେ। ଶାନ୍ତି କମିଟି ବସିବା ପରେ ସୁଧ ଟଙ୍କା ଦିଆଯିବ ବୋଲି ସନାତନ ଓ ତାଙ୍କ ବୋହୂ କହିଥିଲେ। ହେଲେ ଅଭିଯୁକ୍ତମାନେ ଯୁକ୍ତିତର୍କ କରି ଗାଳିଗୁଲଜ କରିଥିଲେ। ପରେ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଅଭିଯୁକ୍ତମାନେ ଭୁଜାଲିରେ ସନାତନ ଓ ବୋହୂ ନିରୁପମାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ।




ଗିରଫ ୨ ଅଭିଯୁକ୍ତ।

**यूनियन बैंक ऑफ इंडिया Union Bank of India** भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/ ୧) ମେସର୍ସ ଏମ୍.ବି.ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା, ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) ଦିବ୍ୟ ଲୋଚନ ବେହେରା, ପିତା: ଶତ୍ରୁଘନ ବେହେରା, ୩) ଶତ୍ରୁଘନ ବେହେରା, ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶ୍ରୀ ଶତ୍ରୁଘନ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/ ୧୬୧୭, ଖାତା ନଂ.: ୩୦୩/ ୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର:ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୧,୬୨,୦୦୦/- / ଟ.୧,୧୭,୦୦୦/- / ଟ.୧୨,୦୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |
| ୨. | ଛତ୍ରପୁର ଶାଖା-୨, ଫୋନ୍: ୯୮୬୧୦୧୪୪୯୦ / ୧) ମେସର୍ସ ଆଜମର୍ କାସ୍ଯୁ ପ୍ରଡ଼କ୍ଟସ୍, ସ୍ୱତ୍ତ୍ୱାଧିକାରୀ: ଆକବର ବେଗ୍, ପିତା: ସାହାଜାହାନ ବେଗ୍, ୨) ଆକବର ବେଗ୍, ପିତା: ସାହାଜାହାନ ବେଗ୍, ଉଭୟଙ୍କ ଠିକଣା- ସା: ବଜରଙ୍ଗ ନଗର, ଜେଲ ରୋଡ୍, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୦ / ମୋଟ ବକେୟା: ୨୮.୦୮.୨୦୨୨ ସୁଦ୍ଧା ଟ.୫୫,୧୮,୪୬୮.୨୩ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଆକବର ବେଗ୍, ପିତା: ସାହାଜାହାନ ବେଗ୍, ସା: ବଜରଙ୍ଗ ନଗର, ଜେଲ ରୋଡ, ଛତ୍ରପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଥିବା କାରଖାନା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩୭/୪୫୩୭, ଖାତା ନଂ.: ୪୪୧/୨୯୫୦, ରେଭିନ୍ୟୁ ମୌଜା: ଛତ୍ରପୁର, ତହସିଲ: ଛତ୍ରପୁର, ସା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୦ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଡ୍ରେନ୍, ଉତ୍ତର: ପ୍ଲଟ୍ ନଂ.: ୨୯ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୩୧ ଜମି | ଟ.୪୬,୩୫,୦୦୦/- / ଟ.୪,୬୩,୫୦୦/- / ଟ.୪୭,୦୦୦/- | ଆକାଉଣ୍ଟ ନଂ.: 077411980050000 IFSC Code: UBIN0807745 |

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ୨୯.୦୪.୨୦୨୪ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୬.୦୪.୨୦୨୪ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୧୨.୦୪.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**यूनियन बैंक ऑफ इंडिया Union Bank of India** भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ (ଯେଉଁଟି ପ୍ରଯୁଜ୍ୟ) ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / କୋ-ଆପ୍ଲିକାଣ୍ଟ / କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ / ଦଖଲ ତାରିଖ | ସମୁଦାୟ ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ମାଲକାନଗିରି-୨ ଶାଖା / ଋଣଗ୍ରହୀତାମାନେ: ୧) ମେସର୍ସ ନମିତା ମସଲା, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ କେ. ନମିତା ପାତ୍ର, ସ୍ୱାମୀ: ସିମାଦ୍ରୀ ପାତ୍ର, ୨) ଶ୍ରୀମତୀ କେ. ନମିତା ପାତ୍ର, ସ୍ୱାମୀ: ଶ୍ରୀ କେ. ସିମାଦ୍ରୀ ପାତ୍ର, ପିତା: କାଶିନାଥ ପାତ୍ର / ଗ୍ୟାରେଣ୍ଟିଦାତା: ଶ୍ରୀ କେ. ସିମାଦ୍ରୀ ପାତ୍ର, ପିତା: କାଶିନାଥ ପାତ୍ର, ସମସ୍ତଙ୍କ ଠିକଣା ସା: ତଳ ସାହି, ମାଲକାନଗିରି, ଥାନା/ତହସିଲି: ମାଲକାନଗିରି, ଜିଲ୍ଲା: ମାଲକାନଗିରି, ପିନ୍ - ୭୬୪୦୪୮ | ଶ୍ରୀ କେ. ସିମାଦ୍ରୀ ପାତ୍ରଙ୍କ ନାମରେ ଥିବା ବାସପୋଯୋଗୀ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୩୬୫୪, ଖାତା ନଂ.: ୯୯୪/୩୮୧୧, ମୌଜା: ମାଲକାନଗିରି, ତହସିଲ: ମାଲକାନଗିରି, ଜିଲ୍ଲା: ମାଲକାନଗିରି, ଓଡ଼ିଶା, ପିନ୍ - ୭୬୪୦୪୮, କ୍ଷେତ୍ର: ୧୭୫୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: କେ. ସତ୍ୟନାରାୟଣଙ୍କ ଗୃହ, ପଶ୍ଚିମ: ନିଜସ୍ୱ ଗୃହ, ଉତ୍ତର: ଜେନା ରମଣଙ୍କ ବାସସ୍ଥାନ, ଦକ୍ଷିଣ: ରାସ୍ତା / ୦୬.୦୫.୨୦୨୩ | ୩୧.୦୮.୨୦୨୨ ସୁଦ୍ଧା ଟ.୧୭,୨୧,୨୪୦.୮୫ + ସେବାବଦ ସୁଧ ଓ ଦେୟ | ଟ.୩୦,୯୧,୦୦୦/- / ଟ.୩,୦୯,୧୦୦/- / ଟ.୩୦,୯୧୦/- |
| ୨. | କୋରାପୁଟ - ୨ ଶାଖା/ ଋଣଗ୍ରହୀତା: ଶ୍ରୀ ଲିଙ୍ଗରାଜ ବେହେରା, ପିତା: ଧନୁର୍ଜୟ ବେହେରା, ସା: ପୁଜାରୀପୁଟ, ପୋ./ଜିଲ୍ଲା: କୋରାପୁଟ, ଓଡ଼ିଶା, ପିନ୍ - ୭୬୪୦୨୦ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନିତା ବେହେରା, ସ୍ୱାମୀ: ଶ୍ରୀ ଲିଙ୍ଗରାଜ ବେହେରା, ସା: ପୁଜାରୀପୁଟ, ପୋ./ ଜିଲ୍ଲା: କୋରାପୁଟ, ଓଡ଼ିଶା, ପିନ୍ - ୭୬୪୦୨୦ | ଶ୍ରୀ ଲିଙ୍ଗରାଜ ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୦୦/୧୨୯୧ ଏବଂ ୧୦୦/ ୧୧୭୫/୨୨୩୮, ଖାତା ନଂ.: ୧୨୫/୧୭୯୪, ମୌଜା: କୁମ୍ଭ ୧, କ୍ଷେତ୍ର: ଏକର୦.୦୨୫ ଡିସିମିଲି ଏବଂ ଏକର୦.୦୨୫ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୫ ଡିସିମିଲି, ତହସିଲ: କୋରାପୁଟ, ଜିଲ୍ଲା: କୋରାପୁଟ - ୭୬୪୦୨୦, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପାଣିଗ୍ରାହୀ ବାବୁ, ପଶ୍ଚିମ: ପୁଜାରୀପୁଟ ମେନ୍ ଲାଇନ୍ ରାସ୍ତା, ଉତ୍ତର: ବିଚିତ୍ରାନନ୍ଦ ତ୍ରିପାଠୀ, ଦକ୍ଷିଣ: ମାଧବ ବେହେରା/ ୨୧.୦୧.୨୦୨୩ | ୨୮.୧୦.୨୦୨୨ ସୁଦ୍ଧା ଟ.୩୮,୯୨,୮୮୨/- + ସେବାବଦ ସୁଧ ଓ ଦେୟ | ଟ.୧,୦୧,୯୧,୦୦୦/- / ଟ.୧୦,୧୯,୧୦୦/- / ଟ.୧,୦୧,୯୧୦/- |
| ୩. | ଜୟପୁର-୨ ଶାଖା / ଋଣଗ୍ରହୀତାମାନେ: ୧) ମେସର୍ସ ସଂଯୁକ୍ତା ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସଂଯୁକ୍ତା ଦାସ, ସ୍ୱାମୀ: ରଞ୍ଜନ ଦାସ, ୨) ଶ୍ରୀମତୀ ସଂଯୁକ୍ତା ଦାସ, ସ୍ୱାମୀ: ରଞ୍ଜନ ଦାସ, ଉଭୟଙ୍କ ଠିକଣା- ସା/ପୋ.: ୩ୟ ଲେନ୍, ପାଇକ ଷ୍ଟ୍ରିଟ୍, ଜୟପୁର, ଜିଲ୍ଲା: କୋରାପୁଟ-୭୬୪୦୦୧, ଓଡ଼ିଶା / କୋ-ଓବ୍ଲିଗାଣ୍ଟ: ଶ୍ରୀ ରଞ୍ଜନ ଦାସ, ପିତା: ହଳଧର ଦାସ, ସା/ପୋ.: ୩ୟ ଲେନ୍, ପାଇକ ଷ୍ଟ୍ରିଟ୍, ଜୟପୁର, ଜିଲ୍ଲା: କୋରାପୁଟ-୭୬୪୦୦୧, ଓଡ଼ିଶା | ୧) ଶ୍ରୀମତୀ ସଂଯୁକ୍ତା ଦାସ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୯୦୪ (ପୁରୁଣା), ୮୬୬ (ନୂତନ), ପ୍ଲଟ୍ ନଂ.: ୧୪୯୦, ଯାହାକି ସବ୍ ପ୍ଲଟ୍ ନଂ.: ୧୮ ଭାବେ ଚିହ୍ନିତ, ପରିମିତ କ୍ଷେତ୍ର: ୧୮୦୦ ବର୍ଗଫୁଟ, ମୌଜା: ଜଗଧାତ୍ରୀପୁର, ତହସିଲ: ଜୟପୁର, ଜିଲ୍ଲା: କୋରାପୁଟ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ସବ୍ ପ୍ଲଟ୍ ନଂ.: ୧୭, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୧୯, ଉତ୍ତର: ୨୦ ଫୁଟିଆ ଚଉଡା ରାସ୍ତା, ଦକ୍ଷିଣ: ଶ୍ରୀ ଭି ଟି ପର୍ଦ୍ଧସାରଧୀଙ୍କ ଜମି / ୨୩.୦୨.୨୦୨୨ | ୦୭.୦୬.୨୦୨୩ ସୁଦ୍ଧା ଟ.୫୬,୦୦,୦୦୦/- + ସେବାବଦ ସୁଧ ଓ ଦେୟ | (୧) ଟ.୩୭,୪୨,୦୦୦/- / ଟ.୩,୭୪,୨୦୦/- / ଟ.୩୭,୪୨୦/- |
| | | ୨) ଶ୍ରୀ ରଞ୍ଜନ ଦାସ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା କାରଖାନା ଏବଂ ଗୃହ ଯାହାର ଖାତା ନଂ.: ୭/୧୩୦, ପ୍ଲଟ୍ ନଂ.: ୧୫/୧୫୨, ପରିମିତ କ୍ଷେତ୍ର: ଏକର୦.୦୭ଡିସିମିଲି କିମ୍ବା ୩୦୪୯ ବର୍ଗଫୁଟ (ଘରବାରୀ ଜମି), ମୌଜା: କୋଟରିପୁଟ, ତହସିଲ: ଜୟପୁର, ଜିଲ୍ଲା: କୋରାପୁଟ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ୨୫ ଫୁଟିଆ ଚଉଡା ରାସ୍ତା, ପଶ୍ଚିମ: ୮ ଫୁଟିଆ ଚଉଡା ଗଳି ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୨୬, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୨୪ / ୨୩.୦୨.୨୦୨୨ | | (୨) ଟ.୨୨,୮୪,୮୦୦/-/ ଟ.୨,୨୮,୪୮୦/- / ଟ.୨୨,୮୪୮/- |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ତା.୨୬.୦୪.୨୦୨୪ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ରାୟଗଡା, ତାରିଖ: ୧୨.୦୪.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଜବତ ଅଟୋ ଚୋରି କରି ୨ ଗିରଫ

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା): ଭରତପୁର ପୁରୁଣା ଥାନା ସମ୍ମୁଖରୁ ଜବତ ଏକ ଅଟୋକୁ ଚୋରି ପରେ ବିକ୍ରି କରିବାକୁ ନେଉଥିବାବେଳେ ବ୍ଲୁକିଂ ସହ ଯାଞ୍ଚ କରୁଥିବା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୈତ୍ରୀ ବିହାର ଥାନା ଅଞ୍ଚଳର ଶକ୍ତି ମହାପାତ୍ର ଓ ଦାମ ରାଓ। ଉକ୍ତ ଅଟୋକୁ ମଧ ଜବତ କରାଯାଇଛି। ମାର୍ଚ୍ଚ ୬ରେ ପୋଲିସ କେସ୍ ନଂ. ୨୯୩/୨୩ ରୁଜୁ କରି ଉକ୍ତ ଅଟୋକୁ ଜବତ କରି ଥାନା ସମ୍ମୁଖ ରାସ୍ତାର ବିପରୀତ ପାର୍ଶ୍ୱରେ ରଖିଥିବାବେଳେ ଚୋରି ହୋଇଥିଲା।

# ଖୋର୍ଦ୍ଧା, ବେଗୁନିଆ ଆସନକୁ ନେଇ ଚାଲିଛି ବିଜେଡି, ଭାଜପାର ଅଙ୍କକଷା

ଭୁବନେଶ୍ୱର, ୧୩।୪(ସୁନିତ୍ ମିଶ୍ର)



ବିଜେଡି ୪ଟି ପର୍ଯ୍ୟାୟରେ ୧୧୭ଟି ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିସାରିଛି। ସେହିପରି ଭାଜପା ଏ ପର୍ଯ୍ୟନ୍ତ ଗୋଟିଏ ପର୍ଯ୍ୟାୟରେ ୧୧୨ଟି ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। କଂଗ୍ରେସ ମଧ ଗୋଟିଏ ପର୍ଯ୍ୟାୟରେ ୪୭ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ୨ଟି ଆସନ ମେଣ୍ଟ ଦଳକୁ ଛାଡ଼ି ଦେଇଛି। ବିଜେଡି ଏବଂ ଭାଜପା କିନ୍ତୁ ସମସ୍ତ ୨୧ ଲୋକ ସଭା ଆସନ ପାଇଁ ନିଜର ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଛନ୍ତି। ସେହିପରି କଂଗ୍ରେସ ୮ଟି ଲୋକ ସଭା ଆସନ ପାଇଁ ନିଜର ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଛି। ତେବେ ୨୦୨୪ ନିର୍ବାଚନରେ ରାଜ୍ୟର ଏକାଧିକ ଲୋକ ସଭା ଆସନରେ ବିଜେଡି ଏବଂ ଭାଜପା ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଭୁବନେଶ୍ୱର ଲୋକ ସଭା ଆସନ ତନ୍ମଧ୍ୟରୁ ଅନ୍ୟତମ। ଏହି ଆସନ ଦଖଲ କରିବାକୁ ଉଭୟ ବିଜେଡି ଏବଂ ଭାଜପା ନିଜର ସମସ୍ତ ବଳ ଲଗାଇବା ଆରମ୍ଭ କରିଦେଇଛନ୍ତି। ଏହି ଲୋକ ସଭା ଆସନ ଦଖଲ କରିବାକୁ ହେଲେ ଏହାର ଅନ୍ତର୍ଗତ ସମସ୍ତ ୭ ବିଧାନସଭା ଆସନ ଫଳାଫଳ ବହୁ ଗୁରୁତ୍ୱ ରଖିବ। ହେଲେ ଏହି ଲୋକ ସଭା ଆସନ ଅନ୍ତର୍ଗତ କିଛିଟା ଆସନରେ ଏ ପର୍ଯ୍ୟନ୍ତ ବିଜେଡି, ଭାଜପା ଏବଂ କଂଗ୍ରେସ କାହାକୁ ପ୍ରାର୍ଥୀ କରିନାହାନ୍ତି। କିନ୍ତୁ ସବୁଠାରୁ ଅଧିକ ଚର୍ଚ୍ଚାରେ ଖୋର୍ଦ୍ଧା ଏବଂ ବେଗୁନିଆ ବିଧାନସଭା ଆସନକୁ ନେଇ ଚାଲିଛି। ଏହି ଦୁଇ ଆସନରେ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା ନ କରି ଉଭୟ ବିଜେଡି ଓ ଭାଜପା ଅଙ୍କ କଷିବା ଜାରି ରଖିଛନ୍ତି।

ଭୁବନେଶ୍ୱରର ୩ ବିଧାନସଭା ଆସନରେ ବିଜେଡି ଏବଂ ଭାଜପା ନିଜର ପ୍ରାର୍ଥୀ ଦେଇସାରିଛନ୍ତି। ବିରୋଧ ଯୋଗୁ ବହୁ ବିଳମ୍ବ ସତ୍ତ୍ୱେ ବିଜେଡି ମଧ ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଉପରେ ପୁଣି ଥରେ ଭରସା କରିଛି। ସେହିପରି ଏକାମ୍ର ଏବଂ ମଧ ନିର୍ବାଚନମଣ୍ଡଳୀରେ ଭାଜପା ପୁରୁଣା ପ୍ରାର୍ଥୀଙ୍କୁ ଟିକେଟ ଦେଇଥିବା ବେଳେ ଉତ୍ତର ନିର୍ବାଚନମଣ୍ଡଳୀରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ବିଜେଡି ଛାଡ଼ିବା ପରେ ଭାଜପା ତାଙ୍କୁ ପ୍ରାର୍ଥୀ କରିଛି। ଏହାପରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆସନ ଜଟଣୀରେ ବିଜେଡି ବିଭୂତି ବଳବନ୍ତରାୟ ଏବଂ ଭାଜପା ବିଶ୍ୱରଞ୍ଜନ ବଡ଼ଜେନାଙ୍କୁ ପ୍ରାର୍ଥୀ କରିଛି। ହେଲେ ୨୦୧୯ରେ ଏହି ଆସନରୁ ବିଧାୟକ ଜିତିଥିବା କଂଗ୍ରେସର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ଏଥର ପ୍ରାର୍ଥୀ ହେଉନାହାନ୍ତି। ତାଙ୍କ ସାନ ପୁଅ ମନ୍ମଥ ରାଉତରାୟ କିନ୍ତୁ ବିଜେଡିରୁ ଲୋକ ସଭା ପାଇଁ ପ୍ରାର୍ଥୀ ହୋଇଛନ୍ତି। ଏଠାରେ କଂଗ୍ରେସ କୌଣସି ଡମି ପ୍ରାର୍ଥୀ ଦେଇପାରେ ବୋଲି ପ୍ରଚାର ହେଉଛି। କାରଣ ସୁର ତାଙ୍କ ପୁଅଙ୍କ ପାଇଁ ପ୍ରଚାର ଜାରି ରଖିଥିବା ବେଳେ ଦଳ ବର୍ତ୍ତମାନ ସୁଦ୍ଧା ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅନ୍ୟପଟେ ସେଠାରେ ସୁରଙ୍କ ବ୍ୟକ୍ତିଗତ ଭୋଟ୍ ବ୍ୟାଙ୍କ ରହିଛି। ତେଣୁ କଂଗ୍ରେସ ଯାହାକୁ ପ୍ରାର୍ଥୀ କଲେ ମଧ ସେତେଟା ଭଲ ପ୍ରଦର୍ଶନ ଦଳ ନ କରିପାରେ। ଏହି ଲୋକ ସଭା ଆସନ ଅନ୍ତର୍ଗତ କୌଣସି ଗୋଟିଏ ବି ବିଧାନସଭା କ୍ଷେତ୍ରରେ କଂଗ୍ରେସ ଏପର୍ଯ୍ୟନ୍ତ କାହାକୁ ପ୍ରାର୍ଥୀ କରିନାହିଁ। ବିଜେଡି ଏବଂ ଭାଜପା ଖୋର୍ଦ୍ଧା ଓ ବେଗୁନିଆ ବିଧାନସଭା ଆସନକୁ ଝୁଲାଇ ରଖିଛନ୍ତି।

ଉଭୟ ଦଳ ପରସ୍ପରକୁ ଏକ ପ୍ରକାର ଜଗାଜଗି ହୋଇ ରହିଛନ୍ତି। ଖୋର୍ଦ୍ଧା ବିଧାନସଭା ଆସନରୁ ପ୍ରାର୍ଥୀ ହେବାକୁ ବର୍ତ୍ତମାନର ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଆଶା ବାନ୍ଧି ବସିଛନ୍ତି। ପୂର୍ବରୁ ରାଜେନ୍ଦ୍ର ମଧ ଏହି ଆସନରୁ ପ୍ରାର୍ଥୀ ରହିଥିଲେ। ହେଲେ ଭାଜପା ଟିକେଟ ଲାଗି ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ୨୦୧୯ରେ ଏଠାରୁ ଭାଜପା ପ୍ରାର୍ଥୀ ହୋଇଥିବା କାଳୁଚରଣ ଖଣ୍ଡାୟତରାୟଙ୍କ ମଧ୍ୟରେ ଟକରାଟକରି ଚାଲିଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଖୋଲାଖୋଲି ପ୍ରଶାନ୍ତ ଜଗଦ୍ଦେବ ଏଠାରୁ ପ୍ରାର୍ଥୀ ହେବେ ବୋଲି କହିବା ପରଠାରୁ ହିଁ ଭାଜପା ଭିତରେ ବିବାଦ ଜଟିଳ ରୂପ ନେବାରେ ଲାଗିଛି; ଯେଉଁଥିଲାଗି ଭାଜପା କାହାକୁ ଏଠାରୁ ପ୍ରାର୍ଥୀ କରୁଛି ବିଜେଡି ତାହା ଉପରେ ନଜର ରଖିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ଯଦି ବିଜେଡି ରାଜେନ୍ଦ୍ର ସାହୁଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ କରେ ତେବେ ବର୍ତ୍ତମାନ ସେଠାରେ ବିଧାୟକ ଥିବା ଜ୍ୟୋତିରୀନ୍ଦ୍ରନାଥ ମିତ୍ର କ'ଣ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି ସେକଥା ବି ଗୁରୁତ୍ୱ ରଖୁଛି। ଅନ୍ୟପଟେ ଅନେକ ସ୍ଥାନରେ ଭାଜପାରୁ ଅସନ୍ତୁଷ୍ଟ ହେଇ ଫେରୁଥିବା ଆଶାୟୀଙ୍କୁ ବିଜେଡି ପ୍ରାର୍ଥୀ କରୁଥିବାର ନଜିର ରହିଛି। ବ୍ରହ୍ମପୁରରୁ ପ୍ରଦୀପ ପାଣିଗ୍ରାହୀ ଭାଜପା ଏମ୍‌ପି ପ୍ରାର୍ଥୀ ହେବାପରେ ସେହି ଦଳର ବରିଷ୍ଠ ନେତା ତଥା ୨୦୧୯ର ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ବିଜେଡି ସେଠାରୁ ଏମ୍‌ପି ଟିକେଟ ଦେଇଛି। ଖୋର୍ଦ୍ଧାରେ ଯେ, ସେଭଳି ସ୍ଥିତି ନ ସୃଷ୍ଟି ହୁଏ ସେକଥା ଏବେଠୁ କହିବା କଷ୍ଟ ବୋଲି ଚର୍ଚ୍ଚା ହେଉଛି। ସେହିପରି ବେଗୁନିଆ ଆସନରୁ ଗତଥର କଂଗ୍ରେସ ପ୍ରାର୍ଥୀ ହୋଇଥିବା ପ୍ରଦୀପ ସାହୁ କିଛିଦିନ ତଳେ ବିଜେଡିରେ ମିଶିସାରିଛନ୍ତି। ତେଣୁ ଦଳ ବେଗୁନିଆରୁ ତାଙ୍କୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ହେଲେ ଭାଜପା ଅଙ୍କ ଦେଖି ବିଜେଡି ଗୋଟି ଚଳାଇବାକୁ ଅପେକ୍ଷା କରିରହିଛି। ବେଗୁନିଆ ପ୍ରାର୍ଥୀ ଅଙ୍କ କଷା ଖୋର୍ଦ୍ଧା ରାଜନୀତି ଉପରେ ପ୍ରାୟତଃ ନିର୍ଭର କରୁଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତେଣୁ ଖୋର୍ଦ୍ଧା ଏବଂ ବେଗୁନିଆ ଆସନକୁ ନେଇ ବିଜେଡି ଓ ଭାଜପାର ଅଙ୍କକଷା ଉପରେ ସମସ୍ତଙ୍କ ନଜର ଏକ ପ୍ରକାର ରହିଛି।

### ଭୁବନେଶ୍ୱର ଲୋକ ସଭା ଆସନ

- ଭୁବନେଶ୍ୱର ଲୋକ ସଭା ଓ ଏହା ଅନ୍ତର୍ଗତ ୭ ବିଧାନସଭା ଆସନରେ ଏଯାଏଁ ପ୍ରାର୍ଥୀ ଦେଇପାରିନି କଂଗ୍ରେସ
- ଖୋର୍ଦ୍ଧାରେ ଭାଜପାରୁ ପ୍ରାର୍ଥୀ ଆମଦାନୀ କରିପାରେ ବିଜେଡି
- ଖୋର୍ଦ୍ଧା ଆସନ ପ୍ରାର୍ଥିତ୍ୱ ଯୋଗୁ ଅଟକିଛି ବେଗୁନିଆ ପ୍ରାର୍ଥୀ ଘୋଷଣା

## ସଂକ୍ଷେପରେ

### ଚତୁର୍ଥ ଦିନରେ ପତଞ୍ଜଳିର 'ଛତ୍ରପତି ଶିବାଜୀ ମହାରାଜା କଥା'



ଭୁବନେଶ୍ୱର, ୧୩।୪(ଅନୁରାଧା ମହାରଣା)- ଚୈତ୍ର ନବରାତ୍ରି ତଥା ଯୋଗଗୁରୁ ରାମଦେବଙ୍କ ୩୦ତମ ସନ୍ନ୍ୟାସ ଦିବସ ଅବସରରେ ସ୍ୱାମୀ ଗୋବିନ୍ଦ ଗିରିଙ୍କ ଦ୍ୱାରା 'ଛତ୍ରପତି ଶିବାଜୀ ମହାରାଜ କଥା' ଆୟୋଜିତ ହୋଇଛି। ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠ-୨ର ଯୋଗଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଚତୁର୍ଥ ଦିନରେ ପହଞ୍ଚିଛି। ସ୍ୱାମୀ ଗୋବିନ୍ଦଦେବ ଗିରି କହିଛନ୍ତି, କଥାରେ ଅଛି ଯୁଦ୍ଧ କ୍ଷତ୍ରୀୟମାନଙ୍କର ଧର୍ମ। ଦେଶର ସୀମା ତଥା ସଂସ୍କୃତି ସୁରକ୍ଷା ପାଇଁ ବଳିଦାନର ସମୟ ଆସିଲେ ବୀରମାନେ ଏଥିରୁ ପଛଘୁଞ୍ଚା ଦେବା ଉଚିତ ନୁହେଁ। ଛତ୍ରପତି ଶିବାଜୀଙ୍କ ବୀରତ୍ୱର ଉଦାହରଣ ଦେଇ ଦେଶ ପ୍ରତି ସମର୍ପିତ ରହିବା ପାଇଁ ସ୍ୱାମୀ ଗୋବିନ୍ଦ ଗିରି ଆହ୍ୱାନ ଦେଇଛନ୍ତି। ଯୋଗଗୁରୁ ରାମଦେବ କହିଛନ୍ତି, ବ୍ରିଟିଶ ଶାସନ କାଳରେ ପ୍ରଣିତ ଭୁଲ୍ ଆଇନଗୁଡ଼ିକୁ ସଂଶୋଧନ କରିବାର ଆବଶ୍ୟକତା ରହିଛି। ମଣିଷ ଜନ୍ମ ସଂଘର୍ଷ ଏବଂ ବିଜୟ ପାଇଁ ହୋଇଛି। ମୁଁ ଏକା ସେହି ରାସ୍ତାର ପଥିକ ନୁହେଁ, ବରଂ ଆମେ ସମସ୍ତେ ସହଧର୍ମୀ, ବେଦଧର୍ମୀ, ସନାତନଧର୍ମୀ ଏବଂ ରାଷ୍ଟ୍ରଧର୍ମୀ ବୋଲି ରାମଦେବ କହିଛନ୍ତି। କାର୍ଯ୍ୟକ୍ରମରେ ଭାରତୀୟ ଶିକ୍ଷାବୋର୍ଡର କାର୍ଯ୍ୟକାରୀ ଅଧିକାରୀ ଏନ୍. ପି. ସିଂହ, ପତଞ୍ଜଳି ଯୋଗପୀଠର ସାଧ୍ୱୀ ଦେବପ୍ରିୟା, ପ୍ରତିକୁଳପତି ପ୍ରଫେସର ମହାବୀର ଅଗ୍ରୱାଲ, ଭାରତ ସ୍ୱାଭିମାନର କେନ୍ଦ୍ରୀୟ ପ୍ରଭାରୀ ସ୍ୱାମୀ ପରମାର୍ଥଦେବ ଓ ପତଞ୍ଜଳୀ ବିଶ୍ୱବିଦ୍ୟାଳୟର କୁଳାନୁଶାସକ ସ୍ୱାମୀ ଆର୍ଶଦେବ ପ୍ରମୁଖ ଉପସ୍ଥିତ ଥିଲେ।

### ଏକାମ୍ରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ପୁରୁଣା ଭୁବନେଶ୍ୱର,୧୩।୪(ସୁବାସ ଚନ୍ଦ୍ର ପ୍ରଧାନ): ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ.୪୪ ବଡ଼ଗଡ଼ ଗ୍ରାମରେ ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅବସରରେ ବିଶାଳ ଜନ ସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ତଥା ଏକାମ୍ର ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଯୋଗଦେଇଥିଲେ। ବଡଗଡ ହାଇସ୍କୁଲ ଛକଠାରୁ ବଡଗଡ ଗ୍ରାମ ପରିକ୍ରମା କରିଥିଲେ। ପରେ ୱାର୍ଡ ନଂ.୫୭ର ନେତାଜୀ କ୍ଲବଠାରେ କର୍ମୀ ସମ୍ମିଳନୀ ହୋଇଥିଲା। ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନା, କର୍ପୋରେଟର ଅଜିତ୍ ବେହେରା, ସନ୍ତୋଷ ସିଂ, କେ.ଶାନ୍ତି, ମହାମାୟା ସ୍ୱାଇଁ, ଛବି ଦାସ, ବିନୟିନି ଜେନା, ଚନ୍ଦ୍ର ଶେଖର ମଲ୍ଲିଆ, ଶିବ ପ୍ରସାଦ ବେହେରା, ଦୀପକ ମିଶ୍ର, ପୂର୍ବତନ କର୍ପୋରେଟର, ଅଶୋକ ସିଂ, ଅଶ୍ୱିନୀ ସୁନ୍ଦରାୟ, ଶ୍ରୀଧର ବେହେରା, ସୁଜିତ୍ ସ୍ୱାଇଁ, ପୁଷ୍ପା ଦାସ, ବିଜୁ ଯୁବ ଜନତା ଦଳ ଭୁବନେଶ୍ୱର ସଭାପତି ସମରେଶ ବେଉରା, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଓଡ଼ିଶା କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ.ସନ୍ତୋଷ ବେଜ,ଏକାମ୍ର ଯୁବ ସଭାପତି ରାଜେଶ ପାତ୍ର, ଛାତ୍ର ନେତା ଶିବ ପ୍ରସାଦ ମହାପାତ୍ର, ଯତୀନ୍ଦ୍ର ମୋହନ ଛୋଟରାୟ, ବୁଢ଼ା ପରିଡ଼ା, ସନ୍ତୋଷ ଜେନା, ରାଜେଶ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

### ନିଜକୁ ମା' କାଳିଶୀ କହୁଥିବା ୩ ଗିରଫ

#### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଭୁବନେଶ୍ୱର,୧୩।୪ (ସୂର୍ଯ୍ୟକାନ୍ତ ବେହେରା): ଘର ଭିତରେ ଜଣେ ମହିଳାଙ୍କୁ କବାଟ ଦେଇ ଦୁର୍ବ୍ୟବହାର କରିବା ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ରବୀନ୍ଦ୍ର ରାଣା(୬୦), ସୁଶାନ୍ତ ମହାପାତ୍ର(୪୦) ଓ କାନ୍ଧୁରୀ ମହାପାତ୍ର(୬୩)। ସେମାନଙ୍କଠାରୁ ୨ ହଜାର ଟଙ୍କା, ଗୋଟିଏ ଶାଢି ଓ ଅନ୍ୟାନ୍ୟ ଜିନିଷ ଜବତ ହୋଇଛି। ଅଭିଯୁକ୍ତମାନେ ନିଜକୁ ମା କାଳିଶୀ ଦାବି କରି ଆଶୀର୍ବାଦ ଦେବା ବାହାନାରେ ଏପରି କାଣ୍ଡ ଘଟାଇଥିବା ପୋଲିସ କହିଛି।

## ମେଣ୍ଢାଶାଳରେ ଦଣ୍ଡଯାତ୍ରା

ବାରଙ୍ଗ,୧୩।୪(ଲିଙ୍ଗରାଜ ରାଉତ)

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ରାଜଧାନୀ ଉପକଣ୍ଠ ମେଣ୍ଢାଶାଳ ଗ୍ରାମରେ ୨ଦିନିଆ ଦଣ୍ଡଯାତ୍ରା ପାଳନ ହେବ। ଶନିବାର ମେରୁ ଉତ୍ସବରେ ପ୍ରଥମେ ଦଣ୍ଡଗଡ଼ା ଅନୁଷ୍ଠିତ ହୋଇଥିଲା। ଶତାଧିକ ପାଟଦାଣ୍ଡୁଆ ଦୁଲାଦେବୀଙ୍କ ମନ୍ଦିରରୁ ବାହାରି ବିଞ୍ଝାଯାଇଥିବା ଉତ୍ତପ୍ତ ବାଲିରେ ଗଡ଼ିଗଡ଼ି ଅଧ କି.ମି. ଦୂରରେ ଥିବା ଶ୍ରୀ ଶ୍ରୀ ଭଗବତ ବାସୁଦେବଙ୍କ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିରରେ କିଛି ସମୟ ବିଶ୍ରାମ ପରେ ପଦ୍ମ ପୋଖରୀରେ ସ୍ନାନାଦି କର୍ମ ସାରିଥିଲେ। ପରେ ଗାଁ ଭିତରେ ପଣାଖିଆ ନୀତି ଆରମ୍ଭ କରିଥିଲେ। ପାଟୁଆମାନେ ଗୌରିବେତଦଣ୍ଡ ଧରି ଯାଚନା ଥିବା ୮ ଶହ ପରିବାରଙ୍କ ଘରକୁ ଯାଇ ପଣା ଖାଇଥିଲେ। ପଣାଖିଆ ଉତ୍ସବ ପରେ ଶନିବାର ରାତିରୁ ଅଘୋରତପ ପାଇଁ ମା' ପାର୍ବତୀଙ୍କ ମନ୍ଦିରରେ ଗୁହାରିଆ ପଡ଼ିଥିବା ୪ ଭକ୍ତଙ୍କୁ ମନ୍ଦିରରୁ ଆଣି ପଦ୍ମ ପୋଖରୀରେ ସ୍ନାନାଦି କରାଇ ବାଜା ବଜାଇ ପାଟୁଆମାନେ ଶୋଭାଯାତ୍ରାରେ ନେଇଥିଲେ। ଅଘୋରତପିଙ୍କୁ ଜଣ ଜଣ କରି ଯଜ୍ଞକୁଣ୍ଡ ପାଖକୁ ଆଣି ଅଘୋରତପ କରାଇଥିଲେ। ନିଆଁକୁଣ୍ଡରେ ଝୁଲିଥିବା ଏହି ଅଘୋରତପ ଦେଖିବାକୁ ମେଳଣ ପଡ଼ିଆରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ରବିବାର ଝାମୁଯାତ୍ରା ଅନୁଷ୍ଠିତ ହେବ।

# ସଫେଇ କର୍ମଚାରୀ, ସୁରକ୍ଷା କର୍ମୀଙ୍କ ଧାରଣା




କ୍ୟାପିଟାଲ ହସ୍ପିଟାଲ ପରିସରରେ ସଫେଇ କର୍ମଚାରୀମାନେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୧୩।୪(ଅସମାପିକା ସାହୁ)

### କ୍ୟାପିଟାଲ ହସ୍ପିଟାଲ

କ୍ୟାପିଟାଲ ହସ୍ପିଟାଲର ସଫେଇ କର୍ମଚାରୀ ଓ ସୁରକ୍ଷା କର୍ମୀମାନେ ଶନିବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଠିକ୍ ସମୟରେ ଠିକା ସଂସ୍ଥା ଦରମା ଦେଉ ନ ଥିବା ଅଭିଯୋଗ ଆଣି ସେମାନେ କାମ ବନ୍ଦ କରି ଧାରଣାରେ ବସିଥିଲେ। ସେହିପରି ସୁରକ୍ଷାକର୍ମୀଙ୍କୁ ରୋଗୀଙ୍କ ସମ୍ପର୍କୀୟ ମାଡ଼ ମାରିଥିବା ନେଇ ମଧ ଆଉଏକ ଅଭିଯୋଗ ରହିଛି। ସଂଘ ପକ୍ଷରୁ ସକାଳୁ ସଫେଇ ବନ୍ଦ ରଖାଯାଇଥିଲା। ଫଳରେ ଚାରିଆଡେ ଅଳିଆ ପଡି ରହିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ବର୍ଦ୍ଧିତ ଦରମା ବି ଠିକା ସଂସ୍ଥା କର୍ମଚାରୀଙ୍କୁ କାହିଁକି ଦେଉ ନାହିଁ ବୋଲି ସୁରକ୍ଷା କର୍ମୀମାନେ ପ୍ରଶ୍ନ କରିଛନ୍ତି। ଦୀର୍ଘ ୫ ଘଣ୍ଟା ଧରି ଆନ୍ଦୋଳନ ପରେ ସୁରକ୍ଷାକର୍ମୀ ଓ ସଫେଇ କର୍ମଚାରୀଙ୍କ ସହ କ୍ୟାପିଟାଲ ଥାନା ଅଧିକାରୀ ଓ ଜୋନ୍ ଏସିପି ଆଲୋଚନା କରିଥିଲେ। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ ଡା. ଦିଲୀପ କୁମାର ପଣ୍ଡା କହିଛନ୍ତି, ଠିକା ସଂସ୍ଥାକୁ ସମସ୍ତ ଟଙ୍କା ପ୍ରଦାନ କରାଯାଇଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସଫେଇ ଓ ସୁରକ୍ଷା କର୍ମଚାରୀ ଦରମା ପାଇ ନ ଥିବା ଅଭିଯୋଗ ଆଣି ଆନ୍ଦୋଳନ କରୁଛନ୍ତି। ଠିକା ସଂସ୍ଥାର ଅଧିକାରୀଙ୍କ ସହ ଆଲୋଚନା ହେଉଛି। ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ ଡା. ପଣ୍ଡା କହିଛନ୍ତି।

## ଭାରତ ବିକାଶ ପରିଷଦ ବାଣୀବିହାର ଶାଖାର ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର, ୧୩।୪(ବନ୍ଦନା ସେଠୀ)

ଭାରତ ବିକାଶ ପରିଷଦ ବାଣୀବିହାର ଶାଖାର ସପ୍ତମ ସ୍ୱନକ୍ଷତ୍ର ଉତ୍ସବ ତଥା ସ୍ଥାପନା ଦିବସ ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡା. ବିଶ୍ୱନାଥ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଭାରତ ବିକାଶ ପରିଷଦର ପ୍ରାନ୍ତୀୟ ସଭାପତି ସତ୍ୟବାଦୀ ଦାଶ ଏବଂ ମୁଖ୍ୟବକ୍ତା ଭାବେ ପୂର୍ବପ୍ରାନ୍ତର ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗଦେଇଥିଲେ। ଏହି ଅବସରରେ ସେବା ଓ ସହଯୋଗ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ଡାକ୍ତର ସନାତନ ତ୍ରିପାଠୀ ଓ ସାମାଜିକ କର୍ମୀ ଗଗନ ପାଇତାଲଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପରିଷଦ କର୍ମକର୍ତ୍ତାଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏଥିସହ ଶାଖାର ବାର୍ଷିକ ମୁଖପତ୍ର 'ବିକାଶ ବାଣୀ'କୁ ଉନ୍ମୋଚନ କରାଯାଇଥିଲା। ଶାଖା ସଭାପତି ମୃତ୍ୟୁଞ୍ଜୟ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ବିଶ୍ୱନାଥ ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୨୪-୨୫ ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ଗୌରାଙ୍ଗ ଚରଣ ନାୟକ, ଉପସଭାପତି ନିର୍ମଳଚନ୍ଦ୍ର ଦାଶ, ସୌରୀନ୍ଦ୍ର କୁମାର ମହାନ୍ତି ଓ ଡ. ପ୍ରୀତିପ୍ରଜ୍ଞାଲୋକ, ସମ୍ପାଦକ ଭାବେ ବିଶ୍ୱନାଥ ପତି ଓ କୋଷାଧ୍ୟକ୍ଷ ଭାବେ ରାଜେନ୍ଦ୍ର ଦାସଙ୍କୁ ମନୋନୀତ କରାଯାଇଛି।

# ଖୋର୍ଦ୍ଧା ଜିଲାରେ ୧୬ ଅତିରିକ୍ତ ମତଦାନ କେନ୍ଦ୍ର

ଖୋର୍ଦ୍ଧା,୧୩।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ୧୬ଟି ଅତିରିକ୍ତ ମତଦାନ କେନ୍ଦ୍ର ହେବ। ଭୁବନେଶ୍ୱର ମଧ ନିର୍ବାଚନମଣ୍ଡଳୀରେ ଗୋଟିଏ, ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୫ଟି, ଏକାମ୍ର ନିର୍ବାଚନମଣ୍ଡଳୀରେ ୯ଟି ଏବଂ ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ଅଧୀନରେ ଗୋଟିଏ ଅତିରିକ୍ତ ମତଦାନ କେନ୍ଦ୍ର ହେବ। ଏହି ୪ଟି ବିଧାନସଭା କ୍ଷେତ୍ରରେ ମୋଟ୍ ୯୩୨ଟି ମତଦାନ କେନ୍ଦ୍ର ଥିବାବେଳେ ଆଉ ୧୬ଟି ଅତିରିକ୍ତ ବୁଥ୍ ହେବା ଦ୍ୱାରା ବୁଥ୍ ସଂଖ୍ୟା ୯୪୮ରେ ପହଞ୍ଚିଛି। ସହରାଞ୍ଚଳରେ ୧୬ଶହରୁ ଅଧିକ ମତଦାତା ଏବଂ ଗ୍ରାମାଞ୍ଚଳରେ ୧୫ ଶହରୁ ଅଧିକ ଭୋଟର ଥିବା ପୂର୍ବ ମତଦାନ କେନ୍ଦ୍ରରୁ ପୃଥକ୍ କରି ଏହି ଅତିରିକ୍ତ କେନ୍ଦ୍ର କରାଯାଇଛି।

ଏ ସଂକ୍ରାନ୍ତରେ ବିଭିନ୍ନ ରାଜନୈତିକ ଦଳ ଏବଂ ଅଂଶୀଦାରମାନଙ୍କ ସହ ହୋଇଥିବା ବିଚାରବିମର୍ଶକୁ ଆଧାରକରି ପଠାଯାଇଥିବା ପ୍ରସ୍ତାବକୁ ନିର୍ବାଚନ କମିଶନଙ୍କ ଅନୁମୋଦନ ପରେ ଏହି ୧୬ଟି ଅତିରିକ୍ତ ମତଦାନ କେନ୍ଦ୍ର ହେବ। ଏହି ମତଦାନ କେନ୍ଦ୍ରଗୁଡ଼ିକ ସମ୍ପୃକ୍ତ ମୂଳ ମତଦାନ କେନ୍ଦ୍ର ଥିବା କ୍ୟାମ୍ପସ ମଧ୍ୟରେ ହିଁ ରହିବ। ୧୧୨-ଭୁବନେଶ୍ୱର ମଧ ବିଧାନସଭା ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଝାରପଡ଼ା(ବୁଥ୍ ନଂ.୧୮୦), ୧୧୩-ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଳାରାହାଙ୍ଗ (ବୁଥ୍ ନଂ.୨୩), ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଟିଆ (ବୁଥ୍ ନଂ. ୨୯), ମହର୍ଷି ମହିଳା ମହାବିଦ୍ୟାଳୟ, ଶୈଳଶ୍ରୀବିହାର (ବୁଥ୍ ନଂ.୬୯), ସରକାରୀ ପ୍ରାଥମିକ ବିଦ୍ୟାଳୟ, ଜନତାନଗର, ସାଲିଆସାହି (ବୁଥ୍ ନଂ.୧୪୫), ସରକାରୀ ଉଚ୍ଚ ବିଦ୍ୟାଳୟ, ପଳାଶୁଣୀ (ବୁଥ୍ ନଂ.୨୨୬), ୧୧୪-ଏକାମ୍ର ଭୁବନେଶ୍ୱର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଘାଟିକିଆ (ବୁଥ୍ ନଂ. ୭ ଓ ୧୨), ସରକାରୀ ଉଚ୍ଚ ବିଦ୍ୟାଳୟ, ଖଣ୍ଡଗିରି (ବୁଥ୍ ନଂ.୪୪ ଓ ୪୭), ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମୁଡୁମା ଗ୍ରାମ (ବୁଥ୍ ନଂ.୧୨୪ ଓ ୧୨୬), ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯଦୁପୁର (ବୁଥ୍ ନଂ.୧୩୮), ବିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ପୁରୁଣା ଭୁବନେଶ୍ୱର (ବୁଥ୍ ନଂ.୧୫୧), ସେଣ୍ଟ ଜାଭିୟର ହାଇସ୍କୁଲ, କେଦାରଗୌରୀ (ବୁଥ୍ ନଂ.୧୫୭) ଏବଂ ୧୧୭-ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଡ଼ଖୋର୍ଦ୍ଧା (ବୁଥ୍ ନଂ.୪୩)ରେ ଏହିସବୁ ଅତିରିକ୍ତ କେନ୍ଦ୍ର ଖୋଲାଯିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## 'ଫାଲଗୁନି ତିଥିର ଝିଅ' ଉନ୍ମୋଚିତ

ଭୁବନେଶ୍ୱର,୧୩।୪(ଶର୍ମିଷ୍ଠା ପାଣିଗ୍ରାହୀ) - କବି ମନୋରମା ବିଶ୍ୱାଳ ମହାପାତ୍ରଙ୍କ କବିତା ସଙ୍କଳନ 'ଫାଲଗୁନି ତିଥିର ଝିଅ' ଶନିବାର ଆଚାର୍ଯ୍ୟବିହାରସ୍ଥିତ ବାସଭବନରେ ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କବି ଡ. ମହାପାତ୍ରଙ୍କ ସହ ଏହି ପୁସ୍ତକର ପ୍ରକାଶକ ବନଫୁଲର ନିର୍ଦ୍ଦେଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ଯୋଗଦେଇଥିଲେ। କବି ଡ. ମହାପାତ୍ର ଦୀର୍ଘ ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ହେବ ନିଜର ସାରସ୍ୱତ ସାଧନା ଜାରି ରଖିବା ସହ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ବହୁ ଜାତୀୟ ପୁରସ୍କାର ମଧ ଲାଭ କରିଛନ୍ତି। ଏତଦ୍‌ବ୍ୟତୀତ ତାଙ୍କର ବହୁ ପୁସ୍ତକ ଅନ୍ୟ ଭାଷାରେ ଅନୁଦିତ ହୋଇ ବିପୁଳ ପାଠକୀୟତା ହାସଲ କରିଛି।

## ଆମ୍ରି ହସ୍ପିଟାଲରେ ବିଶ୍ୱ ପାର୍କିନ୍‌ଶନ୍ସ ଦିବସ




ଭୁବନେଶ୍ୱର,୧୩।୪(ଅନୁରାଧା ମହାରଣା)

ପାର୍କିନ୍‌ଶନ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୧୧ ତାରିଖକୁ ବିଶ୍ୱ ପାର୍କିନଶନ୍ସ ଦିବସ ଭାବରେ ପାଳନ କରାଯାଉଛି। ଏହି ଅବସରରେ ଭୁବନେଶରସ୍ଥିତ ଆମ୍ରି ହସ୍ପିଟାଲର ନ୍ୟୁରୋଲୋଜି ବିଭାଗ ପକ୍ଷରୁ ପାର୍କିନଶନ୍ସ ଦିବସ ପାଳିତ ହୋଇଯାଇଛି। ଏଥିରେ ନ୍ୟୁରୋଲୋଜି ବିଭାଗର ଡା. ପି. ଆର. ଭୂୟାଁ, ଡା. ଏଲ. ଡି. ପାଢ଼ୀ, ଡା. ଆକାଶ ଅଗ୍ରୱାଲ ଏବଂ ନ୍ୟୁରୋସର୍ଜରି ବିଭାଗର ଡାକ୍ତର ଅମିତ ଯଶୱାଲ ଯୋଗଦେଇ ଏହି ରୋଗର କାରଣ, ଲକ୍ଷଣ ଓ ଠିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ପାର୍କିନ୍‌ଶନ ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆମ୍ରି ହସ୍ପିଟାଲର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ବହୁ ପାର୍କିନ୍‌ଶନ ରୋଗୀ, ତାଙ୍କ ପରିବାର ସଦସ୍ୟଙ୍କ ସମେତ ଅନ୍ୟାନ୍ୟ ବିଭାଗର ଡାକ୍ତର, ନର୍ସ ଓ କର୍ମଚାରୀ ଯୋଗଦେଥିଲେ।

# 'ଶଙ୍ଖ ଚିହ୍ନ ପାଇଁ ଭୋଟ କର'

ଅନୁଗୋଳ,୧୩।୪ (ଅମିତ କୁମାର ସାମଲ)



ନବୀନ ନିବାସରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହିତ ଅନୁଗୋଳ ନିର୍ବାଚନମଣ୍ଡଳୀର ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧିମାନେ।

### ନବୀନ ନିବାସରେ ପହଞ୍ଚିଲା ଅନୁଗୋଳ ଟିକେଟ୍ ଦାବି

- ବିଜେଡି ସମର୍ଥିତ ସରପଞ୍ଚମାନଙ୍କୁ ଡାକି ଆଲୋଚନା କଲେ ପାଣ୍ଡିଆନ
- ଦଳ ପ୍ରାର୍ଥୀ ଦେଲେ ତାଙ୍କ ପାଇଁ କାର୍ଯ୍ୟ କରିବାକୁ ଦିଆଗଲା ପରାମର୍ଶ

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ଇତିମଧ୍ୟରେ ଦଳ ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଥିଲେ ମଧ ଅନୁଗୋଳକୁ ଝୁଲାଇ ରଖାଯାଇଛି। ଫଳରେ ଦଳୀୟ ଟିକେଟ୍ ପାଇଁ ଲବି ଚଳାଇଥିବା ବିଧାୟକ ରଜନୀକାନ୍ତ ସିଂହ ଓ ଅନ୍ୟ ଆଶାୟୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ନିର୍ବାଚନମଣ୍ଡଳୀର ବିଜେଡି ସମର୍ଥିତ ବହୁ ପଞ୍ଚାୟତସ୍ତରୀୟ ନେତା ମେଳି କରି ତୁରନ୍ତ ଅନୁଗୋଳ ପାଇଁ ପ୍ରାର୍ଥୀ ଘୋଷଣା କରିବାକୁ ବାରମ୍ବାର ଦାବି କରୁଥିବାରୁ ଶନିବାର ଏହି ପ୍ରସଙ୍ଗ ନବୀନ ନିବାସରେ ପହଞ୍ଚିଛି। ବିଜେଡି ସମର୍ଥିତ ସମ୍ପୃକ୍ତ ସରପଞ୍ଚମାନଙ୍କୁ ନବୀନ ନିବାସ ଡାକି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଲୋଚନା କରିବା ସହ ଦଳ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବ ବୋଲି ବୁଝାଇ ଦେଇଛନ୍ତି। ଏଥିସହ ଦଳୀୟ ନିଷ୍ପତ୍ତିକୁ ଗ୍ରହଣ କରି ଶଙ୍ଖ ଚିହ୍ନ ପାଇଁ ଭୋଟ କରିବାକୁ ପରାମର୍ଶ ଦେଇଥିବା ସରପଞ୍ଚମାନେ ପ୍ରକାଶ କରିଛନ୍ତି।

ସରପଞ୍ଚମାନଙ୍କ କହିବା ଅନୁଯାୟୀ, ଶୁକ୍ରବାର ଶଙ୍ଖ ଭବନରୁ ଅନୁଗୋଳ ବିଧାନସଭା କ୍ଷେତ୍ରର ବିଜେଡି ସମର୍ଥିତ ସରପଞ୍ଚମାନଙ୍କ ନିକଟକୁ ଫୋନ୍ କଲ୍ ଆସିଥିଲା। ନିର୍ଦ୍ଦେଶ ଅନୁଯାୟୀ ସମ୍ପୃକ୍ତ ସରପଞ୍ଚମାନଙ୍କ ସହ ସ୍ଥାନୀୟ କେତେଜଣ ନେତା ଶନିବାର ଶଙ୍ଖ ଭବନରେ ପହଞ୍ଚିଥିଲେ। ଏହାପରେ ସେମାନଙ୍କୁ ନବୀନ ନିବାସକୁ ୨ଟି ପର୍ଯ୍ୟାୟରେ ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୩୦ ଜଣ ଯାଇଥିବା ବେଳେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ସେମାନଙ୍କ ସହ ଆଲୋଚନା କରିଥିଲେ। ଦଳ କାହାକୁ ଟିକେଟ୍ ଦେବ, ତାହା ଜଣାନାହିଁ। ଦଳ ପ୍ରାର୍ଥୀ ଚୂଡ଼ାନ୍ତ କଲେ ତାଙ୍କ ପାଇଁ କାର୍ଯ୍ୟ କରିବାକୁ ପାଣ୍ଡିଆନ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମଧ ଯାଇଥିବା ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧିଙ୍କ ସହ ପାଣ୍ଡିଆନ ଆଲୋଚନା କରିଥିଲେ। ସେମାନଙ୍କୁ ବି ସମାନ କଥା କୁହାଯାଇଥିଲା। ଅନୁଗୋଳ ପାଇଁ ଥିବା ୩ ଜଣ ଆଶାୟୀ ନେତାଙ୍କ ମଧ୍ୟରୁ ଜଣଙ୍କୁ ଦଳ ପକ୍ଷରୁ ଟିକେଟ୍ ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ କେଉଁମାନେ ଆଶାୟୀ ରହିଛନ୍ତି, ସେମାନଙ୍କ ନାମ ଗୋପନ ରଖାଯାଇଥିଲା। ନବୀନ ନିବାସରେ ଆଲୋଚନା କରି ଫେରିଥିବା ସରପଞ୍ଚମାନେ ଏହି ସୂଚନା ଦେଇଥିଲେ ହେଁ ଅନୁଗୋଳର ପ୍ରାର୍ଥୀଙ୍କୁ ନେଇ ସେମାନେ ଏଯାଏ ଅନ୍ଧାରରେ ଥିବା ପ୍ରକାଶ କରିଛନ୍ତି।

# ତତଲା ବାଲି, କଣ୍ଟାରେ ଗଡ଼ିଲେ ମାନସିକଧାରୀ

**ଶୈବ ଓ ଶାକ୍ତ ପରମ୍ପରାର ଅନନ୍ୟ ପର୍ବ ହେଉଛି ଦଣ୍ଡଯାତ୍ରା ବା ମେରୁ ଉପାସନା। ଦୃଢ଼ ଆତ୍ମବିଶ୍ୱାସ ଓ ନିଷ୍ଠାର ଅନ୍ୟ ନାମ ଦଣ୍ଡ ଉପବାସ। ପରିବାରର ସୁଖଶାନ୍ତି, ସମୃଦ୍ଧି, ସକଳ ମନସ୍କାମନା କରି ମାନସିକଧାରୀ(ଦଣ୍ଡୁଆ) ଠାକୁରଙ୍କ ନିକଟରେ ନିଜକୁ ସମର୍ପଣ କରିଥା'ନ୍ତି। ଖୋର୍ଦ୍ଧା ସହରର ଉପରସାହି କାମନାବର ଠାକୁରଙ୍କ ନିକଟରେ ଦେଖିବାକୁ ମିଳେ ଏହି ଅନନ୍ୟ ପରମ୍ପରା। ଏଠାରେ ମାନସିକଧାରୀ ଠାକୁରଙ୍କୁ ସ୍ମରଣକରି ତତଲା ବାଲି, କୋଇଲିଖିା କଣ୍ଟାରେ ଗଡ଼ିବା ସହ ଶେଷରେ ପାଟପର୍ବ ଅନୁଷ୍ଠିତ ହୋଇଥାଏ।**



**ଖୋର୍ଦ୍ଧା, ୧୩।୪ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାର ପୁରପଲ୍ଲୀରେ ମେରୁଯାତ୍ରା ପାଳିତ ହୋଇଯାଇଛି। ମାନସିକସାରୀ ୨୧ ଦିନ ଧରି ନିଷ୍ଠାର ସହ ଉପବାସ ରହି ପର୍ବକୁ ପାଳନ କରିଥିଲେ। ମାନସିକଧାରୀ ତତଲା ବାଲିରେ ଚାଲିବା ସହ କୋଇଲିଖା କଣ୍ଟାରେ ଗଡ଼ିଥିଲେ। ପାଟଭୁକ୍ତା ନିଆଁରେ ଝୁଲିଥିଲେ। ବିଶ୍ୱାସ ଓ ନିଷ୍ଠା ଯୋଗୁ ତତଲା ବାଲି କିମ୍ବା କଣ୍ଟାରେ ଗଡ଼ିବା ବେଳେ ଶରୀରକୁ କୌଣସି କଷ୍ଟ ହୋଇ ନ ଥାଏ ବୋଲି କହିଛନ୍ତି ମାନସିକଧାରୀ। ମାସାଧିକ କାଳ ନିଷ୍ଠାରେ ରହି ସମସ୍ତ ନୀତି ସମ୍ପନ୍ନ କରିଥା'ନ୍ତି। ଆଉ ଶେଷ ୭ ଦିନ କେବଳ ଗୋଟିଏ ଓଳି ପଣା ସେବନକରି ମନ୍ଦିର ପରିସରରେ ରାତ୍ରିଯାପନ କରିଥା'ନ୍ତି। ଏହାଦ୍ୱାରା ସେମାନଙ୍କ ସକଳ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସହରର ଉପରସାହିସ୍ଥିତ କାମନାବର ମନ୍ଦିରରେ ମେରୁଯାତ୍ରାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ବାହ୍ନରେ ଦଣ୍ଡୁଆମାନେ କୋଇଲିଖା କଣ୍ଟା ସଂଗ୍ରହକରି ହରିଚନ୍ଦନ ପୋଖରୀରେ ବୁଡ଼ାଇ ରଖିଥିଲେ। ମଧ୍ୟାହ୍ନରେ ଧୂଳିଦଣ୍ଡ ଅନୁଷ୍ଠିତ ହୋଇଥିଲା। ଧୂଳିଦଣ୍ଡରେ ଦଣ୍ଡୁଆମାନେ ବିଭିନ୍ନ ପ୍ରକାର ଦଣ୍ଡ ଭାଙ୍ଗିଥିଲେ। ଓଡ଼ିଶାର କୃଷି ପରମ୍ପରାର ଝଲକ ମଧ୍ୟ ଏଥିରେ ଦେଖିବାକୁ ମିଳେ। ଧୂଳିଦଣ୍ଡ ପରେ ମାନସିକଧାରୀ ହରିଚନ୍ଦନ ପୋଖରୀରେ ପହଞ୍ଚିଥିଲେ। ସ୍ନାନସାରି ସେଠାରେ ନୀତି ସମ୍ପନ୍ନ ହେବା ପରେ କଣ୍ଟାକୁ ଆଣି ମନ୍ଦିର ସମ୍ମୁଖରେ ଶହେ ମିଟର ପର୍ଯ୍ୟନ୍ତ ପ୍ରାୟ ୨ଫୁଟ ଉଚ୍ଚତାରେ ବିଛାଇଥିଲେ। ପାଟଭୁକ୍ତା କାମନା ଦେବ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଠାକୁରଙ୍କୁ ଧରି କଣ୍ଟାର ଚତୁଃପାର୍ଶ୍ୱ ପରିକ୍ରମା କରି ତାହାକୁ ସ୍ପର୍ଶ କରାଇଥିଲେ। ପରେ ଦଣ୍ଡୁଆମାନେ ପାଟଭୁକ୍ତାଙ୍କ ସହ କଣ୍ଟାର ଚାରିପଟେ ୭ଥର ପରିକ୍ରମା କରିଥିଲେ। ଘଣ୍ଟ, ଘଣ୍ଟା, କାହାଳି, ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ରରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଭକ୍ତଙ୍କ ଜୟ ଜୟକାର, ମନ୍ତ୍ରଧ୍ୱନି, ହୁଳହୁଳିରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ପରେ ଦଣ୍ଡୁଆମାନେ କଣ୍ଟା ଉପରେ ଗଡ଼ିଥିଲେ।

ଅପରାହ୍ନରେ ଦଣ୍ଡୁଆମାନେ ସ୍ନାନସାରି ମନ୍ଦିରରେ ପହଞ୍ଚି ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ପାଟପର୍ବ ପାଇଁ ପ୍ରସ୍ତୁତି କରାଯାଇଥିଲା। ମନ୍ଦିର ପରିସରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମେରୁ ଖୁଣ୍ଟକୁ ଶୋଧ କରାଯାଇ ଆମ୍ବ ବନ୍ଧାଯାଇଥିଲା। ପରେ ଠାକୁରଙ୍କ ନିକଟରେ ଗୁହାରିଆ ପଡ଼ିଥିବା ପାଟଭୁକ୍ତାଙ୍କ ଗୋଡ଼କୁ ଦଉଡ଼ିରେ ବାନ୍ଧି ଗୋଡ଼ ଦୁଇଟି ଉପରକୁ କରାଯାଇ ମେରୁଖୁଣ୍ଟରେ ବନ୍ଧାଯାଇଥିଲା। ତଳେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ସମୟରେ ପାଟଭୁକ୍ତା ବନ୍ଧାଯାଇଥିବା ଆମ୍ବକୁ ଫୋପାଡ଼ିଥିଲେ। ବିଶ୍ୱାସ ରହିଛି, ଏହି ଆମ୍ବକୁ ବନ୍ଧ୍ୟାନାରୀ ସେବନକଲେ ସନ୍ତାନ ପ୍ରାପ୍ତି ହୋଇଥାଏ। ଦଣ୍ଡୁଆମାନେ ଗଡ଼ିଥିବା କଣ୍ଟା ଠାକୁରଙ୍କ ସ୍ପର୍ଶ ପାଇଥିବାରୁ ଏହାକୁ ନେଇ ଘରେ ରଖିଲେ ପରିବାରରେ ଶାନ୍ତି ବଜାୟ ରହିବା ସହ ସକଳ ଦୁରାରୋଗ୍ୟ ମଧ୍ୟ ଦୂର ହୋଇଥାଏ। ଏ ସମ୍ପର୍କରେ ପାଟଭୁକ୍ତା କହିଛନ୍ତି, ଏହି ପରମ୍ପରା ପ୍ରାୟ ଶହେବର୍ଷରୁ ଊର୍ଦ୍ଧ୍ୱ ହେବ। ଓଡ଼ିଶାର ସଂସ୍କୃତି, ପରମ୍ପରା ମଧ୍ୟରେ ଦଣ୍ଡଯାତ୍ରା ଅନନ୍ୟ। ନିଷ୍ଠା, ସମର୍ପଣ ଓ ଭକ୍ତିଭାବ ରହିଲେ ଈଶ୍ୱରତ୍ୱ ପ୍ରାପ୍ତି ହୋଇଥାଏ। କୋଇଲିଖା କଣ୍ଟାରେ ଗଡ଼ିବା ବେଳେ କଣ୍ଟା ଦେହରେ ଭେଦିବା ସମ୍ଭାବନା ରହିଥାଏ। ତେବେ ଦଣ୍ଡୁଆମାନଙ୍କୁ କିଛି ହୋଇ ନ ଥାଏ। ଏସବୁ ଠାକୁରଙ୍କ ମହିମା ଓ ଆଶୀର୍ବାଦ। କଣ୍ଟାର କଷ୍ଟକୁ ଦଣ୍ଡୁଆମାନେ ଉପଲବ୍ଧି କରି ନ ଥାନ୍ତି। ଏସବୁ କାମନାବର ଠାକୁରଙ୍କ ଅସୀମ ମହିମା ବୋଲି ସେମାନେ କହିଛନ୍ତି।

## ୨ ଖବରଦାତାଙ୍କ ସମେତ ୧୨ଜଣଙ୍କ ନାଁରେ ଏତଲା

### ଭାଜପା ପଦଯାତ୍ରାରେ ଗଣ୍ଡଗୋଳ ଘଟଣା

**ନିରାକାରପୁର, ୧୩।୪ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ପଞ୍ଚାୟତ ଦଳିତସାହିଠାରେ ଗତ ୧୧ ତାରିଖରେ ଭାଜପା ପକ୍ଷରୁ ପଦଯାତ୍ରା ଚାଲିଥିବା ବେଳେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧକ୍କା ମାରିବା ସହ ତାଙ୍କ ମୋବାଇଲ ଛଡ଼ାଇ ନେଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୩୧/୨୪) ରୁଜୁ ହୋଇଛି। ଅନ୍ୟପଟେ ଏହି ଘଟଣା ବେଳେ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜ କରିଥିବା ନେଇ ୨ଜଣ ଖବରଦାତାଙ୍କ ସମେତ ୧୨ଜଣଙ୍କ ନାମରେ ଛଣଗିରି ଦଳିତ ସାହିର କେତେଜଣ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୩୨/୨୪) ରୁଜୁ ହୋଇଛି ବୋଲି ଥାନା ଅଧିକାରିଣୀ ପ୍ରଜ୍ଞା ରିତମ୍ଭରା କର ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଛାତ୍ର ଗୋଷ୍ଠୀ ସଂଘର୍ଷ ଘଟଣାରେ ୪ ଗିରଫ

**ଯାଁଳା, ୧୩।୪ (ବୁଲା ବାରିକ)**

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଆହତ ଦୁଇ ଛାତ୍ରଙ୍କୁ ଚିକିତ୍ସା ପାଇଁ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ୪ ଛାତ୍ରଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଗୁରୁଡ଼ିଝାଟିଆ ଥାନା ଧବଳେଶ୍ୱରର କରନ୍‌ଜିତ ଦେବାଶିଷ ବେଉରା, ପୁରୀ ତେଲେଙ୍ଗାପେଣ୍ଠର ସୂର୍ଯ୍ୟ ନାରାୟଣ ବଳିଆରସିଂହ ଓରଫ ଧତ୍ତୁ, ଅନୁଗୋଳ ନିଯୁ ବାସୁଦେବପୁରର ଲୁକେଶ ପଟ୍ଟନାୟକ ଓରଫ ଗୁଡୁ ଓ ପୁରୀ ନୟାହାଟ ଥାନା ନରସିଂହ ପ୍ରସାଦର ବିଶ୍ୱଜିତ ସେନାପତି ଓରଫ ବିକାଶ। ଅଭିଯୋଗ ମୁତାବକ, ଉକ୍ତ କଲେଜର କେତେଜଣ ଛାତ୍ର ଏକ ମେସ୍‌ରେ ରୁହନ୍ତି। କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଶୁକ୍ରବାର ସକାଳେ ବିବାଦ ଉପୁଜିଥିଲା। ଏନେଇ ଦୁଇ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ କଲେଜ ଭିତରେ ବଚସା ହେବା ସହ ମୁହାଁମୁହିଁ ହୋଇଥିଲେ। ଅପରାହ୍ନ ୪ଟାରେ କଲେଜରୁ ବାହାରିବା ପରେ ପୁଣି ବଚସା ହେବା ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ୨ ଛାତ୍ର ଆହତ ହୋଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା।

### ନବାହ୍ନ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ

**ବୋଲଗଡ଼, ୧୩।୪ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ହଳଦୀପଦା ସ୍ଥିତ ମା' ଅପୂଜାଚଣ୍ଡୀଙ୍କ ପୀଠରେ ଶ୍ରୀମଦ ରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ଣ୍ଣାହୁତି ପ୍ରଦାନ ସହ ଉଦ୍‌ଯାପିତ ହୋଇଯାଇଛି। ଏହି ନବଦିନାତ୍ମକ କାର୍ଯ୍ୟକ୍ରମକୁ ମା'ଅପୂଜାଚଣ୍ଡୀ ମାନସ ପାରାୟଣ ପରିଚାଳନା କମିଟି ଏବଂ ହଳଦୀପଦା ଓ ବାରଦାଣ୍ଡି ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜନ କରାଯାଇଥିଲା। ଆୟୋଜିତ ଯଜ୍ଞ କର୍ମକାଣ୍ଡରେ ବ୍ୟାସ ଭାବେ ମହନ୍ତ ମୋହନ ମହାରାଜ ଓ ଆଚାର୍ଯ୍ୟଭାବେ ପଣ୍ଡିତ ରମେଶ ଚନ୍ଦ୍ର କର ଦାୟିତ୍ୱ ତୁଲାଇଥିଲେ। ସନ୍ଥ ପୁରୁଷୋତ୍ତମ ଦାସ, ବାବା ଦିବାକର ଦାସ, ପଣ୍ଡିତ ବିପିନ ବିହାରୀ ସାମଲ, ପଣ୍ଡିତ ସନ୍ତୋଷ କୁମାର ସାହୁ, ପଣ୍ଡିତ ପ୍ରଶାନ୍ତ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ରାୟଗୁରୁ, ପଣ୍ଡିତ ଆଶୀର୍ବାଦ ମହାରାଜ ପ୍ରମୁଖ ପ୍ରବଚନ ଦେଇଥିଲେ। ପୂର୍ଣ୍ଣାହୁତି ପ୍ରଦାନ ଅବସରରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଯୋଗଦେଇ ହୋମଅଗ୍ନିରେ ଘୃତ ପ୍ରଦାନ କରିଥିଲେ।

### ନିଜକୁ ମା' କାଳସୀ କହୁଥିବା ୩ ଗିରଫ

#### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଭୁବନେଶ୍ୱର, ୧୩।୪ (ସୂର୍ଯ୍ୟକାନ୍ତ ବେହେରା)**

ଘର ଭିତରେ ଜଣେ ମହିଳାଙ୍କୁ କବାଟ ଦେଇ ଦୁର୍ବ୍ୟବହାର କରିବା ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ରବିନ୍ଦ୍ର ରାଣା(୬୦), ସୁଶାନ୍ତ ମହାପାତ୍ର(୪୦) ଓ କାଞ୍ଚୁରୀ ମହାପାତ୍ର(୬୩)। ସେମାନଙ୍କଠାରୁ ୨ ହଜାର ଟଙ୍କା, ଗୋଟିଏ ଶାଢୀ ଓ ଅନ୍ୟାନ୍ୟ ଜିନିଷ ଜବତ ହୋଇଛି। ଅଭିଯୁକ୍ତମାନେ ନିଜକୁ ମା କାଳିସୀ ଦାବି କରି ଆଶୀର୍ବାଦ ଦେବା ବାହାନାରେ ଏପରି କାଣ୍ଡ ଘଟାଇଥିବା ପୋଲିସ କହିଛି।

## ସରିଲା ପନ୍ଦରଦୋଳ ମେଳଣ, ବାହୁଡ଼ିଲେ ଠାକୁର



ମେଳଣ ପରେ ଠାକୁରମାନେ ସ୍ୱମନ୍ଦିର ଅଭିମୁଖେ ଯାଉଛନ୍ତି।

**ବୋଲଗଡ଼, ୧୩।୪ (ଦେବବ୍ରତ ହୋତା)**

ବୋଲଗଡ଼ ତୃତୀୟାପଡ଼ାଠାରେ ଅମୃତେଶ୍ୱର ଦେବଙ୍କ ବାରପଲ୍ଲୀ ଦୋଳ ମହୋତ୍ସବ ପନ୍ଦରଦୋଳ ଯାତ୍ରାର ମେଳଣ ଉତ୍ସବ ଶୁକ୍ରବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ପନ୍ଦରଦୋଳ ଯାତ୍ରା ପ୍ରତିବର୍ଷ ୩ ଦିନ ଧରି ଆୟୋଜିତ ହୋଇଥାଏ। ପାରମ୍ପରିକ ଭାବେ ଯଥା ରୀତିନୀତି ଅନୁସାରେ ରାଜଠାକୁର ଭାବେ ଖଙ୍ଗୁରିଆ ଗ୍ରାମର ଅମୃତେଶ୍ୱର ଦେବ ଏବଂ ମନ୍ତ୍ରୀ ଠାକୁର ଭାବେ ସଂପୁର ଗ୍ରାମରେ ପୂଜା ପାଉଥିବା ବାଲୁଙ୍କେଶ୍ୱର ଦେବଙ୍କ ସମେତ ଉକ୍ତ ଦୋଳ ମହୋତ୍ସବକୁ ନିମନ୍ତ୍ରିତ ହୋଇ ୩୯ଟି ଦୋଳବିମାନରେ ଦେବଦେବୀ ଉପବେଶନ ହୋଇ ପୂଜା ପାଇବା ସହ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଥିଲେ। ଏହି ଦୋଳଯାତ୍ରା ଉତ୍ସବ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଥିଲା। ମେଳଣ ପରେ ଯାତ୍ରା ପଡ଼ିଆରୁ ପ୍ରଥମେ ରାଜଠାକୁର ଅମୃତେଶ୍ୱର ଦେବ ପରେ ମନ୍ତ୍ରୀ ଠାକୁର ଭାବେ ବିଜେ କରିଥିବା ବାଲୁଙ୍କେଶ୍ୱର ଦେବ ଏବଂ ସମସ୍ତ ନିମନ୍ତ୍ରିତ ଦେବଦେବୀ ସ୍ୱମନ୍ଦିରକୁ ଦୋଳବିମାନରେ ବାହୁଡ଼ିଥିଲେ। ଠାକୁରମାନଙ୍କ ମେଳଣ ପରେ ପରେ ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା। ଏହି ଯାତ୍ରାରେ ଆକର୍ଷଣୀୟ ଶୋଭାଯାତ୍ରା ଓ ସାଜସଜ୍ଜା ପାଇଁ ଘୋରଡ଼ିଆ ଗ୍ରାମ ପ୍ରଥମ, ପଞ୍ଚୁକୋଟ ଗ୍ରାମ ଦ୍ୱିତୀୟ ଏବଂ ବୋଲଗଡ଼ ଗାନ୍ଧୀନଗର ଠାକୁରଙ୍କ ମେଢ଼ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସେମାନଙ୍କ ତତ୍ତ୍ୱାବଧାରକମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

## କଣ୍ଟାରେ ଗଡ଼ିଲେ, ନିଆଁରେ ଚାଲିଲେ

**ବେଗୁନିଆ, ୧୩।୪ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମର କାମନା ଦେବୀ ମନ୍ଦିର ପରିସରରେ ମେରୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈଦିକ ରୀତିରେ ନିଷ୍ଠାର ସହ ଦଣ୍ଡର ଶେଷଦିନରେ ଅଂଶଗ୍ରହଣ କରିଥିବା ପାଟଭକତାମାନେ ବିଭିନ୍ନ କଣ୍ଟା ବିଛାଇ ତା ଉପରେ ଗଡିଥିଲେ। ଏପରିକି ସିମୋର ସମେତ ବିଭିନ୍ନ ସ୍ଥାନରେ ମଧ୍ୟ ମେରୁ ଝାମୁଯାତ୍ରାରେ ଭକ୍ତମାନେ ନିଆଁରେ ଚାଲିଥିଲେ।

## ବିଭିନ୍ନ ସ୍ଥାନରେ ଝାମୁଯାତ୍ରା

**ଯାଁଳା, ୧୩।୪ (ବୁଲା ବାରିକ)**

ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ସମସ୍ତ ଶକ୍ତି ଓ ଶୈବ ପୀଠଗୁଡ଼ିକ ଚଳଚଞ୍ଚଳ ହୋଇପଡ଼ିଛି। ଯାଁଳା, ଘାଟିକିଆ, ପାତ୍ରପଡ଼ା, ଛତାବର, ଅରିଶଳ, ପାଣିଓରା, ପଳାଶପୁର ଆଦି ଗ୍ରାମରେ ଶକ୍ତି ପୀଠରେ ପାରମ୍ପରିକ ଭାବେ ଆରମ୍ଭ ହୋଇଯାଇଛି ଝାମୁଯାତ୍ରା। ଏହି ଝାମୁଯାତ୍ରା ଅବସରରେ ମାନସିକଧାରୀ ପାଟୁଆମାନେ ଅଘୋରତପ ସାଧନା କରିଥିଲେ। ମାନସିକଧାରୀ ତତିଲା ବାଲି, କଣ୍ଟା ଉପରେ ଗଡିବା ସହ ନିଆଁରେ ଝୁଲି କଠୋର ତପ ସାଧନା କରିଥିଲେ। ପଣା ସଂକ୍ରାନ୍ତରେ ମାନସିକଧାରୀ ନିଆଁରେ ଚାଲି ସେମାନଙ୍କ ବ୍ରତ ଶେଷ କରିବେ।

## ମେରୁପର୍ବରେ ଓହଳ ତପ ଖେଳିଲେ ଦଣ୍ଡୁଆ



**ବୋଲଗଡ଼, ୧୩।୪ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ସଂପୁର ଗ୍ରାମର ମା' ଦଣ୍ଡକାଳୀଙ୍କ ମନ୍ଦିରଠାରେ ଚୈତ୍ରମାସର ଶନିବାର ମେରୁପର୍ବରେ ଦଣ୍ଡୁଆ ଭକ୍ତମାନେ ଓହଳ ତପରେ ଭାଗନେଇଛନ୍ତି। ପ୍ରାରମ୍ଭରେ ମା' ଦଣ୍ଡକାଳୀଙ୍କୁ ସାଥିରେ ଧରି ଦଣ୍ଡୁଆମାନେ ସ୍ନାନ ଅଭିମୁଖେ ବାହାରିଥିଲେ। ପୂର୍ବ ବିଧି ଅନୁସାରେ ଦଣ୍ଡୁଆମାନେ ଧୂଳିଖେଳ କରିବା ପରେ ପୋଖରୀରେ ସ୍ନାନକାର୍ଯ୍ୟ, ପୂଜାପାଠ ସାରି ଫେରି ଗ୍ରାମ ପରିକ୍ରମା ସମୟରେ ଗ୍ରାମବାସୀଙ୍କ ଦ୍ୱାରା ପ୍ରତ୍ୟେକ ଦ୍ୱାରରେ ଭୋଗ ଲାଗି କରାଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ପୁରୋହିତଙ୍କ ଦ୍ୱାରା ପୂଜାପାଠ କରାଯାଇ ହୋମ ଏବଂ ଓହଳ ତପ ନିମନ୍ତେ ଅଗ୍ନି ସ୍ଥାପନ କରାଯାଇଥିଲା। ପ୍ରଚଣ୍ଡ ଅଗ୍ନିଝାସରେ ଦାଣ୍ଡୁଆମାନଙ୍କ ଗୋଡ଼ ବନ୍ଧାଯାଇ ମୁଣ୍ଡ ତଳକୁ କରି ନିଆଁରେ ଝୁଲାଯାଇଥିଲା। ପରେ ଅଗ୍ନି ଶାନ୍ତ କରାଯାଇଥିଲା। ଏହି ଓହଳ ତପ ଦେଖିବାକୁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶେଷରେ ମେରୁ ଉପବାସଧାରୀ ଠାକୁର ଦର୍ଶନ କରି ଉପବାସ ଭଙ୍ଗ କରିଥଲେ। ଏହି ଓହଳ ତପ ଉତ୍ସବ ବିରଳ ଦଣ୍ଡ କୋଠିମାନଙ୍କରେ ଦେଖିବାକୁ ମିଳୁଥିବା ବେଳେ ଫାସିଓଦା ପଞ୍ଚାୟତ ଟାଙ୍ଗୀସାହି ଗ୍ରାମରେ ମା' ଦଣ୍ଡକାଳୀଙ୍କ ଓହ୍ଲତପ ଦର୍ଶନ ପାଇଁ ବହୁ ଜନସମାଗମ ହୋଇଥିଲା।

## ଉମାମହେଶ୍ୱର ଦେବ ଦଣ୍ଡ ଠାକୁରଙ୍କ ମେରୁ ଉତ୍ସବ

**ବାଲୁଗାଁ, ୧୩।୪ (ସଂଗ୍ରାମ ପାଇକରାୟ)**

ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବତା ଉମାମହେଶ୍ୱର ଦେବଙ୍କ ପାଟଣାସାହିସ୍ଥିତ ଗାଦିଶ୍ୱର ପୀଠରେ ଦଣ୍ଡ ଉତ୍ସବର ଶନିବାର ଅନ୍ତିମ ଦିବସରେ ମେରୁପର୍ବ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ଦଣ୍ଡ ଠାକୁରଙ୍କୁ ଆବିର୍ଭାବ କରାଯାଇ ଦୀର୍ଘ ୨୧ଦିନ ଧରି ଉମାମହେଶ୍ୱର ଦେବ ଦଣ୍ଡ ଠାକୁର ବିଭିନ୍ନ ଗ୍ରାମ ପରିକ୍ରମା କରି ମାନସିକ ଦଣ୍ଡ, ପୂର୍ବ ନିର୍ଦ୍ଧାରିତ ଗ୍ରାମର କୋଠ ଦ୍ୱାରରେ ପାଣିତୋଳା ଉତ୍ସବ ଓ ଦଣ୍ଡକାଳୀ ପୂଜା ସହ ରାତ୍ରରେ ଦଣ୍ଡନୃତ୍ୟ ପରିବେଷଣ କରି ଅନ୍ତିମ ଦିବସର ମେରୁ ସକାଳେ ଗାଦିଶ୍ୱର ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଉମାମହେଶ୍ୱର ଦେବଙ୍କ ଗାଦିଶ୍ୱର ପୀଠକୁ ମେରୁଯାତ୍ରା ଅବସରରେ ଦିନତମାମ ଶ୍ରଦ୍ଧାଳୁମାନେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ମାନସିକ ପୂଜା ସମ୍ପାଦନ କରିଥିଲେ। ଅପରାହ୍ନରେ ଗାଦିଶ୍ୱର ପୀଠରେ ଭଗତାମାନେ ଧୂଳିଦଣ୍ଡ ଖେଳିବା ପରେ ବାର ଭଗତା ଦଣ୍ଡ ଠାକୁରଙ୍କୁ ସାଙ୍ଗରେ ନେଇ କଣ୍ଟାରେ ଗଡ଼ିବା ପରେ ଅନ୍ତିମ ଦିବସ ସ୍ନାନ ନିମନ୍ତେ ନିକଟ ସାମନ୍ତରାପୁର ପୁଷ୍କରିଣୀକୁ ଯାଇଥିଲେ। ପରେ ବାଲୁଗାଁ ଅଞ୍ଚଳର ସାମନ୍ତରାପୁର, ଗୁଣ୍ଡୁରପୁର, ପାଟଣାସାହି ଓ ନୂଆଗାଁ ଆଦି ଗ୍ରାମ ପରିଭ୍ରମଣ କରି ସନ୍ଧ୍ୟାରେ ଦଣ୍ଡ ଠାକୁରଙ୍କ ଶେଷ ପାଣିତୋଳା ଉତ୍ସବ ଅନୁଷ୍ଠିତ ହୋଇ ଗାଦିଶ୍ୱର ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଦଣ୍ଡ ଠାକୁର ଗାଦିଶ୍ୱର ପୀଠକୁ ଆସିବା ପରେ ସେଠାରେ ଠାକୁରଙ୍କୁ ସାଙ୍ଗରେ ନେଇ ପାଟଭଗତାଙ୍କ ଅଗ୍ନିଦଣ୍ଡ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୀଠରେ ବିଭିନ୍ନ ପୂଜାନୀତି ସମ୍ପାଦନା ସାରି ମେରୁଖୁଣ୍ଟ ନିକଟରେ ପୂଜା କରାଯାଇ ମାନସିକଧାରୀ ପଡ଼ିଥିବା ଅଦିଆଙ୍କୁ ଦଣ୍ଡକାଳୀ ଆବିର୍ଭାବ ହୋଇ ମନସ୍କାମନା ପୂରଣ ନିମନ୍ତେ ବରଦାନ କରିଥିଲେ। ଭଗତାମାନେ ପ୍ରସାଦସେବନ କରିବା ପରେ ରାତ୍ରରେ ଚଳିତ ବର୍ଷ ଦଣ୍ଡ ଉତ୍ସବର ଶେଷ ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ରାତିରେ ଦଣ୍ଡ ଠାକୁରଙ୍କୁ ନିଜ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରାଯାଇ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପାଟଭଗତା ଓ ମୁଖ୍ୟ ଦଣ୍ଡୁଆଙ୍କ ସମେତ ବହୁସଂଖ୍ୟକ ମାନସିକଧାରୀ ସାମିଲ ହୋଇଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତି ସର୍ବଧର୍ମର ମିଳନସ୍ଥଳ



**ବେଗୁନିଆ, ୧୩।୪ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ସଦର ମହକୁମାସ୍ଥିତ ଦୁର୍ଗା ମଣ୍ଡପସ୍ଥିତ ଯାତ୍ରା ପଡ଼ିଆରେ ମା'କଳିକା ଦେବୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀଜଗନ୍ନାଥ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲୀପ ରାୟଙ୍କ ଅଧ୍ୟକ୍ଷତା ଓ ଉଦ୍‌ଘୋଷକ ଡ. ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ବଡୁସୁଆର ନିଯୋଗ ସଭାପତି ବିଶ୍ୱନାଥ ସାଆନ୍ତରା ମୁଖ୍ୟ ଅତିଥି, ଜଗନ୍ନାଥ ସଂସ୍କୃତି ଗବେଷକ କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ସର୍ବଧର୍ମର ମିଳନ ସ୍ଥଳ ବୋଲି ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

## ଜିଲାରେ ୧୬ ଅତିରିକ୍ତ ମତଦାନ କେନ୍ଦ୍ର

**ଖୋର୍ଦ୍ଧା, ୧୩।୪ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରେ ୧୬ଟି ଅତିରିକ୍ତ ମତଦାନ କେନ୍ଦ୍ର ହେବ। ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ଗୋଟିଏ, ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୫ଟି, ଏକାମ୍ର ନିର୍ବାଚନମଣ୍ଡଳୀରେ ୯ଟି ଏବଂ ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ଅଧୀନରେ ଗୋଟିଏ ଅତିରିକ୍ତ ମତଦାନ କେନ୍ଦ୍ର ହେବ। ଏହି ୪ଟି ବିଧାନସଭା କ୍ଷେତ୍ରରେ ମୋଟ୍ ୯୩୨ଟି ମତଦାନ କେନ୍ଦ୍ର ଥିବାବେଳେ ଆଉ ୧୬ଟି ଅତିରିକ୍ତ ବୁଥ୍ ହେବା ଦ୍ୱାରା ବୁଥ୍ ସଂଖ୍ୟା ୯୪୮ରେ ପହଞ୍ଚିଛି। ସହରାଞ୍ଚଳରେ ୧୬ଶହରୁ ଅଧିକ ମତଦାତା ଏବଂ ଗ୍ରାମାଞ୍ଚଳରେ ୧୫ ଶହରୁ ଅଧିକ ଭୋଟର ଥିବା ପୂର୍ବ ମତଦାନ କେନ୍ଦ୍ରରୁ ପୃଥକ୍ କରି ଏହି ଅତିରିକ୍ତ କେନ୍ଦ୍ର କରାଯାଇଛି।

ଏ ସଂକ୍ରାନ୍ତରେ ବିଭିନ୍ନ ରାଜନୈତିକ ଦଳ ଏବଂ ଅଂଶୀଦାରମାନଙ୍କ ସହ ହୋଇଥିବା ବିଚାରବିମର୍ଶକୁ ଆଧାରକରି ପଠାଯାଇଥିବା ପ୍ରସ୍ତାବକୁ ନିର୍ବାଚନ କମିଶନଙ୍କ ଅନୁମୋଦନ ପରେ ଏହି ୧୬ଟି ଅତିରିକ୍ତ ମତଦାନ କେନ୍ଦ୍ର ହେବ। ଏହି ମତଦାନ କେନ୍ଦ୍ରଗୁଡ଼ିକ ସମ୍ପୃକ୍ତ ମୂଳ ମତଦାନ କେନ୍ଦ୍ର ଥିବା କ୍ୟାମ୍ପସ ମଧ୍ୟରେ ହିଁ ରହିବ। ୧୧୨-ଭୁବନେଶ୍ୱର ମଧ୍ୟ ବିଧାନସଭା ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଝାରପଡ଼ା(ବୁଥ୍ ନଂ.୧୮୦), ୧୧୩-ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଳାରାହାଙ୍ଗ (ବୁଥ୍ ନଂ.୨୩), ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଟିଆ (ବୁଥ୍ ନଂ. ୨୯), ମହର୍ଷି ମହିଳା ମହାବିଦ୍ୟାଳୟ, ଶୈଳଶ୍ରୀବିହାର (ବୁଥ୍ ନଂ.୬୯), ସରକାରୀ ପ୍ରାଥମିକ ବିଦ୍ୟାଳୟ, ଜନତାନଗର, ସାଲିଆସାହି (ବୁଥ୍ ନଂ.୧୪୫), ସରକାରୀ ଉଚ୍ଚ ବିଦ୍ୟାଳୟ, ପଳାଶୁଣୀ (ବୁଥ୍ ନଂ.୨୨୬), ୧୧୪-ଏକାମ୍ର ଭୁବନେଶ୍ୱର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଘାଟିକିଆ (ବୁଥ୍ ନଂ. ୭ ଓ ୧୨), ସରକାରୀ ଉଚ୍ଚ ବିଦ୍ୟାଳୟ, ଖଣ୍ଡଗିରି (ବୁଥ୍ ନଂ.୪୪ ଓ ୪୭), ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମୁଡୁମା ଗ୍ରାମ (ବୁଥ୍ ନଂ.୧୨୪ ଓ ୧୨୬), ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯଦୁପୁର (ବୁଥ୍ ନଂ.୧୩୮), ବିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ପୁରୁଣା ଭୁବନେଶ୍ୱର (ବୁଥ୍ ନଂ.୧୫୧), ସେଣ୍ଟ ଜାଭିୟର ହାଇସ୍କୁଲ, କେଦାରଗୌରୀ (ବୁଥ୍ ନଂ.୧୫୭) ଏବଂ ୧୧୭-ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଡ଼ଖୋର୍ଦ୍ଧା (ବୁଥ୍ ନଂ.୪୩)ରେ ଏହିସବୁ ଅତିରିକ୍ତ କେନ୍ଦ୍ର ଖୋଲାଯିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମନ୍ତ୍ରମୁଗ୍ଧ କଲା 'ତୁମେ ଅନନ୍ତ ଅକ୍ଷୟ ହେ ଜଗନ୍ନାଥ'

**ବେଗୁନିଆ, ୧୩।୪**
**(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ସଦର ମହକୁମାସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ଶନିବାର ଭଜନ ସମାରୋହ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' ଚେମେଣ୍ଡାଇ ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ଆୟୋଜିତ ୨୦ତମ ସମାରୋହରେ ଅନୁଷ୍ଠାନର ସମ୍ପାଦକ ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୋଫାନ ସାମଲ, ମୀରା ଜୟସିଂହ, ସୁଭଦ୍ରା, ନକୁଳ ନାୟକ, କପିଳ ପ୍ରମୁଖ କଣ୍ଠଶିଳ୍ପୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମା' ଚେମେଣ୍ଡାଇଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସଞ୍ଜୟଙ୍କ ସଂଯୋଜନାରେ ମଞ୍ଚ ପରିଚାଳନା ହୋଇଥିଲା। ଓଡ଼ିଶାର ପୁରପଲ୍ଲୀରେ ପ୍ରଚଳିତ ପରମ୍ପରା, ସଂସ୍କୃତିକୁ ବଞ୍ଚାଇ ରଖିବାକୁ ହେଲେ କଳାକାରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମଞ୍ଚ ଉପରେ ନୃତ୍ୟ, ସଙ୍ଗୀତ ପରିବେଷଣ କରି ସେମାନେ ନିଜର ଅଭିନୟ ମାଧ୍ୟମରେ ଲୋକପ୍ରିୟତା ହାସଲ କରନ୍ତି। ତାଙ୍କ ଉଦ୍ୟମରେ ବଞ୍ଚିଛି ଅନେକ ଲୋକକଳା। ତେଣୁ କଳାକାରଙ୍କ ଅବଦାନ ବ୍ୟର୍ଥ ନ ଯାଉ ବୋଲି ସଙ୍ଗୀତ ନିର୍ଦ୍ଦେଶକ ମିଶ୍ର ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସଙ୍ଗୀତଜ୍ଞ, ବାଦ୍ୟକାର, ନୃତ୍ୟଶିଳ୍ପୀ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କୃତୀ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଭ୍ୟ ପ୍ରସନ୍ନ କୁମାର ବିଶୋୟୀ ଧନ୍ୟବାଦ ଦେଇଥିଲେ। ପରେ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ବିଭିନ୍ନ ଆଧ୍ୟାତ୍ମିକ ଭଜନ ପରିବେଷଣ କରାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭାବପୂର୍ଣ୍ଣ ସଙ୍ଗୀତ 'ତୁମେ ଅନନ୍ତ ଅକ୍ଷୟ ହେ ଜଗନ୍ନାଥ', 'ତୁ କଳାପାନ ରଜା ଦୁନିଆଟା ଗୋଲା', 'ଧୂଳି ତୋର ବିଭୂତି ମାଟି ତୋର ଚନ୍ଦନ' ଆଦି ଅନେକ ଭଜନ ପରିବେଷଣ ହୋଇଥିଲା। 'ତୁମେ ଅନନ୍ତ ଅକ୍ଷୟ ହେ ଜଗନ୍ନାଥ' ସଙ୍ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।



ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ସଙ୍ଗୀତ ଗାନ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୪।୨୦୨୪

| | |
|---|---|
| ୪,୫୪,୮୧୪ ଟଙ୍କା | |
| ସୁନା | ୫୪୦ ମିଲିଗ୍ରାମ |
| ରୁପା | ୧୬.୭୦୦ ଗ୍ରାମ |

# ମା' ବନଦୁର୍ଗାଙ୍କ ପୂଜୋତ୍ସବ ଆରମ୍ଭ



ବନଦୁର୍ଗାଙ୍କ ୬ଦିନିଆ ପୂଜାର୍ଚ୍ଚନା ପାଇଁ ମା' ପୀଠକୁ ଯାଉଥିବା କଳସ ଶୋଭାଯାତ୍ରା ।

**ନିମାପଡ଼ା, ୧୩।୪ (ରଞ୍ଜନ ପଟ୍ଟନାୟକ):** ନିମାପଡ଼ା ନିକଟସ୍ଥ ନାଗବସ୍ତ ଗ୍ରାମସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ୬ ଦିନିଆ ପୂଜୋତ୍ସବ ଚୈତ୍ରମାସ ଶୁକ୍ଳପକ୍ଷ ଶନିବାରଠାରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଶ୍ରୀମୁଖ ନିକଟସ୍ଥ ଧନୁଆ ନଦୀ ନିକଟରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯାଇ ୧୦୮ କଳସ ଶୋଭାଯାତ୍ରା ଆରମ୍ଭ ହୋଇ ସନ୍ଧ୍ୟାରେ ମା'ଙ୍କ ପୀଠରେ ବ୍ରାହ୍ମଣଙ୍କ ଦ୍ୱାରା ସ୍ୱତନ୍ତ୍ର ରୀତିନୀତି ପୂର୍ବକ କଳସ ପ୍ରତିଷ୍ଠା କରାଯାଇଥିଲା । ନୂତନ ବସ୍ତ୍ର ପରିଧାନକରି ୧୦୮ ଜଣ ମହିଳା ଏବଂ ପୁରୁଷ ମା'ଙ୍କ ଚଳନ୍ତି ପ୍ରତିମା ସହିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସନ୍ଧ୍ୟାରେ ପୀଠରେ କଳସ ପ୍ରତିଷ୍ଠା କାର୍ଯ୍ୟକ୍ରମ ସମାପନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ, ନାଗବସ୍ତ ଗ୍ରାମରେ ମାଳିକା ବର୍ଣ୍ଣିତ ମା'ବନଦୁର୍ଗା ଶକ୍ତିପୀଠରେ ଜଗତ୍‌ଜନନୀ ମା' ବନଦୁର୍ଗା ପୂଜା ପାଇ ଆସୁଛନ୍ତି । ପ୍ରତ୍ୟେକ ମଙ୍ଗଳବାର ପ୍ରତ୍ୟୁଷରୁ ମା'ଙ୍କ ପୂଜାର୍ଚ୍ଚନା ପରେ ଦୁଃସାଧ୍ୟ ରୋଗରେ ପୀଡ଼ିତ ଶ୍ରଦ୍ଧାଳୁଙ୍କୁ 'ହୁକୁମ' ପ୍ରଦାନ କରାଯାଇଥାଏ । ସେଥିପାଇଁ ପ୍ରତ୍ୟେକ ମଙ୍ଗଳବାର ପୀଠରେ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଏଠାରେ ଭିଡ଼ ଜମାଇଥାନ୍ତି । ନିଜେ ମା' ମା'ବନଦୁର୍ଗାଙ୍କ କାଳିସୀ 'ହୁକୁମ' ପ୍ରଦାନ କରିଥାନ୍ତି । ୬ ଦିନବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ପ୍ରତ୍ୟୁଷରୁ ଦିନ ତମାମ ପୂଜାର୍ଚ୍ଚନା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୀଠ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଜିଠୁ ଗଡ଼ଚଣ୍ଡୀଙ୍କ ଖାଇଫୋଡ଼ ଯାତ୍ରା

**ସାକ୍ଷୀଗୋପାଳ, ୧୩।୪ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ):** ସତ୍ୟବାଦୀ ବ୍ଲକ ଭିଁପୁର ଗ୍ରାମର ଗଡ଼ଚଣ୍ଡୀ ଓ ଦାଶ ବିଦ୍ୟାଧରପୁର ଜୟଦୁର୍ଗାଙ୍କ ପୀଠରେ ପ୍ରସିଦ୍ଧ ଖାଇଫୋଡ ଯାତ୍ରା ରବିବାର ଅନୁଷ୍ଠିତ ହେବ । ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି । ମନ୍ଦିରକୁ ରଙ୍ଗ କରାଯିବା ସହ ଆଲୋକୀକରଣ, ଫୁଲସଜ୍ଜା, ଛାୟାପ୍ରଦ, ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଛି । ସେବା ଶିବିର ଏବଂ ଅସ୍ଥାୟୀ ଦୋକାନ ଖୋଲାଯାଇଛି । ମାସାଧିକ ସମୟ ପବିତ୍ରତାର ସହିତ ମାନସିକ କରିଥିବା ପାଟୁଆମାନେ ଶନିବାର ଦେବୀଙ୍କ ମନ୍ଦିର ସମ୍ମୁଖରେ ଦଣ୍ଡ ନୃତ୍ୟ ପରିବେଷଣ କରିଥିଲେ । ପ୍ରତିବର୍ଷ ପଣାସଂକ୍ରାନ୍ତି ଅବସରରେ ମାନସିକଧାରୀ ପଟୁଆ ପିଠିରେ ଖଣ୍ଟାଫୋଡ଼ି ଖାଇରେ ବୁଲିବେ । ଏହି କଷ୍ଟକର ଦୃଶ୍ୟ ଦେଖିବା ଓ ଦେବୀଙ୍କ ପୂଜାର୍ଚ୍ଚନା ପାଇଁ ସେଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଲାଗିବ । ରବିବାର ସକାଳୁ ଦେବୀଙ୍କୁ ମାଜଣା, ଟାହିଆ ଲାଗି ଓ ପଣାଭୋଗ ପରେ ଢୋଲ, ମହୁରି, ଘଣ୍ଟ, କାହାଳୀ, ଝୁଣାଧୁପ ସହିତ ଦେବୀଙ୍କ କାଳିସି ଉଭା ହେବେ । ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ ରଖି ପୋଲିସ ମୁତୟନ, ପାନୀୟଜଳ ଯୋଗାଣ, ପରିମଳ ଓ ଆଶୁ ଚିକିତ୍ସା କେନ୍ଦ୍ର ସହିତ ସେବା ଶିବିରର ବ୍ୟବସ୍ଥା ହୋଇଛି ।

## ଦଣ୍ଡଯାତ୍ରା ପର୍ବ ଉଦ୍‌ଯାପିତ



**କଣାସ, ୧୩।୪ (ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକର ବିଭିନ୍ନ ଗ୍ରାମର ଶୈବପୀଠରେ ଚାଲିଥିବା ଦଣ୍ଡଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି । ବିଭିନ୍ନ ଗ୍ରାମର କୋଠିରେ ୨୧, ୧୫, ୧୩ ଏବଂ ୯ଦିନିଆ ଧରି ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଥିଲା । ଭଗତାମାନେ ଦଣ୍ଡଯାତ୍ରାରେ ଭାଗନେବା ପାଇଁ ଦୀର୍ଘଦିନ ହେଲା ଅରୁଆ ଖାଇ ରହିଥିବାବେଳେ କୋଠିରେ ନିଷ୍ଠାପର ସହିତ ସନ୍ଧ୍ୟାରେ ସ୍ନାନକରି ପଣାଭୋଗ ସେବନ କରିଥିଲେ । କେଉଁ କେଉଁ କୋଠିରେ ମାତ୍ର ଗୋଟିଏ ସମୟରେ ଅରୁଆ ଅନ୍ନ ଭୋଜନ କରାଯାଇଥାଏ । ସନ୍ଧ୍ୟାରେ ଠାକୁରଙ୍କୁ ସାଥିରେ ଧରି ଭଗତାମାନେ ଗ୍ରାମ ପରିକ୍ରମା କରିବା ସହିତ ଝୁଣା ଜାଳି ହକ ଡାକି ଯାତ୍ରା କରିବା ସମୟରେ ଗ୍ରାମବାସୀ ସେମାନଙ୍କ ସମ୍ମୁଖରେ ରାସ୍ତା ମଝିରେ ଦଣ୍ଡ ପ୍ରଣାମ କରୁଥିବାର ଦେଖିବାକୁ ମିଳିଥିଲା । ଭଗତାମାନେ ଗ୍ରାମରେ ଯିବା ସମୟରେ ବିଭିନ୍ନ ନୃତ୍ୟ, ଶିବତାଣ୍ଡବ, ଧୂଳିଆଦଣ୍ଡ କରିଯାଉଥିବାରୁ ଗ୍ରାମ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଥିଲା । ଶନିବାର ଅନ୍ତିମ ଦିବସରେ ବିଭିନ୍ନ କୋଠିରେ ଭଗତାମାନେ ନିଆଁରେ ଚାଲିବା, କଣ୍ଟାରେ ଗଡିବା, ପିଠିରେ କଣ୍ଟା ଫୋଡ଼ି ଫୋଡଖାଇରେ ଝୁଲିରହିବା ସହିତ ମାନସିକ ପୂର୍ଣ୍ଣ କରିଥିଲେ । ରବିବାର ଓଡ଼ିଆମାନଙ୍କ ନବବର୍ଷ ଉପଲକ୍ଷେ ଭଗତାମାନେ କୋଠିରେ ରନ୍ଧାରନ୍ଧି କାର୍ଯ୍ୟ କରିବା ସହିତ ପଣା ଭୋଗ କରିବେ ।

## ସଂକ୍ଷେପରେ

### କଂଗ୍ରେସର ସୁଚରିତା ପୁରୀ ଲୋକ ସଭା ପ୍ରାର୍ଥୀ

**ପୁରୀ, ୧୩।୪ (ଅଜିତ୍ ମହାନ୍ତି)** ପୁରୀ ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ କିଏ ହେବେ ତାହାକୁ ନେଇ କଳ୍ପନାଜଳ୍ପନା ଲାଗିରହିଥିଲା । ତେବେ ଶନିବାର କଂଗ୍ରେସ ପକ୍ଷରୁ ବିଭିନ୍ନ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । ଏଥିରେ ପୁରୀ ଲୋକ ସଭା ଆସନରୁ ବରିଷ୍ଠ ନେତ୍ରୀ ସୁଚରିତା ମହାନ୍ତିଙ୍କୁ ଦଳ ପ୍ରାର୍ଥୀ କରିଛି । ସେ ଦ୍ୱିତୀୟ ଥର ପାଇଁ ପୁରୀ ଲୋକ ସଭା ଆସନରୁ କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି । ସେ ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସ ଟିକେଟରୁ ଲଢ଼ି ବିଜେଡି ପ୍ରାର୍ଥୀ ପିନାକୀ ମିଶ୍ରଙ୍କ ନିକଟରୁ ପରାସ୍ତ ହୋଇଥିଲେ । ସୁଚରିତା ୨୦୧୪ରେ ପାଖାପାଖି ୨ଲକ୍ଷ ୬୦ ହଜାର ଭୋଟ ପାଇଥିଲେ । ତେବେ ଦଳ ତାଙ୍କୁ ୨୦୧୯ରେ ଟିକେଟ୍ ଦେଇ ନ ଥିଲେ ମଧ୍ୟ ୨୦୨୪ ନିର୍ବାଚନରେ ପୁଣି ପ୍ରାର୍ଥୀ କରିଛି । ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଏବଂ ପୁରୀରୁ ସାଂସଦ ଭାବେ କାର୍ଯ୍ୟ କରିଥିବା ସ୍ୱର୍ଗତ ବ୍ରଜମୋହନ ମହାନ୍ତିଙ୍କ ଝିଅ ହେଉଛନ୍ତି ସୁଚରିତା । ସେ ପୁରୀ ବାସିନ୍ଦା ଓ ରାଜନୀତିରେ ପୁରୁଣା । ସୁଚରିତା କହିଛନ୍ତି, ତାଙ୍କ ସହ ପୁରୀ ସଂସଦୀୟ କ୍ଷେତ୍ରର ଜନସାଧାରଣ ଅଛନ୍ତି, ତେଣୁ ସେ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି ।

### ନଳକୂପରୁ ପାଣି ବାହାରୁନି, ଲୋକେ ଡହଳବିକଳ

**କଣାସ, ୧୩।୪ (ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକରେ ୯ଶହରୁ ଊର୍ଦ୍ଧ୍ୱ ନଳକୂପ, ୬୦ରୁ ଊର୍ଦ୍ଧ୍ୱ ଗଭୀର କୂପ ରହିଛି । ତେବେ ଅର୍ଦ୍ଧାଧିକ ନଳକୂପରୁ ଲୁଣି ପାଣି ବାହାରିବାରୁ ସେଗୁଡିକ ଧିରେ ଧିରେ ଅଚଳ ହୋଇପଡ଼ିଛି । ଆଉ କେତେକ ନଳକୂପର ଜଳସ୍ତର ହ୍ରାସ ଯୋଗୁ ପାଣି ବାହାରୁ ନ ଥିବା ବେଳେ ଆଉ କେତେକରୁ ବାଲି, ପଙ୍କ ମିଶ୍ରିତ ଜଳ ବାହାରୁ ଥିବାରୁ ପାନୀୟ ଅନୁପଯୋଗୀ ହୋଇପଡ଼ିଛି । ପାନୀୟଜଳ ପାଇଁ ଲୋକେ ଡହଳବିକଳ ହେଉଚନ୍ତି । ବ୍ଲକ ପ୍ରଶାସନ ପକ୍ଷରୁ ଅଳ୍ପ କେତୋଟି ପଞ୍ଚାୟତରେ ପାନୀୟଜଳ ଯୋଗାଣ ଆରମ୍ଭ ହୋଇଛି । ବିଡିଓ ନାରାୟଣ ସାହୁ କହିଛନ୍ତି, ମୁଁ ନିର୍ଦ୍ଦେଶ ଦେବାପରେ ମଧ୍ୟ କେତେକ ସରପଞ୍ଚ ଅବହେଳା କରୁଛନ୍ତି । ମୁଁ ତାହା ତଦନ୍ତ କରି ପଦକ୍ଷେପ ନେବି ।

### ନିର୍ବାଚନରେ ସ୍ୱଚ୍ଛ ମତଦାନ ନେଇ ସଚେତନତା

**ପୁରୀ, ୧୩।୪ (ଅଜିତ୍ ମହାନ୍ତି)** ଆସନ୍ତା ସାଧାରଣ ନିର୍ବାଚନରେ ସ୍ୱଚ୍ଛ ମତଦାନ ନେଇ ଆସୋସିଏଶନ୍ ଅଫ ଟ୍ରୁଇଟର ଆକ୍ଟିଭିଷ୍ଟ ପକ୍ଷରୁ ସଚେତନତା କରାଯାଉଛି । ଏ ନେଇ ପୁରୀ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ବିସ୍ମୟ ମିଶ୍ର, ଦୀପକ ପ୍ରଧାନ, ମାନସ ରଥ, ପାପିୟା ବାନାର୍ଜୀ ପ୍ରମୁଖ ସୂଚନା ଦେଇଛନ୍ତି । ସେମାନେ କହିଛନ୍ତି, ଗଣତନ୍ତ୍ରର ମହାପର୍ବ ହେଉଛି ନିର୍ବାଚନ । ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ଦ୍ୱାରା ଗଣତନ୍ତ୍ର ମଜଭୁତ୍ ହେବା ସହ ଦେଶବାସୀଙ୍କ ସର୍ବାଙ୍ଗୀନ ବିକାଶ ସମ୍ଭବ ହେବ । ସରକାର ମଧ୍ୟ ଏ ଦିଗରେ ଅନେକ ଚେଷ୍ଟା କରୁଛନ୍ତି । ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିଲେ ମଧ୍ୟ ସ୍ୱଳ୍ପସଂଖ୍ୟକ ସରକାରୀ କର୍ମଚାରୀ ହେତୁ ଆଚରଣ ବିଧି ଉଲ୍ଲଂଘନ ଉପରେ କାବୁ ପାଇବା ସହଜ ନୁହେଁ । ତେଣୁ ଉପଯୁକ୍ତ ଢଙ୍ଗରେ ନିର୍ବାଚନ ପରିଚାଳନା କ୍ଷେତ୍ରରେ ପ୍ରତ୍ୟେକ ନାଗରିକଙ୍କ ସହଯୋଗ ନିତାନ୍ତ ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଠିକ୍ ଢ଼ଙ୍ଗରେ ନିର୍ବାଚନ ପରିଚାଳନା କରିବା ସହିତ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରସ୍ତୁତ 'ସି-ଭିଜିଲ ଆପ୍'କୁ କିପରି ଠିକ ଭାବେ ବ୍ୟବହାର କରାଯିବ ଏବଂ ନିର୍ବାଚନ ବିଧି ତଥା ଆଚରଣ ବିଧି ଉଲ୍ଲଂଘନ ଉପରେ ଲକ୍ଷ୍ୟ ରଖାଯାଇପାରିବ ସେ ନେଇ ସୂଚନା ଦିଆଯାଇଥିଲା ।





ଓଡ଼ିଆ ନବବର୍ଷ ଉପଲକ୍ଷେ ଶନିବାର ପୁରୀ ଚୈତନ୍ୟ ଛକ ବେଳାଭୂମିରେ କୋଣାର୍କ ଅଞ୍ଚଳର ଶିଳ୍ପୀ ସରିତା ଗୋଛାୟତଙ୍କ ବାଲୁକା କଳା ।

## ନିର୍ବାଚନ ପରିଚାଳନା ପାଇଁ ସମନ୍ୱୟ ବୈଠକ

**ଅସ୍ତରଙ୍ଗ, ୧୩।୪ (ପ୍ରଦୀପ୍ତ କୁମାର ଦୀକ୍ଷିତ):** ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କାକଟପୁର ନିର୍ବାଚନମଣ୍ଡଳୀର ଅସ୍ତରଙ୍ଗ, କାକଟପୁର ଓ ଗୋପ ବ୍ଲକର ସମସ୍ତ ବିଭାଗୀୟ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଏକ ସମନ୍ୱୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଫିସର କୈଳାଶ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରି କହିଥିଲେ, ଗଣତନ୍ତ୍ରର ମହାପର୍ବ ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଏହାକୁ ସାମୂହିକ ସହଯୋଗ ଓ ପାରସ୍ପରିକ ସମନ୍ୱୟ ସହ ପାଳନ କରିବା ଉଚିତ । ଆଗାମୀ ନିର୍ବାଚନରେ ସମ୍ବେଦନଶୀଳ ବୁଥ୍ ଚିହ୍ନଟ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ, ମିଳିତ ଭାବେ ନିର୍ବାଚନମଣ୍ଡଳୀ ବୁଥ୍ ପରିଦର୍ଶନ ଓ ନିରୀକ୍ଷଣ ଏବଂ ସେକ୍ଟର ଅଫିସରମାନଙ୍କ ସହିତ ବୁଥ୍ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, କାକଟପୁର ବିଡିଓ ବିଷ୍ଣୁ ଗୋବିନ୍ଦ, ଅସ୍ତରଙ୍ଗ ବିଡିଓ ସୁଶ୍ରୀ ସସ୍ମିତା ବେହେରା ଏବଂ ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ପରେ ଅଧିକାରୀମାନେ ଅସ୍ତରଙ୍ଗ, କୁହୁଡ଼ି ପ୍ରଭୃତି ବିଭିନ୍ନ ବୁଥ୍ ପରିଦର୍ଶନ କରିବା ସହ ସବୁ ବୁଥ୍‌ରେ ପାନୀୟଜଳ, ବିଦ୍ୟୁତ ଆଦି ସମ୍ପର୍କରେ ଶିକ୍ଷା ସାଧନ ସଂଯୋଜକଙ୍କ ସହିତ ଆଲୋଚନା କରିଥିଲେ । ବୈଠକରେ ପଞ୍ଚାୟତସ୍ତରୀୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ, ଶିକ୍ଷକ, ବ୍ଲକ କର୍ମଚାରୀ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତ ଭ୍ରମଣରେ ମଧ୍ୟପ୍ରଦେଶର ଦିଲିପ

### ବର୍ଷକରେ ସାଇକେଲରେ ୯ ରାଜ୍ୟ





**ଗୋପ, ୧୩।୪ (ଭାରତୀ ଭୂଷଣ ଉପାଧ୍ୟାୟ):** ଆଦିବାସୀ, ଦଳିତ ବର୍ଗର ଛାତ୍ରୀଛାତ୍ରଙ୍କ ସୁରକ୍ଷା ସହିତ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ଉଦ୍ଦେଶ୍ୟରେ ମଧ୍ୟପ୍ରଦେଶର ଦିଲିପ ସୋରାଷ୍ଟ୍ରୀୟ (୩୧) ସାଇକେଲ ଯାତ୍ରା କରି ଶନିବାର ଗୋପ ଅଞ୍ଚଳରେ ପହଞ୍ଚିଛନ୍ତି । ସେ ୨୦୨୩ ମାର୍ଚ୍ଚ ୨୫ରୁ ମଧ୍ୟପ୍ରଦେଶରୁ ସାଇକେଲ ଯାତ୍ରା ଆରମ୍ଭ କରିଥିବାବେଳେ ଏବେ ସୁଦ୍ଧା ମୋଟ ୯ ରାଜ୍ୟ ବୁଲି ସଚେତନ ଜାରି ରଖିଛନ୍ତି । ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଗୋଆ, କେରଳ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ଓଡ଼ିଶା ପରିଭ୍ରମଣ କରି ଫେରୁଥିବା ସେ ସୂଚନା ଦେଇଛନ୍ତି । ପରିଭ୍ରମଣ ସମୟରେ ଦିଲିପ ବିଭିନ୍ନ ରାଜ୍ୟର ରାଜ୍ୟପାଳଙ୍କ ସମେତ ବିଭିନ୍ନ ମନ୍ତ୍ରୀ, ବିଧାୟକଙ୍କୁ ଭେଟି ତାଙ୍କ ପରିଭ୍ରମଣ ସମ୍ପର୍କରେ ମତବ୍ୟକ୍ତ କରୁଛନ୍ତି । ଏଥିସହ ଦିଲିପ ବିଭିନ୍ନ ସ୍କୁଲ କଲେଜ ସହିତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ଏ ସମ୍ପର୍କରେ ସଚେତନତାର ବାର୍ତ୍ତା ବାଣ୍ଟୁଥିବା କହିଛନ୍ତି । ସେ ଜଣେ ଛାତ୍ର ହୋଇଥିବାବେଳେ ମଧ୍ୟପ୍ରଦେଶରେ ବିଭିନ୍ନ ବିଭାଗରେ ନିଯୁକ୍ତି ଲାଗି ଆବେଦନ କରୁଥିବା ମଧ୍ୟ କହିଛନ୍ତି । ତାଙ୍କର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରିଭ୍ରମଣ କରୁଥିବା ନେଇ ଗୋପ ସାମ୍ବାଦିକ ସଂଘ, ପିଲାଙ୍କ ଖବରକାଗଜ ବାନର ସେନା ସମ୍ପାଦକ ପ୍ରଧାପକ ପ୍ରକାଶ ଚନ୍ଦ୍ର ଖଟୋଇ, ସାମାଜିକ କର୍ମୀ ବ୍ରଜ କିଶୋର ସାହୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।



ବାଲେଶ୍ୱର ଲୋକ ସଭା ଆସନରୁ ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଲେଖାଶ୍ରୀ ସାମନ୍ତସିଂହାର ଶନିବାର ପୁରୀ ଶ୍ରୀମନ୍ଦିର ସମ୍ମୁଖ ଅରୁଣସ୍ତମ୍ଭ ନିକଟରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡରେ 'ମୋ ବସ୍' ରହିବାକୁ ଦାବି

### ଦିବ୍ୟାଙ୍ଗ ମହାସଂଘର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ

**ସାକ୍ଷୀଗୋପାଳ, ୧୩।୪ (ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ):** ସତ୍ୟବାଦୀ ଦିବ୍ୟାଙ୍ଗ ମହାସଂଘ ଓ ଶ୍ରଦ୍ଧା ଫାଉଣ୍ଡେଶନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଶନିବାର ପେଣ୍ଠପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ମଣ୍ଡପରେ ସଂଘର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦିବ୍ୟାଙ୍ଗମାନଙ୍କ ୫ ଗୋଟି ପ୍ରମୁଖ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା । ସତ୍ୟବାଦୀ ଦିବ୍ୟାଙ୍ଗ ମହାସଂଘ ସଭାପତି ତଥା ଫାଉଣ୍ଡେଶନ ସମ୍ପାଦକ ପ୍ରଭାତ ଚନ୍ଦ୍ର ସାମନ୍ତରା ଏଥିରେ ସଭାପତିତ୍ୱ କରିଥିଲେ । ସଂଘ ସଦସ୍ୟ ପ୍ରଭାକର ନାୟକ ମଞ୍ଚ ପରିଚାଳନା କରିଥିଲେ । ବୈଠକରେ ଦିବ୍ୟାଙ୍ଗ ଭଉଣୀଭାଇଙ୍କ ମୁଖ୍ୟ ସମସ୍ୟା ହେଉଛି, ୬୦ ପ୍ରତିଶତ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ସମସ୍ତ ଦିବ୍ୟାଙ୍ଗଙ୍କୁ ସରକାରଙ୍କ ଅନ୍ନପୂର୍ଣ୍ଣା, ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଉ । ଦିବ୍ୟାଙ୍ଗଙ୍କ ନିମିତ ରାତ୍ରି ଆଶ୍ରୟସ୍ଥଳୀ ସ୍ଥାପନ କରାଯାଉ । ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଯାତାୟାତ କରୁଥିବା ସମସ୍ତ ମୋ ବସ୍ ପ୍ରତିଦିନ ସାକ୍ଷୀଗୋପାଳ ଓଭର ବ୍ରିଜ୍ ଉପରେ ଯାତାୟାତ ନ କରି ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡରେ ନିୟମିତ ରହଣି ପାଇଁ ବିଧିବଦ୍ଧ ବ୍ୟବସ୍ଥା କରାଯାଉ । ଆତ୍ମନିର୍ଭରଶୀଳ ହେବାକୁ ବ୍ୟବସାୟ କରୁଥିବା ସମସ୍ତ ଦିବ୍ୟାଙ୍ଗଙ୍କୁ ବିନା ସୁଧରେ ସହଜ ଋଣ ପ୍ରଦାନର ବ୍ୟବସ୍ଥା କରାଯାଉ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷିତ ଥିବା ୫ ପ୍ରତିଶତ ବାସଗୃହ ପ୍ରଦାନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ନେଇ ରାଜ୍ୟ ସରକାରଙ୍କୁ ଏକ ଅନୁରୋଧ ପତ୍ର ଦିଆଯିବ ବୋଲି ସ୍ଥିର ହୋଇଛି । କାର୍ଯ୍ୟକ୍ରମରେ ଇଉଥ୍ ଫର୍ ଜବ୍ ଫାଉଣ୍ଡେଶନର ଆଞ୍ଚଳିକ ଅଧିକାରୀ ଦୁଷ୍ମନ୍ତ ବାରିକ୍, ପ୍ରୋଜେକ୍ଟ ଏକ୍ଜିକ୍ୟୁଟିଭ ପ୍ରତ୍ୟୁଷ ରଥ, ମୋବିଲାଇଜର ଶିତେନ୍ଦୁ ରଥ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ଆତ୍ମନିଯୁକ୍ତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ । ଦେବୀଦତ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଦସ୍ୟ ନଟବର ବରାଳ, ସୁକାନ୍ତି ପୃଷ୍ଟି, ଧନେଶ୍ୱର ବରାଳ, ପ୍ରଫୁଲ୍ଲ ରଥ, ମୃତ୍ୟୁଞ୍ଜୟ ଦାସଙ୍କ ସମେତ ଅନେକ ଦିବ୍ୟାଙ୍ଗ ଭଉଣୀଭାଇ ଉପସ୍ଥିତ ଥିଲେ ।

## ଦାଣ୍ଡମୁକୁନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



ଉତ୍ସବରେ ଅତିଥିଙ୍କ ସହ ପିଲାମାନେ ।

**ପିପିଲି, ୧୩।୪ (ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର):** ପିପିଲି ଦାଣ୍ଡମୁକୁନ୍ଦପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସ୍ୱାମୀ ଜ୍ଞାନାନନ୍ଦ ଗିରି, ପ୍ରଜ୍ଞାନ ମିଶନ, ସମ୍ମାନିତ ଅତିଥି ଭାବେ ବିଷ୍ଣୁପ୍ରିୟା ଭୂୟାଁ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ରାଷ୍ଟ୍ରୀୟ ତଥା ନୈତିକ ଶିକ୍ଷାର ମୂଲ୍ୟବାନ ବକ୍ତବ୍ୟ ଦେଇଥିଲେ । ସଭାପତି ପ୍ରସନ୍ନ ଦାସ ଏଥିରେ ସଭାପତିତ୍ୱ କରିଥିଲେ । ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ପ୍ରତିଭା ପାଇଁ ପୁରସ୍କାର ପ୍ରଦାନ କରିଥିଲେ । ଏହା ସହିତ ଶ୍ରେଷ୍ଠ ଗୁରୁମା ଗୁରୁଜୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ପାଦକ ରଜନୀକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ । ପରିଚାଳନା ସମିତି ସଭ୍ୟ ରଞ୍ଜିତ ପଣ୍ଡା, ବିଜୟ ମହାନ୍ତି, ସତ୍ୟାନନ୍ଦ ଦାଶ, ପ୍ରକାଶ ମିଶ୍ର ପ୍ରମୁଖ ତତ୍ତ୍ୱାବଧାନ କରିଥିଲେ । ଶରତ ଗୁରୁଜୀ, ମଧୁସ୍ମିତା ଗୁରୁମା, ଅମ୍ବିକା ଗୁରୁମା, ନଳିନୀକାନ୍ତ ଗୁରୁଜୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୁନିକୁନି ପିଲାମାନେ ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତ ସହିତ ବଡ଼ ପିଲାମାନେ ଓଡ଼ିଶୀ, ସମ୍ବଲପୁରୀ, ଚକୁଳିଆ ପଣ୍ଡା, ଲୋକ ନୃତ୍ୟ ଓ ନାଟକ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ ।

## ଯୁବ ଓ ଛାତ୍ର ବିଜେଡିକୁ ଅଣଦେଖା ନେଇ ଅସନ୍ତୋଷ

### ଯୁବ ଛାତ୍ର ବିଜୁ ଜନତା ଦଳର ସମାବେଶ

**ପୁରୀ, ୧୩।୪ (ଅଜିତ୍ ମହାନ୍ତି)** ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଶନିବାର ପୁରୀ ଜିଲା ବିଜୁ ଯୁବ, ଛାତ୍ର ଜନତା ଦଳର ସମାବେଶ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ନିର୍ବାଚନ ବନ୍ଦ ହେବା ପରେ ପୁରୀରେ ଏହା ଯୁବ, ଛାତ୍ର ବିଜେଡିର ପ୍ରଥମ ବଡ଼ ସମାବେଶ ବୋଲି କୁହାଯାଉଛି । ରାଜ୍ୟ ବିଜୁ ଛାତ୍ର ଜନତା ଦଳ ଉପସଭାପତି ନାରାୟଣ ପ୍ରସାଦ ସିଂହଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜୁ ଜନତା ଦଳର ପୁରୀ ଜିଲା ସଭାପତି ଦିବାକର ପାତ୍ର, ଜିଲା ସାଧାରଣ ସମ୍ପାଦକ ଜୟକୃଷ୍ଣ ଦାସମହାପାତ୍ର, ବିଜୁ ଛାତ୍ର ଜନତାଦଳ ସଭାପତି ରାଜେଶ ରଥ, ପୁରୀ ସଦର ନିର୍ବାଚନମଣ୍ଡଳୀ ସଭାପତି ସୁଧାଂଶୁ ଚନ୍ଦ୍ର ସାହୁ, ଜିଲା ବିଜୁ ଛାତ୍ର ଜନତା ଦଳ ଉପସଭାପତି ଲକ୍ଷ୍ମୀକାନ୍ତ ପ୍ରଧାନ, ସର୍ବେଶ୍ୱର ସ୍ୱାଇଁ, ଯୁବ ବିଜେଡି ସଦର ସଭାପତି ବିଜୟ କୁମାର ମାଝି, ଜିଲା ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ସୂର୍ଯ୍ୟପ୍ରସାଦ ଘଟୁଆରୀ, ଛାତ୍ର ସଦର ବ୍ଲକ ସଭାପତି ନିଲୁ ମହାପାତ୍ର, ବିଜୁ ଜନତା ଦଳ ଲିଗାଲ ସେଲ୍ ଉପସଭାପତି ବିଶ୍ୱଜିତ୍ ପ୍ରଧାନ, ଯୁବନେତା କାଲୁ ମିଶ୍ର, ବିଶ୍ୱଜିତ ପଟ୍ଟନାୟକଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ । ଯୁବ ଓ ଛାତ୍ରନେତାମାନେ କହିଥିଲେ ଯେ, କର୍ମୀଙ୍କୁ ନେଇ ନେତା, ନେତାଙ୍କୁ ନେଇ କର୍ମୀ ନୁହନ୍ତି । ଗତ କିଛି ମାସ ହେବ ଯୁବ ଓ ଛାତ୍ର ବିଜେଡିକୁ ଜିଲା ବିଜେଡି ପକ୍ଷରୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣି ସମାବେଶରେ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଦେଶ ଗଠନ ହେଉ ବା ଯେକୌଣସି ରାଜନୈତିକ ଦଳ ହେଉ ସବୁ କ୍ଷେତ୍ରରେ ଛାତ୍ର ଓ ଯୁବକଙ୍କ ପ୍ରମୁଖ ଭୂମିକା ରହିଛି । ପୁରୀ ଲୋକ ସଭା କ୍ଷେତ୍ର ଓ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଦ୍ୱୟ ଛାତ୍ର ଓ ଯୁବ ବିଜେଡି ସଙ୍ଗଠନକୁ ଯୋଗାଯୋଗ କରୁନାହାନ୍ତି ବୋଲି ଛାତ୍ରନେତାମାନେ ଅଭିଯୋଗ କରିଥିଲେ । କଲେଜ, ପଞ୍ଚାୟତ, ପୌର ନିର୍ବାଚନଠାରୁ ଆରମ୍ଭ କରି ୨୦୦୯, ୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ଛାତ୍ର ଓ ଯୁବ ବିଜେଡି ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି । ଯୁବ ଛାତ୍ର ଏବଂ ପୁରୁଖା ନେତାଙ୍କୁ ସାଙ୍ଗରେ ନେଲେ ଦଳ ଅଧିକ ସଙ୍ଗଠିତ ଓ ଶକ୍ତିଶାଳୀ ହେବ । ଏଥିସହ ଉଭୟ ବିଧାନସଭା ଓ ଲୋକ ସଭା ଆସନର ବିଜେଡି ପ୍ରାର୍ଥୀଙ୍କ ବିପୁଳ ବିଜୟ ହେବ ବୋଲି ମତ ପ୍ରକାଶ ପାଇଥିଲା । ନିର୍ବାଚନ ପୂର୍ବରୁ ଯୁବ ଓ ଛାତ୍ର ବିଜେଡି ଏକାଠି ହୋଇଥିବାରୁ ସମସ୍ତେ ରାଜ୍ୟ ବିଜୁ ଛାତ୍ର ଜନତା ଦଳ ଉପସଭାପତି ନାରାୟଣ ପ୍ରସାଦ ସିଂହଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଯୁବ ଓ ଛାତ୍ର ବିଜେଡିରେ ବହୁ ଯୁବକ ଏବଂ ଛାତ୍ର ସାମିଲ ହୋଇଥିଲେ । ଛାତ୍ର ନେତା ହିମାଂଶୁ ଚନ୍ଦ୍ର ସାହୁ, ରବିନାରାୟଣ ନାୟକ, ପଟେଲ ପୃଷ୍ଟି, ସନତ ପରିଛା, ଦୀପ୍ତିରଞ୍ଜନ ଜେନା, ସୁରଜ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଜିଲା ସଭାପତି ପାତ୍ର କହିଛନ୍ତି, ଆଗକୁ ନିର୍ବାଚନ ଥିବାରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହା ଆଗାମୀ ନିର୍ବାଚନରେ ଦଳକୁ ସୁଦୃଢ କରିବ । ବିଜୁ ଜନତା ଦଳ ଏକ ବିରାଟ ପରିବାର । ପରିବାର ମଧ୍ୟରେ ଯେପରି ମାନ ଅଭିମାନ ରହିଥାଏ, ସେହିପରି ଦଳରେ କିଛିଟା ମାନ ଅଭିମାନ ରହିଛି । ତାହା ସାଧାରଣ କଥା । ତାହା ଖୁବ୍‌ଶୀଘ୍ର ଦୂର ହୋଇଯିବ । ଆଗାମୀ ନିର୍ବାଚନରେ ସମସ୍ତେ ଏକ ହୋଇ ଦଳ ପାଇଁ କାର୍ଯ୍ୟ କରିବେ ଓ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନେ ବିଜୟୀ ହେବେ ବୋଲି ପାତ୍ର ପ୍ରକାଶ କରିଛନ୍ତି ।



ସମାବେଶରେ ପୁରୀ ଜିଲା ବିଜୁ ଯୁବ, ଛାତ୍ର ଜନତା ଦଳର ନେତୃବୃନ୍ଦ ।

## ଗଞ୍ଜେଇ, ବ୍ରାଉନ୍‌ସୁଗାର ଜବତ: ଅଭିଯୁକ୍ତ ଗିରଫ

କଣ୍ଟାପଡା,(ସୁରନାରାୟଣ ସାହୁ): ଗଞ୍ଜେଇ ଓ ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ଓଲଟପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଅଡ଼ଶପୁର ଗ୍ରାମର ପ୍ରକାଶ ମହାନ୍ତି। ତାଙ୍କଠାରୁ ୨ କିଲୋ ୯୫୦ ଗ୍ରାମ୍ ଗଞ୍ଜେଇ ଓ ୧୪.୭୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ଗୁରୁବାର ରାତିରେ ପ୍ରକାଶ ଓଲଟପୁର ଗ୍ରାମ ନିକଟରେ ଏକ ଗାଡିରେ ବୁଲୁଥିବାବେଳେ ପୋଲିସ ତାଙ୍କୁ କାବୁ କରି ଥାନାକୁ ଆଣିଥିଲା। ପରେ ତାଙ୍କ ଗାଡି ଯାଞ୍ଚ କରିବାରୁ ଗଞ୍ଜେଇ, ବ୍ରାଉନ୍‌ସୁଗାର ମିଳିଥିଲା। ଶନିବାର ନାର୍କୋଟିକ ଡ୍ରଗ୍ସ ବିଭାଗ କର୍ମଚାରୀ ଥାନାରେ ପହଞ୍ଚି ଜବତ ସାମଗ୍ରୀକୁ ଯାଞ୍ଚ କରିଥିଲେ।



# ଓଡ଼ିଶା ରାଜନୀତିରେ ପରିବର୍ତ୍ତନ ସୁନିଶ୍ଚିତ: ଧର୍ମେନ୍ଦ୍ର

କଟକ,୧୩।୪(ଶିଲ୍ପା ପ୍ରିୟଦର୍ଶିନୀ)

ଚୌଦ୍ୱାର- କଟକ ଭାଜପା ପକ୍ଷରୁ କଲେଜଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପାର କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ କର୍ପୋରେଟର ସଙ୍ଗୀତା ଶର୍ମା, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ଜ୍ୟୋତିରଞ୍ଜନ ରାୟ, ନିଲମ ଶାହା, ସ୍ୱର୍ଣ୍ଣଲତା ବେହେରା, ଆଠଗଡ଼ ପୂର୍ବତନ ବିଧାୟକ ରମେଶ ରାଉତଙ୍କ ସମେତ ୩୦ରୁ ଅଧିକ କର୍ମୀ ଭାଜପାରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର କହିଛନ୍ତି, ନିର୍ବାଚନକୁ ଆଉ ମାତ୍ର ୪୨ ଦିନ। ରାଜନୀତି ପାଇଁ ଏହା ଲମ୍ବା ସମୟ ରହିଛି। ଓଡ଼ିଶା ରାଜନୀତିରେ ଏଥର ପରିବର୍ତ୍ତନ ହେବା ସୁନିଶ୍ଚିତ। ଅବ୍ କି ବାର୍ ମୋଦି ସରକାର ଏହି ନାରା ସତରେ ପରିଣତ ହେବ, ଏଥିରେ କୌଣସି ସନ୍ଦେହ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅତ୍ୟନ୍ତ ପ୍ରିୟ ବିଶ୍ୱସନୀୟ ରହିଛନ୍ତି ଭର୍ତ୍ତୃହରି। ସେ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱାସକୁ ସତରେ ପରିଣତ କରିବେ। କଟକର ଜଣେ ବଡ଼ ପାଟିଆ ନେତା ଏବେ ରାଜ୍ୟ ସଭା ଯାଇଛନ୍ତି। ସେ ସଂସଦରେ କ'ଣ ଉପସ୍ଥାପନା କରିବେ, ତାହା ସାଧାରଣ ଲୋକ ଦେଖିବେ। କଟକ ଅସ୍ମିତା ସମସ୍ତ ଓଡ଼ିଆଙ୍କୁ ପୁଲକିତ କରେ। ଏପରି କି କଟକ ଓଡ଼ିଆ ଅସ୍ମିତାର ପ୍ରୟୋଗଶାଳ।



କଟକ କଲେଜ ଛକଠାରେ ଚୌଦ୍ୱାର-କଟକ ଭାଜପା ପକ୍ଷରୁ ଅନୁଷ୍ଠିତ ମିଶ୍ରଣ ପର୍ବରେ ଉପସ୍ଥିତ ଜନତା ଓ ଅନ୍ୟମାନେ।

ଜାପାନର ଜାଇକା ବ୍ୟାଙ୍କରୁ ଋଣ ଆଣି କଟକରେ ନାଳ ନର୍ଦ୍ଦମା କାମ କରିବା କେବଳ ଏକ ପ୍ରହସନ, ଯାହାର କାର୍ଯ୍ୟ କେବେ ସରିବ ନାହିଁ। ଏପରି କି ପଚାପୋଲର ସ୍ଥିତି ଯାହା ରହିଛି ତାହାକୁ ବିକାଶ କିମ୍ବା ରୂପାନ୍ତୀକରଣ କହିବା ସମ୍ପୂର୍ଣ୍ଣ ଭୁଲ୍ ହେବ। ଏଥିପାଇଁ ଲୋକଙ୍କ ପାଖକୁ ଯିବାକୁ ହେବ। ମୁଖ୍ୟମନ୍ତ୍ରୀ ଏବେ ଭିଡିଓ ମାଧ୍ୟମରେ ରହିଛନ୍ତି ଏବଂ ଭିଡିଓର ରିମୋଟ୍ ରହିଛି ଗୁମାସ୍ତାଙ୍କ ହାତରେ। ଏହି ଚିତ୍ରକୁ ଏବେ ବଦଳାଇବାକୁ ପଡ଼ିବ ଏବଂ ଡବଲ ଇଞ୍ଜିନ ସରକାର ଗଠନ କରିବାକୁ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେହିପରି ଭର୍ତ୍ତୃହରି ମହତାବ ଅଭିଭାଷଣର ପ୍ରାରମ୍ଭରେ ଏକ କବିତା 'ଉଠିବୁ ତୁ କେତେ ଦିନେ ପୂରୁବ ମହିମା ମନେ ପଡ଼ି ନାହିଁ କି ତୋ ମନେ...ଉଦାହରଣ ଦେଇଥିଲେ। ପରେ ସେ କହିଛନ୍ତି, ୧୯୯୮ରେ କଟକ ଲୋକ ସଭା ଆସନରୁ ପ୍ରାର୍ଥୀ ଥିଲି ଏବଂ କଲେଜଛକଠାରେ କାର୍ଯ୍ୟକ୍ରମ କରାଯାଇଥିଲା ଭାଜପା ନେତ୍ରୀ ସୁଷମା ସ୍ୱରାଜ ଯୋଗଦେଇଥିଲେ। ସେତେବେଳେ ସେ କହିଥିଲେ, ଦେଶରେ ସୁଶାସନର ପ୍ରତିଷ୍ଠା କରିବା ଏବଂ ସରକାର ଗଢିବା, ୨୦୦୦ ମସିହାରେ ଶାସନରେ ପରିବର୍ତ୍ତନ ଘଟିଲା ଏପରିକି ବିଜେଡି ସରକାର ଶାସନ କରିବା ଆରମ୍ଭ କଲା, ଯାହାକି ପ୍ରିୟାପ୍ରୀତି ଏବଂ ଦୁର୍ନୀତି ବିରୋଧରେ ଏହି ଦଳ ଗଠନ କରାଯାଇଥିଲା। ହେଲେ ୨୫ବର୍ଷ ବିତିଛି କିନ୍ତୁ ଦୃଶ୍ୟ ସମ୍ପୂର୍ଣ୍ଣ ଓଲଟା ରହିଛି। ଦଳରେ ପ୍ରିୟାପ୍ରୀତି ଭରି ରହିଛି, ପୂର୍ବ ଏବଂ ବର୍ତ୍ତମାନ ମଧ୍ୟରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରହିଛି। ୧୫ ଦିନ ମଧ୍ୟରେ ଏକ ଭିନ୍ନ ଜୁଆର କଟକ ଲୋକସଭା ନିର୍ବାଚନମଣ୍ଡଳୀ ଦେଇ ଗତି କରୁଛି। କଟକର ସ୍ୱାଭିମାନ ହେଉଛି ରେଭେନ୍ସା ବିଶ୍ୱବିଦ୍ୟାଳୟ। ଏଠି ଯଦି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କରାଯିବ ଏହାର ଲାଭ କ'ଣ ବୋଲି ମୁଖ୍ୟମନ୍ତ୍ରୀ ପଚାରୁଛନ୍ତି, ଏହା ସମ୍ପୂର୍ଣ୍ଣ ଲଜ୍ଜାଜନକ। ବିଜେଡି ଶାସନ ଆଉ ରହିବ ନାହିଁ, ନବୀନ ପଟ୍ଟନାୟକଙ୍କ ପ୍ରତି ଓଡ଼ିଶାବାସୀଙ୍କ ଶ୍ରଦ୍ଧା, ସ୍ନେହ ଓ ପ୍ରେମ ରହିଥିଲା ହେଲେ ତାହା ଏବେ ଆଉ ନାହିଁ। ୪୨ ଦିନରେ କି ପ୍ରକାରର ଦୁର୍ଗ ଭାଙ୍ଗୁଛି ତାହା ବିଶ୍ୱ

### ଚୌଦ୍ୱାର-କଟକ ଭାଜପା ପକ୍ଷରୁ ମିଶ୍ରଣ ପର୍ବ

■ମଶାର ଉଦାହରଣ ଦେଇ ଶାସକ ଦଳକୁ ମାତ ଦେବାକୁ ହେବ: ଭର୍ତ୍ତୃହରି

ଦେଖିବ। ମଶା କାମୁଡ଼ିଛି ଏବଂ ସେଥିପାଇଁ ଆମକୁ ଚେଇଁ ରହିବାକୁ ପଡ଼ିବ। ଉଠିକି ଜାଗ୍ରତ ହୋଇ ଗୋଟି ଗୋଟି କରି ମଶାକୁ ମାରି ଫୋପାଡ଼ିବାକୁ ପଡ଼ିବ ବୋଲି ମହତାବ କହିଛନ୍ତି। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ଆଇନଜୀବୀ ସୌରୀ ମହାପାତ୍ର, ବରିଷ୍ଠ ନେତା ବିନୋଦ ଦାସ, ବଡ଼ମ୍ବା ବିଧାନସଭା ପ୍ରାର୍ଥୀ ସମ୍ବିତ ତ୍ରିପାଠୀ, ବାଙ୍କୀ ପ୍ରାର୍ଥୀ ତୁଷାରକାନ୍ତି ଚକ୍ରବର୍ତ୍ତୀ, କଟକ ସଦର ପ୍ରାର୍ଥୀ ପ୍ରକାଶ ସେଠୀ, ଆଠଗଡ଼ ପ୍ରାର୍ଥୀ ଅଭୟ ବାରିକ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିବା କର୍ମୀ ଓ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚୌଦ୍ୱାର-କଟକ ପ୍ରାର୍ଥୀ ନୟନ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବକ୍ସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସିକନ୍ଦର ଅଲ୍ଲୀ ବାକ୍ସ, ମହିଳା ନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ସମେତ ଶତାଧିକ ମହିଳା, ଯୁବ, ଛାତ୍ର କର୍ମୀ ଉପସ୍ଥିତ ଥିଲେ।

## 'ସାହିତ୍ୟ, କଳାରେ ଚିତ୍ରର ଆତ୍ମିକ ଭାବ ସନ୍ନିହିତ'




ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୩।୪ (କାର୍ତ୍ତିକ ସାହୁ)

କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶୈଳଜ ରବି ଯୋଗଦେଇ ସାହିତ୍ୟ ଓ କଳାରେ ଚିତ୍ରର ଏକ ଆତ୍ମିକ ଭାବବସ୍ତୁ ସନ୍ନିହିତ ରହିଥାଏ ବୋଲି କହିଥିଲେ। ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା, ସାହିତ୍ୟ ଆଲୋଚନା ସମ୍ପାଦକ ସରୋଜିନୀ ମିଶ୍ର ଅତିଥି ପରିଚୟ ଓ ଭାଷାସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମର ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ଉପସଭାପତି ମନୋଜ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟକାରୀ ସମିତି ସଭ୍ୟ ତପନ କୁମାର ସ୍ୱାଇଁ, ବ୍ରହ୍ମାନନ୍ଦ ମହାନ୍ତି, ଦିଲୀପ କୁମାର ଦାସ, ବିଜୟଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ନାପ୍

ଫୁଲନଖରା,୧୩।୪(ସତ୍ୟରଞ୍ଜନ ଦାସମହାପାତ୍ର)

ନ୍ୟାଶନାଲ ଆପ୍‌ନୀ ପାର୍ଟି(ନାପ୍) ପକ୍ଷରୁ ୩ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥୀ ଭାବେ ଚନ୍ଦ୍ରକାନ୍ତ ଦାସ, ନୀଳଗିରି ବିଧାନସଭା ପ୍ରାର୍ଥୀ ଭାବେ ଗଙ୍ଗାଧର ନାୟକ ଓ ଭୁବନେଶ୍ୱର(ଉତ୍ତର) ବିଧାନସଭା ପ୍ରାର୍ଥୀ ଭାବେ ମିର୍ଜା ଇସ୍‌ଲାମ୍ ବେଗଙ୍କୁ ଦଳ ଚୟନ କରିଛି। ଏନେଇ ଶୁକ୍ରବାର ପାହାଳ ଥାନା ଅନ୍ତର୍ଗତ ବଙ୍ଗୁଆରୀରେ ଥିବା ପାର୍ଟି କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। କୃଷକଙ୍କ ଉନ୍ନତି, ନାରୀ ସଶକ୍ତୀକରଣ, ଉତ୍ତମ ସ୍ୱାସ୍ଥ୍ୟସେବା, ମାଗଣା ଶିକ୍ଷା, ଗୋ ସମ୍ପଦର ସୁରକ୍ଷା, ପ୍ରତ୍ୟେକ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା, କନ୍ୟାରତ୍ନ ଯୋଜନାରେ କନ୍ୟାଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ନେବା ପ୍ରସଙ୍ଗକୁ ନେଇ ଦଳ ନିର୍ବାଚନ ଲଢିବ ବୋଲି ଦଳର ରାଷ୍ଟ୍ରୀୟ ସଭାପତି ଭଗତ୍ ସିଂ ବିଶଦ୍ କହିଛନ୍ତି।

## ବିଜେଡି କର୍ମୀ ସମ୍ମିଳନୀ

କଟକ ସଦର, ୧୩।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରଠାରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଓ ବ୍ଲକ ସଭାପତି ପ୍ରମୋଦ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଗୀତାଞ୍ଜଳି ଜେନା, ତପନ କୁମାର ଜେନା, ଓମ୍‌ପ୍ରକାଶ ପରିଡ଼ା, ସରୋଜିନୀ ମହାପାତ୍ର, ରଞ୍ଜନ କୁମାର ସାମଲ, ଲକ୍ଷ୍ମୀଧର ଭୋଇ ଓ ତାଙ୍କ ସମର୍ଥକମାନେ ବିରୋଧୀ ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ଆସନ୍ତା ନିର୍ବାଚନରେ ଦଳର ବିଧାୟକ ଏବଂ ଲୋକ ସଭା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସଂକଳ୍ପ ଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭିକାରି ଚରଣ ବେହେରା, ସରପଞ୍ଚ ସୁଭାଷିନୀ ରାଉତ, ପୂର୍ବତନ ସରପଞ୍ଚ ପ୍ରମୋଦ ରାଉତ, ପ୍ରଫୁଲ୍ଲ ଭୋଇ, ସମିତି ସଭ୍ୟ ସାରଦା ପ୍ରସନ୍ନ ସ୍ୱାଇଁ, ହୃଦାନନ୍ଦ ଆଚାର୍ଯ୍ୟ, କାଳନ୍ଦୀ ସ୍ୱାଇଁ, ଉମାକାନ୍ତ ଭୂୟାଁ, ରଣଜିତ୍ ପାତ୍ର, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କାର୍ଯ୍ୟ କର




କଟକ ନଗର ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

କଟକ,୧୩।୪(ଶିଳ୍ପା ପ୍ରିୟଦର୍ଶିନୀ)

### କଟକ ନଗର ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

କଟକ ନଗର ଯୁବ କଂଗ୍ରେସ ପକ୍ଷରୁ ଲିଙ୍କ୍‌ରୋଡସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ନଗର ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚଳିତ ନିର୍ବାଚନରେ ଯୁବ, ଛାତ୍ର କଂଗ୍ରେସ କଟକ ଜିଲାରେ ପ୍ରମୁଖ ଭୂମିକା ନିର୍ବାହ କରିବା, ଦଳକୁ ଆହୁରି ସଶକ୍ତ କରିବା ସହ ଘରେ ଘରେ ହାତ କାର୍ଯ୍ୟକ୍ରମ, ରାହୁଲ ଗାନ୍ଧୀଙ୍କ ନ୍ୟାୟ ଗ୍ୟାରେଣ୍ଟିକୁ ସଫଳ କରିବା ଉପରେ ଆଲୋଚନା ହୋଇଥିଲା। ଏନେଇ କଟକ ନଗର ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟ କହିଛନ୍ତି, କଟକ ନଗର ଯୁବ କଂଗ୍ରେସର ନୂତନ କମିଟି ଶନିବାର ଗଠନ ହୋଇଛି। କଟକ ସହରର ପ୍ରମୁଖ ୩ଟି ନିର୍ବାଚନମଣ୍ଡଳୀ ଏବଂ କଟକ ମହାନଗର ନିଗମ ଅଧୀନ ୫୯ଟି ୱାର୍ଡର ଲୋକଙ୍କୁ ବିଜେଡି ଓ ଭାଜପାର ବିଫଳତା ସମ୍ପର୍କରେ ଅବଗତ କରାଯିବ। ଆସନ୍ତା ନିର୍ବାଚନରେ ଯେପରି ଦଳୀୟ ପ୍ରାର୍ଥୀ ବିପୁଳ ଭୋଟ ପାଇ ବିଜୟୀ ହେବେ, ସେଥିପାଇଁ କର୍ମୀମାନେ କାର୍ଯ୍ୟ କରିବାକୁ ଶିଳାଦିତ୍ୟ କହିଛନ୍ତି। ଏହି ବୈଠକରେ ଓଡ଼ିଶା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ସମ୍ପାଦକ ଶିବ ଅଗ୍ରୱାଲ, ଶିଶିର ରଥ, ମନୋଜ ବିଶ୍ୱାଳ, ସଚ୍ଚିଦାନନ୍ଦ ରାଉତ, ମାନସ ନାୟକ, ସୁଦୀପ ସାମଲ, ଆଶୁତୋଷ ରାଉତ, ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ବାଚନ ପାଇଁ ପ୍ରାର୍ଥୀ ଦେବ ଓଡ଼ିଶା ସୁରକ୍ଷା ସେନା

କଟକ, ୧୩।୪(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ରାଜନୈତିକ ଦଳ ଓଡ଼ିଶା ସୁରକ୍ଷା ସେନା ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ଦେବ। କଟକ ସଂସଦୀୟ କ୍ଷେତ୍ର ପାଇଁ ଏମ୍‌ପି ପ୍ରାର୍ଥୀ ଓ ୭ ବିଧାୟକ ପ୍ରାର୍ଥୀ ନିର୍ବାଚନ ଲଢିବେ। ଏନେଇ ହରିପୁରସ୍ଥିତ ଏକ ହୋଟେଲରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ସବ୍ୟସାଚୀ ଶତପଥୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାର ପୁରୁଣା ରାଜଧାନୀ କଟକ। କଟକବାସୀଙ୍କ ସେବା କରିବା ଉଦ୍ଦେଶ୍ୟରେ ଓଡ଼ିଶା ସୁରକ୍ଷା ସେନା ଚଳିତ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିବ। ଏଥିପାଇଁ ଓଡ଼ିଶା ସୁରକ୍ଷା ସେନାର ରାଜ୍ୟସ୍ତରୀୟ କୋର୍ କମିଟି ନିଷ୍ପତ୍ତି ନେଇଛି। ଓଡ଼ିଶା ସୁରକ୍ଷା ସେନାର ମୂଳ ଆଦର୍ଶ ସେବା, ସୁରକ୍ଷା ଓ ସଂସ୍କାର ରହିଛି। ହିନ୍ଦୁ ଧର୍ମ, ସଂସ୍କୃତିକୁ ଆଧାର କରି ସମାଜକୁ ବ୍ୟବସ୍ଥିତ କରିବା, ଅରାଜକତାରୁ କଟକକୁ ରକ୍ଷା କରିବା, ଗୋ'ମାତା ଓ ମହିଳାଙ୍କୁ ଉଚିତ ସମ୍ମାନ ଦେବା, ଶାସନ ବ୍ୟବସ୍ଥାକୁ ସଂସ୍କାରିତ କରିବା, ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ, ନିଶା ମୁକ୍ତ ସମାଜ ଗଠନ କରିବା ଭଳି ଲକ୍ଷ୍ୟ ନେଇ ଓଡ଼ିଶା ସୁରକ୍ଷା ସେନା ନିର୍ବାଚନ ଲଢିବ। ଏହି ଖବରଦାତା ସମ୍ମିଳନୀରେ ଉପସଭାପତି ରାଜେଶ କୁମାର ପାତ୍ର, ଦେବେନ୍ଦ୍ର ନାଥ ଦ୍ୱିବେଦୀ, ମହିଳା ଶାଖା ସଭାପତି ଅନୁରାଧା ଦାସ, ଛାତ୍ର ଶାଖା ସଭାପତି ପ୍ରିୟବ୍ରତ ଦାଶ, ମିଡ଼ିଆ ପ୍ରଭାରୀ ରବିଶଙ୍କର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## 'ମୁଖ୍ୟମନ୍ତ୍ରୀଙ୍କ ଜନହିତକାରୀ ଯୋଜନା ଲୋକଙ୍କୁ ଜଣାଅ'

ମଙ୍ଗୁଳି-ଜଗତପୁର,୧୩।୪(ମାନସ ସାମଲ)

### ବିଜୁ ମହିଳା ଜନତା ଦଳର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଚୌଦ୍ୱାର ଓଟିଏମ୍ ବଜାର ପରିବା ମାର୍କେଟସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଜୁ ମହିଳା ଜନତା ଦଳ ପକ୍ଷରୁ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ନଗର ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ଚୌଦ୍ୱାର-କଟକ ବିଧାନସଭା ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜନହିତକାରୀ ଯୋଜନା ଓ ଲୋକପ୍ରିୟତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କଟକ ଜିଲା ବିଜେଡି ଉପସଭାପତି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଯୁବ ସଭାପତି ଶାରଦା ପରିଜା, ରାଜ୍ୟ ଯୁଗ୍ମ ସମ୍ପାଦକ ଅର୍ଜ୍ଜୁନ ପଣ୍ଡା, ଭରତ ସାହୁ, ଛାତ୍ର ନେତା ଦିବାକର ନାଥ, ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗଠନ ସମ୍ପାଦିକା କଲ୍ୟାଣୀ ସାହାଣୀ, ମହିଳା ନଗର ସଦସ୍ୟା ସସ୍ମିତା ରାୟ, ମୀନା ଚୌଧୁରୀଙ୍କ ସମେତ ସମସ୍ତ ୱାର୍ଡ ମହିଳା ସଭାନେତ୍ରୀ ଉପସ୍ଥିତ ଥିଲେ। ନଗର ସାଧାରଣ ସମ୍ପାଦିକା ବୀଣାପାଣି ଦାସ ଧନ୍ୟବାଦ ଦେଇଥିଲେ।

## ମୁସଲମାନ ସାହିରେ ୨ ଗୋଷ୍ଠୀ ଗଣ୍ଡଗୋଳ

ଚୌଦ୍ୱାର,୧୩।୪(ଆଶୁତୋଷ ଦାସ)

### ପୋଲିସ ଫୋର୍ସ ମୁତୟନ

ଚୌଦ୍ୱାର ପୌରପାଳିକା ୨ନଂ. ୱାର୍ଡ ଅଧୀନ ମୁସଲମାନ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ତେବେ ଗଣ୍ଡଗୋଳ ବଢିବା ଆଶଙ୍କାରେ ଚୌଦ୍ୱାର ପୋଲିସ ପକ୍ଷରୁ ସାହିର ବିଭିନ୍ନ ଛକ ଜାଗାରେ ଫୋର୍ସ ମୁତୟନ କରାଯାଇଛି। ଏଥିସହ ପିସିଆର ଭ୍ୟାନ୍ ପଇଁତରା ମାରୁଛି। ମିଳିଥିବା ସୂଚନା ଅନୁଯାୟୀ, ଇଦ୍ ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ଯାତ୍ରାପଡିଆସ୍ଥିତ ମୁସଲମାନ ସାହି ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷ ହେବା ପରେ କୌଣସି କାରଣକୁ ନେଇ ଯୁବ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ସହ ମାରପିଟ୍ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ଶନିବାର ଗୋଟିଏ ଗୋଷ୍ଠୀର ଯୁବକ ଅନ୍ୟଗୋଷ୍ଠୀର ୩ଟି ଗାଡି କାଚ ଭାଙ୍ଗି ଦେଇଥିବା ଘଟଣାକୁ ନେଇ ପୁନର୍ବାର ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳରେ କେହି ଆହତ ହୋଇନାହାନ୍ତି। ଏନେଇ ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି, ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଗଣ୍ଡଗୋଳର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ପାଟ୍ରୋଲିଂ ଜାରି ରହିଛି।

## ଖବରକାଗଜ ବିକ୍ରେତା ସଂଘର ଶୋକସଭା



କଟକ,୧୩।୪(କାର୍ତ୍ତିକ ସାହୁ)

ଖବରକାଗଜ ବିକ୍ରେତା ବୁଦ୍ଧଦେବ ଛାଟୋଇ(ମନ୍ନୁ)ଙ୍କ ବିୟୋଗରେ ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ଏକ ଶୋକସଭା ବକ୍ସିବଜାରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗଦେଇ ନୀରବ ପ୍ରାର୍ଥନା କରିଥିଲେ। ରତ୍ନାକର ପ୍ରଧାନ, ପ୍ରଭାସ ପ୍ରଧାନ, ମନୋଜ ପାଲ, ପ୍ରଶାନ୍ତ ସାହୁ, କେ. ବେଣୁ ରାଓ, ହୃଷୀକେଶ ପଢ଼ିହାରୀ, ନବଘନ ସାହୁ, ଦୁଃଖିଶ୍ୟାମ ମହାପାତ୍ର, ଅଜୟ ବେହେରା, ରବି ପାଲ୍, ଅଶୋକ ସାହୁ, ହେମନ୍ତ ପଟ୍ଟନାୟକ, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତ ବିପର୍ଯ୍ୟୟରେ ହ୍ରାସ କରିହେବ ମୃତ୍ୟୁ ହାର

କଟକ,୧୩।୪(କାର୍ତ୍ତିକ ସାହୁ)

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସଂସ୍ଥା(ଏନ୍‌ଏସ୍‌ଏସ୍) ପକ୍ଷରୁ ବଜ୍ରପାତ ଉପରେ ଆଲୋଚନାଚକ୍ର ଭୂତତ୍ତ୍ୱ ବିଭାଗ ପରିସରରେ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ପ୍ରଫେସର ମନୋରଞ୍ଜନ ମିଶ୍ର ଯୋଗଦେଇ କହିଛନ୍ତି, ଗତ ଦୁଇବର୍ଷ ମଧ୍ୟରେ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶାରେ ଗତ ଦୁଇ ଦଶନ୍ଧି ମଧ୍ୟରେ ବଜ୍ରପାତ ଆକସ୍ମିକ ମୃତ୍ୟୁରେ ୩୬ ଗୁଣା ବୃଦ୍ଧି ଘଟି ୬,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏଥିସହ ପ୍ରାଣୀ, ପକ୍ଷୀ ତଥା ଗଛ ଉପରେ ମଧ୍ୟ ବଜ୍ରପାତ ଘଟିଛି। ବଜ୍ରପାତର କାରଣ, ନିରାକରଣ ସଂକ୍ରାନ୍ତରେ ସଚେତନ ରହିଲେ ବଜ୍ରପାତ ବିପର୍ଯ୍ୟୟର ମୃତ୍ୟୁ ହାରକୁ ବିଭିନ୍ନ ପଦ୍ଧତିରେ ହ୍ରାସ କରିହେବ ବୋଲି ସେ କହିଥିଲେ। ଏଥିରେ ଭୂଗୋଳ ପ୍ରଫେସର ଶିବବ୍ରତ ଦାସ ଅଧ୍ୟକ୍ଷତା କରିଥିଲେ। ଭୂତତ୍ତ୍ୱ ପ୍ରଫେସର ସନ୍ଦୀପ ନାରାୟଣ କୁଣ୍ଡୁ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ମୁଖ୍ୟ ଡ. ବି.ସି. ଦାସ ଅତିଥି ପରିଚୟ ଓ ଭୂଗୋଳ ବିଭାଗ ଅଧ୍ୟାପକ ଡ. ଶିବଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରୀ ସ୍ଥିତପ୍ରଜ୍ଞା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।



## 'ଉତ୍ତମ ଚରିତ୍ର ଗଠନରେ ବ୍ରତୀ ହୁଅନ୍ତୁ ଛାତ୍ରୀଛାତ୍ର'

କଟକ,୧୩।୪(କାର୍ତ୍ତିକ ସାହୁ)

କଟକ ମାନସିଂହପାଟଣା ପୌର ସରକାରୀ ଉଚ୍ଚ ବିଦ୍ୟାଳୟର ୫୪ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଶନିବାର ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଡ. ଭାଗବତ ଶୁକ୍ଳା ଉତ୍ସବକୁ ଉଦ୍‌ଘାଟନ କରି ସତ୍ୟବାଦୀ ବନ ବିଦ୍ୟାଳୟ ଭଳି ପରିବେଶ ସବୁ ଶିକ୍ଷାନୁଷ୍ଠାନରେ ରହିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡା. ରବିରଞ୍ଜନ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉତ୍ତମ ଶିକ୍ଷା ଲାଭ ମାତାପିତାଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜିନୀ କାନୁନ୍‌ଗୋ କହିଥିଲେ, ବିଦ୍ୟାଳୟରେ ଶିକ୍ଷାଗ୍ରହଣ ପାଇଁ ଉତ୍ତମ ଶୈକ୍ଷିକ ପରିବେଶ ଓ ଶୃଙ୍ଖଳା ରହିବା ଅନିବାର୍ଯ୍ୟ। ଅନ୍ୟତମ



ମାନସିଂହପାଟଣା ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

### ମାନସିଂହପାଟଣା ହାଇସ୍କୁଲର ବାର୍ଷିକ ଉତ୍ସବ

ସମ୍ମାନିତ ଅତିଥି ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ନନ୍ଦ ପିଲାମାନଙ୍କୁ ମନଦେଇ ପାଠ ପଢ଼ିବା ସହ ଶୈକ୍ଷିକ କାର୍ଯ୍ୟରେ ପାରଦର୍ଶୀ ହୋଇ ପୁରସ୍କାର ଲାଭ କରିବା ପାଇଁ ଉତ୍ସାହିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅନସୂୟା ମିଶ୍ର ଉଦାହରଣ ମାଧ୍ୟମରେ ପିଲାମାନଙ୍କୁ ଉତ୍ତମ ଚରିତ୍ର ଗଠନରେ ବ୍ରତୀ ହେବା, ସକାରାତ୍ମକ ମନୋଭାବ ପୋଷଣ ସହ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ ତଥା ସ୍ୱଚ୍ଛ ଭାରତ ଗଠନ ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା କୁମାରୀ ଦେଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ନମିତା ପୃଷ୍ଟି, ସରୋଜିନୀ ଭୂୟାଁ, ବିନୋଦିନୀ ନାୟକ ଓ କ୍ରୀଡ଼ା ଶିକ୍ଷକ ସୌଭାଗ୍ୟ କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେଜିଏ ସୁନା, ୧.୩ କେଜି ରୁପା, ୩.୨୫ ଲକ୍ଷ ଟଙ୍କା ଜବତ

## ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ୍ ଧରାପଡ଼ିଲା, ୪ ଗିରଫ



ଜବତ ଅଳଙ୍କାର, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ।

ଭୁବନେଶ୍ୱର,୧୩।୪
(ସୂର୍ଯ୍ୟକାନ୍ତ ବେହେରା)

କମିଶନରେଟ ପୋଲିସ ସମେତ ବିଭିନ୍ନ ଜିଲା ଓ ଥାନା ପୋଲିସର ୱାଣ୍ଟେଡ୍ ଥିବା ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ୍ ଧରାପଡିଛି। ଗ୍ୟାଙ୍ଗ୍‌ର ୩ ସଦସ୍ୟଙ୍କ ସମେତ ୪ଜଣଙ୍କୁ କମିଶନରେଟ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୧ କେଜି ସୁନା ଓ ୧ କେଜି ୩୦୦ ଗ୍ରାମ ରୁପା ଅଳଙ୍କାର, ନଗଦ ୩ ଲକ୍ଷ ୨୫ ହାଜର ଟଙ୍କା, ଅପରାଧରେ ବ୍ୟବହୃତ ବାଇକ, ୩ ମୋବାଇଲ ଫୋନ୍ ଓ ଘର ତଡ଼ା ଉପକରଣ ଆଦି ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଜଗତ୍‌ସିଂହପୁରର ଶୁଭ୍ରକାନ୍ତ ବେହେରା ଓରଫ କାଜଲ ଓ ମଧୁସୂଦନ ମହାନ୍ତି, ଯାଜପୁର ମଙ୍ଗଳପୁରର ବିଶ୍ୱଜିତ ଦାସ ଓରଫ ବିଟୁ। ସେହିପରି ଚୋରି ଜିନିଷ କିଣୁଥିବା ସୁନା ଦୋକାନ ମାଲିକ ସୁଦାମ ଚରଣ ସାହୁଙ୍କୁ ମଧ୍ୟ ଗିରଫ କରାଯାଇଥିବା ନେଇ ଶନିବାର ପୋଲିସ କମିଶନର ସଞ୍ଜୀବ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଗତ ୩୦ ତାରିଖରେ ଭୁବନେଶ୍ୱର କାନନ ବିହାରର ଏକ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ଟଙ୍କା ଚୋରି ହୋଇଥିଲା। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଉମାକାନ୍ତ ନାୟକ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ସମାନ ତରିକାରେ ନନ୍ଦନକାନନ ଓ ଇନ୍‌ଫୋସିଟି ଥାନାରେ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ଚନ୍ଦ୍ରଶେଖରପୁର ଥାନାରେ ହୋଇଥିବା ଚୋରି ମାମଲା (ନଂ.୨୭୬/୨୪) ସହ ଅନ୍ୟସବୁ ଘଟଣାକୁ ନେଇ ପୋଲିସ ସମାନ୍ତରାଳ ଭାବେ ତଦନ୍ତ କରିଥିଲା। ତଦନ୍ତବେଳେ ଏସବୁ ଘଟଣାରେ ସମାନ ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବା ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତମାନଙ୍କୁ ଚିହ୍ନଟ ପରେ ଗିରଫ ପାଇଁ ଯୋଜନା କରିଥିଲା।

### ବିଭିନ୍ନ ଜିଲାରେ ରହିଛନ୍ତି ଇନ୍‌ଫର୍ମର

ଗ୍ୟାଙ୍ଗ୍‌ର ଅପରାଧ ନେଟ୍‌ୱର୍କ ସାରା ରାଜ୍ୟରେ ରହିଥିଲେ ମଧ୍ୟ ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧା, ପୁରୀ, ଭଦ୍ରକ, ନୟାଗଡ, ଯାଜପୁର, କେନ୍ଦ୍ରାପଡାରେ ବେଶ୍ ସକ୍ରିୟ ରହିଛନ୍ତି। ବିଶେଷକରି ସେମାନେ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କୁ ଇନ୍‌ଫର୍ମର ରଖି ବନ୍ଦ ଥିବା ଘର ଓ ଟଙ୍କା, ଗହଣା ଘରେ ରଖିଥିବା ପରିବାର ସମ୍ପର୍କରେ ଟିକିନିଖି ସୂଚନା ପାଇଥାନ୍ତି। ପରେ ସୁଯୋଗ ଦେଖି ସେସବୁ ଘରକୁ ଟାର୍ଗେଟ କରି କଳାକନା ବୁଲାଇଥାନ୍ତି। ଯଦି ଚୋରି ବା ଡକାୟତି ବେଳେ କେହି ବିରୋଧ କଲେ ମାରଣାସ୍ତ୍ର ଦେଖାଇ ଡରାଇବା ସହ ହାତଗୋଡ ବାନ୍ଧି ମୂଲ୍ୟବାନ ଜିନିଷ ନେଇ ଫେରାର ହୋଇଯାଉଥିଲେ। ଏପରି କି ଆକ୍ରମଣ କରିବାକୁ ବି ପଛାଉ ନ ଥିଲେ। ଏସବୁ ଅପରାଧବେଳେ ଅଭିଯୁକ୍ତମାନେ ମଦ୍ୟପାନ ଓ ଗଞ୍ଜେଇ ସେବନ କରିଥାନ୍ତି, ମୁଖା ପିନ୍ଧିଥାନ୍ତି ବୋଲି ପୋଲିସ କମିଶନର ସୂଚନା ଦେଇଛନ୍ତି।

### ଜେଲରୁ ବେଲ୍‌ରେ ଆସି ଗଢ଼ିଥିଲେ ନୂଆ ଗ୍ୟାଙ୍ଗ୍

ଏକ ଆପରାଧିକ ଘଟଣାରେ ଭୁବନେଶ୍ୱର ପୋଲିସ ୨୦୨୩ ଜୁନ୍‌ରେ ବିଟୁ ଓ କାଜଲଙ୍କୁ ଗିରଫ କରି ଜେଲ ପଠାଇଥିଲା। ଗତ ଫେବୃୟାରୀରେ ବେଲ୍‌ରୁ ଆସିବା ପରେ ଅଭିଯୁକ୍ତଦ୍ୱୟ ତାମିଲନାଡୁରୁ ଫେରିଥିବା ଅନ୍ୟତମ ଅଭିଯୁକ୍ତ ମଧୁସୂଦନଙ୍କ ସହ ମିଶି ନୂଆ ଗ୍ୟାଙ୍ଗ୍ ଗଢ଼ିଥିଲେ। ପୁଣି ଚୋରି, ଡକାୟତି ଭଳି ଅପରାଧ ଚଳାଇଥିଲେ। ଗ୍ୟାଙ୍ଗ୍ ନୂଆ ଓ ପୁରୁଣା ଅପରାଧୀଙ୍କୁ ସାମିଲ କରି ସାରା ରାଜ୍ୟରେ ସକ୍ରିୟ ହୋଇପଡିଥିଲେ। ଏହା ଜାଣିବା ପରେ ପୋଲିସ ଟିମ୍ ସେମାନଙ୍କ ଉପରେ ନଜର ରଖି ତଦନ୍ତକୁ ଆଗକୁ ବଢ଼ାଇଥିଲା। ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

### ଅଭିଯୁକ୍ତଙ୍କ ନାମରେ ମାଳମାଳ ମାମଲା

ଧରାପଡିଥିବା ଅଭିଯୁକ୍ତଙ୍କ ନାଁରେ ବିଭିନ୍ନ ଜିଲାରେ ମାଳମାଳ ମାମଲା ରହିଛି। ଡକାୟତି ସହ ହତ୍ୟା, ଛିନତାଇ, ଆକ୍ରମଣ କରି ଲୁଟ୍ ଆଦି ଅଭିଯୋଗ ରହିଛି। ଶୁଭ୍ରକାନ୍ତ ନାଁରେ ବିଭିନ୍ନ ଥାନାରେ ୩୧ ମାମଲା ଥିବା ବେଳେ ବିଶ୍ୱଜିତ୍‌ଙ୍କ ନାଁରେ ୩୮ଟି ଓ ମଧୁସୂଦନ ନାଁରେ ୧୨ଟି ମାମଲା ରହିଛି। ମଧୁସୂଦନ ନାଁରେ ମଧ୍ୟ ହତ୍ୟା ମାମଲା ରହିଛି। ଗତ ଦୁଇମାସ ମଧ୍ୟରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ପଟିଆ, ଇନ୍‌ଫୋସିଟି ଓ ନନ୍ଦନକାନନ ଥାନା ଅଞ୍ଚଳରେ ସେମାନେ ୫ଟି ଚୋରି କରିଛନ୍ତି। ସେହିପରି ପୁରୀରେ ୩ଟି ଓ ଭଦ୍ରକରେ ୨ଟି ଡକାୟତି ମାମଲାରେ ସମ୍ପୃକ୍ତ ଅଛନ୍ତି। ପୁରୀ ବଳଙ୍ଗାରେ ଡାକ୍ତର ଦମ୍ପତିଙ୍କୁ ବାନ୍ଧି ଏହି ଗ୍ୟାଙ୍ଗ ଡକାୟତି କରିଥିବା ତଦନ୍ତବେଳେ ଜଣାପଡିଛି। ଏଥିସହ ସେମାନଙ୍କ ସମ୍ପୂର୍ଣ୍ଣ ଆପରାଧିକ ରେକର୍ଡ ଯାଞ୍ଚ ଚାଲିଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି।


ଗିରଫ ହୋଇଥିବା ଡକାୟତ ଗ୍ୟାଙ୍ଗ୍‌ର ୩ ସଦସ୍ୟ।

## ସଂକ୍ଷେପରେ

### ଦେବୀପ୍ରସନ୍ନ, ପ୍ରିୟମ୍ବଦା ପାଇବେ ଉତ୍କଳଶ୍ରୀ ସମ୍ମାନ

**କଟକ,୧୩।୪ (କାର୍ତ୍ତିକ ସାହୁ):** ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଓ ଶିକ୍ଷାବିତ୍ ପ୍ରଫେସର ପ୍ରିୟମ୍ବଦା ମହାନ୍ତି (ହେଜମାଦି)ଙ୍କୁ ଉତ୍କଳଶ୍ରୀ ସମ୍ମାନ ପ୍ରଦାନ କରାଯିବ। ସେହିପରି ସାହିତ୍ୟିକ ଡ. ଅରବିନ୍ଦ ବେହେରାଙ୍କୁ ଉତ୍କଳ ସାହିତ୍ୟଶ୍ରୀ ସମ୍ମାନ, କଣ୍ଠଶିଳ୍ପୀ ତୃପ୍ତି ଦାସଙ୍କୁ ଉତ୍କଳ ସଙ୍ଗୀତରତ୍ନ ସମ୍ମାନ, ପରିବେଶବିତ୍ ବିଜୟରାମ ଦାସଙ୍କୁ ଉତ୍କଳ ସେବା ସମ୍ମାନ, କଥାଶିଳ୍ପୀ ରଶ୍ମି ମିଶ୍ରଙ୍କୁ ବ୍ୟାସକବି ଫକୀରମୋହନ କଥା ସମ୍ମାନ, ଶିକ୍ଷାବିତ୍ ଶଶଧର ପଣ୍ଡାଙ୍କୁ ସଂସ୍କୃତି ଗୌରବ ସମ୍ମାନ, ଚିକିତ୍ସା ବିଜ୍ଞାନୀ ପ୍ରଫେସର ଡା. ପ୍ରସନ୍ନ କୁମାର ସାହୁଙ୍କୁ ଚିକିତ୍ସା ଗୌରବ ସମ୍ମାନ ଓ କବି ଛବିରାଣୀ ପତିଙ୍କୁ ଗଙ୍ଗାଧର ମେହେର କବିତା ସମ୍ମାନ ମିଳିବ। ଆସନ୍ତା ୧୮ ତାରିଖରେ କଟକ ସାରଳା ଭବନରେ ହେବାକୁ ଥିବା ଉତ୍କଳ ସାହିତ୍ୟ କଳା ପରିଷଦର ୩୭ତମ ସମାବର୍ତ୍ତନ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ଜଣାଇଛନ୍ତି।

### ଝିଅ, ଜ୍ୱାଇଁଙ୍କୁ ଛୁରି ଭୁସିଲେ ବାପା

**କଟକ,୧୩।୪ (କାର୍ତ୍ତିକ ସାହୁ):** କଟକ ସିଆର୍‌ଆର୍‌ଆଇ ଥାନା ଅଧୀନ ଗାନ୍ଧିପଲ୍ଲୀ ଅଞ୍ଚଳରେ ଶନିବାର ଅପରାହ୍ନରେ ଜଣେ ନିଶାସକ୍ତ ବାପାଙ୍କ ଛୁରାମାଡ଼ରେ ଝିଅ, ଜ୍ୱାଇଁ ଆହତ ହୋଇଛନ୍ତି। ଗାନ୍ଧିପଲ୍ଲୀ ଅଞ୍ଚଳରେ ବିଶ୍ୱନାଥ ନାୟକଙ୍କ ଝିଅ ସଞ୍ଜୁ କିଛିବର୍ଷ ପୂର୍ବେ ରାଜକିଶୋର ନାୟକଙ୍କୁ ବିବାହ କରିଥିଲେ। ବିବାହ ପରେ ସଞ୍ଜୁ ଓ ରାଜକିଶୋର ନିକଟରେ ଘରଭଡ଼ା ନେଇ ରହିଆସୁଛନ୍ତି। ସେହିଦିନଠାରୁ ବିଶ୍ୱନାଥ ଅଧିକାଂଶ ସମୟ ନିଶାସକ୍ତ ଅବସ୍ଥାରେ ରାଜକିଶୋରଙ୍କ ଘରକୁ ଯାଇ ପାଟିତୁଣ୍ଡ କରୁଥିଲେ। ନିଶା ଖାଇବା ପାଇଁ ଟଙ୍କା ମାଗିବାରୁ ସଞ୍ଜୁ ବିରୋଧ କରୁଥିଲେ। ଶନିବାର ଅପରାହ୍ନରେ ଝିଅ ଓ ଜ୍ୱାଇଁ ଘରେ ଥିବାବେଳେ ବିଶ୍ୱନାଥ ସେଠାରେ ପହଞ୍ଚି ଗାଳିଗୁଲଜ କରିଥିଲେ। ସଞ୍ଜୁ ପ୍ରତିବାଦ କରିବାରୁ ବିଶ୍ୱନାଥ ତାଙ୍କ ଦେହରେ ଛୁରି ଭୁସି ଦେଇଥିଲେ। ଏହାଦେଖି ରାଜକିଶୋର ଦୌଡ଼ିଆସି ସଞ୍ଜୁଙ୍କୁ ବଞ୍ଚାଇବା ଲାଗି ଛୁରିଟିକୁ ଧରି ନେଇଥିଲେ। ଫଳରେ ତାଙ୍କ ହାତ କଟି ଯାଇଥିଲା। ସଞ୍ଜୁଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବିଜୟ ବାରିକ କହିଛନ୍ତି।

# ଜଳୁଛି ଚିଲିକା ନଳଘାସ



ଖୋର୍ଦ୍ଧା,୧୩।୪(ପ୍ରଭାତ ପାଣିଗ୍ରାହୀ)

ଚିଲିକା କାଳୁପଡ଼ାଘାଟ ଜେଟି ନିକଟ ନଳଘାସ ଜଳୁଛି । ପବନ ପାଇଁ ନିଆଁ ଚାରିଆଡ଼କୁ ବ୍ୟାପୁଥିବା ଦେଖିବାକୁ ମଳିଛି। ଫଳରେ ବହୁ ବିରଳ ଫିଶିଂ କ୍ୟାଟ୍ ସହ ଜଳଚର ଜୀବ ଏବଂ ବିଦେଶାଗତ ପକ୍ଷୀ ପୋଡ଼ିଯାଇଥିବା ଅନୁମାନ କରାଯାଉଛି। ଏଥିସହିତ ମତ୍ସ୍ୟଜୀବୀଙ୍କ ଜାଲ ଓ ଡଙ୍ଗା ପୋଡିଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଚିଲିକା କାଳୁପଡ଼ାଘାଟ ଜେଟି ନିକଟରେ ଏକର ଏକର ନଳଘାସ ମାଡ଼ିଯାଇଛି। ପ୍ରଚଣ୍ଡ ଖରା ଯୋଗୁ ଏହି ଘାସସବୁ ଶୁଖିଯାଇଛି। ଏଥିରେ କେହି ବ୍ୟକ୍ତି ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଖବର ପାଇ ବାଲୁଗାଁ ବନ୍ୟପ୍ରାଣୀ ଡିଏଫ୍‌ଓ ଅମ୍ଳାନ୍ ନାୟକ ପହଞ୍ଚି ଡଙ୍ଗାରେ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ବନ ବିଭାଗ କର୍ମଚାରୀ ନିଆଁଲିଭାରେ ନିୟୋଜିତ ହୋଇଥିଲେ। ଡଙ୍ଗାରେ ମୋଟର ପମ୍ପ୍ ନିଆଯାଇ ପାଣି ସ୍ପ୍ରେ କରାଯାଇଥଲ। ବନ ବିଭାଗର ୬ ଟିମ୍ ସଜାଗ ରହିଥିବା ବେଳେ ନିଆଁ କିପରି ଲାଗିଲା, ସେନେଇ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ନିଆଁଲିଭା ଚାଲିଥିବା ବେଳେ ଚିଲିକାରେ ନିୟମିତ ପାଟ୍ରୋଲିଂ ପାଇଁ ସାଧାରଣରେ ଦାବି ହୋଇଛି।

### ଅଭିନେତା ବୁଦ୍ଧାଦିତ୍ୟଙ୍କ ନାଁରେ ମାମଲା

ଭୁବନେଶ୍ୱର,୧୩।୪
(ସୂର୍ଯ୍ୟକାନ୍ତ ବେହେରା)

ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତିଙ୍କ ବିରୋଧରେ ନୟାପଲ୍ଲୀ ଥାନାରେ ଶନିବାର ପ୍ରଯୋଜକ ରବୀନ୍ଦ୍ରନାଥ ପଣ୍ଡା ଏତଲା ଦେଇଛନ୍ତି। ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ମେସେଜକୁ ନେଇ ବୁଦ୍ଧାଦିତ୍ୟ ଧମକ ଦେବା ସହ କ୍ୟାରିୟର ବରବାଦ କରିଦେବା ଏବଂ ଆକ୍ରମଣ ଭଳି ନାନା ଧମକ ଦେଇଥିବା ନେଇ ସେ ଅଭିଯୋଗ ଆଣିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୨୧୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ପେଜ୍ ୩ ନାମରେ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ବୁଦ୍ଧାଦିତ୍ୟ ଓ ରବୀନ୍ଦ୍ର ରହିଛନ୍ତି। ଶୁକ୍ରବାର ବୁଦ୍ଧାଦିତ୍ୟ ତାଙ୍କର ଏକ ଭିଡିଓ ଉକ୍ତ ଗ୍ରୁପ୍‌ରେ ପୋଷ୍ଟ କରିଥିଲେ। ଏହି ଭିଡିଓରେ ରବୀନ୍ଦ୍ର ‘ ଦିଲ୍ ତୋ ପାଗଲ ହେ’ କମେଣ୍ଟ ଦେଇଥିଲେ। ଏହି କମେଣ୍ଟକୁ ନେଇ ବୁଦ୍ଧାଦିତ୍ୟ ଉତ୍ତ୍ୟକ୍ତ ହୋଇ ରବୀନ୍ଦ୍ରଙ୍କୁ ସେହି ଗ୍ରୁପ୍ ସହ ପର୍ସନାଲ ମେସେଜ କରି ଧମକ ଦେଇଥିଲେ। ପରେ ଏହାକୁ ମଧ୍ୟ ଡିଲିଟ୍ କରିଦେଇଥିଲେ। ତେବେ ଏହାକୁ ନେଇ ରବୀନ୍ଦ୍ର ଥାନାରେ ଦ୍ୱାରସ୍ଥ ହୋଇଥିବାରୁ ବୁଦ୍ଧାଦିତ୍ୟ ଅଡୁଆରେ ପଡିଛନ୍ତି।

# ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ, ନୂଆ ଶାବକ ସମୁଦ୍ରମୁହାଁ

ଅସ୍ତରଙ୍ଗ, ୧୩।୪
(ପ୍ରଦୀପ୍ତ କୁମାର ଦୀକ୍ଷିତ)

**ଚଳିତବର୍ଷ ଏପ୍ରିଲ ୧୦ ସୁଦ୍ଧା ୧୨୬୬ ବସାରୁ ୧,୨୮,୯୩୨ ଅଣ୍ଡା ସଂଗ୍ରହ**



ପ୍ରାକୃତିକ ବାସସ୍ଥଳୀମୁହାଁ ଅଲିଭ ରିଡ୍‌ଲେ ଶାବକ। ଅଣ୍ଡାରୁ ନୂଆ ଜୀବନ ପାଇବା ପରେ ହଜାର ହଜାର ସଂଖ୍ୟାରେ ଅଲିଭ ରିଡ୍‌ଲେ କଇଁଛ ଛୁଆ ସମୁଦ୍ର ଅଭିମୁଖେ ଯାଉଛନ୍ତି। ଚଳିତ ବର୍ଷ ଅସ୍ତରଙ୍ଗ ଦେବୀ ନଦୀ ମୁହାଣ ଅଞ୍ଚଳରେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ବନାଞ୍ଚଳ ଅନ୍ତର୍ଗତ ଦେବୀନାସି, ଗଙ୍ଗାଦେବୀ, ଡାଲୁଅକଣି, ଜାହାନିଆ ଓ ବେଳାଭୂମି ଦ୍ୱୀପାଞ୍ଚଳରେ ଅଣ୍ଡାଦାନ ବଢିଥିବା ପରିବେଶବିତ୍ ଶୋଭାକର ବେହେରା ଏବଂ ବିଚିତ୍ରାନନ୍ଦ ବିଶ୍ୱାଳ କହିଛନ୍ତି। ଅନୁକୂଳ ଜଳବାୟୁ ଯୋଗୁ ଗତ କିଛିବର୍ଷ ହେଲା ଦେବୀନଦୀ ମୁହାଣ କଇଁଛଙ୍କ ଅନ୍ତୁଡ଼ିଶାଳ ପାଲଟିଛି। କଇଁଛଙ୍କ ଆଗମନ ବଢୁଥିବାରୁ ଅସ୍ତରଙ୍ଗ ଉପକୂଳରେ ନଭେମ୍ବରରୁ ମେ’ ମାସ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ଜାରି କରାଯାଇଛି। ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷିତ ଭାବେ ଛୁଆ ଫୁଟାଇବା ପାଇଁ ହାଚେରୀ ନିର୍ମାଣ କରାଯାଇଛି। ଚଳିତ ବର୍ଷ ଏପ୍ରିଲ ୧୦ ତାରିଖ ସୁଦ୍ଧା ୧୨୬୬ ବସାରୁ ୧,୨୮,୯୩୨ ଅଣ୍ଡା ସଂଗ୍ରହ କରାଯାଇଥିବା ବେଳେ ୬୩୧୨ କଇଁଛ ଶାବକଙ୍କୁ ସମୁଦ୍ରକୁ ଛଡ଼ାଗଲାଣି ବୋଲି ପୁରୀ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ବିବେକ କୁମାର ସୂଚନା ଦେଇଛନ୍ତି। ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ ମଧ୍ୟରେ ଏହି କଇଁଛଗୁଡିକ ସମୁଦ୍ରରୁ ଦଳଦଳ ହୋଇ ଆସି ବାଲୁକା ଶଯ୍ୟାରେ ପ୍ରାୟ ଦେଢ଼ଫୁଟରୁ ଦୁଇଫୁଟ ପର୍ଯ୍ୟନ୍ତ ନିଜ ଗୋଡ଼ରେ ଗାତ ଖୋଳି ୮୦ରୁ ୧୨୦ ବା ୧୩୦ ପର୍ଯ୍ୟନ୍ତ ଅଣ୍ଡାଦେବା ପରେ ବାଲିଘୋଡାଇ ଦେଇଥାନ୍ତି। ୪୫ ଦିନ ପରେ କଇଁଛ ଶାବକ ବାହାରିଥାନ୍ତି। ଚଳିତ ବର୍ଷ ଅସ୍ତରଙ୍ଗ ଉପକୂଳରେ ରେକର୍ଡ ସଂଖ୍ୟକ କଇଁଛ ଅଣ୍ଡାଦାନ କରୁଛନ୍ତି। ସୁରକ୍ଷିତ ଅଣ୍ଡାଦାନ ଓ ଛୁଆ ଫୁଟାଇବାକୁ ବନ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ବିବେକ କୁମାର କହିଛନ୍ତି।

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ସରୋଜ


@ ଦୀପାଞ୍ଜଳି


@ ରାଜେଶ


@ ଭବାନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଏସ୍‌ସିବିରେ କୁକୁର କାମୁଡ଼ା ଆହତ ଶିଶୁର ସଫଳ ଅସ୍ତ୍ରୋପଚାର



କଟକ, ୧୩।୪(ଶିଳ୍ପା ପ୍ରିୟଦର୍ଶିନୀ)

କୁକୁର କାମୁଡ଼ାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲକୁ ଆସିଥିବା ଜଣେ ଶିଶୁପୁତ୍ରର ଅସ୍ତ୍ରୋପଚାର ସଫଳତାର ସହ ଶନିବାର କରାଯାଇଛି। ସେ ହେଲେ ଭଦ୍ରକ ଜିଲା ଗଞ୍ଜାମାଳ ଗ୍ରାମର ପ୍ରଭାସିନୀ ସାହୁଙ୍କ ପୁଅ ଦିବେଶ ସାହୁ(୩)। ଶୁକ୍ରବାର ତାଙ୍କୁ ଏକ କୁକୁର କାମୁଡ଼ିଦେବାରୁ ଦିବେଶଙ୍କ ମୁହଁରେ ଗଭୀର କ୍ଷତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମୁଖ ଏବଂ ମ୍ୟାକ୍ସିଲୋଫେସିଆଲ ବିଭାଗର ମୁଖ୍ୟ ନିରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶରେ ଜରୁରିକାଳୀନ ସ୍ଥିତିରେ ଏହି ଅସ୍ତ୍ରୋପଚାର କରାଯାଇଛି। ଏଥିପାଇଁ ୮ ଜଣିଆ ଡାକ୍ତରୀ ଟିମ୍ ଗଠନ ହୋଇଥିଲା। ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ବର୍ତ୍ତମାନ ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ମେଡିକାଲ ପକ୍ଷରୁ ତାଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି।

# ଆମଦାନୀ ନେତାଙ୍କୁ ଭରସା କରିଚାଲିଛି ବିଜେଡି

ସମ୍ବଲପୁର,୧୩।୪ (ଭବାନୀ ଶଙ୍କର ଭୋଇ)

## କୁଚିଣ୍ଡା ବିଧାନସଭା କ୍ଷେତ୍ର



ସମ୍ବଲପୁର ଜିଲାର କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି । ଏହି କ୍ଷେତ୍ରରେ ବିଜେଡି ଆମଦାନୀ ନେତାଙ୍କ ଉପରେ କ୍ରମାଗତ ଭରସା କରି ଚାଲିଥିବା ଦେଖିବାକୁ ମିଳୁଛି। କେବଳ ୨୦୧୯ରେ ଏହି ପ୍ରୟୋଗ ସଫଳ ହୋଇଥିଲା। ଚଳିତ ନିର୍ବାଚନରେ ବିଜେଡି କୁଚିଣ୍ଡାରୁ ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ କଂଗ୍ରେସର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ବିଜେଡିରେ ଯୋଗଦେବା ପରେ ଉପରଲିଖିତ ଚର୍ଚ୍ଚା ପୁଣି ଜୋର ଧରିଛି ।

ଅତୀତକୁ ଦେଖିଲେ ୨୦୦୦ ମସିହା ପୂର୍ବରୁ ଏହି ସିଟ୍ କଂଗ୍ରେସର ଗଡ଼ ଭାବେ ପରିଗଣିତ ହେଉଥିଲା । ୨୦୦୦ରେ ବିଜେଡି-ଭାଜପା ମିଳିତ ଭାବେ ନିର୍ବାଚନ ଲଢ଼ିଥିବା ବେଳେ ଏହି ଆସନ ଭାଜପା ଅଧୀନରେ ରହିଥିଲା। ବିଜେଡି ସହଯୋଗରେ ଭାଜପା ପ୍ରାର୍ଥୀ ରବିନାରାୟଣ ନାଏକ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଦୁଇ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୯ ବିଧାନସଭା ନିର୍ବାଚନରେ ଭାଜପା ସହିତ ମେଣ୍ଟ ଭାଙ୍ଗିବା କାରଣରୁ ବିଜେଡି ପ୍ରଥମ ଥର କୁଚିଣ୍ଡା ବିଧାନସଭାରେ ନିଜର ପ୍ରାର୍ଥୀ ଦେଇଥିଲା । ସେତେବେଳ ବିଜେଡିର ସଙ୍ଗଠନ କୁଚିଣ୍ଡାରେ ଆଦୌ ମଜଭୁତ ନ ଥିବା ବେଳେ ଆମଦାନୀ ନେତାଙ୍କ ଉପରେ ବିଶ୍ୱାସ ରଖି ଭାଜପା ନେତା ତଥା ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀଙ୍କୁ ଦଳ ଟିକେଟ ଦେଇ ପ୍ରାର୍ଥୀ କରିଥିଲା। ସେହି ନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହେବା ଦ୍ୱାରା ଏହାର ଫାଇଦା କଂଗ୍ରେସକୁ ଯାଇଥିଲା। କଂଗ୍ରେସର ରାଜେନ୍ଦ୍ର ଛତ୍ରିଆ ଭାଜପାର ରବିନାରାୟଣ ନାଏକଙ୍କୁ ପରାସ୍ତ କରିବାରେ ସଫଳ ହୋଇଥିଲେ। ୨୦୧୪ ନିର୍ବାଚନରେ ବିଜେଡି ପୁଣି ଆମଦାନୀ ନେତାଙ୍କୁ ସୁଯୋଗ ଦେଇଥିଲା। ଭାଜପାର ସମିତିସଭ୍ୟ ଭୁବନେଶ୍ୱର କିଷାନଙ୍କୁ ବିଜେଡି ସେତେବେଳେ ଟିକେଟ ଦେଇଥିଲା। ସେହି ନିର୍ବାଚନରେ ଭାଜପା ପ୍ରାର୍ଥୀ ରବିନାରାୟଣ ବିଜେଡିର ଭୁବନେଶ୍ୱରଙ୍କୁ ପରାଜିତ କରିଥିଲେ । ସେତେବେଳେ କୁଚିଣ୍ଡାରେ ବିଜେଡି ସଙ୍ଗଠନ ଦୁର୍ବଳ ରହିଥିବା ବେଳେ ହଠାତ୍ ଭାଜପାରୁ ଆସି ବିଜେଡିରେ ଭୁବନେଶ୍ୱର କିଷାନ ଦଳୀୟ ସଂଗଠନ ସଜାଡ଼ିବାକୁ ସୁଯୋଗ ପାଇପାରି ନ ଥିଲେ। ତେବେ ସେ ପାଞ୍ଚବର୍ଷ ଧରି ସଙ୍ଗଠନ କରି ୨୦୧୯ରେ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଥିବା ବେଳେ ଏହି ନିର୍ବାଚନରେ ବିଜେଡି ତା'ର ପୁରୁଣା ନୀତି ଦୋହରାଇଥିଲା। ଭାଜପାରୁ ଆମଦାନୀ ହୋଇଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ନାଏକଙ୍କୁ ବିଜେଡି ଟିକେଟ ଦେଇଥିଲା। ଫଳସ୍ୱରୂପ, ବିଜେଡିର ବିଜୟ ହୋଇଥିଲା। କିଶୋର ବିଧାୟକ ହେବା ପରେ ଦଳୀୟ ସଙ୍ଗଠନ ମଜଭୁତ ହେବା ପରିବର୍ତ୍ତେ ଦଳର ପୁରୁଣା କର୍ମୀ ଓ ନେତାଙ୍କ ସହ ତାଙ୍କର ସମ୍ପର୍କ ସେତେଟା ମଧୁର ରହିପାରି ନ ଥିଲା । ପାଞ୍ଚ ବର୍ଷ ମଧ୍ୟରେ ବିଜେଡି ନେତାଙ୍କ ମଧ୍ୟରେ ନେତୃତ୍ୱ ନେବାକୁ ନେଇ ବଳ କଷାକଷି ଲାଗି ରହିଥିଲା। ଏହା ଭିତରେ ବିଜେଡିରେ କଂଗ୍ରେସରୁ ଆମଦାନୀ ହୋଇଥିବା ଶୋଭାରାମ ପଧାନଙ୍କୁ ଦଳ ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ପଦ ଦେବା ପରେ ସେ ବିଜେଡି ଟିକେଟ ପାଇଁ ଆଶାବାଦୀ ରହିଥିଲେ। ତାଙ୍କ ବ୍ୟତୀତ ଭୁବନେଶ୍ୱର କିଷାନ, ବାମରାରୁ ସଦାନନ୍ଦ କୁଜୁର ଏବଂ ସପ୍ତମ ଥର ଦଳ ପରିବର୍ତ୍ତନ କରି ପୁଣିଥରେ ବିଜେଡିରେ କିଛିଦିନ ପୂର୍ବରୁ ସାମିଲ ହୋଇଥିବା ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ଟିକେଟ ଦୌଡ଼ରେ ଅଛନ୍ତି। ବିଜେଡି ବାରମ୍ବାର ଆମଦାନୀ ହୋଇ ଆସିଥିବା ନେତାଙ୍କୁ କୁଚିଣ୍ଡାରୁ ଟିକେଟ ଦେଉଥିବାରୁ ଅନ୍ୟ ଦଳର ନେତାମାନେ ଟିକେଟ ଆଶାରେ ବିଜେଡିରେ ଯୋଗଦାନ କରିବା ଦ୍ୱାରା ଏବେ ବିଜେଡି ନେତାଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀ ବାଛିବା କଷ୍ଟକର ହୋଇପଡିଛି।

କୁଚିଣ୍ଡାରେ ଦଳର ବିଧାୟକ ରହିଥିବା ସତ୍ତ୍ୱେ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଛି । ଇତିମଧ୍ୟରେ କୁଚିଣ୍ଡାର ପୂର୍ବତନ କଂଗ୍ରେସ ବିଧାୟକ ରାଜେନ୍ଦ୍ର ଛତ୍ରିଆ ବିଜେଡିରେ ଯୋଗଦେବା ପରେ ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି। ରାଜେନ୍ଦ୍ର କିଛିଦିନ ହେବ ବିଜେଡି ନେତାଙ୍କ ଯୋଗାଯୋଗରେ ରହିଥିବା ବେଳେ ଟିକେଟ ପ୍ରତିଶ୍ରୁତି ପାଇ ଦଳରେ ଯୋଗ ଦେଇଥିବା ଚର୍ଚ୍ଚା ହେଉଛି । କୁଚିଣ୍ଡାରେ ବିଜେଡି ସବୁବେଳେ ଆମଦାନୀ ନେତାଙ୍କ ଉପରେ ଭରସା କରୁଥିବାରୁ ରାଜେନ୍ଦ୍ର ଟିକେଟ ପାଇବା ଅସମ୍ଭବ ଲାଗୁନାହିଁ ବୋଲି ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି।

# କଳାକାରଙ୍କୁ ଭାଗ କରୁଛି ବିଜେଡି: ଭାଜପା

ଭୁବନେଶ୍ୱର, ୧୩।୪(ସୁନିତ୍ ମିଶ୍ର)

ରାଜ୍ୟର କେତେଜଣ କଳାକାରଙ୍କୁ ଶୁକ୍ରବାର ନବୀନ ନିବାସରୁ ଡକରା ଆସିବା ପରେ ବହୁ ଜଣଙ୍କୁ ସେଠାରେ ଦେଖିବାକୁ ମିଳିଥିଲା। ବହୁ ଓଡ଼ିଆ ସିନେ ତାରକା ନବୀନ ନିବାସ ଯାଇ ସେଠାରେ ରାଜ୍ୟରେ କିପରି ଭଲ ଚଳଚ୍ଚିତ୍ର ଆଦି ହେବ ସେ ବିଷୟରେ ଆଲୋଚନା ହୋଇଥିବା କଥା ଆସି ବାହାରେ ଗଣମାଧ୍ୟମକୁ କହିଥିଲେ। ହେଲେ ସେହି ବିଷୟକୁ ନେଇ ଭାଜପା ବର୍ଷିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ନେତ୍ରୀ ପିଙ୍କି ପ୍ରଧାନ କହିଛନ୍ତି , ୨୪ ବର୍ଷର ବିଜେଡି ଶାସନରେ କଳାଜଗତ ଓ ମନୋରଞ୍ଜନ ଶିଳ୍ପ ସହ ଜଡ଼ିତ ରାଜ୍ୟର ଅଗଣିତ କଳାକାର ଭଉଣୀଭାଇ ସର୍ବାଧିକ ଅବହେଳିତ ହୋଇଛନ୍ତି। ଆତ୍ମପ୍ରଚାର ପାଇଁ ବିଜେଡି ଏବେ କଳାକାର ଜଗତକୁ ବ୍ୟବହାର କରୁଛି। କିନ୍ତୁ କଳାଜଗତ ସହ ଜଡ଼ିତ କଳାକାର ଭଉଣୀଭାଇଙ୍କ ପାଇଁ ରାଜ୍ୟ ସରକାର କିଛି କରିନାହାନ୍ତି । ବିଜେଡି 'ୟୁଜ୍ ଆଣ୍ଡ ଥ୍ରୋ' କରିବାରେ ସିଦ୍ଧହସ୍ତ। ଶୁକ୍ରବାର ହଠାତ୍ ମୁଖ୍ୟମନ୍ତ୍ରୀ ସିନେ କଳାକାରଙ୍କୁ ଭେଟି ଆଲୋଚନା କରିବା ପ୍ରସଙ୍ଗ ସମ୍ପୂର୍ଣ୍ଣ ଛଳନାତ୍ମକ ଥିଲା। ଓଡ଼ିଶାରେ କେବଳ ଜଣେ ତାରକା ଏବଂ ସେ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୋଲି ବିଜେଡି ବାରମ୍ବାର କହିଆସିଛି । ତା'ହେଲେ ବର୍ତ୍ତମାନ ଦଳ ରିଅଲ ତାରକାଙ୍କ ଆବଶ୍ୟକ କାହିଁକି କରୁଛି। ବିଜେଡି ଏବେ ସେଲିବ୍ରିଟି ଶୂନ୍ୟ। ଦଳୀୟ ଆଧାରରେ କଳାକାରଙ୍କୁ ଭାଗ ଭାଗ ପାଇଁ ବିଜେଡି ଚେଷ୍ଟା କରୁଛି ବୋଲି ପିଙ୍କି କହିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ନେତ୍ରୀ ପିଙ୍କି ପ୍ରଧାନ ଏବଂ ଅନ୍ୟମାନେ।

# ଭାଜପାରେ ମିଶିଲେ ଚାନ୍ଦବାଲି ବିଧାୟକଙ୍କ ମାମୁ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଅଜୟ ନାୟକ ଦଳରେ ଯୋଗ ଦେଇଛନ୍ତି।

ଭୁବନେଶ୍ୱର, ୧୩।୪(ସୁନିତ୍ ମିଶ୍ର)

ବିଜେଡିରେ ଗଣତନ୍ତ୍ର ନାହିଁ। ବିଜେଡି ଏବେ ଅଣଓଡ଼ିଆ କର୍ମଚାରୀଙ୍କ କବ୍‌ଜାରେ ରହିଛି। ଦୀର୍ଘବର୍ଷର କଠିନ ପରିଶ୍ରମ ବଳରେ ବିଜେଡିକୁ ସୁଦୃଢ଼ କରିଥିବା ପୁରୁଣା ନେତା ଓ କର୍ମୀଙ୍କୁ ଅଣଦେଖା କରାଯାଇ ଆମଦାନୀ ହୋଇଥିବା ନେତାଙ୍କୁ ଅଗ୍ରାଧିକାର ଦିଆଯାଉଛି। ବିଜେଡି ଏବେ କର୍ପୋରେଟ ହାଉସରେ ପରିଣତ ହୋଇଛି। ବିଭିନ୍ନ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଉବୁଟୁବୁ ଡଙ୍ଗା ଖୁବ୍‌ଶୀଘ୍ର ବୁଡ଼ିଯିବ ବୋଲି ବରିଷ୍ଠ ବିଜେଡି ନେତା ଅଜୟ ନାୟକ କହିଛନ୍ତି। ଅଜୟ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ମାମୁ। ଶନିବାର ସେ ଆନୁଷ୍ଠାନିକଭାବେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅଜୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଏବଂ ଭାରତବର୍ଷକୁ ବିକଶିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବାର ସଂକଳ୍ପ ତାଙ୍କୁ ପ୍ରଭାବିତ କରିଛି । ବିକଶିତ ଓଡ଼ିଶା ଗଠନ ପାଇଁ ଭାଜପା ହିଁ ଏକମାତ୍ର ବିକଳ୍ପ। ବିଜେଡି ସହ ଦୀର୍ଘବର୍ଷର ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପକାଇ ଭାଜପାରେ ଯୋଗଦେଲେ ବୋଲି ଅଜୟ କହିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଉତ୍ତରୀୟ ପ୍ରଦାନ କରି ତାଙ୍କୁ ସ୍ୱାଗତ ଜଣାଇଛନ୍ତି।

# ବୀରମହାରାଜପୁର ଭାଜପାରେ ବିଦ୍ରୋହ

ଅମରପାଲି, ୧୩।୪(ପୀତାମ୍ବର ସାହୁ)

■ରଘୁନାଥଙ୍କ ପ୍ରାର୍ଥିତ୍ୱକୁ ବିରୋଧ
■ ଆନନ୍ଦ ବାରିକଙ୍କୁ ଟିକେଟ ଦେବାକୁ ସମର୍ଥକଙ୍କ ଦାବି

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଭାଜପାରେ ଦେଖାଦେଇଛି ବିଦ୍ରୋହ। ଦଳ ରଘୁନାଥ ଜଗଦଲାଙ୍କୁ ଟିକେଟ ଦେବାର କିଛି ଦିନ ପରେ ବିଦ୍ରୋହ ଉଗ୍ର ରୂପ ଧାରଣ କରିଛି। ଟିକେଟ ପାଇଁ ଆଶାୟୀ ଥିବା ଆନନ୍ଦ ବାରିକଙ୍କ ସମର୍ଥକମାନେ ତାଙ୍କ ନେତାଙ୍କ ସପକ୍ଷରେ ଅଡ଼ି ବସିଛନ୍ତି।

ଆନନ୍ଦ ଶତାଧିକ ସମର୍ଥକ ଓ ଦଳର କର୍ମକର୍ତ୍ତାଙ୍କ ଗହଣରେ ବଲାଙ୍ଗୀର ଯାଇ ସେଠାରେ ଓଡ଼ିଶା ରାଜ୍ୟ ପ୍ରଭାରୀ ବିଜୟ ସିଂ ତୋମାର ଓ ବରିଷ୍ଠ କର୍ମକର୍ତ୍ତାଙ୍କୁ ଭେଟି ତାଙ୍କୁ ଟିକେଟ ଦେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବୀରମହାରାଜପୁର ନିର୍ବାଚନମଣ୍ଡଳୀ ପାଇଁ ଭାଜପାରୁ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ୨୦୧୪ରେ ଭାଜପା ଟିକେଟରେ ନିର୍ବାଚନ ଲଢି ପରାଜୟ ବରଣ କରିଥିବା ଆନନ୍ଦ ବାରିକ ଏବଂ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ୨୦୧୯ ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଇଂ ରଘୁନାଥ ଜଗଦଲା ମୁଖ୍ୟ ଆଶାୟୀ ଥିଲେ। ଉଭୟଙ୍କ ମଧ୍ୟରେ ଦଳୀୟ ଟିକେଟ ହାତେଇବା ନେଇ ଛକାପଞ୍ଝା ଲାଗି ରହିଥିଲା। ଶେଷରେ ଦଳ ଇଂ ଜଗଦଲାଙ୍କ ଉପରେ ଆସ୍ଥା ପ୍ରକଟ କରି ପ୍ରାର୍ଥୀ ହେବା ପାଇଁ ଘୋଷଣା କରିଥିଲା। ତେବେ ତାଙ୍କୁ ଟିକେଟ ଦେବା ପରେ ଆନନ୍ଦଙ୍କ ସମର୍ଥକ ନିରାଶ ହୋଇଥିଲେ। ଜଗଦଲା ଟିକେଟ ପାଇଲା ପରେ ଆନନ୍ଦଙ୍କ ଘରକୁ ଯାଇ ଆଲୋଚନା ମଧ୍ୟ କରିଥିଲେ। ପରେ ଉଭୟେ ଗୋଟିଏ ବୈଠକରେ ଯୋଗ ଦେଇଥିଲେ। ମାତ୍ର ଆନନ୍ଦଙ୍କ ସମର୍ଥକମାନେ ସହଜରେ ଜଗଦଲାଙ୍କ ପ୍ରାର୍ଥିତ୍ୱକୁ ଗ୍ରହଣ କରି ନ ଥିଲେ। ସେମାନେ ଆନନ୍ଦଙ୍କ ସପକ୍ଷରେ ରହି ତାଙ୍କୁ ଟିକେଟ ନ ଦେଲେ ଦଳର ବିଜୟ ହୋଇ ପାରିବ ନାହିଁ ବୋଲି ଆଲୋଚନା କରିଥିଲେ। ଶେଷରେ ଶନିବାର ରାଜ୍ୟ ଭାଜପା ପ୍ରଭାରୀ ତୋମାର ବଲାଙ୍ଗୀର ଗସ୍ତରେ ଆସିଥିବା ବେଳେ ଶତାଧିକ ସମର୍ଥକ ଏକ କାର ଶୋଭାଯାତ୍ରାରେ ଯାଇ ତାଙ୍କୁ ଭେଟି ଆନନ୍ଦ ଙ୍କୁ ଟିକେଟ ଦେବାକୁ ଦାବି କରିଥିବା ଜଣାପଡିଛି। ସେମାନଙ୍କ କହିବା ଅନୁଯାୟୀ, ଦୀର୍ଘ ୧୫ ବର୍ଷ ଧରି ଆନନ୍ଦ ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଗାଁ ଗାଁ ଯାଇ ସଙ୍ଗଠନ କରିଛନ୍ତି। ତେଣୁ ତାଙ୍କ ବିଜୟ ସମ୍ଭାବନା ଅଧିକ ରହିଛି। ଏହାସହିତ ଦଳ ଅଞ୍ଚଳର କର୍ମକର୍ତ୍ତାଙ୍କ ସହିତ ଆଲୋଚନା ନ କରି ଜଗଦଲାଙ୍କୁ ଟିକେଟ ଦେଇଛି ବୋଲି ଅଭିଯୋଗ କରିଛନ୍ତି। ତେଣୁ ଦଳ ଏବେ ପୁନର୍ବିଚାର କରି ଜଗଦଲାଙ୍କ ଟିକେଟ ପ୍ରତ୍ୟାହାର କରି ଆନନ୍ଦଙ୍କୁ ଟିକେଟ ଦେବାକୁ ଦାବି କରିଛନ୍ତି।



ଆନନ୍ଦ ବାରିକଙ୍କୁ ଟିକେଟ ଦେବାକୁ ସମର୍ଥକମାନେ ଦାବି କରି ଏକାଠି ହୋଇଛନ୍ତି ।

# ସମ୍ବିତ ଘଣ୍ଟା ବାଣ୍ଟୁଥିବା ଅଭିଯୋଗ

ଭୁବନେଶ୍ୱର,୧୩।୪(ଅନିଲ ଦାସ)

## ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

ପୁରୀ ଅଞ୍ଚଳରେ ଘରେ ଘରେ ଓ ଦୋକାନୀମାନଙ୍କୁ ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ଘଣ୍ଟା ବାଣ୍ଟୁଛନ୍ତି । ସେଥିରେ ନିଜ ଫଟୋ ସହ ଭାଜପାର ଲୋଗୋ ରହିଛି, ଯାହାକି ନିର୍ବାଚନ ଆଚରଣବିଧିକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି ବୋଲି ବିଜେଡି ଅଭିଯୋଗ କରିଛି । ଏ ନେଇ ଶନିବାର ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀଙ୍କ ବିରୋଧରେ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ବିଜେଡି ଫେରାଦ ହୋଇଛି। ଅତୀତରେ ମଧ୍ୟ ଉଜ୍ଜ୍ୱଳା ଯୋଜନାରେ ସେ ଲୋକଙ୍କୁ ଭ୍ରମିତ କରିଛନ୍ତି । ମତଦାତାଙ୍କୁ ପ୍ରଲୋଭିତ କରିବାକୁ ଭାଜପା ପ୍ରାର୍ଥୀ ଘଣ୍ଟା ବଣ୍ଟନ କରୁଛନ୍ତି। ଏହି ଖର୍ଚ୍ଚକୁ ନିର୍ବାଚନୀ ଖର୍ଚ୍ଚରେ ସାମିଲ କରିବାକୁ ବିଜେଡି ଦାବି କରିଛି । ଏହାଛଡ଼ା ଏହି ଘଟଣା ଉପରେ ଗୁରୁତ୍ୱ ଦେଇ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଉପରେ କଡ଼ା ନଜର ରଖିବା ସହ ସମ୍ବିତ ଏବଂ ତାଙ୍କ ଟିମ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି।

# ଆଇନର ଆଶ୍ରୟ ନେବେ ଡାଲି

ଭୁବନେଶ୍ୱର, ୧୩।୪(ସୁନିତ୍ ମିଶ୍ର)

## ବିଧାୟକ ପଦ ରଦ୍ଦ ଘଟଣା

ପୂର୍ବତନ ବିଜେଡି ବିଧାୟକ ତଥା ବର୍ତ୍ତମାନର ଜୟଦେବ ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା ଅରବିନ୍ଦ ଡାଲି ବିଧାୟକ ପଦ ରଦ୍ଦ ଘଟଣାରେ ଆଇନର ଆଶ୍ରୟ ନେବେ। ଭୁବନେଶ୍ୱରଠାରେ ଶନିବାର ଅନୁଷ୍ଠିତ ଏକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଏହା କହିଛନ୍ତି। ଡାଲି ଆହୁରି କହିଛନ୍ତି, ତାଙ୍କ ବିରୋଧରେ ଏହା ଏକ ଏକପାଖିଆ ନିଷ୍ପତ୍ତି। ଜାଣିଶୁଣି ତାଙ୍କ ବିଧାନସଭା ପଦକୁ ରଦ୍ଦ କରାଯାଇଛି। ଯେଉଁମାନେ ବିଜେଡି ଛାଡ଼ି ଭାଜପାକୁ ଆସିଛନ୍ତି, ସେମାନଙ୍କ ବିଧାୟକ ପଦ ରଦ୍ଦ କରାଯାଇଛି। ଅନ୍ୟମାନଙ୍କ ସଦସ୍ୟତା କାହିଁକି ରଦ୍ଦ କରାଯିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଡାଲି ପୁଣି କହିଛନ୍ତି, ୫ ବର୍ଷ ହେଲା ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ମାନସିକ ଯନ୍ତ୍ରଣା ଦିଆଯାଉଥିଲା। ଏବେ ପ୍ରତିଶୋଧ ପରାୟଣ ହୋଇ ତାଙ୍କ ବିଧାୟକ ପଦ ରଦ୍ଦ କରାଯାଇଛି।

# ବିଜେଡି ଇସ୍ତାହାର କମିଟି ପ୍ରଥମ ବୈଠକ

ଭୁବନେଶ୍ୱର,୧୩।୪(ଅନିଲ ଦାସ)

ବିଜେଡିର ପ୍ରଥମ ଇସ୍ତାହାର କମିଟି ବୈଠକ ଶନିବାର ଶଙ୍ଖଭବନଠାରେ ଅନୁଷ୍ଠିତ ହୋଇଛି । ଆସନ୍ତା ନିର୍ବାଚନ ଇସ୍ତାହାର ରୂପରେଖ କ'ଣ ରହିବ ସେ ନେଇ ଆଲୋଚନା ଆରମ୍ଭ ହୋଇଛି। ନବୀନ ଓଡ଼ିଶା-ସଶକ୍ତ ଓଡ଼ିଶା ଗଠନ ପାଇଁ ବିଭିନ୍ନ ବର୍ଗର ଲୋକ, ଅଞ୍ଚଳବାସୀ ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ବିଜେଡି ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିବ। ଏ ନେଇ ବିଜେଡି ୩୮ ଜଣିଆ ଇସ୍ତାହାର କମିଟି ଗଠନ କରିଛି। ଏହି କମିଟିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଅଧ୍ୟକ୍ଷ ରହିଥିବା ବେଳେ ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଦେବ, ସୁଦାମ ମାର୍ଣ୍ଡି, ମଙ୍ଗଳା କିଷାନ, ପଦ୍ମନାଭ ବେହେରା ଏବଂ କସ୍ତୁରୀ ମହାପାତ୍ର ସହ ଅଧ୍ୟକ୍ଷ ରହିଛନ୍ତି। ଅମର ପଟ୍ଟନାୟକ ଆବାହକ ଏବଂ ସସ୍ମିତ ପାତ୍ର ସହ-ଆବାହକ ଅଛନ୍ତି। ସରକାରକୁ ଆସିଲେ ବିଜେଡି ଲୋକଙ୍କ ପାଇଁ କ'ଣ କରିବ ସେ ନେଇ ଏହି କମିଟିର ପରାମର୍ଶ ଆଧାରରେ ଇସ୍ତାହାର ପ୍ରସ୍ତୁତ ହେବ ।

# ବିଏସ୍‌କେୱାଇକୁ ବନ୍ଦ ପାଇଁ ଷଡ଼ଯନ୍ତ୍ର କରୁଛନ୍ତି ଧର୍ମେନ୍ଦ୍ର: ବିଜେଡି

ଭୁବନେଶ୍ୱର,୧୩।୪(ଅନିଲ ଦାସ)

୧୦ ବର୍ଷ କେନ୍ଦ୍ରମନ୍ତ୍ରୀ ଥାଇ ମଧ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କର ଓଡ଼ିଶା ପାଇଁ ଅବଦାନ ଶୂନ । ସାରା ରାଜ୍ୟ କଥା ଛାଡ଼ନ୍ତୁ, ନିଜ ଅଞ୍ଚଳ ପାଇଁ କ'ଣ କରିଛନ୍ତି, ତା'ର ହିସାବ ଦେବାକୁ ସେ ପଛଘୁଞ୍ଚା ଦିଅନ୍ତି । ଆଉ ଏବେ ନିଜର ବିଫଳତାକୁ ଲୁଚାଇବାକୁ ସେ ମିଛ କହିବା ଆରମ୍ଭ କରିଛନ୍ତି, ଯାହା ତାଙ୍କ ମୁହଁରେ ଆଦୌ ଶୋଭା ପାଉନାହିଁ ବୋଲି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି । ଶନିବାର ଗଣମାଧ୍ୟମକୁ ସସ୍ମିତ କହିଛନ୍ତି ଯେ ସାରା ଦେଶରେ ବିଏସ୍‌କେୱାଇ ଏକ ଶ୍ରେଷ୍ଠ ଯୋଜନା । ଏଥିରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଏବଂ ପୁରୁଷଙ୍କୁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଛି । ଅନ୍ୟ କୌଣସି ରାଜ୍ୟରେ ଏଭଳି ସୁବିଧା ନାହିଁ । ହେଲେ ଏହାକୁ ବନ୍ଦ କରିବାକୁ ଧର୍ମେନ୍ଦ୍ର ରୀତିମତ ଷଡ଼ଯନ୍ତ୍ର ଚଳାଇଛନ୍ତି । ସାଧାରଣ ଗରିବ ଲୋକଟିଏ ମାଗଣାରେ ଚିକିତ୍ସା ପାଇଲେ କେନ୍ଦ୍ରମନ୍ତ୍ରୀଙ୍କୁ କାହିଁକି କଷ୍ଟ ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଯଦି ଭାବୁଛନ୍ତି ବିଏସ୍‌କେୱାଇ ଓଡ଼ିଶାବାସୀଙ୍କ ପାଇଁ ଖରାପ ଯୋଜନା, ତେବେ ସେ ନିଜ ଦଳର ଇସ୍ତାହାରର ୧ ନମ୍ବର ପଏଣ୍ଟରେ କୁହନ୍ତୁ ଏହି ଯୋଜନାକୁ ବନ୍ଦ କରିଦେବେ । ଥରେ ଏହି ପ୍ରତିଶ୍ରୁତି ଦେଇ ଦେଖନ୍ତୁ, ଓଡ଼ିଶାବାସୀ ତାହାର ଉଚିତ ଜବାବ ଦେଇଦେବେ । କେନ୍ଦ୍ରରେ ୧୦ ବର୍ଷ ମନ୍ତ୍ରୀ ଥାଇ ମଧ୍ୟ ନିଜ ଅଞ୍ଚଳ ଦେଇ ଯାଇଥିବା ଏନ୍‌ଏଚ୍-୫୫ର କାମ ସାରିପାରିଲେ ନାହିଁ । ଆମେ ଆଶା କରୁଛୁ ସେହି ରାସ୍ତା ଦେଇ ଧର୍ମେନ୍ଦ୍ର ଯାଇଥିବେ ଏବଂ ନିଜର ବିଫଳତାକୁ ଅନୁଭବ କରିଥିବେ । ଏହି ରାଜପଥରେ ପ୍ରତିଦିନ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ଓ ଦୁର୍ଘଟଣାରେ ପ୍ରତି ବର୍ଷ ଅନେକ ଲୋକ ପ୍ରାଣ ହରାଉଛନ୍ତି । ଯିଏ ସାମାନ୍ୟ ରାସ୍ତା କାମଟିଏ ସାରିପାରିଲେ ନାହିଁ, ସେ ଏବେ ଲୋକଲଜ୍ଜାରୁ ବର୍ତ୍ତିବା ପାଇଁ ଫୁଚ୍ଛା ଭାଷଣ ମାରୁଛନ୍ତି। ଧର୍ମେନ୍ଦ୍ରଙ୍କୁ ଆମର ଅନୁରୋଧ ଦୟାକରି ବିଭ୍ରାନ୍ତିକର ତଥ୍ୟ ଦେଇ ଲୋକହସା ହେବାରୁ କ୍ଷାନ୍ତ ରୁହନ୍ତୁ।

# ରାଜପଥ କାର୍ଯ୍ୟ ବିଳମ୍ବ ପାଇଁ ରାଜ୍ୟ ସରକାର ଦାୟୀ

ଢେଙ୍କାନାଳ,୧୩।୪(ରତନ ନାୟାର)

■ଖବରଦାତା ସମ୍ମିଳନୀରେ ବର୍ଷିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର
■ବିଜେଡି ସରକାର ବିରୋଧରେ ଭାଜପା ଆଣିବ ଚାର୍ଜଶିଟ୍



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଢେଙ୍କାନାଳ-ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଉନ୍ନତୀକରଣ କାର୍ଯ୍ୟରେ ବିଳମ୍ବ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ। ରାଜ୍ୟ ସରକାରଙ୍କ ଦ୍ୱାରା ଜଙ୍ଗଲଜମି ଅଧିଗ୍ରହଣରେ ଅସହଯୋଗ କରାଯିବାରୁ ଅଣ୍ଡରପାସ୍ ପାଇଁ ଅନୁମତି ମିଳିବାରେ ବିଳମ୍ବ ହୋଇଥିଲା। ବର୍ତ୍ତମାନ ରାସ୍ତା ଠିକ୍ ହେଲାଣି। ଖୁବ୍‌ଶୀଘ୍ର ଏହାର କାର୍ଯ୍ୟ ସରିବ। କିନ୍ତୁ ରାଜପଥରେ ଟ୍ରାଫିକ୍ ସମସ୍ୟା ଚିନ୍ତା ବଢ଼ାଇଲାଣି। ଅନୁଗୋଳ ପିଟିସି ଛକରୁ ଟାଟା ଷ୍ଟିଲ କାରଖାନା ଛକ ପର୍ଯ୍ୟନ୍ତ ଟ୍ରକ୍‌ଗୁଡିକର ଲମ୍ବା ଲାଇନ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଏହାର ସମାଧାନ କ'ଣ କେନ୍ଦ୍ର ସରକାର କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି। ଢେଙ୍କାନାଳସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କୁ ଏପରି ଟାର୍ଗେଟ କରିବା ସହ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରିଥିଲେ। ବିଜେଡି ସରକାରର ମିଛ ଆତ୍ମପ୍ରଚାର ଓ ବିଫଳତାକୁ ଚାର୍ଜଶିଟ ମାଧ୍ୟମରେ ଭାଜପା ପର୍ଦ୍ଦାଫାଶ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ବିଜେଡି ଓଡ଼ିଶାବାସୀଙ୍କ ସହ ପ୍ରତାରଣା କରିଛି। କେତେଜଣ ମୁଷ୍ଟିମେୟ ଲୋକଙ୍କ ହାତରେ ଶାସନ ବ୍ୟବସ୍ଥା ସୀମିତ ଅଛି। ଢେଙ୍କାନାଳ, ଅନୁଗୋଳ ଜିଲାରେ ଆଜି ମଧ୍ୟ ରୋଗୀ ଗାଁରୁ ଖଟରେ ବୁହାହୋଇ ଆସୁଛନ୍ତି। ଓଡ଼ିଶାରେ ଅପପୁଷ୍ଟି ଓ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଚିନ୍ତାଜନକ ହୋଇଛି। ଏଭଳି ପରିସ୍ଥିତିରେ ଶିଶୁମାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟକୁ ନେଇ ରାଜ୍ୟର ବିଜେଡି ସରକାର ୨୦୩୬ରେ ଓଡ଼ିଶାର ୧୦୦ ବର୍ଷ ପାଳନ କରିବା ପାଇଁ ସ୍ୱପ୍ନ ଦେଖୁଛି। ରାଜ୍ୟବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟର ସ୍ୱାସ୍ଥ୍ୟକାର୍ଡ ସହିତ ଆୟୁଷ୍ମାନ କାର୍ଡ ବ୍ୟବହାର କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ହେଲେ ଓଡ଼ିଶା ସରକାର ରାଜନୈତିକ ଅଭିସନ୍ଧି ରଖି ଏଥିରେ କୁଣ୍ଠାବୋଧ କଲେ। ରାଜ୍ୟ ସରକାର ଓ ବେସରକାରୀ ହସ୍ପିଟାଲ ମଧ୍ୟରେ ମଧୁଚନ୍ଦ୍ରିକା ଥିବା କାରଣରୁ ମିଥ୍ୟା ବିଲ୍ କରାଯାଇ ଲୋକଙ୍କ କଷ୍ଟଅର୍ଜିତ ଧନକୁ ଲୁଟ୍ କରାଯାଉଛି। ଢେଙ୍କାନାଳରେ ମଞ୍ଜୁରୀ ପଦବୀଠାରୁ ୫୦ ପ୍ରତିଶତ ପଦବୀ ଖାଲି ରହିଛି। ଏହାକୁ ନେଇ ନିର୍ବାଚନରେ ବିତର୍କ ହେବା ଉଚିତ। ଖାଲି ବିଲ୍ଡିଂ ବଢ଼ାଇଦେଲେ ଚିକିତ୍ସା ସୁବିଧା ମିଳିବ ନାହିଁ। ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ଦେବଗଡ଼ ସମେତ ରାଜ୍ୟବାସୀଙ୍କୁ ସ୍ୱଚ୍ଛ ପାଣି ମିଳିପାରିଲା ନାହିଁ। କିନ୍ତୁ ରୂପାନ୍ତରଣ କଥା କୁହାଯାଉଛି। ଢେଙ୍କାନାଳ ଲୋକ ସଭା କ୍ଷେତ୍ରରେ ରେଙ୍ଗାଳି ଦକ୍ଷିଣ ଓ ବାମ କେନାଲ ଯାଇଛି। ମାତ୍ର ଜଳସେଚନର ସୁବିଧା ଲୋକଙ୍କୁ ମିଳୁନି। ବିଜେଡି ସରକାରରେ ମୁଷ୍ଟିମେୟ ଠିକାଦାର ଧନୀ ହେଉଛନ୍ତି। ଏହା ରାଜ୍ୟ ବିଜେଡି ସରକାରଙ୍କ ୨୪ବର୍ଷ ଶାସନର ନମୁନା। କିଏ ଜଣେ ବାବୁ ଯେଉଁଆଡେ ଗସ୍ତ କରୁଛନ୍ତି, ଏଠିକାର ନେତାମାନେ ତାଙ୍କ ପାଇଁ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରୁଛନ୍ତି। କିନ୍ତୁ କେବଳ ୫୫ନଂ. ଜାତୀୟ ରାଜପଥ ପ୍ରଶ୍ନ କାହିଁକି ସେମାନେ ଉଠାଉଛନ୍ତି। ତେଣୁ ଏସବୁ ବିଷୟକୁ ଭାଜପା ରାଜ୍ୟ ସରକାରଙ୍କ ବିରୋଧରେ ଆଣୁଥିବା ଚାର୍ଜଶିଟ୍‌ରେ ପ୍ରକାଶ କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି।

# ଛିଣ୍ଡୁନି ଆନନ୍ଦପୁର ଅଙ୍କ

ଆନନ୍ଦପୁର, ୧୩।୪ (ଉମେଶ ଚନ୍ଦ୍ର ପାଢ଼ୀ)

## ରାଜଧାନୀରେ ବିଜେଡି ଟିକେଟ ଆଶାୟୀଙ୍କ ଡେରା

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସରୁ ଜୟଦେବ ଜେନା ପ୍ରାର୍ଥୀ ହେବେ ବୋଲି କୁହାଯାଉଛି। ଜୟଦେବ ପ୍ରଚାର ମଇଦାନକୁ ଓହ୍ଲାଇବା ସହ ବିଭିନ୍ନ ସ୍ଥାନରେ ସଭାସମିତି କରି ଦଳୀୟ କର୍ମୀଙ୍କୁ ଏକାଠି କରୁଛନ୍ତି। ଅନ୍ୟପକ୍ଷରେ ଗତ ୩ଟି ନିର୍ବାଚନରେ ଶାସକ ବିଜେଡି ଏଠାରେ ବାଜିମାତ୍ କରିଥିଲେ ମଧ୍ୟ ଏଯାଏ ଦଳ ପ୍ରାର୍ଥୀ ଘୋଷଣା କରିନାହିଁ। ବିଜେଡି ଟିକେଟ ପାଇଁ ଆଶାୟୀମାନେ ଭୁବନେଶ୍ୱରରେ ଡେରା ପକାଇଛନ୍ତି। ଅଙ୍କ ଛିଣ୍ଡୁ ନ ଥିବାରୁ ପ୍ରାର୍ଥୀ ଘୋଷଣା ଝୁଲିରହିଥିବା କୁହାଯାଉଛି।

ଆନନ୍ଦପୁର ଆସନରେ ୨୦୧୯ରେ ବିଜେଡିର ଭାଗୀରଥି ସେଠୀ ୪୪ ହଜାର ୧୯୩ଟି ଭୋଟ ବ୍ୟବଧାନରେ କଂଗ୍ରେସର ଜୟଦେବ ଜେନାଙ୍କୁ ପରାସ୍ତ କରିଥିଲେ। ଏହି ବ୍ୟବଧାନ ଜିଲାରେ ରେକର୍ଡ ସୃଷ୍ଟି କରିଥିଲା। ଭାଜପାର ଆଲୋକ ସେଠୀ ୩୧ ହଜାର ୫୫୪ ଖଣ୍ଡ ଭୋଟ ପାଇଁ ତୃତୀୟ ସ୍ଥାନରେ ରହିଥିଲେ। ଏଥର ଭାଜପା ପୁଣି ଆଲୋକଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସରୁ ଜୟଦେବ ଜେନା ଲଢ଼ିବେ ବୋଲି ତାଙ୍କ ସଭାସମିତିରୁ ଜଣାପଡୁଛି। ସେହିପରି ବିଜେଡିରୁ ବିଧାୟକ ଭାଗୀରଥି ସେଠୀ ପୁଣିଥରେ ଟିକେଟ ପାଇବେ ବୋଲି ଆଶାବାନ୍ଧି ବସିଛନ୍ତି। ଅନ୍ୟପକ୍ଷରେ ଦଳ ଏଠାରେ ୨୦୦୯ରୁ ପ୍ରତିଥର ପ୍ରାର୍ଥୀ ବଦଳାଉଛି। ଏଥର ପୂର୍ବତନ ବିଧାୟକ ମାୟାଧର ଜେନାଙ୍କ ପାଳି ପଡ଼ିବ ବୋଲି କୁହାଯାଉଛି। ମାୟାଧର ଟିକେଟ ପାଇବା ଆଶାରେ ୨ ସପ୍ତାହ ହେଲା ଭୁବନେଶ୍ୱରରେ ନିଜ ସମର୍ଥକଙ୍କ ସହ ଡେରା ପକାଇଛନ୍ତି। ସେହିପରି ଯୁବ ବିଜେଡି ନେତା ଇଂ. ବିଶ୍ୱନାଥ ପ୍ରତାପ ଜେନା, ଅଭିମନ୍ୟୁ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ନନ୍ଦୁ ଚରଣ ଜେନା, ଅବସରପ୍ରାପ୍ତ କର୍ମଚାରୀ ନାରାୟଣ ଜେନା, ଅଶୋକ କୁମାର ଦାସଙ୍କ ଭଳି ଅନେକ ଆଶାୟୀ ଟିକେଟ ପାଇଁ ଆବେଦନ କରିବା ସହ ଭୁବନେଶ୍ୱରରେ ରହିଛନ୍ତି। ଏପଟେ ବିଜେଡିରୁ ନିଲମ୍ବିତ ପୂର୍ବତନ ପୌରାଧ୍ୟକ୍ଷ ଶାନ୍ତନୁ ସେଠୀ ଚମ୍ପୁଆର ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କ ଭରସାରେ ରହିଛନ୍ତି। ତାଙ୍କ ସୁପାରିସରେ ସେ ବିଜେଡି ଟିକେଟ ପାଇବାକୁ ଆଶା ରଖିଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ମାଲମାଲ ଟିକେଟ ଆଶାୟୀ ଥିବାରୁ ଦଳ କାହାକୁ ବାଛିବ ତାକୁ ନେଇ କସରତ ଚାଲିଛି। ଅନ୍ୟପକ୍ଷରେ କଂଗ୍ରେସ ଓ ଭାଜପା ପ୍ରଚାରକୁ ଜୋରଦାର କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିଲେ ମଧ୍ୟ ବରିଷ୍ଠ ନେତା ଜୟଦେବ ଜେନା ବିଭିନ୍ନ ସ୍ଥାନରେ ସମାବେଶ କରୁଛନ୍ତି। ଘର ଘର ବୁଲି ପ୍ରଚାର କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ସେହିପରି ଭାଜପା ଟିକେଟ ପାଇଥିବା ଆଲୋକ ସେଠୀ ମଧ୍ୟ ଗାଁ ଗାଁ ବୁଲି ଜୋରଦାର ପ୍ରଚାର କରୁଥିବା ଦେଖିବାକୁ ମିଳିଛି।

# ସୋନିଆଙ୍କୁ ଭେଟିଲେ ନରସିଂହ

ବଲାଙ୍ଗୀର, ୧୩।୪ (ବୀରେନ୍ଦ୍ର କୁମାର ଝାଙ୍କର)



ନୂଆଦିଲ୍ଲୀରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସହ ବିଧାୟକ ନରସିଂହ ମିଶ୍ର।

କଂଗ୍ରେସ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଶନିବାର ବଲାଙ୍ଗୀର ବିଧାୟକ ତଥା ବିଧାନ ସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସାକ୍ଷାତ କରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ନୂଆଦିଲ୍ଲୀ ୧୦ଜନପଥସ୍ଥିତ ଗାନ୍ଧୀଙ୍କ ବାସଭବନରେ ଅନୁଷ୍ଠିତ ଏହି ସାକ୍ଷାତ୍ ଆଲୋଚନାରେ ଉଭୟ ଗାନ୍ଧୀ ଓ ମିଶ୍ର ଦୀର୍ଘ ଏକ ଘଣ୍ଟା ଧରି ଜାତୀୟ ଏବଂ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବର୍ତ୍ତମାନ ଦେଶର ରାଜନୈତିକ ପରିସ୍ଥିତିରେ ଜନସାଧାରଣ କିପରି ହଇରାଣ ହେଉଛନ୍ତି ଏବଂ କେନ୍ଦ୍ର ସରକାର ରାଜନୈତିକ ଆକ୍ରୋଶ ରଖି କେନ୍ଦ୍ରୀୟ ସଂସ୍ଥା ସିବିଆଇ, ଇଡିକୁ ବ୍ୟବହାର କରି କିଭଳି ହୀନ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରୁଛି ସେନେଇ ଆଲୋଚନା କରିଥିଲେ। ଏହି ସମସ୍ୟା ବିରୋଧରେ କିପରି ଆଗାମୀ ଦିନରେ କଂଗ୍ରେସ ଲଢେଇ କରିବ ତାହା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ରାଜନୀତିରେ କିଭଳି ଭାଜପା-ବିଜେଡି ଅଘୋଷିତ ମେଣ୍ଟ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି, ରାଜ୍ୟର ମୂଲ୍ୟବାନ୍ ଖଣିଜ ସମ୍ପଦକୁ ଲୁଟି ଶାସକ ଦଳ କିଭଳି ନିଜ ଦଳୀୟ ପାଣ୍ଠି ସଂଗ୍ରହ କରୁଛି ଏବଂ ସେସବୁର କିପରି ସଫଳ ମୁକାବିଲା କରାଯିବ ତାହାକୁ ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଦଳକୁ ସାଙ୍ଗଠନିକ ସ୍ତରରେ ମଜଭୁତ କରାଯାଇ ଲୋକଙ୍କ ବିଶ୍ୱାସଭାଜନ ହେବା ନେଇ ଉଭୟ ନେତା କଥାବାର୍ତ୍ତା କରିଛନ୍ତି।

# ଶକ୍ତି ପ୍ରଦର୍ଶନ କଲେ ଧର୍ମେନ୍ଦ୍ର, ଭର୍ତ୍ତୃହରି, ନୟନ



କଟକରେ ଭାଜପାର ରୋଡ୍ ଶୋ'ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଟକ ଭାଜପା ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଚୌଦ୍ୱାର-କଟକ ପ୍ରାର୍ଥୀ ନୟନ ମହାନ୍ତି।

କଟକ, ୧୩।୪ (ଶିପ୍ରା ପ୍ରିୟଦର୍ଶିନୀ)

ଭାଜପାର ମିଶ୍ରଣ ପର୍ବ ଶନିବାର କଲେଜଛକ ଠାରେ ଅନୁଷ୍ଠିତ ହୋଇଯାଇଛି। ସିଡିଏ ବିଜୁ ପଟ୍ଟନାୟକ ପାର୍କ ନିକଟରୁ ପ୍ରଥମେ ଏକ ବାଇକ୍ ଶୋଭାଯାତ୍ରା ବାହାରି ବିହାରୀବାଗଠାରେ ପହଞ୍ଚିଥିଲା। ପରେ କାଳିଆବୁଦାଠାରେ ଥିବା ଗୁରୁଦ୍ୱାରାରେ ପହଞ୍ଚି ଶିଖ୍ ସମ୍ପ୍ରଦାୟର ଲୋକଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଆଲୋଚନା କରିଥିଲେ। ପରେ ବାଇକ୍ ଶୋଭାଯାତ୍ରା ଯୋବ୍ରାସ୍ଥିତ ଆଇ ଲଭ୍ କଟକ ଠାରେ ପହଞ୍ଚିଥିଲା ଏବଂ ସେଠାରେ ଚୌଦ୍ୱାର-କଟକ ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ପରେ କଲେଜଛକସ୍ଥିତ ବମ୍ବେ ହୋଟେଲ ସମ୍ମୁଖରୁ ରୋଡ୍ ଶୋ'ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଟକ ଭାଜପା ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ପ୍ରାର୍ଥୀ ନୟନ ମହାନ୍ତି ବାହାରିଥିଲେ। ଏଥିରେ ଶତାଧିକ କର୍ମୀ ଓ ସମର୍ଥକ ଉପସ୍ଥିତ ରହିଥିଲେ।

# ନୟନଙ୍କୁ ବିରୋଧ କରି ଆହତ ହେଲେ ଭାଜପାର ୨ ଗୋଷ୍ଠୀ



ଭାଜପା ଦୁଇଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି।

କଟକ, ୧୩।୪ (ଶିପ୍ରା ପ୍ରିୟଦର୍ଶିନୀ)

ସାମ୍ନାକୁ ଆସିଲା ଚୌଦ୍ୱାର-କଟକ ଭାଜପାର ଗୋଷ୍ଠୀ କନ୍ଦଳ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ଭାଜପାର ଏକ ଗୋଷ୍ଠୀ ସୁରେଶ ମହାନ୍ତିଙ୍କ ନେତୃତ୍ୱରେ ଭାଜପା ଚୌଦ୍ୱାର-କଟକ ପ୍ରାର୍ଥୀ ନୟନ ମହାନ୍ତିଙ୍କୁ ବିରୋଧ କରିଛନ୍ତି। ଏପରିକି ନୟନ ମହାନ୍ତି ହାଏ-ହାଏ ସ୍ଲୋଗାନ ଦେଇ କାର୍ଯ୍ୟକ୍ରମକୁ ଶତାଧିକ କର୍ମୀ ଧସେଇ ପଶିଥିଲେ। ପଦ୍ମ ଚିହ୍ନ ପତାକା ଦେଖାଇ ପ୍ରାର୍ଥୀ ନୟନ ମହାନ୍ତିଙ୍କୁ ସିଧାସଳଖ ବିରୋଧ କରିଛନ୍ତି। ଫଳରେ କିଛି ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିଥିଲା। କାର୍ଯ୍ୟକ୍ରମସ୍ଥଳରେ ପ୍ରାର୍ଥୀ ନୟନଙ୍କ ସମର୍ଥକ ଓ ବିରୋଧୀଙ୍କ ମଧ୍ୟରେ ବଚସା ସହ ଉତ୍ତେଜନା ବଢ଼ିଥିଲା। ପୋଲିସ ବୁଝାଶୁଝା କରାଇ ବିରୋଧକୁ ରୋକିବାକୁ ଚେଷ୍ଟା କରିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ବଢ଼ି ଆକ୍ରମଣର ରୂପ ନେଇଥିଲା। ଏପରିକି ପ୍ରାୟତଃ କର୍ମୀ ଆହତ ହୋଇଛନ୍ତି। ତେବେ ଚୌଦ୍ୱାର-କଟକରେ ଭାଜପାରେ ଗୋଷ୍ଠୀ କନ୍ଦଳ ଉପୁଜୁଥିବାବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଥିବା ସ୍ପଷ୍ଟ ହୋଇଛି। ଏନେଇ ବିରୋଧ କରୁଥିବା ଜନୈକ ମହିଳା କର୍ମୀ କହିଛନ୍ତି ଯେ, ନୟନ ମହାନ୍ତିଙ୍କ ଗୁଣ୍ଡାରାଜ ଚୌଦ୍ୱାର-କଟକରେ ଚାଲିଛି। ଏତେଥର ପରାଜୟ ହେବା ସତ୍ତ୍ୱେ ଦଳ କିପରି ଭାବେ ତାଙ୍କୁ ପ୍ରାର୍ଥୀ କଲା। ଯଦି ପ୍ରାର୍ଥୀ ତାଲିକାରୁ ତାଙ୍କ ନାମ ହଟା ନ ଯାଏ ତେବେ ଭୋଟ ବର୍ଜନ କରିବୁ। ଅନ୍ୟପଟେ ଏନେଇ ପ୍ରାର୍ଥୀ ନୟନ ମହାନ୍ତି କହିଛନ୍ତି, ଏହା ଏକ ବିଧିବଦ୍ଧ ଯୋଜନା। ଶାସକ ଦଳ ସହ ମିଶି ଏପରି ଭାବେ କାର୍ଯ୍ୟକ୍ରମରେ ଉତ୍ତେଜନା ସୃଷ୍ଟି କରାଯିବା ନିନ୍ଦନୀୟ ବୋଲି ମହାନ୍ତି କହିଛନ୍ତି।

## ଖେଳ

# ଜୋକୋଭିଚ୍ ପରାସ୍ତ: ସିତ୍‌ସିପାସ୍-ରୁଡ୍ ଫାଇନାଲ

ମୋନାକୋ, ୧୩।୪ (ଏପି)

**ମଣ୍ଟେ କାର୍ଲୋସ ମାଷ୍ଟର୍ସ ଟେନିସ**

ମଣ୍ଟେ କାର୍ଲୋସ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର ଫାଇନାଲ ଦ୍ୱାଦଶ ସିଡ୍ ଗ୍ରୀସ୍‌ର ଷ୍ଟିଫାନେସ ସିତ୍‌ସିପାସ ଓ ୮ମ ସିଡ୍ ନରୱେର କାସ୍ପର ରୁଡ୍‌ଙ୍କ ମଧ୍ୟରେ ହେବ। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସିତ୍‌ସିପାସ ୬-୪, ୩-୬, ୬-୪ ସେଟ୍‌ରେ ସିନରଙ୍କୁ ହରାଇ ଦେଇଛନ୍ତି। ଚଳିତବର୍ଷ ୩ଟି ଟାଇଟଲ ଜିତି ସାରିଥିବା ସିନର ନିର୍ଣ୍ଣାୟକ ସେଟ୍‌କୁ ନିୟନ୍ତ୍ରଣରେ ରଖିଥିବା ଭଳି ମନେ ହେଉଥିଲା। ସେତେବେଳେ ସେ ୪-୩ରେ ଅଗ୍ରଣୀ ରହିଥିଲେ। ଏହାପରେ ତାଙ୍କର ସର୍ଭିସ ଗେମ୍ ରହିଥିଲା। କିନ୍ତୁ, ଚେଞ୍ଜ ଓଭର ବେଳେ ସେ ମେଡିକାଲ ଟାଇମଆଉଟ ମାଗିଥିଲେ। ଜଣେ ଟ୍ରେନର ଆସି ତାଙ୍କ ଡାହାଣ ଆଣ୍ଠୁ ଓ ଜଙ୍ଘ ମାଂଶପେଶୀ ମାଲିସ କରିଥିଲା। ପରବର୍ତ୍ତୀ ଗେମ୍‌ରେ ସିନର ଅଧିକ କଷ୍ଟ ଅନୁଭବ କରିବାରୁ ଖେଳିବା ସହଜ ନ ଥିଲା। ପରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ କାସ୍ପର ରୁଡ୍ ବିଶ୍ୱର ନମ୍ବର ୱାନ ଖେଳାଳି ସର୍ବିୟାର ନୋଭାକ୍ ଜୋକୋଭିଚ୍‌ଙ୍କୁ ୬-୪, ୧-୬, ୬-୪ରେ ହରାଇ ଦେଇଥିଲେ। ଫଳରେ ୨୦୨୨ ପରେ ସେ ତାଙ୍କର ଦ୍ୱିତୀୟ ଏଟିପି ମାଷ୍ଟର୍ସ ୧୦୦୦ ଫାଇନାଲରେ ପ୍ରବେଶ କରିଥିଲେ। ଦୁଇ ଖେଳାଳି ପୂର୍ବରୁ ଏଟିପିରେ ୫ ଥର ପରସ୍ପରକୁ ଭେଟିଛନ୍ତି। ନରୱେ ଖେଳାଳି ଜୋକୋଭିଚ୍‌ଙ୍କ ବିପକ୍ଷରେ ଗୋଟିଏ ହେଲେ ସେଟ୍ ଜିତିପାରି ନ ଥିଲେ। ଏହି ବିଜୟ ଦ୍ୱାରା ସେ ସିଜନର ତାଙ୍କର ତୃତୀୟ ଫାଇନାଲ ଖେଳିବାକୁ ଯାଉଛନ୍ତି।

# 'ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ହରାଇବା ବଡ଼ ଉପଲବ୍ଧି'



ସମ୍ବର୍ଦ୍ଧିତ ବଡିବିଲ୍ଡରମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୩।୪ (ତପନ ସ୍ୱାଇଁ)

**ଜାତୀୟ ପୁରୁଷ ସୁନ୍ଦରସ୍ୱାସ୍ଥ୍ୟ ଫେଡେରେଶନ କପ୍ ବିଜେତାଙ୍କୁ ସମ୍ବର୍ଦ୍ଧନା**

**ସଲମନ ଖାଁଙ୍କୁ ଦେଖି ପ୍ରଭାବିତ ହୋଇଥିଲେ ଅମିତ**

"ପୂର୍ବରୁ ଅନୁଷ୍ଠିତ ନ୍ୟାଶନାଲରେ ଯେଉଁ ପ୍ରତିଯୋଗୀଙ୍କଠାରୁ ମୁଁ ହାରି ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଥିଲି ତାଙ୍କୁ ହରାଇ ମୁଁ ଫେଡେରେଶନ କପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କଲି। ଏହା ମୋ ପାଇଁ ବିଶେଷ ଉପଲବ୍ଧି ଥିଲା। ପ୍ରତିଯୋଗିତାକୁ ବିଭିନ୍ନ ରାଜ୍ୟରୁ ବଛାବଛା ବଡିବିଲ୍ଡରମାନେ ଆସିଥିଲେ। ପ୍ରତିଯୋଗିତା ଅତି ଟପ୍ ଥିଲା। ବିଭିନ୍ନ ପ୍ରତିଯୋଗୀଙ୍କ ନିକଟରୁ କଡ଼ା ଚ୍ୟାଲେଞ୍ଜ ପାଇବା ସତ୍ତ୍ୱେ ମୁଁ ପ୍ରଥମ ସ୍ଥାନ ଅଧିକାର କରିପାରିଥିଲି। ଚାମ୍ପିୟନ୍ ଅଫ ଚାମ୍ପିୟନ୍ସରେ ରନରଅପ୍ ହେବା ମଧ୍ୟ ବଡ଼ ସଫଳତା" ବୋଲି ଉତ୍କଳ କରାଟେ ସ୍କୁଲରେ ୧୩ତମ ଜାତୀୟ ପୁରୁଷ ସୁନ୍ଦର ସ୍ୱାସ୍ଥ୍ୟ ଫେଡେରେଶନ କପ୍ ପଦକ ବିଜେତାଙ୍କ ପାଇଁ ଶନିବାର ଆୟୋଜିତ ଉତ୍ସବରେ ସମ୍ବର୍ଦ୍ଧିତ ହେବା ଅବସରରେ ପ୍ରକାଶ କରିଛନ୍ତି ଅମିତ କୁମାର ଭୂୟାଁ। ଗୋଆରେ ଗତ ୬ ଓ ୭ ତାରିଖରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ଅମିତ ୭୫ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୭୦ କେଜିରେ ବାଦଲ ବେହେରା ରୌପ୍ୟ ଏବଂ ୬୫ କେଜି ବର୍ଗରେ ବିନ୍ଦୁସାଗର କଳସ ବ୍ରୋଞ୍ଜ ପଦକ ହାସଲ କରିଥିଲେ। "ମୁଁ ବଡିବିଲ୍ଡର ହେବି ବୋଲି କେବେ ଭାବି ନ ଥିଲି। ବଲିଉଡ ତାରକା ସଲମନ ଖାଁଙ୍କୁ ଦେଖି ତାଙ୍କ ଭଳି ବଡି ବନାଇବାକୁ ଇଚ୍ଛା କରିଥିଲି। ଏହାପରେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ମହାସୁଆରଙ୍କ ପ୍ରେରଣାରେ ବଡିବିଲ୍ଡିଂକୁ ଆସିଥିଲି ଏବଂ ସଫଳ ହେଲି। ଇତିମଧ୍ୟରେ ମୁଁ ରାଜ୍ୟରେ ମିଷ୍ଟର ଓଡ଼ିଶାଠାରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରତିଯୋଗିତାରେ ପଦକ ହାସଲ କରିସାରିଛି। ଏଥିପାଇଁ ମୋତେ ଓଏମ୍‌ସିରେ ଚାକିରି ମଧ୍ୟ ମିଳିଛି। ଆଗାମୀ ଦିନରେ ଅଧିକ ସଫଳତା ହାସଲ କରି ରାଜ୍ୟକୁ ଗର୍ବିତ କରିବା ମୋର ଇଚ୍ଛା" ବୋଲି ଅମିତ କହିଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର, କାର୍ଯ୍ୟନିର୍ବାହୀ ଉପସଭାପତି ବାବୁଲି ସ୍ୱାଇଁ, ଉପଦେଷ୍ଟା ହରି ପ୍ରସାଦ ପଟ୍ଟନାୟକ, ଚିତ୍ତ ରଞ୍ଜନ ସ୍ୱାଇଁ, ମନ୍ମଥ ମିଶ୍ର, ଗଞ୍ଜାମ ଜିଲା ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସମ୍ପାଦକ ଆଜେଶ ବାବୁ ଆଚାରୀ, ସହସମ୍ପାଦକ ପ୍ରଫୁଲ୍ଲ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

**ଏସିଆନ ବକ୍ସିଂ ଚାମ୍ପିୟନଶିପ୍**

# ରାଧିକା ରୌପ୍ୟ, ଶିବାନୀ ବ୍ରୋଞ୍ଜ

ବିସ୍‌କେକ୍ (କିରଗିଜସ୍ତାନ), ୧୩।୪ (ପି.ଟି.)

ଏସିଆନ ସିନିୟର ବକ୍ସିଂ ଚାମ୍ପିୟନଶିପ୍‌ରେ ରାଧିକା (୫୮କେଜି) ରୌପ୍ୟ ପଦକ ଲାଭ କରିଥିବା ବେଳେ ଶିବାନୀ ପାୱାର ଏକ ବ୍ରୋଞ୍ଜ ପଦକ ପାଇଛନ୍ତି। ସ୍ୱର୍ଣ୍ଣ ପଦକ ବାଉଟରେ ସେ ଟେକ୍‌ନିକାଲ ସୁପରିଅରିଟିରେ ଜାପାନର ନୋନୋକା ଓଜାକିଙ୍କଠାରୁ ହାରିଯାଇଛନ୍ତି। ଅନ୍ୟପକ୍ଷରେ ଶିବାନୀ ଏକ ହାଇ ସ୍କୋରିଂ ବ୍ରୋଞ୍ଜ ପଦକ ବାଉଟରେ ମଙ୍ଗୋଲିଆର ଓଟଗଞ୍ଜାରଗଲଙ୍କୁ ୯-୭ରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ପୁଷ୍ପା ଯାଦବ (୫୯କେଜି) କାଜାଖସ୍ତାନର ଡାଏନା କାୟୁମୋଭାଙ୍କ ବିପକ୍ଷ ବ୍ରୋଞ୍ଜ ପ୍ଲେ-ଅଫ୍ ମ୍ୟାଚ ୮-୧୧ରେ ହାରିଯାଇଛନ୍ତି। ସେହିପରି ପ୍ରିୟା (୭୬କେଜି) ତାଙ୍କ ବ୍ରୋଞ୍ଜ ପଦକ ବାଉଟ୍‌ରେ କାଜାଖସ୍ତାନର ଏଲମିରା ସିଜ୍‌ଦିକୋଭାଙ୍କଠାରୁ ହାରିଯାଇଛନ୍ତି।

# ଭାରତୀୟ ଦଳକୁ ଫେରିଲେ ଅମିତ ପଙ୍ଘାଲ

ନୂଆଦିଲ୍ଲୀ, ୧୩।୪ (ପି.ଟି.)

ଆସନ୍ତା ମେ' ୨୫ରୁ ଜୁନ୍ ୨ ପର୍ଯ୍ୟନ୍ତ ବ୍ୟାଙ୍କକ୍‌ଠାରେ ଫାଇନାଲ ଅଲିମ୍ପିକ କ୍ୱାଲିଫାଇଂ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷଣା କରାଯାଇଥିବା ଭାରତୀୟ ଦଳକୁ ଅମିତ ପଙ୍ଘାଲ ଫେରିଛନ୍ତି। ଗତ ମାସରେ ଇଟାଲୀରେ ଅନୁଷ୍ଠିତ ଅଲିମ୍ପିକ କ୍ୱାଲିଫାୟର୍ସରେ ଭାରତୀୟ ବକ୍ସରମାନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଜଣେ ହେଲେ ବକ୍ସର ଗୋଟିଏ ହେଲେ କୋଟା ହାସଲ କରିବାରେ ସଫଳ ହୋଇ ନ ଥିଲେ। ଫଳରେ ଦ୍ୱିତୀୟ ବିଶ୍ୱ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ପାଇଁ ୫ ଜଣ ବକ୍ସର ଭାରତୀୟ ଦଳରେ ସେମାନଙ୍କ ସ୍ଥାନ ହରାଇଛନ୍ତି। ଏଥିପାଇଁ ଭାରତର ହାଇ ପରଫର୍ମାନ୍ସ ଡାଇରେକ୍ଟର ବର୍ନାଡ୍ ଡ୍ୟୁନ୍‌ଙ୍କୁ ପଦ ତ୍ୟାଗ କରିବାକୁ ପଡ଼ିଥିଲା। ସଦ୍ୟ ମୂଲ୍ୟାଙ୍କନରେ ଦୁଇ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଦୀପକ ଭୋରିଆ (୫୧କେଜି) ଓ ମହମ୍ମଦ ହୁସାମୁଦ୍ଦିନ (୫୭କେଜି), ୬ ଥର ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା ଶିବ ଥାପା (୬୩.୫କେଜି), ବର୍ତ୍ତମାନର ଜାତୀୟ ଚାମ୍ପିୟନ ଲକ୍ଷ୍ୟ ଚହର (୮୦କେଜି) ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ବିଜେତା ଯସ୍ମିନ ଲାମ୍ବୋରିଆ (୬୦କେଜି) ପ୍ରମୁଖ ଭାରତୀୟ ଦଳରେ ସେମାନଙ୍କ ସ୍ଥାନ ହରାଇଛନ୍ତି। ପଙ୍ଘାଲ ହେଉଛନ୍ତି ଦେଶର ଏକମାତ୍ର ପୁରୁଷ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା (୨୦୧୯)। ସେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୨୦୧୪ ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟର ସ୍ୱର୍ଣ୍ଣବିଜେତା। ଟୋକିଓ ଅଲିମ୍ପିକ୍ସରେ ଭାରତର ୬ଜଣ ବକ୍ସର ଭାଗ ନେଇପାରିଥିଲେ।

**ଅଲିମ୍ପିକ କ୍ୱାଲିଫାଇଂ ଇଭେଣ୍ଟ ପାଇଁ ଭାରତୀୟ ପୁରୁଷ ଦଳ**

ଅମିତ୍ ପଙ୍ଘାଲ (୫୧କେଜି), ସଚିନ ସିୱାଚ ଜୁନିୟର (୫୭କେଜି), ଅବିନାଶ ଜାମୱାଲ (୬୩.୫କେଜି), ନିଶାନ୍ତ ଦେବ (୭୧କେଜି), ଅଭିମନ୍ୟୁ ଲୋଉରା (୮୦କେଜି), ସଞ୍ଜିତ୍ (୯୨ କେଜି) ଓ ନରେନ୍ଦର ବରୱାଲ (+୯୨କେଜି)।

**ମହିଳା ଦଳ**

ଅଙ୍କୁଶିତା ବୋରୋ (୬୦କେଜି), ଅରୁନ୍ଧତି ଚୌଧାରୀ (୬୬କେଜି)।

# ଭଦ୍ରକ, ପାରାଦୀପ, ଅନୁଗୋଳ ବିଜୟୀ

**କଳାହାଣ୍ଡି କପ୍ କ୍ରିକେଟ**

ଭୁବନେଶ୍ୱର, ୧୩।୪ (ସରୋଜ ଜେନା)



ଆକାଶ ମହାପାତ୍ର



ଶାଶ୍ୱତ ମହାନ୍ତି



ଶୋଭନଦେବ ବେହେରା

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆୟୋଜିତ କଳାହାଣ୍ଡି କପ୍ କ୍ରିକେଟରେ ଶନିବାର ଭଦ୍ରକ, ପାରାଦୀପ, ଅନୁଗୋଳ ବିଜୟୀ ହୋଇଛନ୍ତି। ଆକାଶ ମହାପାତ୍ର ଓ ଶାଶ୍ୱତ ମହାନ୍ତି ଶତକ ହାସଲ କରିଥିବା ବେଳେ ଶୋଭନଦେବ ବେହେରା ୬ ଉଇକେଟ ନେଇଥିଲେ।

ଡ୍ରିମ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୧୨୧ ରନ୍‌ରେ ବରଗଡକୁ ପରାସ୍ତ କରିଛି। ଆକାଶ ମହାପାତ୍ରଙ୍କ ୧୬୬ ରନ୍ ବଳରେ ଭଦ୍ରକ ୫ ଉଇକେଟରେ ୩୩୮ ରନ୍ କରିଥିଲା। ଜବାବରେ ବରଗଡ ୪୮.୨ ଓଭରରେ ୨୧୭ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ରେଭେନ୍‌ଶା ଗ୍ରାଉଣ୍ଡ ୧ରେ ଖେଳା ଯାଇଥିବା ମ୍ୟାଚରେ ପାରାଦୀପ ୪ ଉଇକେଟରେ କିଟ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କିଟ୍ ୪୮.୧ ଓଭରରେ ୨୬୩ ରନ୍‌ରେ ଅଲଆଉଟ ହୋଇଥିଲା। ସୁଦର୍ଶନ ସ୍ୱାଇଁ ୭୯ ଓ ପ୍ରଶାନ୍ତ ମରୋଜୁ ୬୭ ରନ୍ କରିଥିଲେ। ଜବାବରେ ଶାଶ୍ୱତ ମହାନ୍ତିଙ୍କ ଅପରାଜିତ ୧୧୮ ରନ୍ ବଳରେ ପାରାଦୀପ ୪୧.୨ ଓଭରରେ ୬ ଉଇକେଟ ହରାଇ ୨୬୭ ରନ୍ କରିଥିଲା।

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଅନୁଗୋଳ ୮୬ ରନ୍‌ରେ ବୌଦ୍ଧକୁ ପରାସ୍ତ କରିଛି। ଅନୁଗୋଳ ୧୮୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଟୁକୁନା ସାହୁ ୬୮ ଓ ଶ୍ରେୟାଂସ ଭରଦ୍ୱାଜ ୩୩ ରନ୍ କରିଥିଲେ। ଶୋଭନ ଦେବ ବେହେରାଙ୍କ ଘାତକ ବୋଲିଂ କରି ୬ ଉଇକେଟ ନେଇଥିଲେ। ତେବେ ବୌଦ୍ଧ ମାତ୍ର ୯୬ ରନ୍‌ରେ ଅଲଆଉଟ ହୋଇଥିଲା। ଆୟୁଷ ବାରିକ ଓ ଟୁକୁନା ସାହୁ ୪ଟି ଲେଖାଏ ଉଇକେଟ ନେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................


କାକା
ପରିବାରବର୍ଗ


ରୋନକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗ୍ରୀଷ୍ମରେ ବିଜୁଳି ସଙ୍କଟ ଦୂର କରିବାକୁ କେନ୍ଦ୍ରର ଯୋଜନା

**ଭୁବନେଶ୍ୱର,୧୩।୪(ଅନୁରାଧା ମହାରଣା)**



ଗ୍ରୀଷ୍ମଋତୁରେ ଦେଶରେ ବଢୁଥିବା ବିଦ୍ୟୁତ୍ ଚାହିଦା ପୂରଣ କରିବାକୁ କେନ୍ଦ୍ର ସରକାର ଗ୍ୟାସ ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଶକ୍ତି ଉତ୍ପାଦନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶକ୍ତି ମନ୍ତ୍ରଣାଳୟ ସୂଚନାନୁସାରେ, ଗ୍ୟାସ୍ ଭିତ୍ତିକ ଉତ୍ପାଦନକାରୀ ପ୍ଲାଣ୍ଟରୁ ସର୍ବାଧିକ ବିଦ୍ୟୁତ୍ ଉତ୍ପାଦନ ନିଶ୍ଚିତ କରିବାକୁ ସରକାର ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୧୧ ଅନୁଯାୟୀ ସମସ୍ତ ଗ୍ୟାସ୍ ଭିତ୍ତିକ ଉତ୍ପାଦନକାରୀ ପ୍ଲାଣ୍ଟକୁ ନିର୍ଦ୍ଦେଶ ଦେଇଛନ୍ତି। ଯେକୌଣସି ଅସାଧାରଣ ପରିସ୍ଥିତିରେ କୌଣସି ଉତ୍ପାଦନକାରୀ କମ୍ପାନୀ ରାଜ୍ୟ କିମ୍ବା କେନ୍ଦ୍ର ସରକାର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେକୌଣସି ଜେନେରେଶନ ଷ୍ଟେଶନ ପରିଚାଳନା ଏବଂ ରକ୍ଷଣାବେକ୍ଷଣା କରିପାରିବେ। ବିଶେଷକରି ବାଣିଜ୍ୟିକ ଦୃଷ୍ଟିକୋଣରୁ ଗ୍ୟାସ୍ ଆଧାରିତ ଉତ୍ପାଦନକାରୀ ଷ୍ଟେଶନ (ଜିବିଏସ୍))ର ବର୍ତ୍ତମାନ ଉପଯୋଗ କରାଯାଉନାହିଁ । ଆମଦାନୀ ହୋଇଥିବା କୋଇଲାଚାଳିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପରି ଧାରା ୧୧ ଅନୁଯାୟୀ ଜାରି କରାଯାଇଥିବା ନିର୍ଦ୍ଦେଶ ଆସନ୍ତା ମାସରେ ଗ୍ୟାସ୍ ଭିତ୍ତିକ ଉତ୍ପାଦନ କେନ୍ଦ୍ରରୁ ବିଦ୍ୟୁତ୍ ଉପଲବ୍ଧତାକୁ ସପ୍ଲିମେଣ୍ଟ କରିବାକୁ ଲକ୍ଷ୍ୟ ରଖିଛି। ବିଦ୍ୟୁତ୍ ଉତ୍ପାଦନ ଏବଂ ଯୋଗାଣ କ୍ଷେତ୍ରରେ ଆସନ୍ତା ମେ ୧ରୁ ଜୁନ୍ ୩୦ ପର୍ଯ୍ୟନ୍ତ ବୈଧ ହେବ। ବିଦ୍ୟୁତ୍ ମନ୍ତ୍ରଣାଳୟ କହିଛି, ଗ୍ୟାସ୍ ଭିତ୍ତିକ ଶକ୍ତି କେତେ ଦିନ ଆବଶ୍ୟକ ତାହା ଗ୍ରୀଡ୍-ଇଣ୍ଡିଆ ଗ୍ୟାସ୍ ଭିତ୍ତିକ ଉତ୍ପାଦନ କେନ୍ଦ୍ରକୁ ଆଗୁଆ ସୂଚନା ଦେବ। ଯୋଗାଣ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଙ୍କ ସହ ବିଦ୍ୟୁତ୍ କ୍ରୟ ଚୁକ୍ତିନାମା (ପିପିଏ) ଥିବା ଗ୍ୟାସ୍ ଆଧାରିତ ଉତ୍ପାଦନକାରୀ ଷ୍ଟେଶନଗୁଡିକ ପ୍ରଥମେ ପିପିଏ ଧାରକମାନଙ୍କ ଶକ୍ତି ପ୍ରଦାନ କରିବେ। ଗ୍ୟାସ୍ ଭିତ୍ତିକ ଉତ୍ପାଦନକାରୀ ଷ୍ଟେଶନ ଯାହା ପିପିଏ ଦ୍ୱାରା ଅନୁବନ୍ଧିତ ନୁହେଁ ସେମାନଙ୍କୁ ବିଦ୍ୟୁତ୍ ବଜାରରେ ସେମାନଙ୍କର ଉତ୍ପାଦନ କରିବାକୁ ପଡ଼ିବ। ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏକ ସରକାରୀ ବିବୃତି ଅନୁଯାୟୀ କେନ୍ଦ୍ର ଶକ୍ତି ଏବଂ ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତିମନ୍ତ୍ରୀ ଆର୍. କେ . ସିଂ ଏହା ଉପରେ ଅନେକ ବୈଠକ କରିଥିଲେ। ଏଥିରେ ଗ୍ରୀଷ୍ମ ଋତୁରେ ଚାହିଦା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ବିଦ୍ୟୁତ୍ ଉପଲବ୍ଧତା ନିଶ୍ଚିତ କରିବା ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଉତ୍କଳ କନିକା ଗ୍ୟାଲେରିଆକୁ ଶ୍ରେଷ୍ଠ ରିଟେଲ ପ୍ରୋଜେକ୍ଟ ଆୱାର୍ଡ



**ଭୁବନେଶ୍ୱର,୧୩।୪:** ପୂର୍ବାଞ୍ଚଳ ମଲ୍ ଭିତରେ ଭୁବନେଶ୍ୱର କଳ୍ପନାସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ଭିନ୍ନ ସ୍ଥାନ ଅଧିକାର କରିଛି। କୋଲକାତାଠାରେ ଆୟୋଜିତ ୧୪ତମ ସିଏନ୍‌ବିସି ଆୱାଜ୍ ରିୟଲ ଇଷ୍ଟେଟ୍ ଆୱାର୍ଡସ୍ ଶୋ'ରେ ପୂର୍ବାଞ୍ଚଳ ମଧ୍ୟରେ ସବୁ ମଲ୍‌କୁ ପଛରେ ପକାଇ ଉତ୍କଳ କନିକା ଗ୍ୟାଲେରିଆ ଶ୍ରେଷ୍ଠ ରିଟେଲ ପ୍ରୋଜେକ୍ଟ ଆୱାର୍ଡରେ ସମ୍ମାନିତ ହୋଇଛି। ଏହି ସମ୍ମାନ ଉତ୍କଳ ବିଲ୍ଡର୍ସର ରିୟଲ ଇଷ୍ଟେଟ ପ୍ରତି ଥିବା ଦୀର୍ଘ ୩୪ବର୍ଷର ଉତ୍କର୍ଷ ଓ ଅଦମ୍ୟ ପ୍ରତିବଦ୍ଧତାକୁ ସୂଚିତ କରୁଛି। ପ୍ରତ୍ୟେକ ପ୍ରକଳ୍ପରେ ଗୁଣବତ୍ତା ଏବଂ ନୂତନତ୍ୱ ପ୍ରଦାନ ପାଇଁ ଏହା କମ୍ପାନୀର ଉତ୍ସର୍ଗୀକୃତତାକୁ ଏହି ସମ୍ମାନ ପ୍ରମାଣିତ କରୁଛି। ଶିଳ୍ପକ୍ଷେତ୍ରରେ ଅତୁଳନୀୟ ସଫଳତା ପାଇଁ ସିଏନ୍‌ବିସି ଆୱାର୍ଡ ରିୟଲ ଇଷ୍ଟେଟ ପୁରସ୍କାର ଦିଆଯାଇଥାଏ। ଏପରିକି ଶ୍ରେଷ୍ଠ ରିଟେଲ ପ୍ରୋଜେକ୍ଟ ବର୍ଗରେ ଉତ୍କଳ କନିକା ଗ୍ୟାଲେରିଆ କାର୍ଯ୍ୟକାରୀ କରିବାରେ ଏହାର ଅପାର ସମ୍ଭାବନାକୁ ପ୍ରକାଶ କରୁଛି,ଯାହା ଗ୍ରାହକଙ୍କୁ ଏକ ନୂଆ ଅନୁଭୂତି ଆଣିଦେଇଛି।


## 2nd Birthday




**Ronak**

To the most adorable little boy on his special day, happy birthday. May your journey through life be filled with love, joy and endless blessings.

Wishes From: Papa, Mama, Aja, Aii, Mammu, Mausi.

ଧ-୦୭୪


# ଟାଟା ଏଆଇଏର ନୂତନ ସୁବିଧା

**ଭୁବନେଶ୍ୱର,୧୩।୪**

ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ 'ଟାଟା ଏଆଇଏ'ର ନୂତନ ସୁବିଧା (ସେବା) ବା ହ୍ୱାଟ୍ସଆପ୍ ଜରିଆରେ ପ୍ରିମିୟମ୍ ପେମେଣ୍ଟ ସର୍ଭିସ୍ (ପିପିଏସ୍)ର ଶୁଭାରମ୍ଭ କରାଯାଇଛି। ଏପରିକି ବୀମା କ୍ଷେତ୍ରରେ କମ୍ପାନୀ ପ୍ରଥମ ଧରଣର ସେବା ନିକଟରେ ଆରମ୍ଭ କରିଛି। ପୂର୍ବରୁ କେବଳ ୟୁପିଆଇ ଜରିଆରେ ସୀମିତ ଥିବା ବେଳେ ବର୍ତ୍ତମାନ ଟାଟା ଏଆଇଏର ଗ୍ରାହକମାନେ ହ୍ୱାଟ୍ସଆପ୍ ଜରିଆରେ ବିଭିନ୍ନ ପେମେଣ୍ଟ ମାଧ୍ୟମ ବ୍ୟବହାର କରିପାରିବେ। ଏପରିକି ଗ୍ରାହକମାନେ ହ୍ୱାଟ୍ସଆପ୍ କୁ ବ୍ୟବହାରକରି କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଓ ନେଟ୍ ବ୍ୟାଙ୍କିଙ୍ଗ୍ ଜରିଆରେ ୧କୋଟିଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ।

# ଏଚ୍‌ଡିଏଫ୍‌ସି ଏଏମ୍‌ସିର ନୂଆ ମାଇଲଖୁଣ୍ଟ

**ଭୁବନେଶ୍ୱର,୧୩।୪**

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍ ବା ଏଚ୍‌ଡିଏଫ୍‌ସି ଏଏମ୍‌ସି ଫଣ୍ଡ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଏଚ୍‌ଡିଏଫ୍‌ସି ଟପ୍ ୧୦୦ଫଣ୍ଡ,ମୁଖ୍ୟତଃ ଲାର୍ଜ-କ୍ୟାପ୍ ଷ୍ଟକରେ ନିବେଶ କରୁଥିବା ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ନିକଟରେ ବ୍ରାଣ୍ଡ ସଫଳତାର ୨୭ ବର୍ଷ ପୂରଣ କରିଛି। ସେହିଭଳି ଗତ ୨୭ ବର୍ଷ ମଧ୍ୟରେ ଏହି ପାଣ୍ଠି ୧୯% ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର୍) ପ୍ରଦାନ କରିଛି। ଏହାବ୍ୟତୀତ ଏଚ୍‌ଡିଏଫ୍‌ସି ଟପ୍୧୦୦ ଫଣ୍ଡରେ ପ୍ରତି ମାସର ପ୍ରଥମ ବ୍ୟବସାୟ ଦିବସରେ ୧୦,୦୦୦ ଟଙ୍କାର ଏସ୍‌ଆଇପି (ସମୁଦାୟ ନିବେଶ ୩୨.୯୦ଲକ୍ଷ ଟଙ୍କା) ୨୦୨୪ଫେବୃଆରୀ ଶେଷ ସୁଦ୍ଧା ୭.୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସି ଏଏମ୍‌ସିର ଏମ୍‌ଡି ଏବଂ ସିଇଓ ନବନୀତ ମୁନୋଟ କହିଛନ୍ତି, ଦୀର୍ଘ୨୭ ବର୍ଷ ମଧ୍ୟରେ ଏଚ୍‌ଡିଏଫ୍‌ସି ଟପ୍୧୦୦ ଫଣ୍ଡର ସମ୍ପତ୍ତି ସୃଷ୍ଟି ଯାତ୍ରା ମଧ୍ୟ ଆମର ଦୃଢ଼ ଗବେଷଣା ଏବଂ ନିବେଶ ପ୍ରକ୍ରିୟାର ଏକ ଉଜ୍ଜ୍ୱଳ ଉଦାହରଣ ହୋଇଥିବାବେଳେ ବର୍ଷ ବର୍ଷ ଧରି ଏକାଧିକ ବଜାର ଚକ୍ରକୁ ସାମ୍ନା କରିବାରେ ଏହି ପାଣ୍ଠିକୁ ସାହାଯ୍ୟ କରିଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**IZUMI JAPANESE LANGUAGE TRAINING BHUBANESWAR**
**ADMISSION OPEN**
For the Japanese Language Course, JLPT (Japanese Language Proficiency Test)
**Levels: N5, N4, N3 and N2**
For details please visit: izumiclasses.com
Ph.: 9741039285, 9945599298

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏରିଅଲର ନୂତନ ଅଭିଯାନ

**ଭୁବନେଶ୍ୱର,୧୩।୪**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଫ୍ୟାବ୍ରିକ କେୟାର ବ୍ରାଣ୍ଡ ଏରିଅଲର ନୂତନ ଅଭିଯାନ 'ହୋମ୍ ଟାଇମ୍ସ ଶେୟାର ଦି ଲୋଡ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏରିଅଲର ନୂତନ ଅଭିଯାନ ତଥା ସଦ୍ୟତମ ଚଳଚ୍ଚିତ୍ର 'ହୋମ୍ ଟାଇମ୍ସ ଶେୟାର ଦି ଲୋଡ୍' ଜରିଆରେ ପରିବାର ମଧ୍ୟରେ ଏକ ଦଳ ଗତିଶୀଳ ହେବା ଓ ଘରୋଇ କାର୍ଯ୍ୟକୁ ଏକ ସାମୂହିକ ଦାୟିତ୍ୱ ଭାବେ ଦୋହରାଇବା ଉପରେ ବିଶେଷ ଧ୍ୟାନ ଦିଆଯାଉଛି।ସେହିପରି ଉକ୍ତ ଅଭିଯାନର ଉନ୍ମୋଚନ କାର୍ଯ୍ୟକ୍ରମରେ ଅନୀଲ କପୁର ବିକାଶଶୀଳ ଗତିଶୀଳତା ଓ ସମ୍ପର୍କ ମଧ୍ୟରେ ପ୍ରକୃତ ସହଭାଗିତାର ମହତ୍ତ୍ୱ ଉପରେ ଏକ ଶକ୍ତିଶାଳୀ ବାର୍ତ୍ତା ପ୍ରଦାନ କରିଛନ୍ତି। ଏ ନେଇ ଫ୍ୟାବ୍ରିକ କେୟାରର ଉପାଧ୍ୟକ୍ଷ ଜି ମୁକ୍ତା ମାହେଶ୍ୱରୀ କହିଛନ୍ତି, ଆମେ ଘରେ ଏକ ଇକୋ ସିଷ୍ଟମ ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ।

# ଏଫ୍‌ଏଲ୍‌ଓ ଭୁବନେଶ୍ୱର ଶାଖାର ଦିନିକିଆ କର୍ମଶାଳା

**ଭୁବନେଶ୍ୱର,୧୩।୪(ଅଭୟ ଦାଶ)**




ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ବା ଫିକି ଲେଡିଜ ଅର୍ଗାନାଇଜେଶନ ଅଥବା ଏଫ୍‌ଏଲ୍‌ଓ ଭୁବନେଶ୍ୱର ଶାଖା ପକ୍ଷରୁ ଏକ ଦିନିକିଆ କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଚଳିତ ଆର୍ଥିକ ବର୍ଷର ପ୍ରଥମ କାର୍ଯ୍ୟକ୍ରମ 'ସଂଯୋଗରୁ ବିଜୟ' (କନେକ୍ଟ ଆଣ୍ଡ କନ୍‌କ୍ୟୁୟର-ନୋ ଆଣ୍ଡ ଗେଟ୍ ନୋନ୍)-୨୦୨୪ ଶୀର୍ଷକ ବିଷୟବସ୍ତୁ ଉପରେ କର୍ମଶାଳା ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ରୁଚି ଫୁଡ୍‌ଲାଇନର ନିର୍ଦ୍ଦେଶିକା ରଶ୍ମି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟିର ଅଧ୍ୟକ୍ଷା ଅଲକା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଫ୍‌ଏଲ୍‌ଓ ଭୁବନେଶ୍ୱର ଶାଖାର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷରେ ଏଫ୍‌ଏଲ୍‌ଓ ଭୁବନେଶ୍ୱର ଶାଖାର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକ ଚଳିତ ବର୍ଷର ଅଧ୍ୟକ୍ଷା ରଶ୍ମି ସାହୁଙ୍କୁ ସ୍ୱର୍ଣ୍ଣ ପଦକ ପିନ୍ଧାଇ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ରଶ୍ମି ସାହୁ ୨୦୨୪-୨୫ବର୍ଷରେ ଏହି ଅନୁଷ୍ଠାନକୁ ବହୁ ଆଗକୁ ନେଇପାରିବେ ବୋଲି ପଟ୍ଟନାୟକ ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ଏତଦ୍‌ବ୍ୟତୀତ ଚଳିତ ବର୍ଷ ଏଫ୍‌ଏଲ୍‌ଓ ଭୁବନେଶ୍ୱର ଶାଖାର ବରିଷ୍ଠ ଉପାଧ୍ୟକ୍ଷା ଭାବେ ଡା. ପ୍ରଜ୍ଞାପାରମିତା ମିଶ୍ର, ଉପାଧ୍ୟକ୍ଷା ପଞ୍ଚମୀ ମାନୁ ଉକିଲ, କୋଷାଧ୍ୟକ୍ଷା ଅପର୍ଣ୍ଣା ମିଶ୍ର, ଯୁଗ୍ମ-କୋଷାଧ୍ୟକ୍ଷା ସୋନିଆ ଗୁଗ୍‌ନାନୀ, ସମ୍ପାଦିକା ଶ୍ରାବଣୀ ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦିକା ଭାବେ ଗୁଞ୍ଜନ ଚନ୍ଦକ ଦାୟିତ୍ୱ ଗ୍ରହଣ କରିଥିଲେ।

ଏହି ଅବସରରେ ରଶ୍ମି ସାହୁ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକଳାପ ଉପରେ ବିସ୍ତୃତ ସୂଚନା ପ୍ରଦାନ ସହ ଓଡ଼ିଶାର ଗ୍ରାମୀଣ ମହିଳାମାନଙ୍କର ଦକ୍ଷତା ବିକାଶ ପାଇଁ ଅନେକ ଅନୁଷ୍ଠାନ ସହ ସହବନ୍ଧିତ ହୋଇ କାର୍ଯ୍ୟକ୍ରମ କରିବା ସହିତ ମିଲେଟ୍ ମିଶନ, ମିଶନ ଶକ୍ତି, ଓର୍‌ମାସ୍ ସହାୟତାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।


# Classified Everyday
**0674-2580101, 2549949**




## BRIDE WANTED

Brahmin Divorcee, 1967/ Doctor, well settled Bhubaneswar (caste no bar) "VAISNABI". 0674-2551286, 7008967858. D-71072

## GROOM WANTED

Wanted a fair complexioned Ht-5'2", below 36 years of age bride for a DIV Defence Officer. Mob-8480210256. D-71581

ବୟସ 28, କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳା ଘରୋଇ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077016578. D-75323

61 ବୟସ୍କା Retd. ହୋଇଥିବା କରଣ ଜାତିର ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077871702. D-081




## SALE

Book 3/4BHK premium flat at Saubhagya Nagar, OUAT Square near Khimji & Narula Sweets. Flooring work going on, handover Aug-24. Contact- 9439716901. D-75529

**Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721.** D-063

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price, call-9439856856, 7008982279, 6371097442, 9040116788.** D-082

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Plot for sale near Trisulia, CISF Campus CDA, RERA Approved (RP/07/2023/01069) Price-1000/-. Contact-7008513309.** D-075

ଫୁଲନଖରାଠାରେ **New Sum Hospital** ଠାରୁ ଅଳ୍ପ ଦୂରତାରେ **Petal International School**କୁ ଲାଗି ଘରବାରି ପ୍ଲଟ୍ **finance**ରେ ମିଳୁଅଛି। **sqft.-950/-. Contact-9937161494.** D-039

ବାଲିଅନ୍ତା, ଅଟଳା ଏବଂ ହଂସପାଳ, ପୁରୀ କେନାଲକୁ ଲାଗି ରୋଡ୍, ବାଉଣ୍ଡରୀ electry ଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ଦିଆଯାଉଛି। 9853040854, 9438328183. D-75725

**Flat for sale-** ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ NH-5 କଡ଼ରେ 1BHK flat କିଣନ୍ତୁ। ମାତ୍ର **@14.99 lakh**ରେ। Mob- 8249177191, 8249079730. D-031

ଉତ୍ତରା ନିକଟ ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖ NH ଠାରୁ 500mtr. ଦୂରତାରେ 2200sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। Rs.-1560/-. 9439049194, 7978551614. D-67131

Duplex sale at Bhubaneswar @ 57 lakhs only. Contact-9777433701. D-75945

**3BHK flat (BDA approved) sale at Bhubaneswar near Dhauli Chhak. Airport, Railway Station and Kalpana are 10 minute away. Installment and Bank Finance available. For details: 9438109040/ 8144658008.** D-071

Buy or sale Property-8984071303. Residential Land at Balianta 1acre, Janla 2acre, Nakhara 1acre, Baranga 4acre, Plotting Nakhara-700, Chandaka-950, Janla-1050, Patrapada-2250, Jharpada-3990. D-070




**Body massage by experience good looking therapist @ 999/- (Bhubaneswar). 9078484455.** D-077

Newly open Jyoti Spa positively health benefits (Expert Therapist). 8458067955. D-76111

Newly opend central SPA full-body massage. Trend therapist. 8456885600. D-75729




**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-083

## EDUCATION

Medical exam Registration (Only Practitioners)- BAMS, BHMS, BUMS, D.Pharma, GNM.9893869473. D-061

## LOST

I Saumya Shree Sethi, D/o- Sarat Chandra Sethi, R/o- Ashok Nagar, Balugaon, Khordha, PIN-752030 have Lost my original M.Tech (ECE) Certificate. Done by BPUT, Rourkela, Odisha. D-084

Mouza- Ankula, Khata No.-317, Plot No.- 952, Area- Ac0.030Dec. Rama Chandra Pradhanଙ୍କ ନାମରେ ଥିବା ଦଲିଲଟି ହଜି ଯାଇଅଛି। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲଟି ପାଇଥାନ୍ତି, ଦୟାକରି ନିମ୍ନ ଫୋନ ନମ୍ବରରେ ଜଣାଇବେ। Samaya Chakra Pradhan, Mob No.-9861070209. D-076

## AFFIDAVIT

I am Mr. Pramod Kumar Barik change my surname "Barik" to "Samal", i.e. "PRAMOD KUMAR BARIK" to "PRAMOD KUMAR SAMAL". PRAMOD KUMAR BARIK and PRAMOD KUMAR SAMAL is same person. D-078

ମୁଁ ରଶ୍ମିତା ଦାଶ, ସ୍ୱାମୀ- ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ଲଟ୍ ନଂ.-୧୯୪୮, ଗୁମୁଡୁମା, ଥାନା- ଖଣ୍ଡଗିରି, ଭୁବନେଶ୍ୱର ଜଣାଉଅଛି ଯେ, ମୋର କିଛି ସରକାରୀ କାଗଜପତ୍ର ପାଇଁ ଆବଶ୍ୟକତା ଦୃଷ୍ଟିରୁ ମୁଁ ରଶ୍ମିତା ପଣ୍ଡା କରୁଅଛି। ଏହା ମୋତେ ଆଗାମୀ ଦିନରେ କାର୍ଯ୍ୟସାଧନ ଦିଗରେ ସହାୟକ ହେବ ବୋଲି ମୋର ଦୃଢ଼ ବିଶ୍ୱାସ। ଧ-୦୮୪

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧– ଇଣ୍ଡିଆନ୍ ଏୟାରଫୋର୍ସ ଦ୍ୱାରା ନିକଟରେ ......... ଠାରେ ଗଗନ ଶକ୍ତି ୨୦୨୪ ଏକ୍ସରସାଇଜ୍ ଆୟୋଜିତ ହୋଇଯାଇଛି ?
୨– ନିକଟରେ ............ ଙ୍କୁ ଇଣ୍ଟରନ୍ୟାଶନାଲ୍ କଲ୍‌ଚର୍ ଆୱାର୍ଡ ୨୦୨୪ ମିଳିଛି।
୩– ବର୍ଷାନା ବାୟୋଗ୍ୟାସ୍ ପ୍ରୋଜେକ୍ଟ ........... ରାଜ୍ୟରେ ଅବସ୍ଥିତ ?
୪– ଜାଭିଅର୍ ମିଲେଇ ........... ଦେଶର ରାଷ୍ଟ୍ରପତି ?
୫– ଜନ୍ମବେଳେ ମଣିଷ ଶରୀରରେ ...........ଖଣ୍ଡ ଅସ୍ଥି ଥାଏ ?

## ଗତ ଥରର ଉତ୍ତର

୧ ମୀରାବାଈ ଚାନୁ
୨ କାଲିଷ୍ଟୋ
୩ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ
୪ ଏମ୍ପାୱାରିଂ ଅଟିଷ୍ଟିକ୍ ଭଏସେସ୍
୫ ତାମିଲନାଡୁ

## ଉତ୍ତରଦାତା


ରଶ୍ମିରେଖା ପଣ୍ଡା, ବାଲେଶ୍ୱର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ବଡ଼ ଜାତୀୟ ଉଦ୍ୟାନ

୧. ପାପାହାନାଉମୋକୁଆକି ମରାଇନ୍ ନ୍ୟାଶନାଲ୍ ମନୁମେଣ୍ଟ ........ ହାୱାଇ, ଆମେରିକା
୨. ନର୍ଥ ଇଷ୍ଟ ଗ୍ରୀନ୍‌ଲାଣ୍ଡ ନ୍ୟାଶନାଲ୍ ପାର୍କ.............................. ଗ୍ରୀନ୍‌ଲାଣ୍ଡ
୩. ଦି କାଭାଙ୍ଗୋ ଜାମ୍ବେଜି ଟ୍ରାନ୍ସଫ୍ରଣ୍ଟିଅର୍ କଞ୍ଜରଭେଶନ୍ ଏରିଆ.... ଜାମ୍ବିଆ
୪. ଫୋଏନିକ୍ସ ଆଇସ୍‌ଲାଣ୍ଡ ପ୍ରୋଟେକ୍ଟେଡ୍ ଏରିଆ.................. ରିପବ୍ଲିକ୍ ଅଫ୍ କିରିବାଟି
୫. ଗ୍ରେଟ୍ ବ୍ୟାରିଅର୍ ରିଫ୍ ମରାଇନ୍ ପାର୍କ.......................... ଅଷ୍ଟ୍ରେଲିଆ
୬. ଗାଲାପାଗୋସ୍ ମରାଇନ୍ ରିଜର୍ଭ.............................. ଇକ୍ୱେଡର୍
୭. ଦି ଗ୍ରେଟ୍ ଲିମ୍ପୋପୋ ଟ୍ରାନ୍ସଫ୍ରଣ୍ଟିଅର୍ ପାର୍କ....................... ସାଉଥ୍ ଆଫ୍ରିକା
୮. ଆର୍କ୍ଟିକ୍ ନ୍ୟାଶନାଲ୍ ୱାଇଲ୍ଡଲାଇଫ୍ ରେଫ୍ୟୁଜ୍.......... ଆଲାସ୍କା, ଆମେରିକା
୯. ୟୁକୋନ୍ ଡେଲ୍ଟା ନ୍ୟାଶନାଲ୍ ୱାଇଲ୍ଡଲାଇଫ୍ ରେଫ୍ୟୁଜ୍ .......... କାନାଡ଼ା
୧୦. କ୍ୱିନ୍ ମଡ୍ ଗଲ୍ଫ ମାଇଗ୍ରେଟୋରୀ ବାର୍ଡ ସାଙ୍କ୍ଚୁରୀ................. କାନାଡ଼ା

### ୟୁଥ୍ ଆଲର୍ଟ

# ଦୂରାନ୍ତୁ ନିଦ୍ରାହୀନତା

**ମଣିଷ ସୁସ୍ଥ ରହିବା ଲାଗି ଠିକ୍ ଭାବେ ଖାଦ୍ୟପେୟ ଗ୍ରହଣ କରିବା ସହ ଆବଶ୍ୟକ ମାତ୍ରାରେ ଶୋଇବା ବି ଗୁରୁତ୍ୱପୂର୍ଣ୍ଣ। ହେଲେ ବର୍ତ୍ତମାନ ଅନେକ ଯୁବପିଢ଼ି ନିଦ୍ରାହୀନତା ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଏଭଳି ସମସ୍ୟା ଦୂରେଇବା ଲାଗି କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ...**

⏩ଅବ୍ୟବସ୍ଥିତ ଜୀବନଶୈଳୀ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ନିଦ୍ରାହୀନତାର ଏକ ମୁଖ୍ୟ କାରଣ। ଅଧିକ ରାତି ପର୍ଯ୍ୟନ୍ତ କାମ କରିବା, ଟିଭି ଦେଖିବା, ମୋବାଇଲ୍ ବ୍ୟବହାର କରିବା, ବହି ପଢ଼ିବା ଆଦି ଅଭ୍ୟାସ ଥିଲେ ବଦଳାନ୍ତୁ। ଶରୀରକୁ ଫିଟ୍ ରଖିବାକୁ ହେଲେ ପ୍ରତିଦିନ ଶୋଇବା ଲାଗି ଅତିକମ୍‌ରେ ୬ ରୁ ୭ ଘଣ୍ଟାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ। ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଇଲେ ଆପଣଙ୍କ ସମସ୍ୟାରୁ ଉପଶମ ମିଳିପାରିବ।

⏩ପାଠପଢ଼ା, ଜବ୍ ହେଉ କିମ୍ବା ଅନ୍ୟ କୌଣସି କାରଣକୁ ନେଇ ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। କାରଣ ମାନସିକ ଚାପ ଅବା ଅବସାଦ ନିଦ୍ରାହୀନତାର ଆଉ ଏକ ବଡ କାରଣ। ମନ ହାଲୁକା ରହିଲେ ହିଁ ଭଲ ନିଦ ହେବ। ମନେରଖନ୍ତୁ, ଏସବୁ ସତ୍ତ୍ୱେ ସମସ୍ୟା ନ ସୁଧୁରିଲେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

⏩ଏବର ଯୁବପିଢ଼ି ତେଲ ମସଲାଯୁକ୍ତ ଖାଦ୍ୟ ଏବଂ ଜଙ୍କ୍ ଫୁଡ୍, ଫାଷ୍ଟ ଫୁଡ୍ ଆଦି ଅଧିକ ଖାଉଛନ୍ତି, ଯାହା ନିଦ୍ରାହୀନତାର ଅନ୍ୟତମ କାରଣ। ତେଣୁ ଏଭଳି ଖାଦ୍ୟ ବଦଳରେ ସୁଷମ ଖାଦ୍ୟ ଖାଆନ୍ତୁ। ବିଶେଷକରି ଖାଦ୍ୟ ତାଲିକାରେ ଭିଟାମିନ୍ ବି–୧୨ ଯୁକ୍ତ ଖାଦ୍ୟକୁ ସାମିଲ କଲେ ମଲାଟୋନିନ୍ ହର୍ମୋନ୍‌ର କ୍ଷରଣକୁ ବୃଦ୍ଧି ହେବା ସହ ନିଦ୍ରାହୀନତା ଦୂର ହେବ।

⏩ରାତିରେ ଅଧିକ ଚା କିମ୍ବା କଫି ପିଇଲେ ବି ନିଦ୍ରାହୀନତା ଦେଖାଦିଏ। ତେଣୁ ଏହି ଅଭ୍ୟାସରୁ ଦୂରେଇ ରହନ୍ତୁ।

⏩ନିଶାଦ୍ରବ୍ୟ ସେବନ ଶରୀର ଲାଗି ଆଦୌ ହିତକର ନୁହେଁ। ଏହା ବିଭିନ୍ନ ରୋଗ ସୃଷ୍ଟି କରିବା ସହିତ ନିଦ୍ରାହୀନତାର ମଧ୍ୟ ମୁଖ୍ୟ କାରଣ। ତେଣୁ ଏହାଠାରୁ ନିଜକୁ ଦୂରେଇ ରଖନ୍ତୁ।

⏩ପ୍ରତିଦିନ କିଛି ସମୟ ଯୋଗ, ଆସନ, ପ୍ରାଣାୟମ, ବ୍ୟାୟାମ ଆଦିର ଅଭ୍ୟାସ ରଖନ୍ତୁ। ଏହା ଶରୀରକୁ ଫିଟ୍ ରଖିବା ସହ ସୁଖନିଦ କରିବାରେ ସାହାଯ୍ୟ କରିବ।

⏩କିଛି ସମୟ ରିଲାକ୍ସିଙ୍ଗ୍ ମ୍ୟୁଜିକ୍ ଶୁଣନ୍ତୁ। ଏହା ବି ମନକୁ ଚାପମୁକ୍ତ କରିବା ସହ ଭଲ ନିଦ ହେବାରେ ସାହାଯ୍ୟ କରିବ।





**ଆଜି ହେଉଛି ପବିତ୍ର ମହାବିଷ୍ଣୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି। ଏହାକୁ ଆମେ ପାଳନ କରିଥାଉ ଓଡ଼ିଆ ନବବର୍ଷ ଭାବେ। ଏହିଦିନ ମନ୍ଦିରଠୁ ଆରମ୍ଭ କରି ଘରେ ଘରେ ପ୍ରସ୍ତୁତ ହୁଏ ସ୍ୱାଦିଷ୍ଟ ବେଲପଣା। କେବେ କେବେ ଏଥିରେ ବି ମିଶାଯାଏ ଭାଙ୍ଗ। ଆଉ ଏହାକୁ ଅଜାଣତରେ ପିଇବା ପରେ ଏମିତି କିଛି ଘଟେ ଯାହାକି ଥାଏ ସମ୍ପୂର୍ଣ୍ଣ କଳ୍ପନା ବାହାରେ...**

# ପଣାନିଶାରେ...



### ନିଜ ଉପରେ ହରାଇଥିଲି ନିୟନ୍ତ୍ରଣ

**ସୁଶାନ୍ତ ମୋହନ ପଟ୍ଟନାୟକ** (ଖୋର୍ଦ୍ଧା)– ପଣା ସଂକ୍ରାନ୍ତି ଆସିଲେ ପୁରୁଣା କଥା ମନେପଡ଼ିଯାଏ। କିଛି ବର୍ଷ ତଳେ ଏହିଦିନ ସାଙ୍ଗସାଥୀଙ୍କ ସହ ପୁରୀ ଯାଇଥିଲି। ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ବଡ଼ଦାଣ୍ଡରେ ଏକ ଲସି ଦୋକାନରେ ସ୍ପେଶାଲ ଛେନାପଣା ପିଇଲୁ। ହେଲେ ସାଙ୍ଗମାନେ କେତେବେଳେ ସେଥିରେ ଭାଙ୍ଗବଟା ମିଶାଇ ଦେଇଥିଲେ ମୋତେ ଆଦୌ ଜଣାନାହିଁ। ପ୍ରଥମେ କିଛି ଜାଣିପାରି ନ ଥିଲି। ପରବର୍ତ୍ତୀ ସମୟରେ ଧୀରେ ଧୀରେ ଏହାର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା। ରାସ୍ତାଘାଟ ଘୂରିବା ଭଳି ଲାଗିଲା, ମୁଣ୍ଡ ଭାରି ଭାରି ଲାଗିବା ସହ ବାରମ୍ବାର ପଡ଼ିବା ଭୟରେ ସାଙ୍ଗମାନଙ୍କ ହାତ ଧରି ଚାଲିବାକୁ ପଡ଼ିଲା। ମୁଁ ପ୍ରାୟ ୨ଘଣ୍ଟା ପର୍ଯ୍ୟନ୍ତ ଅନିୟନ୍ତ୍ରିତ ହୋଇପଡ଼ିଥିଲି। ସ୍ଥିତି ସ୍ୱାଭାବିକ ହେବା ପରେ ଜାଣିଲି ସେମାନେ ମୋତେ ପଣାରେ ଭାଙ୍ଗ ଦେଇଥିଲେ। ତା'ପରଠାରୁ ସେମାନଙ୍କ ସହ ଯେଉଁଆଡ଼େ ବୁଲିଗଲେ ବି ଆଉ କୌଣସି ପ୍ରକାର ପଣା ପିଏ ନାହିଁ। ଏବେବି କିଏ ଛେନାପଣା ଦେଲେ ଭାଙ୍ଗ ଡରରେ ଆଗେ ଭଲ ଭାବେ ଯାଞ୍ଚ କରିବା ପରେ ପିଇଥାଏ। ସେହିଦିନ ମୁଁ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଥିଲି କେବେ ଭୁଲିବି ନାହିଁ। ଏବେବି ପଣା ସଂକ୍ରାନ୍ତିରେ ବାହାରେ କୌଣସି ପ୍ରକାର ଲସି, ପଣା ଆଦୌ ପିଏ ନାହିଁ।


ସୁଶାନ୍ତ

### ନିଶାରେ ଘର ରାସ୍ତା ଭୁଲିଗଲି

**ଗୌରୀଶଙ୍କର ଶତପଥୀ** (ଭୁବନେଶ୍ୱର)– ଦୁଇବର୍ଷ ତଳର କଥା। ସେତେବେଳେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମୋଦର ରାଉତଙ୍କ ପାଖରେ କାମ କରୁଥାଏ। ସାର୍ କହିଲେ, ଡ୍ରାଇଭରକୁ ଡାକ ଜଗତ୍‌ସିଂହପୁର ଯିବା। ସକାଳ ୧୦ଟାବେଳେ ଆମେ ବାହାରି ପଡ଼ିଲୁ। ସେଦିନ ଥିଲା ପଣା ସଂକ୍ରାନ୍ତି। ସାର୍‌ଙ୍କୁ ତାଙ୍କ କାର୍ଯ୍ୟସ୍ଥଳୀରେ ଛାଡ଼ି ନିକଟରେ ଥିବା ଏକ ହନୁମାନ ମନ୍ଦିରକୁ ଗଲି। ସେଠାରେ ପଣା ବଣ୍ଟାଯାଉଥିଲା। ଗୋଟିଏ ଗ୍ଲାସ୍ ପିଇବା ପରେ ଏତେ ଭଲ ଲାଗିଲା ସେମାନେ ଆଉ ଏକ ଗ୍ଲାସ୍ ବଢ଼ାଇବାରୁ ମନା ନ କରି ଖୁସିରେ ପିଇଦେଲି। କିଛି ସମୟ ପରେ ସାର୍‌ଙ୍କ କାମ ସରିଲା ଏବଂ ଆମେ ଫେରିଲୁ। କେତେବେଳେ ଭୁବନେଶ୍ୱରରେ ପହଞ୍ଚିଲୁ ଏବଂ ସାର୍‌ଙ୍କୁ ଫରେଷ୍ଟପାର୍କ କ୍ୱାର୍ଟର୍ସରେ ଛାଡ଼ି ନିଜ ବାଇକ୍ ନେଇ ଘରକୁ ବାହାରିଲି ଜାଣିନି। ବାଟରେ ମାଉସୀମା' ମନ୍ଦିର ନିକଟରେ କେତେଜଣ ସାଙ୍ଗ ଭେଟ ହେଲେ। ସେମାନଙ୍କ ସହ କିଛି ସମୟ କଥା ହେଲି। ତା'ପରେ ମୋର ଆଉ କିଛି ମନେନାହିଁ। ସକାଳୁ ଉଠି ଦେଖେତ ମୁଁ କ୍ୱାର୍ଟର୍ସରେ ଶୋଇଛି। କେତେବେଳେ ଗାଡ଼ି ବୁଲାଇ ଘରକୁ ନ ଯାଇ ଏଠାକୁ ଫେରିଛି ଜାଣିପାରିନି। ପରେ ସାଙ୍ଗମାନଙ୍କ ସହ ବି ନିଶାରେ ଏଣୁତେଣୁ କ'ଣ ସବୁ ଗପିଛି ଶୁଣି ଖୁବ୍ ହସ ଲାଗିଲା। ସେଦିନର କଥା ପଣା ସଂକ୍ରାନ୍ତି ଆସିଲେ ମନେପଡ଼ିଯାଏ।


ସରସ୍ୱତୀ


ଗୋପାଳ


କୃଷ୍ଣଚନ୍ଦ୍ର


ଗୌରୀଶଙ୍କର

### ଲୋଭ ସମ୍ଭାଳି ନ ପାରି ପିଇଲି ପଣା

**ଗୋପାଳ କୃଷ୍ଣ ଦାସ** (ଖୋର୍ଦ୍ଧା)– ସେ ଦିନ କଥା ମନେପଡ଼ିଲେ ଆଜି ବି ବହୁତ ହସ ଲାଗେ। ପଣା ସଂକ୍ରାନ୍ତିରେ ଭାଙ୍ଗମିଶା ପଣା ଖାଇବା ମୋତେ ମହଙ୍ଗା ପଡ଼ିଥିଲା। ଘଟଣା ଥିଲା ଏମିତି। ପଣା ସଂକ୍ରାନ୍ତି ଦିନ ମହାବୀରଙ୍କ ଦର୍ଶନ ସାରି ଦୋକାନରେ ବସିଥାଏ। ସମୟ ପ୍ରାୟ ୧୦ଟା ହେବ। ପ୍ରଚଣ୍ଡ ଖରା ହେଉଥାଏ, ଏଣେ ଜୋରରେ ଭୋକ ବି ଲାଗୁଥାଏ। ହଠାତ୍ ଜଣେ ବନ୍ଧୁ ଆସି ଛେନା, ବେଲ ଓ ବିଭିନ୍ନ ଫଳରେ ପ୍ରସ୍ତୁତ ଥଣ୍ଡା ପଣା ଗ୍ଲାସ ହାତକୁ ବଢ଼ାଇଦେଲେ। ଏତେ ସୁନ୍ଦର ବାସ୍ନା ହେଉଥିଲା ଯେ, ଲୋଭ ସମ୍ଭାଳି ନ ପାରି ପିଇଦେଲି। ସେତେବେଳକୁ ଆଗପଛ ବିଚାର କରିବା ବିଷୟରେ ଚିନ୍ତା ବି କରି ନ ଥିଲି। ପଣାରେ ଯେ ଭାଙ୍ଗ ମିଶିଥିବ ସେ କଥା ମୋର ଆଦୌ ଧାରଣା ନ ଥିଲା। ପରେ ବନ୍ଧୁ ଜଣକ କାନରେ ଧୀରେ ଧୀରେ କହିଗଲେ, ଆରେ ପଣାରେ ଟିକିଏ ଭାଙ୍ଗ ମିଶିଥିଲା। ଟେନ୍‌ସନ ହେବୁନୁ। ମୋର ସେହି ସମୟରେ ହୋସ୍ ଉଡ଼ିଗଲା। ଆଗରୁ ଶୁଣିଥିଲି, ଜଲ୍‌ଦି ନିଶା ଧରେ। ମୁଁ ପୂରା ଡରି ଯାଇଥିଲି। ପରବର୍ତ୍ତୀ କଥା ନ କହିଲେ ଭଲ। ମୋର ଅଜବ କାର୍ଯ୍ୟକଳାପ ଦେଖି ସମସ୍ତେ ହସିଥିଲେ। ସେ ଦିନ ଯାହା ଅସୁବିଧା ହୋଇଥିଲା ଯେପରି ଆଉ କେବେ ସେମିତି ହଟହଟା ନ ହୁଏ, ସେଥିପାଇଁ ପଣା ସଂକ୍ରାନ୍ତିରେ ମନ୍ଦିର କି ବାହାରେ କେହି ବି ପଣା ଦେଲେ ଯାଞ୍ଚ ନ କରି ପିଏନାହିଁ।

### ରାତିସାରା ବସିଥିଲୁ ବାହାରେ

**କୃଷ୍ଣଚନ୍ଦ୍ର ସାମଲ** (ପୁରୀ)– କଲେଜରେ ପଢ଼ିବା ସମୟର କଥା। କୌଣସି ପର୍ବପର୍ବାଣି ହେଲେ କେତେଜଣ ସାଙ୍ଗମିଶି ଭୋଜିଭାତ କରି ଖାଇବାର ମଜା ଥିଲା ନିଆରା। ସେଦିନ ଥିଲା ପଣା ସଂକ୍ରାନ୍ତି। ଆଉ ଦିନରେ ମନ୍ଦିର ଯିବା ପରେ ସଂଧ୍ୟାରେ ସାଙ୍ଗମାନେ ମିଶି ରୋଷେଇ କରି ଏକାଠି ଖାଇଲୁ। ଏହା ପରେ ଚାଲିଥିଲା ପଣା ସ୍ପେଶାଲ ପଣା ପ୍ରସ୍ତୁତି। ଜଣେ ସାଙ୍ଗ ସେଥିରେ ଭାଙ୍ଗ ମିଶାଇଦେଲା। ଯେହେତୁ ଆମେ କେହି ପୂର୍ବରୁ ଭାଙ୍ଗ ପିଇ ନ ଥିଲୁ, ସମସ୍ତଙ୍କ ପାଇଁ ଏହି ଅନୁଭବ ଥିଲା ସମ୍ପୂର୍ଣ୍ଣ ନୂଆ। ଖାଇବା ପିଇବା ସାରି ସମସ୍ତେ ଏକାଠି ବସି ତାସ୍‌ଖେଳରେ ମସ୍‌ଗୁଲ୍ ହୋଇଗଲୁ। ହେଲେ ଯେତେବେଳେ ନିଶା ଚଢ଼ିଲା, କାହା ପରେ କିଏ ତାସ୍ ପକାଇବ ଆଉ ଜଣା ପଡୁ ନ ଥିଲା। ଟିକେ ଟିକେ କଥାରେ ଖାଲି ହସୁଥିଲୁ। କାହାର ଯେପରି କୌଣସି ଚିନ୍ତା ନ ଥିଲା। ଏହି ନିଶାରେ କିଏ କ'ଣ ଗପୁଥିଲେ ଜାଣିପାରୁ ନ ଥିଲେ। ଖେଳ ବନ୍ଦ କରି ତାସ୍‌ମୁଠାକୁ ଏକାଠି ରଖିବା ବି ଆମପକ୍ଷେ କଷ୍ଟକର ହୋଇ ପଡ଼ିଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା, ଗପରେ ଗପରେ କେତେବେଳେ ବାହାରେ ସମୟ ଚାଲିଗଲା ଜଣାପଡ଼ିଲା ନାହିଁ। ନିଶା ଖସିବା ପରେ ଆମେ ସବୁ ରାତିସାରା ସେହି ମନ୍ଦିର ପାଖେ ବସି ରହିଥିଲୁ ଦେଖି ଖୁବ୍ ହସ ଲାଗିଥିଲା। ସେଦିନର ସେ ଅନୁଭୂତି ଥିଲା ସମ୍ପୂର୍ଣ୍ଣ ନିଆରା।

### ହଠାତ୍ ବୁଲାଇଥିଲା ମୁଣ୍ଡ

**ସରସ୍ୱତୀ ସାମନ୍ତରାୟ** (ଖୋର୍ଦ୍ଧା)– ଗାଁ ପାଖରେ ଜରିପୁଟ ଗାଁ ପାହାଡ଼ ଉପରେ ରହିଛି ହନୁମାନ ମନ୍ଦିର। ସେଠାରେ ପଣା ସଂକ୍ରାନ୍ତି ବେଶ୍ ଜାକଜମକରେ ପାଳନ ହୁଏ। ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୁଏ। ଶତାଧିକ ଭକ୍ତଙ୍କ ପାଇଁ ପଣା ବ୍ୟବସ୍ଥା ହୋଇଥାଏ। ଗତବର୍ଷ ସେଠାକୁ ସାଙ୍ଗମାନଙ୍କ ସହ ଦର୍ଶନ ପାଇଁ ଯାଇଥିଲି। ମନ୍ଦିର ଦର୍ଶନ ପରେ ଆମେ ସମସ୍ତେ ପଣା ପିଇଲୁ। ସେଠାରେ ଏକ ଗାଈ ଅଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଯିଏ ବି ତା ନାଁ ଧରି ଡାକେ, ସେ ବହୁଦିନରୁ ଚିହ୍ନିଲା ପରି ତା' ପାଖକୁ ଧାଇଁଯାଏ। ସେହି ଗାଈକୁ ଡାକିବାରୁ ସେ ମୋ ପାଖକୁ ଧାଇଁ ଆସିଲା। ହେଲେ ହଠାତ୍ ମୋ ମୁଣ୍ଡ ବୁଲାଇଦେଲା ଏବଂ ସବୁ କିଛି ବଡ଼ ଦେଖାଦେଲା। ମୁଁ ଥକାମାରି ତଳେ ବସିଗଲି ଏବଂ ତା'ପରେ କିଛି ସମୟ ପର୍ଯ୍ୟନ୍ତ କିଛି ଜାଣି ପାରି ନ ଥିଲି। ସାଙ୍ଗମାନେ ମୋ ମୁହଁରେ ପାଣି ମାରିବାର କିଛି ସମୟ ପରେ ଭଲ ଲାଗିଲା। ସେହି ଗାଈଟି ବି ମୋ ମୁଣ୍ଡକୁ ମୁହଁ ଲଗାଇ ଆଉଁଶୁଥିବା କଥା ଶୁଣି ବହୁତ ଖୁସି ଲାଗିଲା। ମୋ ସ୍ୱାସ୍ଥ୍ୟ ହଠାତ୍ ଖରାପ ହେବା ପାଇଁ ପଣାରେ ମିଶିଥିବା ଭାଙ୍ଗ ଦାୟୀ ବୋଲି ସମସ୍ତେ କହୁଥିଲେ। ହେଲେ ଖରା ପାଇଁ ଏମିତି ହେଲା ନା ସତରେ ଭାଙ୍ଗ ମିଶିଥିଲା ଏବେବି ମୁଁ ସନ୍ଦେହରେ।



### ଜାଣନ୍ତୁ ଦୁନିଆ

# ଆମ ଦେଶରେ...

**ଆମ ଦେଶ କେତେକ ବିଶେଷତ୍ୱକୁ ନେଇ ପୃଥିବୀରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଜାଣିବା ଏ ସମ୍ପର୍କରେ...**

- ଭାରତରେ ପୃଥିବୀର ସର୍ବାଧିକ ନିରାମିଷାଶୀ ବାସ କରନ୍ତି।
- ସର୍ବାଧିକ ଡ୍ରାଏ ବିନ୍, ଚା, କ୍ଷୀର ଏବଂ କଦଳୀ ଉତ୍ପାଦନରେ ଆମ ଦେଶ ପୃଥିବୀରେ ଅଗ୍ରଣୀ ଥିବା ବେଳେ ରବର ଉତ୍ପାଦନରେ ୪ର୍ଥ ସ୍ଥାନରେ ରହିଛି। ତେବେ ଏଠାରେ ଉତ୍ପାଦନ ହେଉଥିବା ସମସ୍ତ ରବରରୁ ୯୧% କେବଳ କେରଳରୁ ଆସିଥାଏ।
- ପୃଥିବୀର ପ୍ରଥମ ଆୟୁର୍ବେଦିକ ରିସୋର୍ଟ 'ସୋମାଥିରାମ୍' କେରଳର କୋଭାଲାମ୍ ବେଳାଭୂମିରେ ପ୍ରତିଷ୍ଠା କରାଯାଇଛି।
- ପୃଥିବୀର ସବୁଠୁ ବଡ଼ ବଡ଼ ରୋଷେଇ ଘର ରହିଛି ଆମ ଦେଶରେ।
- ଶ୍ୟାମ୍ପୁ ପ୍ରଥମେ ଭାରତରେ ପ୍ରସ୍ତୁତ କରାଯାଇଥିଲା। ଏହି ଶ୍ୟାମ୍ପୁ ଶବ୍ଦ ସଂସ୍କୃତ ଶବ୍ଦ ଚମ୍ପୁରୁ ଉଦ୍ଧୃତ, ଯାହାର ଅର୍ଥ ମସାଜ୍ ବା ମାଲିସ୍ କରିବା।
- ହୀରା ଖଣି ପ୍ରଥମେ ଭାରତରେ ମିଳିଥିଲା।
- ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ବାର୍ଷିକ ସର୍ବାଧିକ ସଂଖ୍ୟକ ରେକର୍ଡ କରିବାରେ ଆମ ଦେଶ ପୃଥିବୀର ତୃତୀୟ ସ୍ଥାନରେ ରହିଛି।
- ପୃଥିବୀର ଟାଇଗର କ୍ୟାପିଟାଲ୍ ଭାରତକୁ କୁହାଯାଏ। କାରଣ ପୃଥିବୀରେ ଥିବା ସମଗ୍ର ବାଘ (ଗ୍ଲୋବାଲ୍ ଟାଇଗର ପପୁଲେଶନ୍) ମଧ୍ୟରୁ ପ୍ରାୟ ୭୫% କେବଳ ଆମ ଦେଶରେ ହିଁ ରହିଛନ୍ତି।
- ଲୁଡୋ ଖେଳିବା ଅନେକଙ୍କୁ ଖୁବ୍ ଭଲ ଲାଗେ। ତେବେ ଜାଣନ୍ତିକି, ସାପ–ଶିଡ଼ି ଖେଳ ସର୍ବପ୍ରଥମେ ଆମ ଦେଶରେ ଆରମ୍ଭ କରାଯାଇଥିଲା।
- ଅନ୍ୟ ଦେଶମାନଙ୍କ ମଧ୍ୟରେ ବର୍ଷକୁ ଅଧିକ ଫିଲ୍ମ ନିର୍ମାଣ କରିବାରେ ଭାରତ ସବୁଠୁ ଆଗରେ ରହିଛି।





# ରାଜସ୍ଥାନର ରୋମାଞ୍ଚକ ବିଜୟ

**ଚଣ୍ଡୀଗଡ,୧୩।୪**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଶନିବାର ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସକୁ ୩ ଉଇକେଟରେ ହରାଇ ପଞ୍ଚମ ବିଜୟ ହାସଲ କରିଛିରାଜସ୍ଥାନ ରୟାଲ୍ସ। ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୮ ଉଇକେଟରେ ୧୪୭ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୧୯.୫ ଓଭରରେ ୭ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ମୁଲାନପୁରର ଧୀମା ପିଚ୍‌ରେ ରାଜସ୍ଥାନ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନେଇଥିଲା। ରୟାଲ୍ସ ସ୍ପିନର ମାନେ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲେ। କେଶବ ମହାରାଜ ୨ ଉଇକେଟ ନେଇଥିବା ବେଳେ ପଞ୍ଜାବ ୫୨ ରନ୍‌ରେ ୪ ଉଇକେଟ ହରାଇଥିଲା। ଜୀତେଶ ଶର୍ମା ୨୯ ଓ ଲିଆମ୍ ଲିଭିଙ୍ଗଷ୍ଟୋନ ୨୧ ରନ୍ କରି ଇନିଂସ ସମ୍ଭାଳିଥିଲେ। ଶେଷ ଭାଗରେ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ୍ ଆସିଥିବା ଆଶୁତୋଷ ଶର୍ମା ୧୬ ବଲରୁ ୩୧ ରନ କରିଥିଲେ। ଆଶୁତୋଷଙ୍କ ଇନିଂସରେ ୧ ଚୌକା ଓ ୩ ଛକା ସାମିଲ ଥିଲା। ରାଜସ୍ଥାନ ପକ୍ଷରୁ କେଶବ ମହାରାଜ ଓ ଆଭେଶ ଖାନ୍ ୨ଟି ଲେଖାଏ, ଟ୍ରେଣ୍ଟ ବୋଲ୍ଟ, କୁଲଦୀପ ସେନ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୪୯ ରନ୍ ଜବାବରେ ରାଜସ୍ଥାନ ପ୍ରଥମ ଉଇକେଟରେ ୫୬ ରନ୍ ଯୋଡିଥିଲା। ଯଶସ୍ୱୀ ଜୟସ୍ୱାଲ ୩୯, ତନୁଷ କୋଟିଆନ ୨୪, ସଞ୍ଜୁ ସାମସନ୍ ୧୮ ଓ ରିୟାନ ପରାଗ ୨୩ ରନ୍ କରିଥିଲେ। ଅନ୍ତିମ ୨ ଓଭରରେ ବିଜୟ ପାଇଁ ୨୦ ରନ୍ ଆବଶ୍ୟକ ଥିବା ବେଳେ ରୋଭମାନ ପାୱେଲ ୫ ବଲ୍ ୧୧ ଓ ସିମରନ୍ ହେଟମେୟର ୧୦ ବଲରୁ ଅପରାଜିତ ୨୭ ରନ୍ କରି ଜିତାଇଥିଲେ। ହେଟମେୟଙ୍କେ ଇନିଂସରେ ୧ ଚୌକା ଓ ୩ ଛକା ସାମିଲ ଥିଲା। ପଞ୍ଜାବ କିଙ୍ଗ୍ସ ପକ୍ଷରୁ କାଗିସୋ ରାବାଡା, ସାମ୍ କୁରାନ୍ ୨ଟି ଲେଖାଏ ହର୍ଷଲ ପଟେଲ, ଲିଆମ୍ ଲିଭିଙ୍ଗଷ୍ଟୋନ ଓ ଅର୍ଶଦୀପ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ପ୍ଲେୟର ଅଫ୍ ଦ ମ୍ୟାଚ୍ ସିମରନ୍ ହେଟମେୟର।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୪୭/୮(ଆଶୁତୋଷ ଶର୍ମା–୩୧, ଜୀତେଶ ଶର୍ମା–୨୯, ଲିଆମ୍ ଲିଭିଙ୍ଗଷ୍ଟୋନ–୨୧, କେଶବ ମହାରାଜ–୨/୨୩, ଆଭେଶ ଖାନ୍–୨/୩୪, ଟ୍ରେଣ୍ଟ ବୋଲ୍ଟ–୧/୨୨)। ରାଜସ୍ଥାନ ରୟାଲ୍ସ ୧୯.୫ ଓଭରରେ ୧୫୨/୭(ଯଶସ୍ୱୀ ଜୟସ୍ୱାଲ–୩୯, ସିମରନ୍ ହେଟମେୟର–୨୭*, ତନୁଷ କୋଟିଆନ୍–୨୪, କାଗିସୋ ରାବାଡା–୨/୧୮, ସାମ୍ କୁରାନ୍–୨/୨୫, ହର୍ଷଲ ପଟେଲ–୧/୨୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ ଲକ୍ଷ୍ନୌ**
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩.୩୦

**ମୁମ୍ବାଇ ବନାମ ଚେନ୍ନାଇ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୬ | ୫ | ୧ | ୧୦ | +୦.୭୬୭ |
| କୋଲକାତା ନାଇଟ ରାଇଡର୍ସ | ୪ | ୩ | ୧ | ୬ | +୧.୫୨୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୬୬୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୪୩୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୬ | –୦.୬୩୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୨ | ୩ | ୪ | –୦.୦୭୩ |
| ପଞ୍ଜାବ କିଙ୍ଗ୍ସ | ୬ | ୨ | ୪ | ୪ | –୦.୨୧୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୨ | ୪ | ୪ | –୦.୯୭୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୧ | ୫ | ୨ | –୧.୧୨୪ |

# ଗୋଟିଏ ଓଭରରେ ୬ ଛକା

**ଅଲ ଆମେରଟ୍,୧୩।୪(ପି.ଟି.):** ବିଶ୍ୱ କ୍ରିକେଟରେ ତୃତୀୟ ଖେଳାଳି ଭାବରେ ଗୋଟିଏ ଓଭରରେ ୬ ଛକା ମାରିଛନ୍ତି ନେପାଳର ଦୀପେନ୍ଦ୍ର ସିଂ ଐରୀ। ଏସିଆନ୍ କ୍ରିକେଟ କାଉନ୍‌ସିଲ(ଏସିସି) ପକ୍ଷରୁ ଆୟୋଜିତ ପ୍ରିମିୟର କପ୍ ଟି୨୦ରେ ଐରୀ କାତାର ବିପକ୍ଷ ମ୍ୟାଚ୍‌ରେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଭାରତର ଯୁବରାଜ ସିଂ ଓ ୱେଷ୍ଟଇଣ୍ଡିଜର ଆନ୍ଦ୍ରେ ରସେଲ ଏଭଳି ରେକର୍ଡ ନିଜ ନାମରେ ରଖିଛନ୍ତି। ଯୁବରାଜ ୨୦୦୭ ଟି୨୦ ବିଶ୍ୱକପରେ ଷ୍ଟୁଆର୍ଟ ବ୍ରଡଙ୍କୁ ଓ ରସେଲ୍ ୨୦୨୧ରେ ଶ୍ରୀଲଙ୍କାର ଅକିଲା ଧନଞ୍ଜୟଙ୍କୁ ୬ ଛକା ମାରିଥିଲେ। ୨୪ ବର୍ଷୀୟ ଐରୀ ୬ ଛକାର ଇନିଂସ ଅବସରରେ ୨୧ ବଲ୍ ଖେଳି ୬୪ ରନ୍ ସ୍କୋର କରିଥିଲେ। ତେବେ ଅନ୍ତର୍ଜାତୀୟ କ୍ରିକେଟରେ ପଞ୍ଚମ ଥର ଏଭଳି ଘଟଣା ଘଟିଛି। ଦିନିକିଆ କ୍ରିକେଟରେ ଦକ୍ଷିଣ ଆଫ୍ରିକାର ହର୍ଶେଲ ଗିବ୍ସ ଓ ଆମେରିକାର ଜଶକରନ ମଲହୋତ୍ରା ଏଭଳି କାରନାମା କରିଛନ୍ତି। ପୂର୍ବରୁ ହାଙ୍ଗଝୋ ଏସିଆନ୍ ଗେମ୍ସରେ ମଧ୍ୟ ଦୀପେନ୍ଦ୍ର ୬ ବଲରେ ୬ ଛକା ମାରିଥିଲେ। ତେବେ ୨ଟି ଭିନ୍ନ ଓଭରରେ ସେ ଏଭଳି କରିଥିଲେ।


ଦୀପେନ୍ଦ୍ର ସିଂ ଐରୀ।






# କବିର ହଂସଙ୍କୁ ଡବଲ୍ସ ଟାଇଟଲ


ପୁରସ୍କାର ଗ୍ରହଣ ଅବସରରେ କବିର ହଂସ।

**ଏଆଇଟିଏ ପୁରୁଷ ଟେନିସ**

**ଭୁବନେଶ୍ୱର, ୧୩।୪ (ତପନ ସ୍ୱାଇଁ)**

ଅଲ୍‌ଇଣ୍ଡିଆ ଟେନିସ୍‌ଆସୋସିଏଶନ (ଏଆଇଟିଏ) ଓ ତେଲଙ୍ଗାନା ରାଜ୍ୟ ଟେନିସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ସର୍ବଭାରତୀୟ ପୁରୁଷ ଟେନିସ ଟୁର୍ନାମେଣ୍ଟ ହାଇଦ୍ରାବାଦର ଫିଲ୍ମନଗର କଲ୍‌ଚରାଲ ସେଣ୍ଟର ଆଣ୍ଡ ଜୁବିଲି ହିଲ୍ସ ଇଣ୍ଟରନ୍ୟାଶନାଲ କ୍ଲବ ପରିସରରେ ଗତ ୮ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହାର ଡବଲ୍ସ ଇଭେଣ୍ଟରେ ଓଡ଼ିଶାର କବିର ହଂସ ଓ ଗୁଜରାଟର ଦେବ ଜାଭିଆ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ଏହି ଓଡ଼ିଶା–ଗୁଜରାଟ ଯୋଡ଼ି ହରିୟାଣାର ରକି ଚୌଧାରୀ ଓ ଉତ୍ତର ପ୍ରଦେଶର ମନ୍ କେଶ୍ୱରୱାନିଙ୍କୁ ୭–୫, ୬–୨ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି। କବିର ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ବିବିଏ ଅଧ୍ୟୟନ କରୁଛନ୍ତି। କବିରଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ମହିଳା ଟେନିସ୍ ତାରକା ସାନିଆ ମିର୍ଜା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତର ହ୍ୱାଇଟ୍ ୱାଶ

**ହକି ଟେଷ୍ଟ ସିରିଜ**

**ଅନ୍ତିମ ମ୍ୟାଚ୍ ୨-୩ରେ ହାରିଲା**

**ପର୍ଥ,୧୩।୪(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ହକି ଟେଷ୍ଟ ସିରିଜ୍‌ରେ ଭାରତ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରିଛି। ଅନ୍ତିମ ହକି ଟେଷ୍ଟ ମ୍ୟାଚ୍‌କୁ ୨–୩ରେ ହାରିବା ସହିତ ଭାରତୀୟ ଦଳ ୫–୦ରେ ହ୍ୱାଇଟ୍ ୱାଶ କରିଛି। ସିରିଜର ପ୍ରଥମ ୪ ମ୍ୟାଚ୍‌ରେ ଭାରତୀୟ ଦଳ ଯଥାକ୍ରମେ ୧–୫, ୨–୪, ୧–୨ ଓ ୧–୩ରେ ହାରିଯାଇଥିଲା। ଶନିବାର ଭାରତ ପକ୍ଷରୁ ହରମନ୍‌ପ୍ରୀତ୍ ସିଂ(୪) ଓ ବବି ସିଂ ଧାମି(୫୩) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ପକ୍ଷରୁ ଜେରେମି ହେୱାର୍ଡ(୨୦), କାଇ ୱିଲଟ(୩୮) ଓ ଟିମ୍ ବ୍ରାଣ୍ଡ(୩୯) ମିନିଟରେ ସ୍କୋର କରିଥିଲେ।

ଅନ୍ତିମ ମ୍ୟାଚରେ ଭାରତୀୟ ଦଳ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ଚତୁର୍ଥ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିବା ବେଳେ ଏହାକୁ ଗୋଲରେ ପରିଣତ କରିଥିଲେ ହରମନପ୍ରୀତ୍ ସିଂ। ପ୍ରଥମ କ୍ୱାର୍ଟରରେ ଭାରତ ୧–୦ରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ ଜେରେମି ହେୱାର୍ଡ। ଏକ ସେଟ୍ ପିସ୍‌ରୁ ଫିଲ୍ଡ ଗୋଲ ଦେବା ସହ ଚଳିତ ସିରିଜ୍‌ରେ ସେ ସପ୍ତମ ଗୋଲ ଦେଇଥିଲେ। ଭାରତୀୟ ଗୋଲକିପର ସୁରଜ କାର୍କେରା ଦୁଇଟି ଚମତ୍କାର ସେଭ୍ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ମ୍ୟାଚ୍ ୧–୧ ସ୍ଥିତିରେ ରହିଥିଲା। ତେବେ ତୃତୀୟ କ୍ୱାର୍ଟରରେ ହିଁ ଅଷ୍ଟ୍ରେଲିଆ ଦୁଇଟି ଗୋଲ ସ୍କୋର କରିଥିଲା।

# ଶେଷ ଲିଗ୍ ମ୍ୟାଚ ହାରିଲା ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ ସୁପରଲିଗ୍**

**୧୯ରେ ନକ୍‌ଆଉଟରେ କେରଳ ବ୍ଲାଷ୍ଟର୍ସଙ୍କୁ ଭେଟିବ**

**ଭୁବନେଶ୍ୱର, ୧୩।୪ (ତପନ ସ୍ୱାଇଁ):** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସି ଏହାର ଶେଷ ଲିଗ୍ ମ୍ୟାଚ ହାରିଛି। ଗୁଆହାଟୀର ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ମ୍ୟାଚରେ କଳିଙ୍ଗ ୱାରିୟର୍ସ ଦଳ ୦–୩ ଗୋଲରେ ନର୍ଥଇଷ୍ଟ ଏଫ୍‌ସି ନିକଟରୁ ପରାଜିତ ହୋଇଛି। ଫଳରେ ୨୨ ମ୍ୟାଚରୁ ୩୯ ପଏଣ୍ଟ ସହିତ ଓଡ଼ିଶା ଏଫ୍‌ସି ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଚଳିତ ସିଜନରେ ପ୍ରଥମ ଦଳଭାବେ ଓଡ଼ିଶା ଏଫ୍‌ସି ପ୍ଲେ–ଅଫ୍‌ରେ ପ୍ରବେଶ କରିସାରିଥିବାରୁ ଏହି ପରାଜୟର କୌଣସି ପ୍ରଭାବ ଦଳ ଉପରେ ପଡ଼ିନାହିଁ। ଆସନ୍ତା ୧୯ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ନକ୍‌ଆଉଟ ମ୍ୟାଚ ଅନୁଷ୍ଠିତ ହେବ। ନର୍ଥଇଷ୍ଟ ପକ୍ଷରୁ ପାର୍ଥିବ ଗୋଗୋଇ ୧୨ଶ ମିନିଟରେ ପ୍ରଥମ ଗୋଲଟି ସ୍କୋର କରିଥିଲେ। ଏହାର ୬ ମିନିଟ ପରେ ନେଷ୍ଟର ଅଲ୍‌ବାକ୍ (୧୬ ମିନିଟ) ଆଉ ଏକ ଗୋଲ ଦେଇ ଓଡ଼ିଶା ଏଫ୍‌ସିକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ୪୫+୩ ମିନିଟରେ କନସାମ ଫାଲ୍‌ଗୁନି ସିଂ ଏକ ଗୋଲ ଦେଇ ନର୍ଥଇଷ୍ଟର ଅଗ୍ରଣୀ ବ୍ୟବଧାନକୁ ୩–୦ରେ ପହଞ୍ଚାଇଥିଲେ। ୨୫ତମ ମିନିଟରେ ବକ୍ସ ଏରିଆ ମଧ୍ୟରେ ପ୍ରଞ୍ଜଲ ଭୂମିଜ ଫାଉଲର ଶିକାର ହେବାରୁ ଓଡ଼ିଶା ଏଫ୍‌ସିକୁ ପେନାଲ୍ଟି ମିଳିଥିଲା। ମାତ୍ର ରୟ କ୍ରିଷ୍ଣା ଏହାକୁ ଗୋଲରେ କନଭର୍ଟ କରିପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା।












4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ